# ଉତ୍କଳ ପ୍ରସଙ୍ଗ

## The Utkal Prasanga

November 2008

୬୫ ଭାଗ ୪ର୍ଥ ସଂଖ୍ୟା କାର୍ତ୍ତିକ-ମାର୍ଗଶିର ନଭେମ୍ବର - ୨୦୦୮

**ପ୍ରଦୀପ୍ତ କୁମାର ମହାପାତ୍ର**
କମିଶନର ତଥା ଶାସନ ସଚିବ

**ବୈଷ୍ଣବ ପ୍ରସାଦ ମହାନ୍ତି**
ନିର୍ଦ୍ଦେଶକ

**ଗୁରୁକଲ୍ୟାଣ ମହାପାତ୍ର**
ମୁଖ୍ୟ ସମ୍ପାଦକ

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ ଡ଼ିଜାଇନିଂ
**ମାନସ ନାୟକ**
ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

କମ୍ପ୍ୟୁଟର ସେଟିଂ ଓ ଡ଼ିଜାଇନିଂ
**ମନୋଜ କୁମାର ପାତ୍ର**
**ହେମନ୍ତ କୁମାର ସାହୁ**

**¨÷tÿðf : s.୫.୦୦**

---

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଲୋକ ସଂପର୍କ ଭବନ, ଭୁବନେଶ୍ୱର - ୭୫୧୦୦୧

*Chief Editor : Gurukalyan Mohapatra*

ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.orissagov.nic.in

ଫୋନ : ୦୬୭୪-୨୫୩୦୨୧୧



# ଆତଙ୍କବାଦ ବିରୋଧରେ ଲଢ଼ିବାକୁ ପଡ଼ିବ

ନବୀନ ପଟ୍ଟନାୟକ

**ନୂଆଦିଲ୍ଲୀରେ ଜାତୀୟ ସଂହତି ପରିଷଦର ଗତ ଅକ୍ଟୋବର ୧୩ (୨୦୦୮) ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ପ୍ରଦତ୍ତ ଅଭିଭାଷଣ**

ମାନନୀୟ ପ୍ରଧାନମନ୍ତ୍ରିଜୀ

ମାନନୀୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରିଜୀ

ମାନନୀୟ ମୁଖ୍ୟମନ୍ତ୍ରୀବୃନ୍ଦ ଓ ବନ୍ଧୁଗଣ,

ଯେତେବେଳେ ଦେଶର ବହୁ ଅଞ୍ଚଳ ଛୋଟବଡ଼ ବିଭିନ୍ନ ପ୍ରକାରର ସାଂପ୍ରଦାୟିକ ଘଟଣା ଦ୍ୱାରା କବଳିତ ହୋଇଛି, ସେତେବେଳେ ଜାତୀୟ ସଂହତି ପରିଷଦର ବୈଠକ ଡକାଯିବା ବାସ୍ତବିକ ସମୟୋଚିତ । ବର୍ତ୍ତମାନ ଆତଙ୍କବାଦ ଓ ଚରମବାଦ ସେମାନଙ୍କ କୁତ୍ସିତ ରୂପ ପ୍ରଦର୍ଶନ କରି ଚାଲିଛନ୍ତି । ଏପରିକି ଦେଶର ରାଜଧାନୀ ସେଥିରୁ ମୁକ୍ତ ରହିପାରିନି । ସାଂପ୍ରଦାୟିକତା, ଜାତିଆଣଭାବ ଓ ଆତଙ୍କବାଦଦ୍ୱାରା ସୃଷ୍ଟ ସୁରକ୍ଷାହୀନ ବାତାବରଣ ମଧ୍ୟରେ ଦେଶର ହଜାର ହଜାର ନିବେଶକଙ୍କ ସାମନାରେ ଆର୍ଥିକ-ନିରାପତ୍ତା-ଅଭାବଜନିତ ବିପଦର ଛାୟା ଦେଖିବାକୁ ମିଳୁଛି । ଏଭଳି ଏକ କ୍ଳେଶାତ୍ମକ ସମୟରେ ଘୃଣା, ଅସୂୟା ଓ ପାରସ୍ପରିକ ପ୍ରତିଅଭିଯୋଗର ବିଚାରଧାରା ବିରୁଦ୍ଧରେ ସମଗ୍ର ଦେଶକୁ ଲଢ଼ିବାକୁ ପଡିବ । ଜାତୀୟ ସଂହତି ପରିଷଦ ହେଉଛି ଦେଶର ସର୍ବୋଚ୍ଚ ମଞ୍ଚ, ଯେଉଁଠି ଆମେ ଶାନ୍ତି ଓ ସମୃଦ୍ଧି ପାଇଁ ଐକ୍ୟବଦ୍ଧ ହେବା ଲାଗି ଆମେ ସମସ୍ତେ ସଂକଳ୍ପ କରିବା ।

**ସାମାଜିକ ଢ଼ାଞ୍ଚା- ଜାତି ଓ ପରିଚୟର ବିଭାଜନ ଓ ବିଚ୍ଛିନ୍ନତା**

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାର ୩୮.୬୬ % ଜନସଂଖ୍ୟା ମଧ୍ୟରୁ ତଫସିଲଭୁକ୍ତ ଉପଜାତି ହେଉଛନ୍ତି ୨୨.୧୩% ଓ ତଫସିଲଭୁକ୍ତ ଜାତିର ହେଉଛନ୍ତି ୧୬.୫୩% ଲୋକ । ତଫସିଲଭୁକ୍ତ ଉପଜାତି ମଧ୍ୟରେ ଗୋଷ୍ଠୀ ସଂଖ୍ୟା ୬୨, ଯାହା ମଧ୍ୟରେ ୧୩ଟି ଆଦିମ ଅଧିବାସୀ ଗୋଷ୍ଠୀ ଅନ୍ତର୍ଭୁକ୍ତ । ତଫସିଲଭୁକ୍ତ ଜାତିଙ୍କ ମଧ୍ୟରେ ଜାତି ସଂଖ୍ୟା ୯୩ ।

**୨୦୦୧ ଜନଗଣନା ଅନୁଯାୟୀ ରାଜ୍ୟର ମୋଟ ଜନସଂଖ୍ୟାର ୫.୬୪ % ହେଉଛନ୍ତି ସଂଖ୍ୟାଲଘୁ ସଂପ୍ରଦାୟର ଲୋକ ଏବଂ ତା ମଧ୍ୟରେ ଖ୍ରୀଷ୍ଟିୟାନଙ୍କ ସଂଖ୍ୟା ୨.୪୪ % ଓ ମୁଲସମାନଙ୍କ ସଂଖ୍ୟା ୨.୦୭ % ।**

ସାଧାରଣ ଭାବେ ଓଡ଼ିଶାର ବିଭିନ୍ନ ସଂପ୍ରଦାୟ ମଧ୍ୟରେ ବରାବର ଶାନ୍ତି ଓ ଏକତା ରହି ଆସିଛି । ମାତ୍ର ବେଳେବେଳେ ଜାତିଗତ ତିକ୍ତ ସଂପର୍କ, ବିଶେଷ କରି କେତେକ ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଗୋଷ୍ଠୀ ମଧ୍ୟରେ ତିକ୍ତତା ଯୋଗୁଁ ରାଜ୍ୟର କେତେକ ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହୋଇଛି ଏବଂ ରାଜ୍ୟ ସରକାର ଦେଶର ଆଇନ ଅନୁଯାୟୀ ଦୃଢ଼ତାର ସହିତ ସେ ସବୁ ଗଣ୍ଡଗୋଳର ସମାଧାନ କରିଛନ୍ତି ।

**ଅର୍ଥନୈତିକ ବିକାଶ- ନ୍ୟାୟୋଚିତ ଉନ୍ନୟନ ଓ ଆଞ୍ଚଳିକ ଅସମତୁଲତାର ଦୂରୀକରଣ**

**ଓଡ଼ିଶା ଅର୍ଥ ବ୍ୟବସ୍ଥାର କାର୍ଯ୍ୟଧାରା :**

ଓଡ଼ିଶାର ଅର୍ଥନୈତିକ ଉଦ୍ୟମ ଅଧିକ ସଂପ୍ରସାରଣଭିତ୍ତିକ ତଥା ସମଷ୍ଟିକୃତ ସମୃଦ୍ଧିର ଲକ୍ଷ୍ୟ ନେଇ ଓ ଯଥାଶୀଘ୍ର ଦାରିଦ୍ର୍ୟ ହ୍ରାସ ଲାଗି ନିର୍ଦ୍ଦେଶିତ । ୨୦୦୨ ରୁ ୨୦୦୭ ଯାଏ ଦଶମ ଯୋଜନା କାଳରେ ହାରାହାରି ଜାତୀୟ ଅଭିବୃଦ୍ଧିର ବାର୍ଷିକ ହାର (୧୯୯୯-୨୦୦୦ ମୂଲ୍ୟାନୁଯାୟୀ) ୭.୭୭% ହୋଇଥିବା-ବେଳେ, ଅଷ୍ଟମ ଯୋଜନା ପାଇଁ ହାରାହାରି କ୍ଷେତ୍ରୀୟ ବାର୍ଷିକ ଅଭିବୃଦ୍ଧି ହାର ୧୯୯୨ରୁ ୯୭ରେ, ନବମ ଯୋଜନା ପାଇଁ ୧୯୯୭ରୁ ୨୦୦୨ରେ ଏବଂ ଦଶମ ଯୋଜନାରେ ୨୦୦୨ରୁ ୨୦୦୭ରେ ନିମ୍ନୋକ୍ତ ଟେବୁଲ-କ ତାଲିକାରେ ପ୍ରଦତ୍ତ ।

୧୯୯୯-୨୦୦୦ରେ ଓଡ଼ିଶାରେ ଦାରିଦ୍ର୍ୟ ହାର ୪୭.୧୫%ରୁ ୭.୩% ଓ ୨୦୦୪-୦୫ରେ ୩୯.୯୦%କୁ ହ୍ରାସ ପାଇଛି ।

ମାତ୍ର ଓଡ଼ିଶାରେ ଦାରିଦ୍ର୍ୟଗ୍ରସ୍ତତା ଯୋଗୁଁ ଯଥେଷ୍ଟ ମାତ୍ରାର ଆଞ୍ଚଳିକ ଓ ସାମାଜିକ ବୈଷମ୍ୟ ରହିଛି । ସାଧାରଣତଃ ତଫସିଲଭୁକ୍ତ ଉପଜାତି ସବୁଠୁଁ ଦରିଦ୍ର ସାମାଜିକ ଗୋଷ୍ଠୀ ଓ ଓଡ଼ିଶାର ଦକ୍ଷିଣ ଭାଗ ଦରିଦ୍ରତମ ଅଞ୍ଚଳ । ଜାତୀୟ ସେମ୍ପଲ ସର୍ଭେର ଓଡ଼ିଶା ସଂପର୍କିତ

**ଟେବୁଲ-କ : ଓଡ଼ିଶାରେ ୧୯୯୨-୨୦୦୭ରେ କ୍ଷେତ୍ରୀୟ ବାର୍ଷିକ ଅଭିବୃଦ୍ଧି ହାର (%)**

| କ୍ଷେତ୍ର | ୮ମ ଯୋଜନା ୧୯୯୨-୯୭ (୧୯୯୯-୨୦୦୦ ଦରଦାମ୍‌ରେ) | ୯ମ ଯୋଜନା ୧୯୯୭-୨୦୦୦ (୧୯୯୯-୨୦୦୦ ଦରଦାମ୍‌ରେ) | ୧୦ମ ଯୋଜନା ୨୦୦୨-୦୭ (୧୯୯୯-୨୦୦୦ ଦରଦାମ୍‌ରେ) | ୧୦ମ ଯୋଜନା ଭାରତର ଉଦ୍ୟୋଗ ଭିତ୍ତିକ ଅଭିବୃଦ୍ଧି ହାର |
|---|---|---|---|---|
| କୃଷି | -୧.୨୨ | ୩.୯୭ | ୨.୮୧ | ୨.୩୦ |
| ଶିଳ୍ପ | ୨.୬୮ | ୪.୩୪ | ୧୫.୩୬ | ୮.୦୪ |
| ସେବା | ୫.୧୪ | ୭.୨୨ | ୮.୬୮ | ୯.୨୫ |
| ମୋଟ ଜି.ଏସ୍.ଡି.ପି | ୨.୦୨ | ୫.୨୦ | ୮.୫୯ | ୭.୭୬ |

୧୯୯୯-୨୦୦୦ ତଥ୍ୟର ସମୀକ୍ଷାରୁ ଜଣାଯାଏ ଯେ ପ୍ରାୟ ୭୩.୧୦% ହେଉଛନ୍ତି ତଫସିଲଭୁକ୍ତ ଉପଜାତିର ଲୋକ ଓ ୫୨.୩୦% ତଫସିଲଭୁକ୍ତ ଜାତିର ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ରହିଛନ୍ତି ଏବଂ ତଫସିଲଭୁକ୍ତ ଉପଜାତି ଓ ଜାତି ଅଧ୍ୟୁଷିତ ଦକ୍ଷିଣ ଓଡ଼ିଶାର ୮୭.୧୪% ଲୋକ ଦାରିଦ୍ର୍ୟ ସୀମାରେଖାତଳେ ଅଛନ୍ତି ।

**ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ କୌଶଳ ଓ ହସ୍ତକ୍ଷେପ**

**ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ କ୍ଷେତ୍ରର ଅଭିବୃଦ୍ଧି ପ୍ରକ୍ରିୟା ଯେଭଳି ଅର୍ଥାଭାବର ସମ୍ମୁଖୀନ ନହୁଏ ସେଥିଲାଗି ସେଭଳି ଉଦ୍ୟୋଗ ଲାଗି ଯୋଜନାରେ ଅଧିକ ଅର୍ଥ ବରାଦ କରାଯାଇଛି । ୨୦୦୭-୦୮ର ବାର୍ଷିକ ଯୋଜନାରେ ୫୫୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା, ଯାହାକି ୨୦୦୬-୦୭ ବାର୍ଷିକ ଯୋଜନାର ବ୍ୟୟଠାରୁ ୫୩ % ଅଧିକ ।**

୨୦୦୮-୦୯ର ବାର୍ଷିକ ଯୋଜନା ପାଇଁ ବ୍ୟୟ ବରାଦ ଥିଲା ୭୫୦୦ କୋଟି ଟଙ୍କା ଯାହାକି ୨୦୦୭-୦୮ ବାର୍ଷିକ ଯୋଜନା ବ୍ୟୟଠାରୁ ୩୬% ଅଧିକ ।

* **ଅଧିକ ପ୍ରସାରଭିତ୍ତିକ ଓ ସମଷ୍ଟିକୃତ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟର ଅଧିକ ସଂକୋଚନ ଲାଗି ଏକାଦଶ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।**
* **ଅର୍ଥନୈତିକ ଅଭିବୃଦ୍ଧି ହାରକୁ ବାର୍ଷିକ ୯% ଠାରୁ ଅଧିକ ବଢ଼ାଇବାକୁ ଏବଂ ଦାରିଦ୍ର୍ୟ ସଂକୋଚନ ହାରକୁ ଶତକଡା ୧୫ ଭାଗ କରିବାକୁ ୧୧ ତମ ଯୋଜନାରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।**

ସମଷ୍ଟିକୃତ, ସଂପ୍ରସାରଣ ଭିତ୍ତିକ ଓ ଯଥେଷ୍ଟ ଅଭିବୃଦ୍ଧି ପାଇଁ କୃଷି ଓ ତଦାନୁସଙ୍ଗିକ କ୍ଷେତ୍ରର ବାର୍ଷିକ ଅଭିବୃଦ୍ଧିହାର ଯେଭଳି ୪%ରୁ ଅଧିକ ହେବ ସେଥିଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

* **ତଫସିଲଭୁକ୍ତ ଜାତି ଜାତି-ଜନଜାତି ଓ ସଂଖ୍ୟାଲଘୁ ସଂପ୍ରଦାୟ ସମେତ ଅତି ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଉଦ୍ୟମ ।**

ତଫସିଲଭୁକ୍ତ ଉପଜାତି ଓ ଅସୁବିଧା ମଧ୍ୟରେ ଥିବା ଅନ୍ୟାନ୍ୟ ଶ୍ରେଣୀ ଓ ଅଞ୍ଚଳର ଲୋକଙ୍କ ଜୀବିକାର୍ଜନ ବିକାଶ ପାଇଁ କେତେକ ଯୋଜନା ଆରମ୍ଭ ହୋଇଛି । ସେଗୁଡ଼ିକ ହେଲା ଆଦିବାସୀ ସଶକ୍ତିକରଣ ଓ ଜୀବିକାର୍ଜନ କାର୍ଯ୍ୟକ୍ରମ (OTELP), ପଶ୍ଚିମ ଓଡ଼ିଶା ଗ୍ରାମୀଣ ଜୀବିକାର୍ଜନ କାର୍ଯ୍ୟକ୍ରମ (WORLP), ଉନ୍ନୟନ ଉଦ୍ୟମ ଲାଗି ଓଡିଶା ପାଣ୍ଠି (OFFDI)ର ଜାତୀୟ ନିଶ୍ଚିତ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (NREGS) ଓ ଜୀବିକା ।

ସାଧାରଣ ଭାବେ ତଫସିଲଭୁକ୍ତ ଜାତି ଓ ଜନଜାତି ଗୋଷ୍ଠୀ ଓ ବିଶେଷ କରି ଜନଜାତି ମହିଳାଙ୍କ ମଧ୍ୟରେ ସାକ୍ଷରତା ବୃଦ୍ଧି ଲାଗି ସ୍ୱତନ୍ତ୍ର ଉଦ୍ୟମ କରାଯାଉଛି ।

ସଂଖ୍ୟାଲଘୁ ସଂପ୍ରଦାୟ ମଧ୍ୟରେ ସାକ୍ଷରତା ବୃଦ୍ଧି ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ଗ୍ରାଣ୍ଟ ବ୍ୟବସ୍ଥାକୁ କୋହଳ କରାଯାଇଛି ।

ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତିର ସାଧାରଣ ବର୍ଗଙ୍କ ମଧ୍ୟରେ ବିଶେଷ କରି ତଫସିଲଭୁକ୍ତ ଉପଜାତିର ମହିଳାଙ୍କ ମଧ୍ୟରେ ସାକ୍ଷରତା ହାର ବୃଦ୍ଧି ଲାଗି ସ୍ୱତନ୍ତ୍ର ଉଦ୍ୟମ ଜାରି ରହିଛି । ସଂଖ୍ୟାଲଘୁ ସଂପ୍ରଦାୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ସାକ୍ଷରତା ଲାଗି ଅନୁଦାନକୁ କୋହଳ କରାଯାଇଛି ।

ଆଦିବାସୀ ଯୁବକମାନଙ୍କର ନିଯୁକ୍ତିଯୋଗ୍ୟ କୁଶଳତାର ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରୁ ଲିଙ୍ଗ ଓ ଅନ୍ୟାନ୍ୟ ବିଦ୍ୱେଷ ଦୂର କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଯୁବକ ଓ ଅନ୍ୟମାନଙ୍କର ନିଯୁକ୍ତିସାମର୍ଥ୍ୟର ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି

ଏକ ନିଯୁକ୍ତି ମିସନ କାର୍ଯ୍ୟକାରୀ ହେଉଛି । ଫଳପ୍ରସୂ ଭିତ୍ତିଭୂମିର ବିକାଶ ଏବଂ ରାଜ୍ୟର ସମୁଦାୟ ଭୌଗୋଳିକ ଅଞ୍ଚଳର ଶତକଡା ୪୫ ଭାଗ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଅତ୍ୟଧିକ ଅନଗ୍ରସରତା ଦୂର କରିବା ପାଇଁ ରାଜ୍ୟ ସରକାର ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମୋଟ ୩୧୪ ବ୍ଲକ ମଧ୍ୟରୁ ୧୧୮ଟି ବ୍ଲକରେ ଆଦିବାସୀ ଉପଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଆଦିବାସୀ ଅଞ୍ଚଳରେ ମାତ୍ରାଧିକ୍ୟ ଅନଗ୍ରସରତାର ପ୍ରତିକାର କ୍ଷେତ୍ରରେ ଏକ ବଡ଼ ସମସ୍ୟା ହେଉଛି- ଯେଉଁଠି ଛୋଟ ଛୋଟ ବସତିରେ ଅଳ୍ପ ସଂଖ୍ୟକ ଲୋକ ବିଛେଇ ହୋଇ ରହିଛନ୍ତି, ସେସବୁ ଅଞ୍ଚଳ ବଡ଼ ବଡ଼ କେନ୍ଦ୍ରୀୟ ଯୋଜନାର ଅନ୍ତର୍ଭୁକ୍ତ ହୋଇପାରୁନାହିଁ । ତେଣୁ ସେସବୁ ଅଞ୍ଚଳକୁ କେନ୍ଦ୍ରୀୟ ପାଣ୍ଠି ଆସିବା ଲାଗି କୋହଳ ଓ ସଂପ୍ରସାରଣଶୀଳ ନୀତିର ଆବଶ୍ୟକତା ରହିଛି ।

**ଅତ୍ୟଧିକ ଆଞ୍ଚଳିକ ବୈଷମ୍ୟର ପ୍ରତିକାର**

ଦେଶର ଅନ୍ୟତମ ଅତ୍ୟଧିକ ଅନଗ୍ରସର କେ.ବି.କେ ଅଞ୍ଚଳରେ ଥିବା ଜିଲ୍ଲାଗୁଡିକର ତ୍ୱରାନ୍ୱିତ ବିକାଶ ପାଇଁ ସଂଶୋଧିତ ଦୀର୍ଘମିଆଦି କ୍ରିୟାନ୍ୱୟନ ଯୋଜନା (ବର୍ଷକୁ ୧୩୦ କୋଟି ଟଙ୍କା) ଏବଂ ବିଜୁ କେ.ବି.କେ ଯୋଜନା (ବର୍ଷକୁ ୧୨୦ କୋଟି ଟଙ୍କା) କାର୍ଯ୍ୟକାରୀ କରାଯାଉଛି ।

ରାଜ୍ୟର ୧୯ଟି ଜିଲ୍ଲାରେ 'ଅନୁନ୍ନତ ଅଞ୍ଚଳ ଅନୁଦାନ ପାଣ୍ଠି', ୧୧ଟି ଜିଲ୍ଲାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିଲାଗି BRGF ଓ GGY ବର୍ଷକୁ ଯଥାକ୍ରମେ ୩୨୦ କୋଟି ଓ ୧୧୦ କୋଟି ଟଙ୍କା ଯାଏ ପାଣ୍ଠି ଯୋଗାଉଛନ୍ତି ।

ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦରେ ପଶ୍ଚିମାଞ୍ଚଳର ୧୧ଟି ଜିଲ୍ଲା ଅନ୍ତର୍ଭୁକ୍ତ । ପରିଷଦର ଲକ୍ଷ୍ୟ ହେଉଛି ଆଞ୍ଚଳିକ ଭାରସାମ୍ୟହୀନତା ଦୂର କରିବା । ପରିଷଦକୁ ରାଜ୍ୟ ଅନୁଦାନ ୨୦୦୮-୦୯ରେ ଦୁଇଗୁଣ ବୃଦ୍ଧିପାଇ ୧୦୦ କୋଟି ଟଙ୍କା ହୋଇଛି ।

ରାଜ୍ୟରେ ଆଞ୍ଚଳିକ ଅସମତୁଲତା ସମସ୍ୟାର ମୁକାବିଲା ଲାଗି ଏକ ଆଞ୍ଚଳିକ ଅସମତୁଲତା ଅନୁଧ୍ୟାନକାରୀ କମିଶନ ଗଠନ କରାଯାଇଛି । କମିଶନ ନିକଟରେ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି ।

ଭାରତୀୟ ସଂବିଧାନର ୨୭୫ (୧) ଧାରା ଅନୁଯାୟୀ OTELP ସମେତ ଆଦିବାସୀ ଉପଯୋଜନା ଏବଂ ଅନ୍ୟାନ୍ୟ ଜୀବିକାର୍ଜନ କାର୍ଯ୍ୟକ୍ରମ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି ।

* **ତପସିଲଭୁକ୍ତ ଉପଜାତି ଓ ଜାତି ଏବଂ ସଂଖ୍ୟାଲଘୁ ସଂପ୍ରଦାୟସମେତ ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିରାପଦ ପାନୀୟ ଜଳ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସାମାଜିକ ନିରାପତ୍ତାର ସୁଲଭତା ଓ ସେମାନେ ସେସବୁ ଉପଲବ୍ଧ କରିବାର ସୁଯୋଗ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି ।**

* **ସଡକ, ବନ୍ଦର, ରେଲୱାଇ ଓ ବିଦ୍ୟୁତ ଯୋଗାଣ ସମେତ ଭିତ୍ତିଭୂମିର ବ୍ୟାପକତା ଓ ମାନର ବିକାଶ ଲାଗି ବଳିଷ୍ଠ ଉଦ୍ୟମ କରାଯାଇଛି ।**

**ସଂଖ୍ୟାଲଘୁ ଓ ଅନ୍ୟ ଦୁର୍ବଳ ଶ୍ରେଣୀଙ୍କ ମଧ୍ୟରେ ନିରାପତ୍ତା ରକ୍ଷା ପାଇଁ ଉଦ୍ୟମ**

କେବଳ ଗୋଟିଏ ଜିଲ୍ଲା କନ୍ଧମାଳରେ ଦୁଇ ପର୍ଯ୍ୟାୟର ଘଟଣା ବ୍ୟତୀତ ଆଠବର୍ଷରୁ ଅଧିକ ସମୟ ଧରି ସମଗ୍ର ରାଜ୍ୟରେ ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ କାର୍ଯ୍ୟ- ରେକର୍ଡ ପ୍ରଶଂସନୀୟ ହୋଇ ପାରିଛି । ଆଇନ-ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାମାତ୍ରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ସଂଖ୍ୟାଲଘୁ ସଂପ୍ରଦାୟର ସଂସ୍ଥାଗୁଡ଼ିକ ଯେଭଳି ଶାନ୍ତ ଓ ସ୍ଥିର ବାତାବରଣ ମଧ୍ୟରେ ସେମାନଙ୍କର ଧର୍ମୀୟ, ସାଂସ୍କୃତିକ ଏବଂ ସାମାଜିକ-ଅର୍ଥନୈତିକ କାର୍ଯ୍ୟକୁ ଆଗେଇ ନେଇ ପାରିବେ, ସେଥିଲାଗି ସୁବିଧା ଦେବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଓଡ଼ିଶା ଲୋକଙ୍କର ସହିଷ୍ଣୁତା ଓ ଶାନ୍ତିପ୍ରିୟ ପ୍ରକୃତି ସୁବିଦିତ । ରାଜ୍ୟରେ ଗୋଟିଏ ସଂପ୍ରଦାୟର ଲୋକ ଅନ୍ୟ ସଂପ୍ରଦାୟର ଉତ୍ସବରେ ଉତ୍ସାହର ସହିତ ଅଂଶ ଗ୍ରହଣ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି । ସଭ୍ୟ ସମାଜରେ ସରକାର ଏଭଳି ଉଦ୍ୟମକୁ ଉତ୍ସାହିତ କରିବା ସହିତ ଐକ୍ୟ କ୍ଷୁଣ୍ଣ କରୁଥିବା ଲୋକଙ୍କୁ ଦୃଢ଼ ହସ୍ତରେ ଦମନ କରୁଛନ୍ତି ।

**ସଂଖ୍ୟାଲଘୁ ସଂପ୍ରଦାୟ, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତିଙ୍କ ମଧ୍ୟରେ ଶିକ୍ଷାର ବିକାଶ**

ମୋଟାମୋଟି ସାକ୍ଷରତା କ୍ଷେତ୍ରରେ ଓଡ଼ିଶାର ଉଦ୍ୟମ ଆପାତତଃ ଭଲ ହୋଇପାରିଛି । ୧୯୫୧ରେ ରାଜ୍ୟରେ ସାକ୍ଷରତାହାର ଥିଲା ୧୫.୮୦% ଏବଂ ୨୦୦୧ ବେଳକୁ ସେ ହାର ୪ ଗୁଣ ବୃଦ୍ଧି ପାଇ ୬୩.୦୮%ରେ ପହଞ୍ଚିଥିଲା, ଯେତେବେଳେ କି ଜାତୀୟ ସ୍ତରରେ ଅନୁରୂପ ପରିବର୍ତ୍ତନ ୧୮.୩୩%ରୁ ୬୪.୮୦%କୁ ହୋଇଥିଲା ।

ଟେବୁଲ-୧ରେ ଓଡ଼ିଶାରେ କିଛି ବର୍ଷ ମଧ୍ୟରେ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାରକୁ ଭାରତର ହାର ସହିତ ତୁଳନା କରାଯାଇଛି ।

ଟେବୁଲ-୨ରେ ସାମାଜିକ ଗୋଷ୍ଠୀ ଓ ଲିଙ୍ଗଭିତ୍ତିରେ ୧୯୭୧ ଓ ୨୦୦୧ ସାକ୍ଷରତା ହାରର ତୁଳନା କରାଯାଇଛି । ଦେଖିବାର କଥା ଯେ ସାଧାରଣ ଗୋଷ୍ଠୀର ପୁରୁଷ ଓ ମହିଳା ଏବଂ ତଫସିଲଭୁକ୍ତ ଜାତିର ପୁରୁଷଙ୍କ ମଧ୍ୟରେ ସାକ୍ଷରତା ହାର ଉଲ୍ଲେଖଯୋଗ୍ୟ ହୋଇପାରିଛି । ମାତ୍ର ତଫସିଲଭୁକ୍ତ ଉପଜାତିର ପୁରୁଷ ଓ ମହିଳା

**ଟେବୁଲ-୧ : ସାକ୍ଷରତା ହାର (%) ୧୯୬୧-୨୦୦୧ ଓଡ଼ିଶା ଓ ଭାରତରେ**

| ବର୍ଷ | ଓଡ଼ିଶାର ସାକ୍ଷରତା ହାର (%) | | | ଭାରତରେ ସାକ୍ଷରତା ହାର (%) | | |
|---|---|---|---|---|---|---|
| | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ |
| ୧୯୬୧ | ୩୪.୭୦ | ୮.୬୦ | ୨୧.୬୬ | ୩୪.୪୦ | ୧୩.୦୦ | ୨୮.୩୦ |
| ୧୯୮୧ | ୫୬.୫୦ | ୨୧.୧୦ | ୪୧.୦୦ | ୫୬.୪୦ | ୨୯.୮୦ | ୪୩.୫୭ |
| ୨୦୦୧ | ୭୫.୩୫ | ୫୦.୫୧ | ୬୩.୦୮ | ୭୫.୩୦ | ୫୩.୭୦ | ୬୪.୮୪ |

**ଟେବୁଲ-୨ : ସାମାଜିକ ଗୋଷ୍ଠୀ ଓ ଲିଙ୍ଗଭିତ୍ତିରେ ଓଡ଼ିଶାରେ ସାକ୍ଷରତା ହାର ୧୯୭୧-୨୦୦୧**

| ବର୍ଷ | ତଫସିଲଭୁକ୍ତ ଉପଜାତି (ଏସ୍.ଟି.) | | | ତଫସିଲଭୁକ୍ତ ଜାତି (ଏସ୍.ସି.) | | | ସବୁଶ୍ରେଣୀ | | |
|---|---|---|---|---|---|---|---|---|---|
| | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ |
| ୧୯୭୧ | ୧୬.୩୮ | ୨.୫୮ | ୯.୪୬ | ୨୫.୯୮ | ୫.୧୭ | ୧୫.୬୧ | ୪୪.୫୦ | ୧୬.୩୦ | ୩୦.୫୦ |
| ୨୦୦୧ | ୫୧.୪୮ | ୨୩.୩୭ | ୩୭.୩୭ | ୭୦.୪୭ | ୪୦.୩୩ | ୫୫.୮୩ | ୭୫.୩୫ | ୫୦.୫୧ | ୬୩.୦୮ |

ଏବଂ ତଫସିଲଭୁକ୍ତ ଜାତିର ମହିଳା ସାକ୍ଷରତାହାର ଦୃଷ୍ଟିରୁ ଅନ୍ୟମାନଙ୍କଠାରୁ ପଛରେ ରହିଛନ୍ତି ।

ମୁସ୍‌ଲିମ୍‌ମାନଙ୍କ ମଧ୍ୟରେ ସାକ୍ଷରତା ହାର ୭୧.୩୦%, ଯାହା ରାଜ୍ୟର ହାରାହାରି ୬୪.୦୮%ଠାରୁ ଅଧିକ, ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ସାକ୍ଷରତା ୬୪.୦୮%, ତଫସିଲଭୁକ୍ତ ଜାତିଙ୍କ ମଧ୍ୟରେ ୫୫.୮୩% ମାତ୍ର ତଫସିଲଭୁକ୍ତ ଉପଜାତି ଅନ୍ୟମାନଙ୍କଠାରୁ ବହୁ ପଛରେ ପଡି ରହିଛନ୍ତି । ୨୦୦୧ରେ ସେମାନଙ୍କ ମଧ୍ୟରେ ସାକ୍ଷରତା ହାର ଥିଲା ମାତ୍ର ୩୭.୩୭% ଏବଂ ମହିଳାଙ୍କ ସାକ୍ଷରତା ହାର ୨୩.୩୭% ।

ସାକ୍ଷରତାକୁ ସାର୍ବଜନୀନ କରିବା ସହିତ ଶିକ୍ଷାର ମାନବୃଦ୍ଧି ପାଇଁ ରାଜ୍ୟ ସରକାର ଯଥେଷ୍ଟ ଉଦ୍ୟମ କରୁଛନ୍ତି । ଫଳରେ ସବୁ ଶ୍ରେଣୀର ପୁଅ ଓ ଝିଅଙ୍କର ସ୍କୁଲରେ ନାମଲେଖା ହାର ଆଶାନୁରୂପ ବୃଦ୍ଧି ପାଇଛି ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଯଥେଷ୍ଟ କମି ଯାଇଛି ।

### ସରକାରୀ ହସ୍ତକ୍ଷେପ

ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେଉଛି । ଏହାର ଲକ୍ଷ୍ୟ ତ୍ରିବିଧ ଯଥା- ସବୁ ପିଲାଙ୍କ ସ୍କୁଲପ୍ରବେଶ, ପାଠ ଶେଷ ନ ହେବା ଯାଏ ଶିକ୍ଷାର୍ଥୀ ସ୍କୁଲ ନ ଛାଡିବା ଓ ଶିକ୍ଷାର ମାନ ବୃଦ୍ଧି ।

ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରେ ଯେଉଁ ସବୁ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ, ସେଗୁଡିକ ହେଲା- ୧. ପ୍ରାଥମିକ ସ୍ତରରେ ବାଳିକାମାନଙ୍କ ଶିକ୍ଷା ଲାଗି ଜାତୀୟ କାର୍ଯ୍ୟକ୍ରମ (NPEGEL), ୨. ଅନଗ୍ରସର ବ୍ଲକ ପାଇଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (KGBV), ୩. କଂପ୍ୟୁଟର ସାହାଯ୍ୟରେ ଶିକ୍ଷା, ୪. ଆଦିବାସୀଙ୍କ ପାଇଁ ଶିକ୍ଷା, ୫. ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଶିକ୍ଷା, ୬. ଶିକ୍ଷା ସଂପର୍କିତ ବିକାଶ ଓ ୭. ସ୍କୁଲ ବାହାରେ ଥିବା ପିଲାଙ୍କ ଲାଗି ସଂଯୋଜକ ପାଠ୍ୟକ୍ରମ ।

ଏଥିରେ ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ବର୍ଗର ସାକ୍ଷରତା ଉପରେ ଅଧିକ ଧ୍ୟାନ ଦିଆଯାଇଛି । ପ୍ରାକ୍-ମାଟ୍ରିକ ସ୍ତରରେ ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଶିକ୍ଷାର୍ଥୀଙ୍କ ଲାଗି ୩୦୦୦ରୁ ଅଧିକ ଛାତ୍ରାବାସ ପ୍ରତିଷ୍ଠା କରାଯାଇଛି । ସେଥିରେ ପ୍ରାୟ ୩୨୦୦୦୦ ଶିକ୍ଷାର୍ଥୀ ରହି ପାରିବେ ।

ପ୍ରାକ୍ ମେଟ୍ରିକ ସ୍ତରରେ ୧ ଲକ୍ଷରୁ ଅଧିକ ତଫସିଲଭୁକ୍ତ ଉପଜାତି ଛାତ୍ରୀଙ୍କୁ ସ୍କୁଲକୁ ଆଣିବା ଲାଗି ୨୦୦୭ରେ ୧୦୦୪ଟି ତଫସିଲଭୁକ୍ତ ଉପଜାତି ଛାତ୍ରୀନିବାସ ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ ଛାତ୍ରୀ ନିବାସରେ ୧୦୦ ଜଣ ଛାତ୍ରୀ ରହି ପାରିବେ । ଏହା ଛଡା ତଫସିଲଭୁକ୍ତ ଉପଜାତି ପୁଅ ଓ ଝିଅଙ୍କ ପାଇଁ ୧୧ଟି ଏକଲବ୍ୟ ମଡ଼େଲ ଆବାସିକ ସ୍କୁଲ ରହିଛି ।

ଅଧିକନ୍ତୁ ୫୨ଟି ବାଳିକା ଆବାସିକ ହାଇସ୍କୁଲ ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ ସ୍କୁଲରେ ୨୭୫ ଜଣ ଛାତ୍ରୀ ରହି ପଢ଼ିପାରିବେ । ଏହା ଛଡା ୨୦୦୮-୦୯ରେ ତଫସିଲଭୁକ୍ତ ଉପଜାତି ଛାତ୍ରୀମାନଙ୍କ ଲାଗି ୧୯ଟି ଶିକ୍ଷା କମ୍ପ୍ଲେକ୍ସ ଖୋଲାଯାଇଛି ତା ମଧ୍ୟରୁ ୧୭ଟି ପି.ଟି.ଜି. ଲାଗି ଉଦ୍ଦିଷ୍ଟ । ଏଭଳି ସଂସ୍ଥାର ପ୍ରତ୍ୟେକଟିରେ ୨୫୦ ଜଣ ଶିକ୍ଷାର୍ଥୀ ରହିପାରିବେ ।

ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଶିକ୍ଷାର୍ଥୀଙ୍କ ନିମନ୍ତେ କେ.ବି.କେ. ଜିଲ୍ଲାଗୁଡ଼ିକରେ ୪୦୦ ଛାତ୍ରାବାସ ଖୋଲାଯାଇଛି ।

ସମଗ୍ର ରାଜ୍ୟରେ ଶିକ୍ଷକ-ଶିକ୍ଷାର୍ଥୀ ହାରାହାରି ଅନୁପାତ ୧:୪୦ ହୋଇଥିବାବେଳେ ଅଧିକାଂଶ ତଫସିଲଭୁକ୍ତ ଉପଜାତି/ ତଫସିଲଭୁକ୍ତ ଜାତି ବିଭାଗୀୟ ସ୍କୁଲରେ ସେଭଳି ଅନୁପାତ ୧:୨୦ । ଲକ୍ଷ୍ୟ ହେଉଛି ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ବର୍ଗ ମଧ୍ୟରେ ଶିକ୍ଷା ପ୍ରସାର ସହିତ ଶିକ୍ଷାର ମାନ ବୃଦ୍ଧି କରିବା । ପିଲାମାନେ ସ୍କୁଲକୁ ଆସିବା ଏବଂ ଶିକ୍ଷାର୍ଥୀମାନେ ପାଠ ଶେଷ ହେବାଯାଏଁ ସ୍କୁଲରେ ରହିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବାକୁ ପ୍ରାକ୍ ମେଟ୍ରିକ ବୃତ୍ତିକୁ ୨୦୦୮-୦୯ରେ ୫ ଗୁଣ ବୃଦ୍ଧି କରାଯାଇଛି ।

କେନ୍ଦ୍ର ସରକାର ଆରମ୍ଭ କରିଥିବା କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟ ସରକାର ମଧ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଉଭୟ ପ୍ରାକ୍‌ମେଟ୍ରିକ ଓ ମେଟ୍ରିକ ପରବର୍ତ୍ତୀ ଶିକ୍ଷାର୍ଥୀଙ୍କ ଲାଗି ଯୋଗ୍ୟତାଯୁକ୍ତ ସମ୍ବଳ ବୃତ୍ତି (ମେରିଟ୍ କମ୍ ମିନ୍ସ ସ୍କଲାରସିପ୍) କାର୍ଯକାରୀ କରୁଛନ୍ତି ।

**ସଂଖ୍ୟାଲଘୁ ସଂପ୍ରଦାୟଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ବିକାଶ ଲାଗି ରାଜ୍ୟ ସରକାର ବରାବର ଉତ୍ସାହ ପ୍ରଦାନ କରୁଛନ୍ତି । ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ରାଜ୍ୟ ସରକାରଙ୍କ ଗ୍ରାଣ୍ଟ ୨୦୦୬-୦୭ରେ ୧.୮୧ କୋଟିରୁ ୨୦୦୮-୦୯ରେ ୨.୧୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।**

ମହିଳାମାନଙ୍କର ସାକ୍ଷରତା, ନିଯୁକ୍ତି ସାମର୍ଥ୍ୟ ଓ ସଶକ୍ତିକରଣ, ଅଭିବୃଦ୍ଧି ପ୍ରତି ଧ୍ୟାନ ଦେଇ ବୃତ୍ତିଗତ ପାଠ୍ୟକ୍ରମରେ ୩୦% ଆସନ ସେମାନଙ୍କ ଲାଗି ସଂରକ୍ଷିତ କରାଯାଇଛି ।

ଇଂଜିନିୟରିଂ, ମେଡିକାଲ, ଏମ୍.ସି.ଏ ଓ ଏମ୍.ବି.ଏ ଶିକ୍ଷାର୍ଥୀଙ୍କ ଲାଗି କୋହଳ ବୃତ୍ତି ଯୋଜନା ପ୍ରବର୍ତ୍ତନ କରାଯାଇଛି । ଯୁବସମାଜର ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି ପ୍ରତି ଧ୍ୟାନ ଦେଇ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଯୁବକ-ଯୁବତୀଙ୍କୁ କଂପ୍ୟୁଟର ଶିକ୍ଷା ଯୋଗାଇ ଦେବାକୁ ୨୦୦୮-୦୯ ଆର୍ଥିକ ବର୍ଷରେ ୨୦ କୋଟି ଟଙ୍କା ବରାଦ କରାଯାଇଛି ।

**ଶିକ୍ଷକ ହେବାର ଯୋଗ୍ୟତା ହାସଲ ଲାଗି ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଯୁବକ-ଯୁବତୀମାନଙ୍କୁ ଅଧିକ ସୁଯୋଗ ଦେବାକୁ କନ୍ଧମାଳ ଜିଲ୍ଲାରେ ଏକ ନୂଆ ବି.ଇଡି କଲେଜ ଖୋଲିବାକୁ ସଂପ୍ରତି ଘୋଷଣା କରାଯାଇଛି । ଏ କଲେଜଟି ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେବ । ତାହାଛଡ଼ା ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଯୁବକ-ଯୁବତୀଙ୍କ ବୈଷୟିକ ଶିକ୍ଷା ଓ ନିଯୁକ୍ତି ସାମର୍ଥ୍ୟର ବିକାଶ ଲାଗି କନ୍ଧମାଳ ଜିଲ୍ଲାରେ ଏକ ଉଦ୍ୟାନ ତାଲିମ ସଂସ୍ଥା ଓ ଗୋଟିଏ ଉନ୍ନତ ଆଇ.ଟି.ଆଇ ପ୍ରତିଷ୍ଠା ଲାଗି ମଧ୍ୟ ଘୋଷଣା କରାଯାଇଛି ।**

**ସାଂପ୍ରଦାୟିକ ଐକ୍ୟ**

ସାମ୍ବିଧାନିକ ବାଧ୍ୟତାପ୍ରତି ଧ୍ୟାନ ଦେଇ ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ବଞ୍ଚିତ ଗୋଷ୍ଠୀ ମଧ୍ୟରେ ନିରାପତ୍ତା ଭାବ ସୃଷ୍ଟି କରାଇବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ସରକାର କେବଳ ଯେ ସାଂପ୍ରଦାୟିକ ସାମୁଖ୍ୟରେ କେତେକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି ତାହା ନୁହେଁ, ତା' ସଂଗେ ସଂଗେ ସାଂପ୍ରଦାୟିକ ଉତ୍ତେଜନା ଓ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି ଓ ମହିଳାମାନଙ୍କ ପ୍ରତି ନୃଶଂସ ଆଚରଣ ପ୍ରତି ଯଥାଶୀଘ୍ର ଦୃଷ୍ଟି ଦେବା, ମୋକଦ୍ଦମା ରୁଜୁ କରିବା ଏବଂ ଅପରାଧୀକୁ ନ୍ୟାୟାଳୟରେ ଦଣ୍ଡିତ କରିବା ବ୍ୟବସ୍ଥାଗୁଡ଼ିକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେଇଛନ୍ତି ।

ମହିଳା ଓ ଶିଶୁମାନଙ୍କପ୍ରତି ଦୃଷ୍ଟି ଦେଇ ରାଜ୍ୟ ସରକାର ରାଜ୍ୟର ସମସ୍ତ ଥାନାରେ 'ମହିଳା ଓ ଶିଶୁ ଡେସ୍କ' କାର୍ଯ୍ୟକାରୀ କରୁଛନ୍ତି ଏବଂ ତା' ସମଗ୍ର ଦେଶରେ ଉଚ୍ଚ ପ୍ରଶଂସିତ ହୋଇପାରିଛି ।

ବେଳେବେଳେ ହିଂସା ସୃଷ୍ଟି କରୁଥିବା ବିଭିନ୍ନ ସଂପ୍ରଦାୟ ମଧ୍ୟରେ ପ୍ରକଟିତ ଉତ୍ତେଜନାକୁ ସରକାର କାର୍ଯ୍ୟକ୍ଷମ (ପ୍ରୋଆକ୍ଟିଭ) ବ୍ୟବସ୍ଥା ପ୍ରବର୍ତ୍ତନ କରି ଉଲ୍ଲେଖଯୋଗ୍ୟ ଭାବରେ ଦମନ କରିପାରିଛନ୍ତି । ୨୦୦୦ ବର୍ଷଠାରୁ ରାଜ୍ୟରେ ମାତ୍ର ଦୁଇଟି ହିଂସାତ୍ମକ ଘଟଣା ଘଟିଛି । କନ୍ଧମାଳ ଜିଲ୍ଲାରେ ଏ ଦୁଇଟି ଘଟଣା ଘଟିଥିଲା । ଏହି ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୫୩% ତଫସିଲଭୁକ୍ତ ଉପଜାତି ଓ ପ୍ରାୟ ୨୨% ତଫସିଲଭୁକ୍ତ ଜାତିର ଲୋକ । ଜମି ଉପରେ ଅଧିକାର, ନିଯୁକ୍ତି ସୁଯୋଗ ଏବଂ ଧର୍ମ କୈନ୍ଦ୍ରିକ ବିବାଦ ଯୋଗୁଁ ସେଠାରେ ଅତୀତରେ ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । **ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ଯାହା ଘଟୁଛି ତାହା ଅତୀତ ବିବାଦର ପରିପ୍ରକାଶ । ସେଠାକାର ଅବସ୍ଥା ଆୟତ୍ତାଧୀନ ହୋଇପାରିଛି ଏବଂ ସେଠାରେ ବାସ କରୁଥିବା ବିଭିନ୍ନ ଗୋଷ୍ଠୀର ଐକ୍ୟଭିତ୍ତିକ ତଥା ତ୍ୱରିତ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ସରକାର ବହୁ ପର୍ଯ୍ୟାୟକ୍ରମିକ ପଦକ୍ଷେପ ଘୋଷଣା କରିଛନ୍ତି । ସେ ଅଞ୍ଚଳର ଉନ୍ନୟନ ପ୍ରତି ଦୃଷ୍ଟି ଦେବା ଲାଗି କମିଶନର ପାହ୍ୟାର ଜଣେ ସ୍ୱତନ୍ତ୍ର ପ୍ରଶାସକଙ୍କୁ ନିଯୁକ୍ତ କରାଯାଇଛି ।** ଦୀର୍ଘଦିନ ଧରି ଲାଗି ରହିଥିବା ଜମି ଅଧିକାର ସମସ୍ୟାର ସମାଧାନ କରିବା ଲାଗି ମଧ୍ୟ ତାଙ୍କୁ କ୍ଷମତା ଦିଆଯାଇଛି ।

ଓଡ଼ିଶା ହିନ୍ଦୁ-ମୁସଲମାନ ଦଙ୍ଗାରୁ ଅପେକ୍ଷାକୃତ ଭାବେ ମୁକ୍ତ ରହି ଆସିଛି । ରାଜ୍ୟରେ ବିଭିନ୍ନ ସଂପ୍ରଦାୟର ଐକ୍ୟବଦ୍ଧ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସାଂପ୍ରଦାୟିକ ଏକତା ସମ୍ବନ୍ଧିତ ଏକ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇଛି । ଜିଲ୍ଲାସ୍ତର ଓ ବ୍ଲକ୍‌ସ୍ତରରେ ମଧ୍ୟ ସମନ୍ୱୟ କମିଟି ଓ ଶାନ୍ତି କମିଟି ରହିଛି ।

ମୋ' ସରକାର ସବୁ ସଂପ୍ରଦାୟର ଏକୀକୃତ ଓ ସମନ୍ୱିତ ବିକାଶ ଲାଗି ପୁନର୍ବାର ଦୃଢ଼ ବିଶ୍ୱାସ ପ୍ରକଟ କରୁଛି । ମୋ' ସରକାରଙ୍କଦ୍ୱାରା ଅନୁସୃତ ଉନ୍ନୟନ ନୀତି ନ୍ୟାୟଭିତ୍ତିକ ଓ ସମଷ୍ଟିକୃତ ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବୋଇତ ବନ୍ଦାଣ ଓ ଓଡ଼ିଆ ଜାତିର ଗର୍ବିତ ପରମ୍ପରା

ବିଶ୍ୱଭୂଷଣ ହରିଚନ୍ଦନ

**ଓ**ଡ଼ିଶାର ନୌବାଣିଜ୍ୟ କଥା କହିଲେ ଆଜି ଯେମିତି ସ୍ୱପ୍ନଭଳି ଲାଗୁଛି । 'ସାଧବ ପୁଅ' ବୁଢ଼ୀମା କାହାଣୀର ସାଧବ ପୁଅ ହୋଇ ରହିଯାଇଛି । ରାଜା, ମନ୍ତ୍ରୀ, କଟୁଆଳ ଓ ସାଧବ ଆଉ ସହଚର ତାଙ୍କର ପକ୍ଷୀରାଜ ଘୋଡ଼ା । ସମସ୍ତେ ସେଇ ସାଧବ ପୁଅକୁ ଜାଣନ୍ତି । କିନ୍ତୁ ଓଡ଼ିଶା ମାଟିର ସାଧବ ପୁଅ, ଯିଏ ନୀଳ ସମୁଦ୍ରର ବକ୍ଷ ଭେଦକରି ବାଣିଜ୍ୟ ପୋତ ନେଇ ବିଦେଶକୁ ଯାଉଥିଲା, ସେଠାରେ ବେପାର କରି ଦେଶକୁ ଧନରତ୍ନ ବୋହି ଆଣିପାରୁଥିଲା, ସେ ଗଲା କୁଆଡ଼େ ? ଶିଳ୍ପ, କଳା ସଂସ୍କୃତିର ମହାନ ଭୂଖଣ୍ଡ, ଓଡ଼ିଶାର ସଭ୍ୟତାକୁ ବିଦେଶରେ ଯିଏ ସମ୍ପ୍ରସାରିତ କରୁଥିଲା, ସେ ସାଧବ ପୁଅ କାହିଁ ? କ'ଣ ରାଜା ପୁଅ ସାଥିରେ ପକ୍ଷୀରାଜ ଘୋଡ଼ା ଛୁଟାଇ ଓଡ଼ିଶା ଛାଡ଼ି ଚାଲିଗଲା ନା' ଓଡ଼ିଶା ମାଟିରେ ସବୁଦିନ ପାଇଁ ମୃତ୍ୟୁ ହୋଇଗଲା । ଭାଗ୍ୟର କି ବିଡ଼ମ୍ବନା ! ଆଜି ଓଡ଼ିଶାର ଲୋକଙ୍କୁ ଏକଥା କହିଲେ କାହାର ବିଶ୍ୱାସ ଆସେନା । ଦାରିଦ୍ର୍ୟ ଓ କ୍ଷୁଧାର ତାଡ଼ନାରେ ଆର୍ତ୍ତ ଚିତ୍କାର କରୁଥିବା ଗୋଟିଏ ଜାତିକୁ ଏ କଥା ଶୁଣାଇଲେ ସେ ଏହା ଏକ କଳ୍ପନା-ବିଳାସ ବୋଲି ଭାବିବା ସ୍ୱାଭାବିକ । କୁଆଡ଼େ ଗଲା ସେ ବିଭବ, ଧନ, ରତ୍ନ ଅମାପ ସମ୍ପଦ ! କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳେ କଦଳୀ-ପଟୁକା ନାଆ ଭସାଇ ଆମେ କେବଳ ସେ ସ୍ମୃତିକୁ ବଞ୍ଚାଇ ରଖିଛୁ ।



ଚିଲିକା ବକ୍ଷରେ ଆଜି ମତ୍ସ୍ୟଜୀବୀଙ୍କର ନୌକାମାନ ଦେଖିବାକୁ ମିଳେ । ଏବେ କେତେକ ମୋଟର-ଲଞ୍ଚ୍ ଚିଲିକା ଭିତରେ ଯାତାୟାତ କରୁଛି, ମାଛ ମାରିବା ପାଇଁ କିମ୍ବା ଯାତ୍ରୀମାନଙ୍କୁ ନେବା ଆଣିବା କରିବା ପାଇଁ । କିନ୍ତୁ ବାଣିଜ୍ୟ ଲକ୍ଷ୍ମୀ ଓଡ଼ିଆ ଜାତିକୁ ସତେଯେମିତି ସବୁଦିନ ପାଇଁ ଛାଡ଼ି ଚାଲିଯାଇଛନ୍ତି । ଏଇ ଅବକାଶରେ ଓଡ଼ିଆ ଜାତିର ଅତୀତ- ଇତିହାସର ପୃଷ୍ଠା ଓଲଟାଇବାକୁ ପଡୁଛି । ଏହା ଆଉ ଆଇମା' କାହାଣୀ ନୁହେଁ ବରଂ ନିଛକ ସତ୍ୟ, ଓଡ଼ିଆ ଜାତିର ମହାନ୍ ଇତିହାସ ।

ଆମେ କ'ଣ କେବଳ ଗୋଟିଏ ବଣିକ ସୌଦାଗରର ଜାତି ଥିଲୁ ନା' ଆମର ଆଉ କିଛି ମହତ୍ୱ ଥିଲା ? ଏଇ ଓଡ଼ିଆ ପୁଅ ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିର ତିଆରି କରିଛି । ମନ୍ଦିରମାଳିନୀ ଓଡ଼ିଶାର ଶିଳ୍ପ କଳା ଦେଖି ପୃଥିବୀର ଲୋକେ ଚକିତ ହୋଇଛନ୍ତି । ଖଣ୍ଡଗିରି, ଧଉଳିଗିରି, ରତ୍ନଗିରି ଓ ଲଳିତଗିରି ବକ୍ଷରେ ଧାରଣ କରୁଥିବା ଉତ୍କଳୀୟ ଶିଳ୍ପୀର ଅପୂର୍ବ ଶିଳ୍ପକଳା ଚାତୁରୀ ଏ ଜାତିର ପୁରାତନ ସଭ୍ୟତାକୁ ବିଶ୍ୱବିଦିତ କରିଛି । ପୃଥିବୀ ଆସୁଛି ଆମ ଦୁଆରକୁ, ଆବିଷ୍କାର କରିବା ପାଇଁ ଆମେ କ'ଣ । କସ୍ତୁରୀ ମୃଗଭଳି ଆମେ କିନ୍ତୁ ଜାଣିପାରୁ ନାହୁଁ ଆମ ନାଭିମୁଣ୍ଡରେ କେତେ ମୂଲ୍ୟବାନ ପଦାର୍ଥ ରହିଛି ।

କାଳର କରାଳ ଗତି ଭିତରେ ଆମର ସର୍ବସ୍ୱ ଯାଇଛି । ଆମେ କେବଳ ସମ୍ବଳହୀନ ହୋଇନାହୁଁ, ମନର ସାହସ, ସଂକଳ୍ପ ଓ ଆତ୍ମବିଶ୍ୱାସ ଯାହାଥିଲା, ଓଡ଼ିଆ ଜାତିର ଶ୍ରେଷ୍ଠ ସମ୍ବଳ ତାକୁ ଆମେ ହରାଇ ବସିଛୁ । ଓଡ଼ିଶାର ଏ ଦୁରାବସ୍ଥା ପାଇଁ କିଏ ଦାୟୀ, ସେ ସମ୍ପର୍କରେ ଆଲୋଚନା ନକଲେ ଏ ନିବନ୍ଧ ଅପୂର୍ଣ୍ଣ ରହିଯିବ ।

ଓଡ଼ିଆ ଥିଲା ଏକ ଦୁର୍ଦ୍ଦାନ୍ତ ବୀର ଜାତି । ଶହ ଶହ ବର୍ଷ ଧରି ଏ ଜାତିର ରାଜଛତ୍ର ଥିଲା ଉନ୍ନତ, ଅଟଞ୍ଚଳ । ଯୁଦ୍ଧ ଅଭିଯାନବେଳେ ପାଇକ ପୁଅର ରଣ କୁହାଟରେ ମେଦିନୀ କମ୍ପି ଉଠୁଥିଲା, ଶତ୍ରୁ ଛାତିରେ ଛାନିଆ ପଶୁଥିଲା କଳିଙ୍ଗ ସାମ୍ରାଜ୍ୟ କେତେ ସମୃଦ୍ଧ, କେତେ ଶକ୍ତିଶାଳୀ, ତା' କେବଳ ଇତିହାସ ପଢ଼ିଲେ ଜଣାପଡ଼ିବ । ଦୂର ଅତୀତକୁ ଯିବାକୁ ଚାହୁଁ ନାହିଁ । ଅରିକୁଳ କାଳାନ୍ତକ ମହାନ ସମ୍ରାଟ ମହାମେଘ ବାହାନ ଖାରବେଳ କିମ୍ବା ଦିଗ୍‌ବିଜୟୀ କପିଳେନ୍ଦ୍ର ଯାହାଙ୍କ ନାମ ଶୁଣିଲେ ସମଗ୍ର ଭାରତବର୍ଷ ଶଙ୍କି ଉଠୁଥିଲା, ତାଙ୍କ କଥା ନକହି ମୁଁ ନିକଟ ଅତୀତର ଏକ ରକ୍ତବୋଳା ଇତିହାସ କହିବି ।

୧୮୧୭ ମସିହା ପାଇକ ବିଦ୍ରୋହର ନିଆଁ ଖୋର୍ଦ୍ଧା, ବାଣପୁର ଓ ଘୁମୁସରରେ ଜଳିଉଠି ସମଗ୍ର ଓଡ଼ିଶାକୁ ବ୍ୟାପିଗଲା । ସମଗ୍ର ଭାରତବର୍ଷ ସେତେବେଳକୁ ଇଂରେଜ ରାଜଶକ୍ତିଦ୍ୱାରା ପରାଜିତ ହୋଇ ତାଙ୍କର ଶାସନାଧୀନ ହୋଇଥାଏ । ଖୋରଧା, ବାଣପୁରର ବଣ,

ପାହାଡ଼ କନ୍ଦରା ପାଇକ ତଲୁଆରର ଝନ୍ ଝନ୍‌କ୍ୱାର ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଲା । ଇଂରେଜର ଦାସତ୍ୱ ସ୍ୱୀକାର କରି ଜନନୀ ଜନ୍ମମାଟିର ହାତରେ ବେଡ଼ି ପିନ୍ଧାଇବା ଅପେକ୍ଷା ମରଣ ଯେ ଶ୍ରେୟସ୍କର ଏକଥା ଓଡ଼ିଆ ମାଟିର ଆବାଳ-ବୃଦ୍ଧ-ବନିତା ବଜ୍ର ନିର୍ଘୋଷ କଣ୍ଠରେ ଘୋଷଣା କଲେ । ପ୍ରତି ଘରୁ ଢାଲ ତଲୁଆର ଧରି ବାହାରି ପଡ଼ିଲେ ପାଇକ ବୀରମାନେ ବେପାରୀ ଫିରିଙ୍ଗି ଜାତି ସହିତ ଲେଢ଼ଇ କରିବା ପାଇଁ । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଭ୍ରମରବର ରାୟ, ଗଜପତିଙ୍କର ସେନାପତି, ପାଇକମାନଙ୍କ ପାଖରେ ଯେ ଥିଲେ ବକ୍ସି ମହାରାଜା, ତାଙ୍କର ଡାକରାରେ ପାଇକକୁଳ ଗର୍ଜି ଉଠିଲେ । ଫିରିଙ୍ଗି ପଲଟଣଙ୍କୁ ନିପାତ କରି ମାତୃଭୂମିକୁ ମୁକ୍ତ କରିବା ପାଇଁ ସେ ନେଲା ଆଗ୍ନେୟ ଶପଥ । କୃତିବାସ ପାଟ୍ଟଶାଣୀ, ଦୀନବନ୍ଧୁ ସାମନ୍ତରାୟ, ମହାପାତ୍ର ଦାଶରଥି ରାଉତରାୟ, ପଣ୍ଡିକ ବାହୁବଳେନ୍ଦ୍ର, ଚକ୍ରା ବିଶୋଇ ପ୍ରମୁଖ ସୁଦକ୍ଷ ସେନାପତିଗଣ ପାଇକମାନଙ୍କୁ ସଙ୍ଗଠିତ କରି ଇଂରେଜ ବାହିନୀ ସହିତ ବିଭିନ୍ନ ରଣାଙ୍ଗନରେ ଯୁଦ୍ଧରେ ବ୍ୟାପୃତ ହେଲେ ଓ ବହୁ ସ୍ଥାନରେ ବିଜୟ ବୈଜୟନ୍ତୀ ଉଡ଼ାଇଲେ । ଇଂରେଜ ରାଜଶକ୍ତି ପ୍ରମାଦ ଗଣିଲା । ଐତିହାସିକ ପାଇକ ବିଦ୍ରୋହ ଏକ ଗଣ ସଂଗ୍ରାମରେ ପରିଣତ ହେଲା । ଲଢ଼େଇ ଚାଲିଲା ଦୀର୍ଘ ୧୬ ବର୍ଷ କାଳ । ଶେଷରେ ନିଜ ମାଟିର ଚକ୍ରାନ୍ତକାରୀ ବିଶ୍ୱାସଘାତକ ଇଂରେଜ ଶାସନକକର୍ତ୍ତାଙ୍କୁ ବହୁ ଗୁପ୍ତ ତଥ୍ୟ ଯୋଗାଇ ଦେବା ଫଳରେ ପାଇକମାନଙ୍କର ପରାଜୟ ହେଲା । ଜଣ ଜଣ କରି ଦୁର୍ଦ୍ଧର୍ଷ ସେନାପତିମାନେ ଫାଶୀ, କଳାପାଣି ଭଳି ଦଣ୍ଡରେ ଦଣ୍ଡିତ ହେଲେ । ପାଇକମାନେ ଉପରେ ଅକଥନୀୟ ଅତ୍ୟାଚାର ଚାଲିଲା । ସେମାନଙ୍କର ଜାଗିରି ଜମି ଓ ଖଣ୍ଡା-ତଲୱାର ସବୁ ଛଡ଼ାଇ ନିଆଗଲା । ଇଂରେଜ ସରକାର ଭାବିଲେ ଯେ, ଏ ଦୁର୍ଦ୍ଧାନ୍ତ ସମର କୁଶଳୀ ଜାତିକୁ ଅର୍ଥନୈତିକ କ୍ଷେତ୍ରରେ ପୂରାପୂରି ପଙ୍ଗୁ କରି ନଦେଲେ, ସେମାନେ ପୁଣି ବିଦ୍ରୋହ କରିବେ । ଚାଲିଲା ଅକଥନୀୟ ଦମନ ଲୀଳା । ଭାରତବର୍ଷର ସ୍ୱାଧୀନତାର ଶେଷ ଦୀପ-ଶିଖା ବୀର ଓଡ଼ିଶାର ଦର୍ପିତ ମାଟି ଉପରେ ସବୁଦିନ ପାଇଁ ଲିଭିଗଲା ।

ଐତିହାସିକ ପାଇକ ବିଦ୍ରୋହ ଏକ ଗଣ ସଂଗ୍ରାମରେ ପରିଣତ ହେଲା । ଲଢ଼େଇ ଚାଲିଲା ଦୀର୍ଘ ୧୬ ବର୍ଷ କାଳ । ଶେଷରେ ନିଜ ମାଟିର ଚକ୍ରାନ୍ତକାରୀ ବିଶ୍ୱାସଘାତକ ଇଂରେଜ ଶାସନକକର୍ତ୍ତାଙ୍କୁ ବହୁ ଗୁପ୍ତ ତଥ୍ୟ ଯୋଗାଇ ଦେବା ଫଳରେ ପାଇକମାନଙ୍କର ପରାଜୟ ହେଲା ।

ଇଂରେଜ ସରକାରଙ୍କ ଚକ୍ରାନ୍ତ ଓ କ୍ରମାଗତ ଅତ୍ୟାଚାର ଫଳରେ ଦୁର୍ଦ୍ଧର୍ଷ ଓଡ଼ିଆ ଜାତିର ଅଣ୍ଟା ଭାଙ୍ଗିଗଲା । ସେ ହେଲା ନିଃସ୍ୱ, ଦରିଦ୍ର । ମନର ବଳ, ହୃଦୟର ସାହସ ଓ କଠୋର ସଙ୍କଳ୍ପକ୍ରମେ ତା'ଠାରୁ ଦୂରେଇଗଲା । ଫଳରେ ତା'ର ସାମରିକ ଶକ୍ତି କଳା-ବାଣିଜ୍ୟ ସବୁ ନିଷ୍ପ୍ରଭ ହୋଇପଡ଼ିଲା । ଓଡ଼ିଆ ଜାତିର ଗରିମାମୟ ଇତିହାସର ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ପାଇକମାନଙ୍କର ରଣଦୁନ୍ଦୁଭି ସ୍ତିମିତ ହୋଇଗଲା । ଚିଲିକା ତଟ ଓ ବକ୍ଷରେ ଶ୍ମଶାନର ଶାନ୍ତି ବିରାଜିଲା । ଓଡ଼ିଆ ବୋଇତ, ସାଧବପୁଅ, ସାଧବ ବୋହୂର ବୋଇତ ବନ୍ଦାଣ ସବୁ ସ୍ୱପ୍ନ ହୋଇଗଲା । ସର୍ବଗ୍ରାସୀ କାଳର କରାଳ ଗର୍ଭରେ ଏ ଦିଗ୍‌ବିଜୟୀ ଜାତିର ଐତିହ୍ୟ, ପରମ୍ପରା, ସ୍ୱାଭିମାନ ସାମରିକ ଶକ୍ତି, ରଣ କୌଶଳ, ଶିଳ୍ପ, କଳା ଓ ବାଣିଜ୍ୟ ସବୁ ଲୀନ ହୋଇଗଲା । ଅତୀତର ସେ ଗୌରବ ଓ ପରମ୍ପରାକୁ ସ୍ମରଣ କରି ଓଡ଼ିଶାର ଯୁବକ ସଂଗ୍ରାମ କରିବ ଓ ଓଡ଼ିଶାକୁ ଏକ ସମୃଦ୍ଧ ଓଡ଼ିଶାରେ ପରିଣତ କରିବ, ଏହି ବିଶ୍ୱାସ ଓ ଭରସା ରଖି ଆମେ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଛୁଁ ।

ମାନ୍ୟବର ମନ୍ତ୍ରୀ
ଶିକ୍ଷା, ଆଇନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ
ଓଡ଼ିଶା, ଭୁବନେଶ୍ୱର

# ମହାନଦୀରେ ମଣିଭଦ୍ରା ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତ କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ

ମହାନଦୀରେ ମଣିଭଦ୍ରା ନଦୀବନ୍ଧ ଯୋଜନା ସଂପର୍କରେ ଅନେକ ବିବୃତ୍ତି ଓ ପ୍ରତିବିବୃତ୍ତି ସରକାରଙ୍କ ନଜରକୁ ଆସିଛି । ଏହାକୁ ନେଇ ବିଭିନ୍ନ ମହଲରେ ବିଭ୍ରାନ୍ତି ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ମହାନଦୀରେ ମଣିଭଦ୍ରା ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତ କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ । ତେଣୁ ଏହାକୁ ନେଇ ଯେଉଁ ବାଦାନୁବାଦ ସୃଷ୍ଟି ହୋଇଛି ତାହାର କୌଣସି ଭିତ୍ତି ନାହିଁ ବୋଲି ଜଳସଂପଦ ବିଭାଗ ପକ୍ଷରୁ ଗତ ନଭେମ୍ବର ୩ ତାରିଖରେ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

# କଟକର ଐତିହାସିକ ବାଲିଯାତ୍ରା

କାଞ୍ଚନାରାୟଣ ମହାନ୍ତି

ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସମୃଦ୍ଧ ପରମ୍ପରା ଓ ବୀର କଳିଙ୍ଗପୁତ୍ର କୀର୍ତ୍ତିମୟ ଅଧ୍ୟାୟକୁ ସ୍ମରିବାର ପ୍ରାଣ ପ୍ରାଚୁର୍ଯ୍ୟ ମଞ୍ଜୁଳ ମୁହୂର୍ତ୍ତ ଆଣିଦିଏ ଐତିହାସିକ 'ବାଲିଯାତ୍ରା' ।

ପ୍ରତିବର୍ଷ କଟକ ସହରର ଗଡ଼ଗଡ଼ିଆ ମନ୍ଦିରକୁ ଲାଗି ମହାନଦୀ ତଟ ଏବଂ ଅତୀତର ଅନେକ ଗୌରବାବହ ଇତିହାସକୁ ପୃଷ୍ଠଭୂମିରେ ସାଇତି ରଖିଥିବା ଗଡ଼ଖାଇ ମଝିରେ ଭଗ୍ନ ବାରବାଟୀ ଦୁର୍ଗର ସାମ୍ନାରେ ସପ୍ତାହଧରି ଅନୁଷ୍ଠିତ ହୁଏ ଚିତ୍ତାକର୍ଷକ ପାର୍ବଣ ।

ସଂପ୍ରତି ଏହିଯାତ୍ରାରେ ଜନସମାଗମ ଓ ବିପଣୀର ଚାହିଦା ବଢ଼ିଥିବାରୁ ମହାନଦୀର ବାଲୁକାଶଯ୍ୟା ମଧ୍ୟକୁ ଏହାକୁ ସଂପ୍ରସାରଣ କରାଯାଇଛି । କେବଳ ଓଡ଼ିଶା ପ୍ରଦେଶରେ ନୁହେଁ ସାରା ଭାରତବର୍ଷରେ କଟକ ବାଲିଯାତ୍ରା ପ୍ରତି ସ୍ୱତନ୍ତ୍ର ମର୍ଯ୍ୟାଦା ଓ ଆକର୍ଷଣ ରହିଛି । ହୁଏତ କେତେବେଳେ ପ୍ରତିସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆସାମ, ରାଜସ୍ଥାନ, ମଣିପୁର, କୋଲକାତା ପ୍ରଭୃତି ବିଭିନ୍ନ ସ୍ଥାନର ଲୋକନୃତ୍ୟ-ସହ ଶିଳ୍ପକଳା, ହସ୍ତଶିଳ୍ପର ପ୍ରଦର୍ଶନୀ ତଥା ବିକ୍ରୟ ସରକାରଙ୍କ ପ୍ରୋତ୍ସାହନ ସୁଦୃଶ୍ୟ ମଞ୍ଚ ଓ ବିସ୍ତୃତ ଷ୍ଟଲର ବ୍ୟବସ୍ଥା କରାଯାଉଛି ।

ଗୋଟିଏ ମଞ୍ଚରେ ବିଭିନ୍ନ ରାଜ୍ୟ ତଥା ଆଞ୍ଚଳିକ ସ୍ତରର ନୃତ୍ୟ, ନାଟକ ଓ ସଂଗୀତ ସମ୍ମିଳନୀ ଫଳରେ ରାଜ୍ୟ ରାଜ୍ୟ ମଧ୍ୟରେ ଭାଷା, ସାହିତ୍ୟ, ସଂସ୍କୃତିର ବିନିମୟ ସମ୍ଭବ ହେଉଛି । ବାଣିଜ୍ୟିକ ସଦ୍‌ଭାବ ପାଇଁ ଗୋଟିଏ ସ୍ଥାନରେ ପ୍ରତିବର୍ଷ ଏକତ୍ର ହେଉଥିବା ବିଭିନ୍ନ ଅନୁଷ୍ଠାନ ଓ ବରେଣ୍ୟ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ ପରିଚୟ ଓ ଭାବ ଆଦାନପ୍ରଦାନର ସୁଯୋଗ ସମ୍ଭବ ହେଉଛି । ଓଡ଼ିଶାର ପୁରାତନ ନାମ ଥିଲା କଳିଙ୍ଗ । ଏ କଳିଙ୍ଗବାସୀ ଭାରି ସାହସୀ ଓ ବୀର ଜାତି ଭାବେ ସୁନାମ ଅର୍ଜନ କରିଥିଲେ । ତେବେ ଯୁଦ୍ଧବିଦ୍ୟା ଛଡ଼ା ସେମାନେ ସାଗର ଲଙ୍ଘି ଦୂର ଦେଶରେ ବାଣିଜ୍ୟ କରି ନୌବାଣିଜ୍ୟ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

କଳିଙ୍ଗ ଅଧିବାସୀଙ୍କ ଭୌଗୋଳିକ ପରିବେଶ ନୌବାଣିଜ୍ୟ ପାଇଁ ଅନୁକୂଳ ଥିଲା । ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ଅନେକ ନଦୀ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛନ୍ତି । ଯାହାଫଳରେ ଆଭ୍ୟନ୍ତରୀଣ ଅଞ୍ଚଳରୁ କଞ୍ଚାମାଲ ସଂଗ୍ରହ କରି ଆଣିବା ଏବଂ ନଦୀର ଜଳପଥରେ ଆସି ସମୁଦ୍ରରେ ଦୂରଯାତ୍ରା କରିବା ଆୟାସସାଧ୍ୟ ଥିଲା ।

କାର୍ତ୍ତିକ ମାସଠାରୁ ଚୈତ୍ରମାସ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ବାୟୁରେ ସାଧବପୁଅ ବୋଇତ ମେଲାଇ ଦେଇଥାଏ । ପ୍ରତି ବନ୍ଦର ଓ ପୋତାଶ୍ରୟ ନିକଟରୁ ମା' ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରି କଳିଙ୍ଗର ସାଧବପୁଅକୁ ତା'ର ପରିବାର ଓ ପରିଜନଙ୍କ ଶୁଭମନାସି ଜଳଯାତ୍ରା କରିଥାନ୍ତି ।

ସେଇ ଶୁଭଯାତ୍ରାର ସ୍ମାରକୀ ସ୍ୱରୂପ ସାରା ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାର ପବିତ୍ର ତିଥିରେ ପ୍ରତ୍ୟୁଷରୁ ଶୁଦ୍ଧପୂତ ହୋଇ କଦଳୀପଟୁକା ଅଗ ସୋଲରେ ଡଙ୍ଗା ତିଆରି କରି ସେଥିରେ ସଳିତା ବା ଦୀପ ଜାଳି ଫୁଲ, ଚନ୍ଦନ, ଗୁଆ ଥୋଇ ବନ୍ଦାପନା କରି ଧର୍ମ ଅର୍ଜନ କରିବା ମନୋଭାବରେ କହିଥାଉଁ - ଆ-କା-ମା-ବୈ ଗୁଆ ପାନ ଥୋଇ, ଗୁଆ ପାନ ଯାକ ତୋ'ର, ମାସକ ଧରମ ମୋର ।

ବାଲି, ଜାଭା, ସିଂହଳ, ସୁମାତ୍ରା, ବୋର୍ଣ୍ଣିଓ, ଚୀନ, ବର୍ମା ଏପରିକି ଆଫ୍ରିକା ପର୍ଯ୍ୟନ୍ତ ସେମାନେ ବ୍ୟବସାୟ ବିସ୍ତାର କରିଥିଲେ ।

କେତେକଙ୍କ ମତରେ ବାଲି ଦ୍ୱୀପପୁଞ୍ଜକୁ ଯାତ୍ରା କରୁଥିବାରୁ ଏହାକୁ ବାଲିଯାତ୍ରା କୁହାଯାଉଥିଲା । ମହାନଦୀ ବାଲିରେ ଏହି ଯାତ୍ରା ଆରମ୍ଭ ହୋଇଥିବାରୁ ଏହାକୁ ବାଲିଯାତ୍ରା କହିଥାନ୍ତି । କେହି କେହି ନାରୀମାନଙ୍କର ନଦୀକୂଳର ବାଲୁକାପୂଜାକୁ ନେଇ ମଧ୍ୟ ଏହି ଯାତ୍ରା ଆରମ୍ଭ ହୋଇଥିଲା ବୋଲି ମତ ଦିଅନ୍ତି । ଐତିହାସିକମାନଙ୍କ ମତରେ ପ୍ରାଚୀନଦୀର ଉପତ୍ୟକା ସବୁଠାରୁ ଉର୍ବର ଥିଲା । ଏହାର ଉପକୂଳରେ ବହୁ ନଗରଥିଲା । ଧନୀ ସାଧବମାନେ ଥିଲେ । ଜଣଜଣଙ୍କର ସାତଖଣ୍ଡରୁ ଅଧିକ ବୋଇତ ଥିଲା । ପ୍ରାଚୀକୂଳରେ ନୌକା, ବୋଇତ ନିର୍ମାଣ ଓ ମରାମତି କେନ୍ଦ୍ରମାନ ଥିଲା ।

ପ୍ରାଚୀ ଅବବାହିକାରେ ଅନେକ ହାଟ ଥିଲା । ହାଟମାନଙ୍କରୁ ସଂଗୃହୀତ ସାମଗ୍ରୀ ନୌକାଦ୍ୱାରା କଟକ ଆସୁଥିଲା । କଟକ ଥିଲା ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଓ ରପ୍ତାନୀ ଓ ଆମଦାନୀର ପେଣ୍ଠ । ପଶ୍ଚିମ ଓଡ଼ିଶାର ସମ୍ବଲପୁର ସହିତ କଟକ ବାଲିଯାତ୍ରା କ୍ଷେତ୍ରର ସଂଯୋଗ

ଥିଲା । ଗଡ଼ଖାଇ ମହାନଦୀ ସହ ସଂଯୋଗ ଥିବାରୁ ବୋଇତ ନିରାପଦରେ ଗଡ଼ଖାଇ ଭିତରେ ଆଶ୍ରୟ ନେବା ସହ କ୍ରୟବସ୍ତୁ ଖଲାସ କରିପାରୁଥିଲା ।

ପ୍ରାଚୀ ଉପତ୍ୟକାରୁ ପାନ, ତୁଳା, ଆଖୁ, ଗୁଡ଼, ମୂଲ୍ୟବାନ କାଠ, ସୂକ୍ଷ୍ମଶାଢ଼ୀ, ପଥର ମୂର୍ତ୍ତି, ଶଙ୍ଖ ଏବଂ ଅନ୍ୟ ଖାଦ୍ୟପଦାର୍ଥ କଟକ ଆସୁଥିଲା । ସେହିଭଳି ଅନ୍ୟାନ୍ୟ ନଦୀପଥରେ ପିପିଲି ଚାନ୍ଦୁଆ, ଶିଂଘ କାମ, ହାତୀ, ହାତୀଦାନ୍ତ ଝୁଣା, ବହୁ ପ୍ରକାର ମସଲା କଟକର ଜୋବ୍ରାଠାରୁ ଚହଟା ପର୍ଯ୍ୟନ୍ତ ନଦୀତଟରେ ଠୁଳହୋଇ ରହୁଥିଲା । ସେଠାରୁ ବଡ଼ବଡ଼ ବୋଇତରେ ସାଧବମାନେ ଆବଶ୍ୟକ ମୁତାବକ ସାମଗ୍ରୀ କିଣି ବିଦେଶ ଯାତ୍ରା କରୁଥିଲେ । ସେଠାରୁ ସେମାନେ ଆମଦେଶକୁ ରତ୍ନଝରା, ମାଣିକ୍ୟ, ବାଲିଦ୍ୱୀପର ମୋତିମାଳ, ସିଂହଳଦ୍ୱୀପର କଳାମେଘୀପାଟ, ହୀରାମଲିକଡ଼ି ନେଇ ଆସୁଥିଲେ ।

କଳିଙ୍ଗମାନଙ୍କର ବାଲିଦ୍ୱୀପ ସହିତ ବଳିଷ୍ଠ ଓ ଘନିଷ୍ଠ ସଂପର୍କ ଥିଲା । 'ବୃହତ୍ ସଂହିତା', 'କଥା ସରିତ ସାଗର' ଇତ୍ୟାଦି ଗ୍ରନ୍ଥରେ ତା'ର ବର୍ଣ୍ଣନା ରହିଛି । ତେବେ କଳିଙ୍ଗରାଜା ବିଜୟବାହୁ ସିଂହଳରେ ପ୍ରଥମ ରାଜା ହୋଇଥିଲେ । ବିଜୟବାହୁ କଳିଙ୍ଗ ସୁନ୍ଦରୀ ତ୍ରୈଲୋକ୍ୟ ସୁନ୍ଦରୀଙ୍କୁ ବିବାହ କରିଥିଲେ । କଳିଙ୍ଗରୁ କୋଡ଼ିଏ ହଜାର ହିନ୍ଦୁ ବାଲି, ସିଂହଳ ପ୍ରଭୃତିରେ ବସବାସ କରିବାକୁ ରାଜା ବନ୍ଦୋବସ୍ତ କରିଥିଲେ ।

ପରିବ୍ରାଜକମାନଙ୍କ ବିବରଣୀରୁ ଏବଂ ହଣ୍ଟର ସାହେବଙ୍କ ସ୍ୱଲିଖିତ 'ଓଡ଼ିଶା ଇତିହାସ' କହେ- ସେତେବେଳେ ଓଡ଼ିଶାରେ ନଅଟି କାର୍ଯ୍ୟକ୍ଷମ ବନ୍ଦର ଥିଲା । ସେଗୁଡ଼ିକ ହେଲା- ଛାନୁଆ, ସୁବର୍ଣ୍ଣରେଖା, ବାଲେଶ୍ୱର, ଚୂଡ଼ାମଣି, ଧାମରା, ଚାନ୍ଦବାଲି, ଲଇଛନପୁର, ପୁରୀ, ତାମ୍ରଲୁକ ଓ ଫଲସ୍ ପଏଣ୍ଟ । ଏମାନଙ୍କ ମଧ୍ୟରେ ଧାମରା ଓ ଚାନ୍ଦବାଲି ବନ୍ଦରର ଅନେକ ପ୍ରସିଦ୍ଧି ଥିଲା । ଏ ଦୁଇ ବନ୍ଦରକୁ କଳିଙ୍ଗର ପ୍ରବେଶପଥ କୁହାଯାଉଥିଲା ।

ହଣ୍ଟର ସାହେବ ଲେଖିଛନ୍ତି ଯେ ଊନବିଂଶ ଶତାବ୍ଦୀରେ ମହାନଦୀ ଓ ପିପିଲି ବନ୍ଦରରେ ଜାହାଜ ଯାତାୟାତ କରୁଥିଲା ।

ବାଲିଯାତ୍ରା ମହୋତ୍ସବ ବାଲୁକାପୂଜା ହେଉ, ବାଲିଦ୍ୱୀପକୁ ଯାତ୍ରା ହେଉ ଅବା ନଦୀ ବାଲିରେ ଯାତ୍ରା ବୋଲି କୁହାଯାଉ, ଏହା ବୀରମାଟିର କଥା କହେ । ବାଣିଜ୍ୟ, ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନର ସୁଯୋଗ ଦିଏ ।

କଟକରେ ଥିବା ପ୍ରସିଦ୍ଧ ବନ୍ଦରଟିର ପ୍ରାଚୀନ ନାମ ଥିଲା 'କୋଟି କାର୍ଦ୍ଦମ' । ସେହିପରି ପୁରୀର ନାମ ଥିଲା 'ମାନିବୋନ' । କୋଣାର୍କ କୋଣାଗର ବା କୋନପୁର ଜଳେଶ୍ୱର-ପଲରୁ, ବାଲେଶ୍ୱର-କୋଶମ୍ବ, ଗଞ୍ଜାମ-ଗଙ୍ଗା, ବ୍ରାହ୍ମଣୀ-ତଳିସ, ମହାନଦୀ-ମନୋଜ, ସୁବର୍ଣ୍ଣରେଖା-ଅଦମସ୍ ଏହିପରି ଆହୁରି ଅନେକ ।

ଶ୍ରୀଚୈତନ୍ୟ କଟକ ଆସିଥିଲେ ଏହି ଗଡ଼ଗଡ଼ିଆ ଘାଟ ଦେଇ । କିଛି ଭକ୍ତଙ୍କୁ ନେଇ ସେ ବାରବାଟୀ ଦୁର୍ଗରେ ଥିବା ସାକ୍ଷୀଗୋପାଳଙ୍କୁ ପୂଜା କରିବାକୁ ଯାଇଥିଲେ । ସେଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା ତିଥି । ତାଙ୍କ ଶୁଭ ଆଗମନର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ ହୋଇଥିଲା ବୋଲି କୁହାଯାଏ ।

ଆଜି କଟକ, ବାଲିଯାତ୍ରାକୁ ଆଖିରେ ରଖି ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା- ପାରାଦ୍ୱୀପ, କୋଣାର୍କ, ଗୋପାଳପୁର, ତିର୍ତ୍ତୋଲ, ଧାମରା, ବାଲେଶ୍ୱର, ବାଲୁଗାଁରେ ମହୋତ୍ସବ ଆୟୋଜନ କରାଯାଉଛି । ହେଲେ କଟକ ବାଲିଯାତ୍ରାର ତୋରଣ, ଦୋଳି, ଦୋକାନ ବଜାର, ପିଲାଙ୍କ ମୀନାବଜାର, ପଲ୍ଲୀଶ୍ରୀମେଳା, ସରକାରୀ ଷ୍ଟଲ ସର୍ବୋପରି ଠୁଙ୍କାପୁରୀ ଛେନାତର୍କାରୀ, ଶୀତରାତିର ଆଳୁଦମ ଦହିବରା, ଚାର୍ଟ ଗୁପ୍‌ଚୁପ୍ ଆଇସକ୍ରୀମ ଆଉ କଲିକତା ଘରସଜ୍ଜା ମାଟି ଖେଳନା ଅତ୍ୟନ୍ତ ଆକର୍ଷଣୀୟ । ବାଲିଯାତ୍ରାରୁ କଟକବାସୀ ବର୍ଷକ ପାଇଁ ଝାଡୁ କିଣିବାକୁ ଚାହିଁ ରହିଥିଲାବେଳେ କାଠ୍‌ଠାରୁ ଘରକରଣା ଜିନିଷ ପାଇଁ ଟଙ୍କା ଠୁଳ କରି ରଖିଥାନ୍ତି । ପ୍ରତି ସନ୍ଧ୍ୟାରେ ବାଲିଯାତ୍ରାରେ ବୁଲି ମନପସନ୍ଦର ଖାଦ୍ୟ ଖାଇ ଘରକୁ ଫେରିବା ସେମାନଙ୍କର ସ୍ୱଭାବରେ ପରିଣତ ହୋଇ ଯାଇଥାଏ । ଭୂମିପୁତ୍ର ସ୍ୱର୍ଗୀୟ ବିଜୁ ବାବୁ କଳିଙ୍ଗର ସ୍ୱାଭିମାନକୁ ବୁଝି ସେଇ ଐତିହ୍ୟକୁ ମର୍ଯ୍ୟାଦାବନ୍ତ କରିବାକୁ ଯାଇ ଦୁଃସାହସିକ ଜଳଯାତ୍ରାରେ ପାରାଦ୍ୱୀପ ବନ୍ଦରରୁ ଇଣ୍ଡୋନେସିଆକୁ ନିବେଦିତା ଆଚାର୍ଯ୍ୟଙ୍କୁ ପଠାଇଥିଲେ ।

ତାଙ୍କୁ ସେଠାରେ ଯେଉଁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା ତାହା ଅବିସ୍ମରଣୀୟ । କଟକର ବାଲିଯାତ୍ରା ମହୋତ୍ସବ ପ୍ରାଚୀନ କଳିଙ୍ଗର ଗୌରବମୟ ନୌବାଣିଜ୍ୟର ମୂକସାକ୍ଷୀ । ସେଇ ସ୍ମୃତିକୁ ସମ୍ମାନ ଦେଇ ଆଜି କେବଳ କଟକରେ ନୁହେଁ ସୁଦୂର ଇଣ୍ଡୋନେସିଆ ଓ ଥାଇଲାଣ୍ଡରେ ମଧ୍ୟ ପ୍ରଭାତରୁ ନଦୀ ଓ ଜଳାଶ୍ରୟରେ ଦୀପଦାନ, ଡଙ୍ଗାଭସା ଓ ମଧୁପାର୍ବଣର ଆୟୋଜନ ହୁଏ । ଆଜି ଆଉ ସେ ମହାନଦୀରେ ମାଳମାଳ ନୌକାର ମାଧୁରିମା ଦୃଶ୍ୟ ହୁଏନା ତେବେ କବି ମାୟାଧର ମାନସିଂହ ଲେଖିଛନ୍ତି -

ସାଧବଘର ବୋଇତ  
ଦୂର ଦେଶୁ ଆଣେ ଲକ୍ଷ୍ମୀ ବହି ତ ଗୋ  
ମଣିରତନ ନୁହେଁ କଥିତ ସଜନୀ ଗୋ  
        ବୋଇତ ଏ ସାଧବର  
ଦେଖି ଆମେ କେତେ ନଗର ଗୋ  
ଭାସି ଆସଇ କାଟି ସାଗର, ସଜନୀ ଗୋ  
        କେତେ ପୋତ ଜଳେ ଭାସେ  
ସାଧବ ପୋତ ସରିକି ନ ଆସେ ଗୋ  
ରାଜହଂସ ସମ ପରକାଶେ, ସଜନୀ ଗୋ ।

ଓଡ଼ିଆ ପୁଅର ଦକ୍ଷତା ଆଜି କୌଣସି ଦୃଷ୍ଟିରୁ ନ୍ୟୁନ ନୁହେଁ । ସାଂସ୍କୃତିକ ପର୍ଯ୍ୟାୟରେ ଓଡ଼ିଶା ଆଜି ବିଶ୍ୱବିଦିତ । ବିଶ୍ୱସ୍ତରରେ ମଧ୍ୟ ଓଡ଼ିଶାର ସନ୍ତାନ ଅଗ୍ରଣୀ । ଐକ୍ୟତାନରେ ଜାତି ପ୍ରାଣତାର ଜାଗୃତି ହେଉ ଆମ ସଂସ୍କୃତିର ମହାମନ୍ତ୍ର ।

ଆଶ୍ରମ, ଶ୍ରୀବିହାର କଲୋନୀ, କଟକ-୮

# ବାଲିଯାତ୍ରା : ଏକ ଅନୁଶୀଳନ

ରାଜକିଶୋର ରାଜ

**କା**ର୍ତ୍ତିକ ମାସର ବହୁ ବିଶେଷତ୍ୱ ମଧ୍ୟରେ କାର୍ତ୍ତିକଙ୍କ ପୂଜା ହୋଇଥାଏ । ଅନ୍ୟ କୌଣସି ଦେବଦେବୀଙ୍କ ନାମରେ ମାସର ନାମକରଣ ହୋଇନାହିଁ । ଅନ୍ୟ ଏକ ବିଶେଷତ୍ୱ କାର୍ତ୍ତିକ ବ୍ରତର ଗୁରୁତ୍ୱ କାର୍ତ୍ତିକ ପୂଜାଠାରୁ ଅଧିକ ବୋଲି ପ୍ରତିପାଦିତ । କାର୍ତ୍ତିକ ଅପୂର୍ବ ବାହ୍ୟ ଜ୍ୟୋତି ପୁରୁଷ ଏବଂ ଏହି ବ୍ରତ ମାସଟି ଦୀପଦାନ ପାଇଁ ପ୍ରସିଦ୍ଧି ଲାଭ କରିଛି ।



ଦୀପାବଳୀ ଉତ୍ସବ ଏହାର ଦେଦୀପ୍ୟମାନ ଉଜ୍ଜ୍ୱଳମୟ ଅନ୍ଧକାରର ରାତ୍ରିକୁ ଉତ୍ସବମୁଖର କରିଥାଏ । ପ୍ରକୃତପକ୍ଷେ କାର୍ତ୍ତିକ ପୂର୍ଣ୍ଣିମା ହିଁ ଦୀପଦାନର ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ମହତ୍ୱପୂର୍ଣ୍ଣ ଦୀପଦାନ ଉତ୍ସବର ପରିଣତି ।

ଆଉ ଏକ ଭୁଲ୍ ଧାରଣା ଯେ ଉତ୍ତରଭାରତର ଦିୱାଲୀ ଓ କାଳୀପୂଜା ପ୍ରାୟ ଏକାପରି ଉତ୍ସବ । ସେହିଦିନ ଓଡ଼ିଶା ଭଳି ଉତ୍ତରଭାରତରେ ଆର୍ଯ୍ୟ ସଭ୍ୟତାପୁଷ୍ଟ ସଂସ୍କୃତିରେ ଲକ୍ଷ୍ମୀପୂଜା ହୋଇଥାଏ । ଅବଶ୍ୟ ଅନ୍ତର ହେଉଛି ପରିପାଟୀରେ । ଓଡ଼ିଶାରେ ଏବଂ ବଙ୍ଗଦେଶରେ ଲକ୍ଷ୍ମୀପୂଜା କୃଷିଭିତ୍ତିକ ପର୍ବ । ଉତ୍ତରଭାରତର ବଣିକ ସମାଜରେ ତାହା ବ୍ୟବସାୟ ବାଣିଜ୍ୟରେ କେତେକ ବିଭବ ସମ୍ବନ୍ଧିତ । ଯଥା- ଅନିର୍ଦ୍ଦିଷ୍ଟ ଆୟ ଏବଂ ଭବିଷ୍ୟତ ନେଇ ବାଣିଜ୍ୟ । ତେଣୁ ଏହି ବଣିକ ସମାଜ କାର୍ତ୍ତିକ ମାସରେ ଜୁଆଖେଳି ତା'ର ହାରଜିତ ଉପରେ ନିଜର ଭାଗ୍ୟଫଳ ପରୀକ୍ଷା କରିବାର ସାମାଜିକ ଚଳଣି ଦେଖିବାକୁ ମିଳେ, ଯାହାକି ଓଡ଼ିଶାରେ ନାହିଁ । ଯେତେବେଳେ ଦୀପାବଳୀ ଅମାବାସ୍ୟାର ଅନ୍ଧକାରକୁ ନ୍ୟୂନ କରି ଦୀପମହୋତ୍ସବ ପାଳିତ ହୁଏ ସେତେବେଳେ ପୂର୍ବପୁରୁଷମାନଙ୍କ ପ୍ରତିନିଧି ମହାଳୟା-ଶ୍ରାଦ୍ଧ ଅର୍ପଣ କରି ଥାଆନ୍ତି ।

ଶ୍ରାଦ୍ଧରେ ପ୍ରଦୀପ, ଅମାବାସ୍ୟା ତିଥିରେ ତୁଳା ସଂଗେ ସହସ୍ରା ଶ୍ରୋଂଷ ଦୋଷେ ଦର୍ଶୟୋଃ ଉଲ୍‌କାହସ୍ତା ନରାକୁର୍ଯ୍ୟୁଃ ପିତୃଣାଂ ମାର୍ଗଦର୍ଶନର ମନ୍ତ୍ର ଉଚ୍ଚାରିତ କରାଯାଏ । ଯେଉଁ ପୁରୁଷମାନେ ଅଗ୍ନିଦଗ୍ଧ ନ ହୋଇ ଅସ୍ତ୍ରଶସ୍ତ୍ର ଇତ୍ୟାଦି ଆଘାତପ୍ରାପ୍ତ ହୋଇ ମୃତ ହୋଇଥିବେ ସେମାନେ ମଧ୍ୟ ଏହି ଦୀପବହ୍ନିଦ୍ୱାରା ଦାହ ହେବେ ବୋଲି କଳ୍ପନା କରାଯାଇଥାଏ ଏବଂ ତଦ୍ୱାରା ହିନ୍ଦୁ ଧର୍ମ ଆଚରିତ ବ୍ୟକ୍ତି ପରମଗତି ଲାଭ କରିବା ପାଇଁ ସେମାନେ ସମର୍ଥ ହେବେ ବୋଲି ଶାସ୍ତ୍ରରେ ଅଛି ।

ବ୍ରହ୍ମପୁରଠାରେ ଥିବା ଜଗନ୍ନାଥ ମନ୍ଦିରରେ ଦୀପାବଳୀ ଉତ୍ସବ ପାଳିତ ହେଉଥିବା ଉଲ୍ଲେଖଯୋଗ୍ୟ । କାର୍ତ୍ତିକ ବ୍ରତ ଆରମ୍ଭ ବୈଷ୍ଣବ ମତରେ ପାପଙ୍କୁଶା ଏକାଦଶୀ ଦିନ ହୋଇଥାଏ । ମାତ୍ର ଓଡ଼ିଶାରେ କୁମାର ଉତ୍ସବ ଅର୍ଥାତ୍ ପୂର୍ଣ୍ଣିମାର ପରଦିନ ଏଇ ବ୍ରତ ଆରମ୍ଭ ହେବାର ଦେଖାଯାଏ । ପ୍ରତିପଦା ତିଥିରେ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ ସମସ୍ତଙ୍କ ପ୍ରାତଃ ସ୍ନାନ ସହ ବର୍ହିଦମ ଓ ହବିଷ୍ୟ ଭୋଜନ ପ୍ରଭୃତି ଉପଚାର ବ୍ୟବସ୍ଥା ପାଳନ କରାଯାଏ । ସନ୍ଧ୍ୟାରେ ଆକାଶରେ ଦୀପଦାନ ଏବଂ ନିଶା ଜାଗରଣ କରିବାର ବିଧି ଥିଲେ ମଧ୍ୟ ତା' ଆଜିକାଲି ପାଳିତ ହେବାର ଦେଖାଯାଏ ନାହିଁ ।

ଅନ୍ୟାନ୍ୟ ବିଧିସମ୍ମତ ନିରୂପିତ ସ୍ଥାନ ସହ 'ଜଳେ' ଅର୍ଥାତ୍ ନଦୀ ବା ଜଳାଶୟମାନଙ୍କରେ ଦୀପଦାନ ବ୍ୟବସ୍ଥା ବହୁ ପୁରାକାଳରୁ ପ୍ରଚଳିତ । ସାଧାରଣ ବୁଦ୍ଧିସଂପନ୍ନ ଯୁକ୍ତିରେ ଜଳରେ ଦୀପଦାନ ପାଇଁ କଦଳୀପଟୁଆ ବା ଅନ୍ୟ କୌଣସି ଭାସମାନ ବ୍ୟବସ୍ଥା କରି ତହିଁରେ ଅର୍ଘ୍ୟମୁକ୍ତ ପଦାର୍ଥ ସ୍ଥାପନ କରି ଦୀପଦେବା ବ୍ୟବସ୍ଥା ହୋଇଥାଏ । ଏହି ଦୀପଦାନ ବ୍ୟବସ୍ଥା ସହ ବାଣିଜ୍ୟରେ କୌଣସି ସଂପର୍କ ଥିବା ଭଳି ମନେହୁଏ ନାହିଁ । ପୂର୍ବରୁ କୁହାଯାଇଛି ଯେ ଦୀପଦାନ ଉତ୍ସବ ବା କାର୍ତ୍ତିକ ବ୍ରତ ଅନ୍ତତଃ ଓଡ଼ିଶାରେ କୃଷିଭିତ୍ତିକ ଏବଂ ଉତ୍ତରଭାରତ ଭଳି ବାଣିଜ୍ୟଧର୍ମୀ ନୁହେଁ । ସେହି ପରିପ୍ରେକ୍ଷୀରେ ବିଚାର କଲେ କାର୍ତ୍ତିକ ପୂର୍ଣ୍ଣିମା ଉର୍ଜ୍ଜବ୍ରତ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ଦୀପଦାନକୁ ଓଡ଼ିଶାର ଗୌରବମୟ ସମୁଦ୍ର ପାରି ହୋଇ ଓ ବାଣିଜ୍ୟ ସହ ଯୋଡ଼ିବାର ଐତିହାସିକ କାରଣ ମଧ୍ୟ ନାହିଁ ।

ଓଡ଼ିଶାର ଅତୀତ କେବଳ ସର୍ବଭାରତୀୟ ସ୍ତରରେ କାହିଁକି ସମଗ୍ର ପୃଥିବୀ ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ମାତ୍ର ଯେତେବେଳେ ଓଡ଼ିଆ ସାଧବପୁଅ ପାଲ ଉଡ଼ାଇ ସାତ ସମୁଦ୍ର ତେର ନଈ ପାରି ହୋଇ ସୁମାତ୍ରା, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଯାଇ

ବାଣିଜ୍ୟିକ ସଂପର୍କ ସହ ସଂସ୍କୃତି ନିବିଡ଼ ବନ୍ଧନ ସ୍ଥାପନ କରିଥିଲା, ତାରି ସନ୍ତକ ଭାବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଦୀପଦାନକୁ ଯୋଡ଼ା ଯାଇଛି । ଦୁଃଖର କଥା ସେହି ଓଡ଼ିଆ ଜାତି ବାଣିଜ୍ୟ ଭୁଲିଛି । ଯେଉଁ ଓଡ଼ିଆ କୋଣାର୍କ ଭଳି ସ୍ଥାପତ୍ୟ କଳାର ସ୍ରଷ୍ଟା ସେ ଆଜି ସିମେଣ୍ଟରେ ଅଧିକରୁ ଅଧିକ ବାଲି, ଚାଉଳରେ ଗୋଡ଼ି, କଥାରେ ମିଥ୍ୟା ମିଶାଇ ରଖିଛି । ସେ ପୂଜ୍ୟପୂଜା ମଧ୍ୟ ଭୁଲିଛି । ତେଣୁ ସେହି ବାଣିଜ୍ୟ ଯୁଗର ପରମ୍ପରା ସାଙ୍ଗକୁ ସେହି ଗୌରବମୟ ଅଧ୍ୟାୟକୁ ମଧ୍ୟ ନଈବାଲିରେ ପୋତି ଦେଇଛି ।

ଦୀପଦାନ ଉତ୍ସବ 'ଜଳାନ୍ତ'ରେ ଅର୍ଥାତ୍ ଜଳାଶୟର ନିକଟରେ ହେବା ସ୍ୱାଭାବିକ । ଏହି ବ୍ରତ ସହ ରାଧା ଦାମୋଦର ପୂଜା ବୈଷ୍ଣବମାନଙ୍କଦ୍ୱାରା ପ୍ରଚଳିତ ହୋଇଥିବା ଅନୁମେୟ । କଟକ ପୂର୍ବେ ଶକ୍ତିପୀଠ ଥିବାର ପ୍ରମାଣ ଥିଲେ ମଧ୍ୟ ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ବୈଷ୍ଣବ ପ୍ରବାହ ଆସିଥିବାର ଜଣାଯାଏ । ଚୈତନ୍ୟ ଦେବ ଗଡ଼ଗଡ଼ିଆଠାରେ ଗଡ଼ି ମହାନଦୀ ପାରି ହୋଇଥିବାରୁ ସେହି ସ୍ଥାନ ବୈଷ୍ଣବମାନଙ୍କର ଏକ ତୀର୍ଥଭୂମି । ଏହିଠାରେ ଦୀପଦାନ ଉତ୍ସବ ସାଙ୍ଗକୁ ଯେଉଁ ମେଳା ବସେ ତାହାକୁ ବାଲିଯାତ୍ରା କୁହାଯାଏ । ବୈଷ୍ଣବମାନଙ୍କ ଏହି କାର୍ତ୍ତିକ ବ୍ରତ ଏକାନ୍ତ ପ୍ରିୟ ବୋଲି ଦଳକୁ ଦଳ ବିଭିନ୍ନ ସାହିବସ୍ତିରେ କାର୍ତ୍ତିକ କୀର୍ତ୍ତନ ଦଳମାନ ପ୍ରତ୍ୟହ ପ୍ରାତଃ କାଳରେ ଯାଉଥିବାର ଚାକ୍ଷୁସ ପ୍ରମାଣ । ଏହା ନଦୀ ବାଲିରେ ଦେଉଥିବାରୁ ବାଲିଯାତ୍ରା ନାମରେ ପ୍ରସିଦ୍ଧ । ବାଲିଦ୍ୱୀପକୁ ନୌଯାତ୍ରା ବଣିକମାନଙ୍କଦ୍ୱାରା ଏଇ ଦିନ ହେଉଥିବାର ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ । ତେବେ କ'ଣ ଜାଭାଦ୍ୱୀପ ଯାତ୍ରା ପାଇଁ ଜାଭାଯାତ୍ରା ବା ସୁମାତ୍ରା ଯିବା ପାଇଁ ସୁମାତ୍ରା ଯାତ୍ରା ଏହିପରି ବିଭିନ୍ନ ଯାତ୍ରା ଅନୁଷ୍ଠିତ ହେଉଥିଲା ? ଏତଦ୍ ବ୍ୟତୀତ ଓଡ଼ିଶାର ବଣିକମାନେ ଯେଉଁ ଦୂରଦେଶମାନଙ୍କରେ ବାଣିଜ୍ୟ କରୁଥିଲେ ସେମାନଙ୍କ ମଧ୍ୟରୁ ଜାଭା ସହ ସଂପର୍କ କୌଣସି ଗୁଣରେ ପ୍ରାଧାନ୍ୟ ବିସ୍ତାର କରିଥିବା ମଧ୍ୟ ଜଣାନାହିଁ ।

ଆ, କା, ମା, ଭୈ - କେବଳ କା'କୁ ଉକ୍ତି କରି କାର୍ତ୍ତିକ ମାସରେ ଯାତ୍ରାପାଳିତ ହେବ ବା କାହିଁକି ?

ଦୁଃଖର ବିଷୟ ଭାରତବାସୀ ନିଜର ଇତିହାସ ପାଇଁ ଅନ୍ୟ କୌଣସି ବିଦେଶୀ ସଭ୍ୟତା ଉପରେ ନିର୍ଭରଶୀଳ । ନିଜର ଇତିହାସକୁ ଭୁଲିବା ପରେ ଇତିହାସକୁ ବିକୃତ କରି କପୋଳକଳ୍ପିତ ଭାବେ ପ୍ରଚାର ଓ ପ୍ରସାର କରିବା ଆହୁରି ଲଜ୍ଜାଜନକ ।

ଏହି କାର୍ତ୍ତିକ ମାସରେ ପୂର୍ଣ୍ଣିମା ଦିନ ଜଳରେ ଦୀପଦାନ ଉତ୍ସବକୁ ବୋଇତ ବନ୍ଦାଣ ବୋଲି ପାଳିଲେ ଅବଶ୍ୟ ଦୋଷ ନାହିଁ, କିନ୍ତୁ ଐତିହାସିକ ଦୃଷ୍ଟିରୁ କୌଣସି ତଥ୍ୟ ନାହିଁ ।

ବୈଷ୍ଣବ ଧର୍ମରେ ଏହି କାର୍ତ୍ତିକ ମାସକୁ ବିଭିନ୍ନ ଭାବରେ ପାଳନ କରାଯାଇଥାଏ । ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ବ୍ରତ କାଳରେ ସାଧୁମାନଙ୍କର ମହୋତ୍ସବ ପାଳିତ ହୁଏ ଏବଂ ଅଚ୍ୟୁତାନନ୍ଦ ଦାସଙ୍କର ନିତ୍ୟ ରାହାସ ଜନ୍ମୋତ୍ସବ ବ୍ରତାରମ୍ଭରେ ଅନୁଷ୍ଠିତ ହୁଏ । କାର୍ତ୍ତିକ ପୂର୍ଣ୍ଣମୀକୁ ରାସପୂର୍ଣ୍ଣମୀ ବୋଲି ବୈଷ୍ଣବମାନେ ପାଳନ କରନ୍ତି । କଟକ ଦେଖାଦେଖି ପାରାଦ୍ୱୀପ ବନ୍ଦର ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିରରେ ଏବଂ ଭଦ୍ରକ ସହରାଞ୍ଚଳ ବାଉଦପୁର ଗ୍ରାମର ସାଳନ୍ଦୀ ନଦୀକୂଳରେ ମଧ୍ୟ ମହାଡ଼ମ୍ବର ସହକାରେ ବାଲିଯାତ୍ରା ପାଳିତ ହେଉଅଛି । ଶ୍ରୀମନ୍ଦିରରେ ରାସୋତ୍ସବ ସାଙ୍ଗକୁ ବିଭିନ୍ନ କାରଣରୁ ଶାକ୍ତପୀଠ ପାଇଁ ସେ ଗ୍ରାମରେ ଛିନ୍ନମସ୍ତା ବରୁଣାଇଙ୍କର ରାସଯାତ୍ରା ମଧ୍ୟ ହୋଇଥାଏ ।

ସଭାପତି , 'ନୀଳଶୈଳ'
ଝାଞ୍ଜିରିମଙ୍ଗଳା, କଟକ-୯

# ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ବିଡ୍ ଡକ୍ୟୁମେଣ୍ଟ ପାଇଁ ପରିବର୍ତ୍ତିତ ଅନୁସୂଚୀ

ଓଡ଼ିଶା ସରକାରଙ୍କ ଶ୍ରମ କମିଶନଙ୍କଦ୍ୱାରା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ବିଡ୍ ଡକ୍ୟୁମେଣ୍ଟ ପାଇଁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିର ପରିବର୍ତ୍ତିତ ସୂଚୀ ଅନୁଯାୟୀ ନଭେମ୍ବର ଏକ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଡ୍ ଡକ୍ୟୁମେଣ୍ଟ ମିଳିପାରିବ । ଏହି ଡକ୍ୟୁମେଣ୍ଟ ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୨୬ ତାରିଖ ମଧ୍ୟାହ୍ନ ୧୨ ଘଟିକା ରହିଥିବା ବେଳେ ସେହିଦିନ ଅପରାହ୍ନ ୩ ଘଟିକା ସମୟରେ ଟେକ୍ନିକାଲ ବିଡ୍ ଖୋଲାଯିବ ।

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ବିଡ୍ ଡକ୍ୟୁମେଣ୍ଟ ସଂପୂର୍ଣ୍ଣ ଭାବେ ପୂରଣ କରାଯାଇ ନଭେମ୍ବର ୨୬, ୨୦୦୮ ତାରିଖ ମଧ୍ୟାହ୍ନ ୧୨ଟା ମଧ୍ୟରେ ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟର ଯୁଗ୍ମ ଶ୍ରମ କମିଶନର ଶ୍ରୀ ରମେଶ ଚନ୍ଦ୍ର ପାଢ଼ୀ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱରଙ୍କ ନିକଟରେ ଦାଖଲ କରିବାକୁ ଶ୍ରମ କମିଶନର ଶ୍ରୀ ଅଶ୍ୱିନୀ କୁମାର ଦାସ ଜଣାଇଛନ୍ତି ।

ଏ ସଂପର୍କରେ ସମସ୍ତ ପତ୍ରାଳାପ ଏବଂ ସଂପର୍କ ଶ୍ରୀ ରମେଶ ଚନ୍ଦ୍ର ପାଢ଼ୀ, ଯୁଗ୍ମ ଶ୍ରମ କମିଶନର, ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ, ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱରଙ୍କ ସହ କରାଯାଇପାରେ ।

# ବୋଇତ ବନ୍ଦାଣ - ଏକ ଉତ୍କଳୀୟ ପରମ୍ପରା


ଡକ୍ଟର ମାନସ ରଞ୍ଜନ ସେନାପତି

**ଆ**ମ ରାଜ୍ୟର ବୋଇତ ବନ୍ଦାଣ ଓ ସମୁଦ୍ର ବାଣିଜ୍ୟ ତଥା ସାଧବପୁଅମାନଙ୍କର ସାତ ସେପାରି ସମୁଦ୍ର ଯାତ୍ରା ଆମକୁ ସଦାସର୍ବଦା ପ୍ରଭାବିତ କରିଥାଏ ।

‘ଠାକୁର ଭରସାରେ ବୋଇତ ଚାଲେ ଏକା
ସାତ ସମୁଦ୍ର ଆରପାରେ ହୋ କରିବ କିଣାବିକା ।’

ବାଲି, ଜାଭା, ବୋର୍ଣ୍ଣିଓ, ସିଂହଳ ଆଦି ଅନେକ ସମୁଦ୍ର ସେପାରି ସ୍ଥାନକୁ ଯାଉଥିବା ଏହି ସାଧବପୁଅମାନଙ୍କର କଥା ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନୌବାଣିଜ୍ୟ ତଥା ସମୁଦ୍ରଯାତ୍ରା ସହିତ ମା’ ମଙ୍ଗଳାଙ୍କ ଉପାସନା ବହୁ ଭାବରେ ଜଡ଼ିତ । ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଚଳିତ ଥିବା ଖୁଦୁରୁକୁଣୀ ଓଷାରେ ମଙ୍ଗଳା ପୂଜା ପାଇଥାନ୍ତି । ଏହା ଭାଦ୍ରବ ମାସର ପ୍ରତି ରବିବାର ଦିନ କୁମାରୀ କନ୍ୟାମାନଙ୍କଦ୍ୱାରା ବୋଇତ ଯାତ୍ରାର ଶୁଭ ମନାସ ଓ ଭାଇମାନଙ୍କର ମଙ୍ଗଳ କାମନା ଉପଲକ୍ଷେ ପାଳିତ ହୋଇଥାଏ । ଖୁଦୁରୁକୁଣୀ ବ୍ରତ କଥାରେ ତଅପୋଇର ମଙ୍ଗଳା ଆରାଧନା କଥା ଉଲ୍ଲେଖ କରାଯାଇଛି । ଓଡ଼ିଶାର କାକଟପୁରଠାରେ ଅବସ୍ଥିତ ପ୍ରସିଦ୍ଧ ମଙ୍ଗଳା ଠାକୁରାଣୀଙ୍କ ମନ୍ଦିର ସମୁଦ୍ର ବାଣିଜ୍ୟ ସହିତ ସଂପୃକ୍ତ ବୋଲି ଅନୁମାନ କରାଯାଏ । ବହୁ ପ୍ରାଚୀନ କାଳରୁ ଆମ ଦେଶରେ ବାଣିଜ୍ୟ ଅନୁକୂଳ କଲାବେଳେ ମଙ୍ଗଳାଙ୍କ ପୂଜା ହେଉଥିବାର ପ୍ରମାଣ ରହିଛି । ଯେହେତୁ ‘ମଙ୍ଗ’ ନୌକାର ଏକ ପବିତ୍ର ସ୍ଥାନ ତେଣୁ ମନେହୁଏ ଏହି ‘ମଙ୍ଗ’ରେ ହିଁ ମଙ୍ଗଳା ବିରାଜମାନ ହେଉଥିଲେ । ସେହିପରି ନୌକାର ଏକ କ୍ଷୁଦ୍ର କୋଣରେ ସେ ସ୍ଥାପିତ ହେଉଥିଲେ ବୋଲି ତାଙ୍କ ନାମ ‘କ୍ଷୁଦ୍ରକୋଣୀ’ ଠାକୁରାଣୀ ବୋଲି ବିଦିତ ହୋଇଥିଲେ । କାଳକ୍ରମେ ଏହା ଅପଭ୍ରଷ୍ଟ ହୋଇ ଖୁଦୁରୁକୁଣୀ ବା ଖୁଦରକୁଣୀ ବୋଲି ପ୍ରଚଳିତ ହୋଇଛି । ଏହି ଠାକୁରାଣୀଙ୍କର ଅପର ନାମ ଭାଲୁକୁଣୀ । ଏହି ନାମର ମୂଳ ‘ବାଲୁକୁଣୀ’ ହୋଇପାରିଥାଏ । ସମୁଦ୍ର କିମ୍ବା ନଈ ବାଲି ମୂର୍ତ୍ତି ଗଠନର ପ୍ରୟାସ ହେତୁ ବାଲୁକୁଣୀ କୁହାଯାଇପାରେ । ତେଣୁ ବୋଇତ ବନ୍ଦାଣ ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କର ପୂଜା ବୋଲି ବୁଝାଇଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ପର୍ବପାଳନ ଓ ବୋଇତ ବନ୍ଦାଣ ଉତ୍ସବ ନୌଯାତ୍ରାର ସମୟ ନିର୍ଘଣ୍ଟକୁ ସୂଚିତ କରିଥାଏ । ଖୁଦୁରୁକୁଣୀ ଓଷା ଭାଦ୍ରବ ମାସରେ ଅନୁଷ୍ଠିତ ହୁଏ ଏବଂ ଏହା ସାଧବପୁଅମାନଙ୍କର ଫେରିବା ସମୟକୁ ଇଙ୍ଗିତ କରିଥାଏ ।



ସାଧବପୁଅମାନଙ୍କର ସମୁଦ୍ର ବାଣିଜ୍ୟ ସେତେବେଳେ ଉଭୟ ଅର୍ଥନୈତିକ ପ୍ରତିପତ୍ତି ଓ ରାଜନୈତିକ କ୍ଷମତା ସେମାନଙ୍କ ପାଇଁ ଆଣି ଦେଇଥିଲା । ବିଭିନ୍ନ ବନଜାତ, କୃଷିଜାତ ପଦାର୍ଥ, ସୁଗନ୍ଧି ମସଲା ଓ ରତ୍ନପଥର ସାମଗ୍ରୀର ରପ୍ତାନୀ କରି ଓଡ଼ିଶାର ସାଧବମାନେ ବିଦେଶରୁ ବହୁ ଧନରତ୍ନ ଏ ଦେଶକୁ ବୋହି ଆଣିଥିଲେ । ରତ୍ନପଥର ଓ ମଣିମାଣିକ୍ୟ ରପ୍ତାନୀରେ ଅତୀତରେ ଓଡ଼ିଶା ସୁନାମ ଅର୍ଜନ କରିଥିଲା ବୋଲି ପ୍ରମାଣ ଏବେ ମିଳୁଛି । ପୁରୀ ଜିଲ୍ଲାର ମାଣିକ୍ୟପାଟଣା ସମ୍ଭବତଃ ମାଣିକ୍ୟ ପ୍ରସ୍ତର ରପ୍ତାନୀ ପାଇଁ ସ୍ଥାପିତ ଏକ ବନ୍ଦର ଥିଲା । ପ୍ରାଚୀନ କଳିଙ୍ଗ ଗଜ ଓ ଗଜଦନ୍ତ ପାଇଁ ପ୍ରସିଦ୍ଧ ଥିଲା । ଓଡ଼ିଶାର ମନ୍ଦିର ଗାତ୍ର ଭାସ୍କର୍ଯ୍ୟରୁ ଯାହା ଜଣାଯାଏ ଓଡ଼ିଶାରୁ ଗଜ ଓ ଗଜଦନ୍ତ ଆଦି ରପ୍ତାନୀ ହେଉଥିବାବେଳେ ଓଡ଼ିଶା ତଥା ଭାରତୀୟ ଉପମହାଦେଶରେ ନଥିବା ଜିରାଫ ଆଦି ଆମ ଦେଶକୁ ଅଣାଯାଉଥିଲା । ଖିଚିଙ୍ଗର କଳା ମୁଗୁନିପଥର ତିଆରି ସାମଗ୍ରୀ ପାଇବା ପାଇଁ ଓଡ଼ିଆ ସାଧବ ପୁଅର ବାଟକୁ ଲବଙ୍ଗ ଦ୍ୱୀପର ସୁକୁମାରୀ କନ୍ୟା ଚାହିଁ ରହିଥାଏ । ଓଡ଼ିଶାର ପାଟ, ଟସର, ରେଶମ ଲୁଗା, ଚାନ୍ଦି କାରୁକାର୍ଯ୍ୟ ସାମଗ୍ରୀ ସବୁ ବିଦେଶରେ ବ୍ୟାପକ ଭାବରେ ବିକ୍ରୟ କରାଯାଉଥିଲା । ସେତେବେଳର ସାଧବପୁଅ ଏଠାରୁ କ’ଣ ନେଇ ଯାଉଥିଲେ ତା’ର ତର୍ଜମା କରିବାକୁ ହେଲେ ଓଡ଼ିଶାରୁ ଉତ୍ପାଦିତ ସାମଗ୍ରୀ ଓ ଅର୍ଥନୀତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ସେସମୟର ଓଡ଼ିଶାର ଅର୍ଥନୀତି ଖୁବ୍ ସୁଦୃଢ଼ ଥିଲା ବୋଲି କୁହାଯାଇପାରେ । ସାଧବ ପରିବାରର ଅଲିଅଳି ଝିଅ ସୁନାଚାନ୍ଦରେ ଖେଳୁଥିଲା । ଏହା ହିଁ ଥିଲା ଆମ ପାରମ୍ପରିକ ବୋଇତ ବନ୍ଦାଣ ଓ ସମୁଦ୍ର ବାଣିଜ୍ୟର ଏକ ବାସ୍ତବିକ ରୂପରେଖ ଯାହାଦ୍ୱାରା ବିଶ୍ୱ ବଜାରରେ ଉତ୍କଳକୁ ଏକ ସ୍ୱତନ୍ତ୍ର ମାନ୍ୟତା ମିଳିପାରିଥିଲା ।

ଏନ୍.ଏମ୍. ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ
ଆଣ୍ଡ ଟେକ୍‌ନୋଲୋଜି, ଭୁବନେଶ୍ୱର-୧୯

# ଓଡ଼ିଶାର ଉନ୍ନୟନ ଓ ପରିକଳ୍ପନା

ଡକ୍ଟର କବିତା ବାରିକ

ଓଡ଼ିଶାକୁ ଭାରତବର୍ଷର ପଛୁଆ ରାଜ୍ୟ ଭାବରେ ସାଧାରଣତଃ ଅଭିହିତ କରାଯାଇଥାଏ । ଚଣ୍ଡୀଗଡ଼, ଭୁବନେଶ୍ୱର ଏକାସାଙ୍ଗରେ ଗଢ଼ି ଉଠିଥିଲେ ହେଁ ଆଜି ଚଣ୍ଡୀଗଡ଼ର ସ୍ଥାନ ଭାରତ ମାନଚିତ୍ରରେ କେଉଁଠି ତାହା ସହଜରେ ଅନୁମେୟ । ଆମର ଦାରିଦ୍ର୍ୟ, ଅଜ୍ଞାନତା, ଶିକ୍ଷାର ଅଭାବ ପ୍ରଭୃତି କାରଣ ଯୋଗୁଁ ଆମେ ସବୁଠାରୁ ପଛୁଆ ପ୍ରଦେଶ ହୋଇ ପଡ଼ିରହିଛୁ । ଯଦିଓ ଆମର ଖଣିଜ ସମ୍ପଦର ଅଭାବ ନାହିଁ । ପୁଣି ଜଗନ୍ନାଥ ସଂସ୍କୃତି, ଓଡ଼ିଶୀ ନୃତ୍ୟ, ଛଉ, ଘୁମୁରା ଆଉ ସମ୍ବଲପୁରୀ ନୃତ୍ୟ ବିଶ୍ୱ ବିଖ୍ୟାତ । କଳା, ଭାସ୍କର୍ଯ୍ୟ, ସଂଗୀତ କ୍ଷେତ୍ରରେ ଆମେ ପଛେଇ ଯାଇ ନାହୁଁ । କେବଳ ଦୁର୍ବଳ ହେଲା ଆମର ଅର୍ଥନୈତିକ ମାନଦଣ୍ଡ । ଉଦ୍ୟୋଗର ଅଭାବ, ଅଶିକ୍ଷା, କୁସଂସ୍କାର, ସାଂପ୍ରଦାୟିକତା, ଘୋର ଦାରିଦ୍ର୍ୟ ଏଥିପାଇଁ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଶା ପରେ ଯେଉଁ କେତୋଟି ରାଜ୍ୟ ସୃଷ୍ଟି ହୋଇଛି ସେମାନଙ୍କ ଅର୍ଥନୈତିକ ସ୍ଥିତି, ପ୍ରଗତି, କୃଷି, ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓଡ଼ିଶାଠାରୁ କେତେ ଆଗରେ ତାହା ବିଚାର କରିବା କଥା । ଓଡ଼ିଶାର ଐତହ୍ୟ, ଗୌରବ କିଛି କମ୍ ନୁହେଁ । ୧୯୨୦-୨୧ରେ ଅସହଯୋଗ ଆନ୍ଦୋଳନ, ୧୯୩୦-୩୨ରେ ଲବଣ ସତ୍ୟାଗ୍ରହ ଓ ଆଇନଅମାନ୍ୟ ଆନ୍ଦୋଳନ, ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ, ଚାଷୀ ଆନ୍ଦୋଳନ, ଛାତ୍ର ଆନ୍ଦୋଳନ ପ୍ରଭୃତି ଦିନେ ସ୍ୱାଧୀନତା ସଂଗ୍ରାମର ବିପୁଳ ଜନଜାଗରଣ ସୃଷ୍ଟି କରିଥିଲା । ସେତେବେଳେ ଓଡ଼ିଶାର ଭୂମିକା କିଛି କମ୍ ନଥିଲା । ଏହି କଳିଙ୍ଗ ମାଟି ଦିନେ ଦିଗ୍‌ବିଜୟୀ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ଏହାର ନିଜସ୍ୱ ସଂସ୍କୃତି, ପରମ୍ପରା ସୁଦୂରପ୍ରସାରୀ । ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କଗସ୍ତ ସମୟରେ ଘରେ ଘରେ ଅରଖ ବସି ଦେଶୀ ଲୁଗା ବୁଣା ଯାଉଥିଲା । କାର୍ତ୍ତିକ ମାସରେ ସାଧବ ପୁଅମାନେ ସୁଦୂର ଜାଭା ସୁମାତ୍ରାକୁ ବୋଇତ ମେଲି ଦେଇ ଧନରତ୍ନ ବୋହି ଆଣୁଥିଲେ । ଏହାର ତାରକସିକାମ, ମାଟିକାମ, ଶିଙ୍ଗକାମ ସମ୍ବଲପୁରୀ ବସ୍ତ୍ର କାମ ଏତେ ସୁନ୍ଦର, ସୂକ୍ଷ୍ମ ଥିଲା ଯେ ତାହା ବିଦେଶୀମାନଙ୍କୁ ଆକୃଷ୍ଟ କରୁଥିଲା । ଅଥଚ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପରେ ମଧ୍ୟ ଓଡ଼ିଶା ଏକ ପଛୁଆ, ଦରିଦ୍ର, ଅଶିକ୍ଷିତ ରାଜ୍ୟ ଭାବରେ ବାହାରେ ପରିଚିତ ହୋଇଚାଲିଛି । ଶିଳ୍ପର ବିକାଶ, ଉନ୍ନତ କୃଷି ପ୍ରଣାଳୀ, ବିଭିନ୍ନ ସ୍ୱାକ୍ଷର ଅଭିଯାନ, ସ୍ୱାସ୍ଥ୍ୟ, ପରିବାର ନିୟୋଜନ, ଇନ୍ଦିରା ଆବାସ, ବି.ପି.ଏଲ୍. କାର୍ଡ଼ଦ୍ୱାରା ସୁଲଭ ମୂଲ୍ୟରେ ଚାଉଳ, କିରୋସିନି ପ୍ରଭୃତି ଯୋଗାଇ ଦିଆଯାଉଛି ।

ଦିନେ ମହାତ୍ମା ଗାନ୍ଧୀ ଆହ୍ୱାନ ଦେଇଥିଲେ ଗାଁର ଉନ୍ନତିରେ ଦେଶର ଉନ୍ନତି । ଯେତେ ଦିନ ଯାଏଁ ସାଧାରଣ ଗ୍ରାମ୍ୟ ଜନତାର ଅର୍ଥନୈତିକ ମାନଦଣ୍ଡର ଉନ୍ନତି ହୋଇପାରିନାହିଁ, ସେତେଦିନ ଯାଏଁ ଭାରତବର୍ଷର ଉନ୍ନତି ସମ୍ଭବପର ନୁହେଁ । ଏ ପରିପ୍ରେକ୍ଷୀରେ ଓଡ଼ିଶାର ଉନ୍ନତି ପାଇଁ ବହୁ ଚିନ୍ତାଶୀଳ, ବୁଦ୍ଧିଜୀବୀ, ଅର୍ଥନୀତିଜ୍ଞମାନେ ବିଭିନ୍ନ ସମୟରେ ନିଜର ଯୋଜନା ଉପସ୍ଥାପିତ କରିଛନ୍ତି । ଓଡ଼ିଶାର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପ୍ରଗତି ହୋଇଛି ।

ଓଡ଼ିଶା ଏକ କୃଷି ବହୁଳ ରାଜ୍ୟ । ମୁଖ୍ୟତଃ ଧାନଚାଷ ଉପରେ ଏଠିକା କୃଷକର ଅର୍ଥନୈତିକ ଉନ୍ନତି ନିର୍ଭର କରେ । ଧାନଚାଷ ସହିତ ପ୍ରତିବର୍ଷ, ମରୁଡ଼ି ଓ ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଛି । କେବଳ ଉନ୍ନତ ବିହନ ସୁଲଭ ମୂଲ୍ୟରେ ଯୋଗାଇ ଦେଲେ ଚଳିବ ନାହିଁ । ଉନ୍ନତ ବୈଜ୍ଞାନିକ କୌଶଳରେ ଧାନଚାଷ କରିବାର ପ୍ରଶିକ୍ଷଣ ଶିକ୍ଷା ମଧ୍ୟ ଏଠିକା ଚାଷୀକୁ ଦେବା ଦରକାର । ଏହି ଶିକ୍ଷା ଦେବା ଆଗରୁ ଆମର ସଂପୂର୍ଣ୍ଣ ସ୍ୱାକ୍ଷର ଅଭିଯାନକୁ ସଫଳ କରିବା ଆବଶ୍ୟକ । ସ୍ୱାକ୍ଷର କହିଲେ କେବଳ ଢେଗା ଢେଗା ଅକ୍ଷରରେ ନାଁ ଦସ୍ତଖତ କରି ଛାଡ଼ି ଦେଲେ ଚଳିବ ନାହିଁ । ଏଥିପାଇଁ ଲେଖାପଢ଼ା କରିପାରୁଥିବା ସହିତ ହିସାବପତ୍ର, ଓଜନପତ୍ର ସବୁ ଯାଞ୍ଚ କରିବା ଦରକାର । ତା'ହେଲେ ଚାଷୀ ଠକାମୀରେ ପଡ଼ିବ ନାହିଁ । ତା'ପରେ ଯାଇ ବୈଜ୍ଞାନିକ ପ୍ରଣାଳୀରେ ଧାନଚାଷ ସଂପର୍କରେ ଶିକ୍ଷା ପ୍ରଦାନ କରାଯିବ ।

ସବ୍‌ସିଡ଼ି ମାଧ୍ୟମରେ ପ୍ରକୃତ ଗରିବ କୃଷକମାନଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ କୃଷି ଉତ୍ପାଦନ ବୃଦ୍ଧି କରିବା ଏକ ସୁନ୍ଦର ପଦକ୍ଷେପ ଯାହାକି କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ସହାୟ ହେବ ଓ ସେମାନଙ୍କୁ ସ୍ୱାବଲମ୍ବନଶୀଳ କରାଇବ । ତେବେ ସରକାରଙ୍କର ଏହି ସୁଚିନ୍ତିତ ଯୋଜନାଗୁଡ଼ିକ ଯେମିତି ଜିଲ୍ଲାସ୍ତରର କୃଷି ଅଧିକାରୀମାନଙ୍କ କାର୍ଯ୍ୟପ୍ରତି ମଧ୍ୟ ରାଜ୍ୟ ସରକାର କଡ଼ା ନିଜର ରଖିବା ଦରକାର ।

ବିଶେଷ କରି କୃଷି ଯନ୍ତ୍ରପାତି କ୍ରୟ ଓ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଉପକୃତ ହେଉଛନ୍ତି ଆମର କୃଷକ । ଏହାଛଡ଼ା ପ୍ରତିଜିଲ୍ଲାରେ ଖୋଲା ଯାଇଥିବା କୃଷି ସହାୟକ କେନ୍ଦ୍ରଗୁଡ଼ିକୁ ଅଧିକ ସକ୍ରିୟ କରାଯାଉ । ଘରୋଇ ଉଠାଜଳସେଚନ ପଏଣ୍ଟ ଯୋଜନା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ଓ ବିଜୁଳି ସୁବିଧା ବା ସଂଯୋଗ ନଥିବା ଜାଗାରେ ବିଜୁଳି ସଂଯୋଗ ମାଗଣାରେ କରାଯାଉ । ଡିଜେଲପମ୍ପ ବ୍ୟବହାର କରୁଥିବା ଚାଷୀମାନଙ୍କ ପାଇଁ ଋଣର ବ୍ୟବସ୍ଥା କରାଯାଉ । ନୂଆ ବାହାରିଥିବା ହାଇବ୍ରିଡ଼ କିସମ ଧାନ ଉପରେ ଅଧିକ ଗବେଷଣା, ପରୀକ୍ଷା କରାଯାଉ । ଯେମିତି ଏହାର ଅମଳ ପରିମାଣ ବଢ଼ିବ, ବର୍ଷରେ ତିନିଥର ପର୍ଯ୍ୟନ୍ତ ଚାଷ କରିହେବ, ରୋଗ ପୋକ ଆକ୍ରମଣରୁ ରକ୍ଷା ପାଇବ, ଅଗାଡ଼ି ପରିମାଣ କମ୍ ରହିବ, ଅଧିକ ଚାଉଳ ଧାନରୁ ଉତ୍ପାଦିତ ହେବ, ଭାତ ସୁସ୍ୱାଦୁ ହେବ ପ୍ରଭୃତି ଉପରେ ଗବେଷଣା କରାଯାଉ । ପୁନଶ୍ଚ ଆଞ୍ଚଳିକ ଆବଶ୍ୟକତା ଦୃଷ୍ଟିରେ ରଖି ଟ୍ରାକ୍ଟର, ପାୱାର ଟିଲରରେ ବ୍ୟବହୃତ କୃଷି ଯନ୍ତ୍ରପାତି ଉପରେ ଅଧିକ ରିହାତି ଦିଆଯାଉ । ଏସବୁ ସତ୍ତ୍ୱେ କୃଷି କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଭାବରେ କୃଷି କ୍ଷେତ୍ରକୁ ପ୍ରେରଣ କରି କୃଷକକୁ କ୍ଷେତ ତାଲିମ ଦିଆଯାଉ ।

> ନୂଆ ବାହାରିଥିବା ହାଇବ୍ରିଡ଼ କିସମ ଧାନ ଉପରେ ଅଧିକ ଗବେଷଣା, ପରୀକ୍ଷା କରାଯାଉ । ଯେମିତି ଏହାର ଅମଳ ପରିମାଣ ବଢ଼ିବ, ବର୍ଷରେ ତିନିଥର ପର୍ଯ୍ୟନ୍ତ ଚାଷ କରିହେବ, ରୋଗ ପୋକ ଆକ୍ରମଣରୁ ରକ୍ଷା ପାଇବ, ଅଗାଡ଼ି ପରିମାଣ କମ୍ ରହିବ, ଅଧିକ ଚାଉଳ ଧାନରୁ ଉତ୍ପାଦିତ ହେବ, ଭାତ ସୁସ୍ୱାଦୁ ହେବ ପ୍ରଭୃତି ଉପରେ ଗବେଷଣା କରାଯାଉ ।

ପୁଣି ରହିଲା ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା । ଅର୍ଥାତ୍ ବନ୍ୟା ବାତ୍ୟାରୁ ରକ୍ଷା ପାଇଁ ଉପାୟ । ଓଡ଼ିଶାକୁ ବଙ୍ଗୋପସାଗର ଘେରି ରହିଛି । ପ୍ରତିବର୍ଷ ମୌସୁମୀ ବାୟୁ ସକ୍ରିୟ ହେଲାପରେ ବାରମ୍ବାର ଲଘୁଚାପ ସୃଷ୍ଟି ହୋଇ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ହେଉଛି ଏବଂ ନାହିଁ ନଥିବା କ୍ଷତି ହେଉଛି । ପ୍ରାୟ ପ୍ରତ୍ୟେକ ବର୍ଷ ଧୋଇ, ମରୁଡ଼ିତ କେବେ ବାତ୍ୟା, ବନ୍ୟାରେ ଓଡ଼ିଶା ଉବୁଡୁବୁ ହେଉଛି । ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଉଛି । ଧନ, ଜୀବନ, ଶସ୍ୟ, ଗୃହପାଳିତ ପଶୁପକ୍ଷୀ, ବିହନ, ଖାଦ୍ୟ, ଆସବାବପତ୍ର ସବୁକିଛି ନଷ୍ଟ ହୋଇଯାଉଛି । ବନ୍ୟା ପ୍ରକୋପରୁ ଚାଷଜମି, ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବା ସହ ମରୁଡ଼ି ନହେବା ପାଇଁ ଜଳସେଚନର ସୁବିଧା ଓଡ଼ିଶାର ପ୍ରତି ଜିଲ୍ଲାରେ, ଗ୍ରାମରେ ଯୋଗାଇ ଦିଆଯାଉଛି ।

ଗତ ୧୯୯୯ ମସିହା ଅକ୍ଟୋବର ୨୯ର ମହାପ୍ରଳୟ କେମିତି ଓଡ଼ିଶାକୁ ଛିନ୍‌ଭିନ୍ କରିଦେଲା ଓ ହଜାର ହଜାର ସଂଖ୍ୟାରେ ଧନଜୀବନ ନଷ୍ଟ କରି ଦେଲା । ସେ ଦୁଃଖଦ ଘଟଣା କାହାକୁ ବା ଅଜଣା ? ପୁଣି ୨୦୦୬, ୨୦୦୭, ୨୦୦୮ ଲଗାତାର ତିନିବର୍ଷ ଧରି ଲାଗି ରହିଛି ପ୍ରଳୟଙ୍କରୀ ବନ୍ୟା ଯାହା ସବୁପ୍ରକାରର ଚାଷୀଙ୍କ ଆର୍ଥିକ ମାନଦଣ୍ଡ, ମନବଳକୁ ଭାଙ୍ଗି ଦେଇଛି । ତା'ଛଡ଼ା ଉଚିତ ମୂଲ୍ୟରେ ସରକାର ଚାଷୀଙ୍କଠାରୁ ଠିକ୍ ସମୟରେ ଧାନ ଚାଉଳ ସଂଗ୍ରହ କରିବା ମଧ୍ୟ ଆବଶ୍ୟକ । କେବଳ ଧାନଚାଷ ନୁହେଁ, ମାଛଚାଷ ମଧ୍ୟ ଏକ ଲାଭଜନକ ବ୍ୟବସାୟ । ବିଶେଷକରି ଓଡ଼ିଶା ବା ଚିଲିକାର ଚିଙ୍ଗୁଡ଼ିର ଚାହିଦା ବିଦେଶରେ ବହୁତ । ଆଜିକାଲି ଗାଁ ଗାଁରେ, କ୍ଲବମାନଙ୍କ ଉଦ୍ୟମରେ ମାଛଚାଷ ହେଉଛି । ଏଥିପାଇଁ ବି ସରକାରୀ ଋଣ, ଭଲ ମାଛ ଯାଆଁଳ ସରକାର ଯୋଗାଇ ଦେଉଛନ୍ତି । ପୁଣି ମାଛ ସବୁ ବିକ୍ରି ପାଇଁ ଓ ଉଚିତ ଦାମ୍ ଯେମିତି ଚାଷୀମାନଙ୍କୁ ମିଳିପାରିବ ତା'ର ମଧ୍ୟ ସୁପରିକଳ୍ପନା ହେଉଛି ।

ଓଡ଼ିଶାର ଦାରିଦ୍ର୍ୟ ଭଳି ଅଶିକ୍ଷିତଙ୍କ ସଂଖ୍ୟା ଏବେବି କିଛି କମ୍ ନୁହେଁ । ତେଣୁ ଶିକ୍ଷାର ଅଭିବୃଦ୍ଧି ହିଁ ଅଜ୍ଞାନ ଅନ୍ଧକାରକୁ ଦୂର କରିବ । ଶିକ୍ଷା କ୍ଷେତ୍ରରେ ଗୋଟିଏ ହେଲା ପ୍ରୌଢ଼ ଶିକ୍ଷା ଓ ସଂପୂର୍ଣ୍ଣ ସ୍ୱାକ୍ଷର ଅଭିଯାନ । ଅନ୍ୟଟି ହେଲା ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେବା ପ୍ରସଙ୍ଗରେ ଚିନ୍ତା କରିବା ଦରକାର କେମିତି ଶ୍ରେଣୀ ଗୃହକୁ ଅଧିକ ସଂଖ୍ୟାରେ ପିଲା ଆସିବେ । ଅଧାରୁ ପାଠ ଛାଡ଼ି ନଦେବେ । ଅନ୍ୟଟି ହେଲା ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଅର୍ଥାତ୍ ପ୍ରଶିକ୍ଷଣ, ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ।

ବଣ, ପାହାଡ଼ ଘେରରେ ଥିବା ଆଦିବାସୀ ପିଲା ଅଭାବ, ଦାରିଦ୍ର୍ୟ ଯୋଗୁଁ ସ୍କୁଲ ଯାଇ ପାରନ୍ତି ନାହିଁ । ଅତି ଛୋଟ ଅବସ୍ଥାରୁ ନିଜ ପେଟ ପାଇଁ ସେମାନଙ୍କୁ ଖାଦ୍ୟ ଯୋଗାଡ଼ କରିବାକୁ ପଡ଼େ । ପୁଣି ଚାଷ, ଦିନ ମଜୁରୀ, ବନଜାତ ଦ୍ରବ୍ୟ ସଂଗ୍ରହ, ପଶୁପାଳନର ପରିବେଶ ଭିତରେ ଜନ୍ମ ନେଇଥିବା ପିଲାପାଇଁ ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ ଅତ୍ୟନ୍ତ କଠିନ, ଦୁର୍ବୋଧ ହେଇ ଯାଇଥିବାରୁ ଅନେକ ଅଧାରୁ ପାଠ ଛାଡ଼ି ଦିଅନ୍ତି । ବିଶେଷ କରି ଗଣିତ, ବିଜ୍ଞାନ, ଇଂରାଜୀ, ସାମାଜିକ ପାଠ ଏ କ୍ଷେତ୍ରରେ ଦ୍ରଷ୍ଟବ୍ୟ । ପାଠର ଅତ୍ୟଧିକ ବୋଝ ପିଲାର ମାନସିକ ସ୍ତରରେ ପିଲାର ମାନସିକ ସ୍ତର ଉପରେ ଅତ୍ୟଧିକ ଚାପ ପକାଉଛି । **ଅତି ଛୋଟ ବେଳୁ ସ୍ୱଚ୍ଛଳ ପରିବାରର ପିଲା ଟ୍ୟୁସନ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ଚିନ୍ତନ, ମନନ ଓ ବିଶ୍ଳେଷଣ କରିବାର କ୍ଷମତା ରହୁନାହିଁ । ଅନ୍ୟପକ୍ଷରେ ଗରିବ, ଗ୍ରାମାଞ୍ଚଳର ପିଲାମାନେ ପାଠ ଚାପରେ ଓ ଦାରିଦ୍ର୍ୟ ଯୋଗୁଁ ଖାତା ବହି କିଣି ପାରନ୍ତି ନାହିଁ ।**

ଓଡ଼ିଶା ପ୍ରାକୃତିକ ଶୋଭା ସମ୍ପଦରେ ଭରପୂର ଏକ ରାଜ୍ୟ । ପାହାଡ଼, ଝରଣା, ଦେବାଦେବୀପୀଠ ଓ ବହୁ ପୁରାତନ ଭାସ୍କର୍ଯ୍ୟର ବିଶ୍ୱବିଖ୍ୟାତ ମନ୍ଦିର ପୃଥିବୀବାସୀଙ୍କୁ ଆକୃଷ୍ଟ କରିପାରିଛି । ଚନ୍ଦ୍ରଭାଗାର ସୂର୍ଯ୍ୟୋଦୟ, ପୁରୀର ବେଳାଭୂମି ମଧ୍ୟ ଅନ୍ୟତମ ଆକର୍ଷଣ । କୋରାପୁଟ, କଳାହାଣ୍ଡି, ମୟୂରଭଞ୍ଜରେ ବହୁ ଦର୍ଶନୀୟ, ଶୋଭାବନ୍ତ ପର୍ବତମାଳା ରହିଛି । ହେଲେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ

ଆଶାନୁରୂପ ହୋଇପାରିନାହିଁ । ଏହାକୁ ପର୍ଯ୍ୟଟକମାନଙ୍କର ତୀର୍ଥସ୍ଥଳରେ ପରିଣତ କରିବା ପାଇଁ ଯେଉଁସବୁ ବ୍ୟବସ୍ଥା ଅନ୍ୟ ରାଜ୍ୟମାନେ ଗ୍ରହଣ କରିଛନ୍ତି ସେସବୁ ଏଠି ହେବା ପାଇଁ ସରକାର ଯୋଜନା କରୁଛନ୍ତି ।

ପୁନଶ୍ଚ ପ୍ରାକୃତିକ ଖଣିଜ ସମ୍ପଦ ଦୃଷ୍ଟିରୁ ଏ ରାଜ୍ୟ ବେଶ୍ ସମୃଦ୍ଧ । ଖଣିଜ ସମ୍ପଦର ସୁବିନିଯୋଗ ସହ ଶିଳ୍ପ କାରଖାନା ବୃଦ୍ଧି ପାଇଲେ ଅନେକଟା ବେକାରୀ ଦୂର ହୋଇପାରନ୍ତା । ଶିଳ୍ପ ବୃଦ୍ଧି ସହ ପରିବେଶ ଯେମିତି ଦୂଷିତ ନହୁଏ ସେପ୍ରତି ମଧ ନଜର ରଖିବାକୁ ହେବ । ଯଦିଓ ହୋଟେଲ ଶିଳ୍ପର ବୃଦ୍ଧି ଏବେ ଓଡ଼ିଶାର ରାଜଧାନୀରେ ଦ୍ରୁତ ପ୍ରସାର ଘଟୁଛି ।

ଶିଳ୍ପ କାରଖାନା ପ୍ରତିଷ୍ଠା ସହିତ କୁଟୀର ଶିଳ୍ପର ବୃଦ୍ଧି ମଧ ଓଡ଼ିଶାର ଅର୍ଥନୈତିକମାନଙ୍କୁ ଉନ୍ନତ କରିପାରିବ । ଛୋଟ ଛୋଟ ଗ୍ରାମାଞ୍ଚଳର କାରିଗରମାନେ ଏହାଦ୍ୱାରା ବିଶେଷ ଉପକୃତ ହେବେ । ବିଭିନ୍ନ ସମବାୟ, ମହିଳା ସମିତିଦ୍ୱାରା ଉତ୍ପାଦିତ ଜିନିଷର ବିକ୍ରି ବ୍ୟବସ୍ଥା, ପ୍ରଦର୍ଶନୀର ଆୟୋଜନ କରିବା ବାଞ୍ଛନୀୟ । କୁଟୀର ଶିଳ୍ପ ପାଇଁ ପ୍ରୋତ୍ସାହନ ଦେବା, ଋଣ ଯୋଗାଇବାଦ୍ୱାରା ଗ୍ରାମାଞ୍ଚଳର ବେକାରୀ ସଂଖ୍ୟା କିଛିଟା କମା ଯାଇପାରନ୍ତା । ପିପିଲି କାମ ହେଉକି ପଟ୍ଟଚିତ୍ର, କଂସାବାସନ ଶିଳ୍ପ ହେଉ ସବୁପ୍ରକାର ସୁବନ୍ଦୋବସ୍ତ ଦରକାର ।

ପୁରୀ ଜିଲ୍ଲାର ରଘୁନାଥପୁର ଗ୍ରାମର ପଟ୍ଟଚିତ୍ର ଶିଳ୍ପୀମାନେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେମିତି ପ୍ରାୟ ପଚାଶବର୍ଷ ତଳେ ଡ. ଜଗନ୍ନାଥ ପ୍ରସାଦ ଦାସ ପୁରୀ ପେଣ୍ଟିଙ୍ଗ୍ ଶୀର୍ଷକ ଇଂରାଜୀ ବହି ଲେଖି ଏହି ଚିତ୍ର ପରମ୍ପରା ବିଷୟରେ ଦେଶବିଦେଶରେ ପରିଚିତ କରାଇଥିଲେ । ତେଣୁ ପଟ୍ଟଚିତ୍ର ବିଖ୍ୟାତ ପିପିଲି ଚାନ୍ଦୁଆ, କୁଟୀକାମର ବିଭିନ୍ନ ସାମଗ୍ରୀ, ସମ୍ବଲପୁରୀ ବସ୍ତ୍ର, ମୁଗୁନିପଥର ଓ କଂସା ପିତଳର ବିଭିନ୍ନ ଜିନିଷ, ସିଂଘରେ ତିଆରି ବିଭିନ୍ନ ଉପକରଣ, ରୂପାର ତାରକସି କାମ, ହେଣ୍ଡିକ୍ରାଫ୍ଟ ଓ ସମବାୟ ସମିତିଦ୍ୱାରା ଉତ୍ପାଦିତ ଉପକରଣଗୁଡ଼ିକର ବିକ୍ରୀ, ଅର୍ଥମଞ୍ଜୁରି ଓ କୁଟୀର ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ସେମାନଙ୍କର ଅର୍ଥନୈତିକ ମାନବୃଦ୍ଧି, ଦେଶବିଦେଶରେ ବିକ୍ରୀପାଇଁ ସରକାରୀ ମାଧ୍ୟମରେ ଅଧିକ କୋପରେଟିଭ୍ ସୋସାଇଟି ସୃଷ୍ଟି କରିବା ଦରକାର ।

ମୋଟାମୋଟି ଭାବରେ କହିଲେ, ପ୍ରାକୃତିକ ସମ୍ପଦ, କାରିଗରୀ ବିଦ୍ୟା କୌଶଳ ପ୍ରଭୃତି ଓଡ଼ିଶାରେ କିଛି କମ୍ ନୁହେଁ । ତେବେ ଓଡ଼ିଆମାନଙ୍କର ହୀନମନ୍ୟତା, ଅଜ୍ଞାନତା, ନିଜ ନିଜ ଭିତରେ ଶତ୍ରୁତା, ଐକ୍ୟର ଅଭାବ, ନିଷ୍ଠାର ଅଭାବ, ପୁଞ୍ଜିର ଅଭାବ, ପରିଶ୍ରମ କାତରତା, ପ୍ରଚାର ଓ ପ୍ରସାରର ଅଭାବ ହିଁ ଆମକୁ ପଛୁଆ କରିଦେଇଛି । ଅର୍ଥନୀତି, ରାଜନୀତି, ବିଜ୍ଞାନ, ଶିକ୍ଷା, କଳା, କ୍ରୀଡ଼ା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଆମେ ନିଜେ ହିଁ ନିଜକୁ ତଳ କରି ଦେଇଛୁ ।

ବରିଷ୍ଠ ଅଧ୍ୟାପିକା, ଓଡ଼ିଆ ବିଭାଗ
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି

# ଡିସେମ୍ବର ୨୦ରୁ ଅଷ୍ଟମ ବାରବାଟୀ ନୃତ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଡିସେମ୍ବର ୨୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୭ ଦିନିଆ ଅଷ୍ଟମ ବାରବାଟୀ ନୃତ୍ୟ ମହୋତ୍ସବ ହେଉଛି । ଏ ନେଇ ସଚିବାଳୟଠାରେ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଐତିହାସିକ ସଂସ୍କୃତି ସଂପନ୍ନ କଟକ ସହର ଏବଂ ଏହା ସହିତ ଯୋଡ଼ି ହୋଇଥିବା ବାରବାଟୀର ଇତିହାସକୁ ନେଇ ଆୟୋଜିତ ହେଉଛି ବାରବାଟୀ ନୃତ୍ୟ ମହୋତ୍ସବ । କିଛି ସଂସ୍କୃତି ଓ କଳାପ୍ରେମୀ ଆଗ୍ରହୀ ବ୍ୟକ୍ତିଙ୍କଦ୍ୱାରା ୨୦୦୧ ମସିହାରେ ଆରମ୍ଭ କରାଯାଇଥିବା ଏହି ଉତ୍ସବ କ୍ରମଶଃ ସର୍ବ ଭାରତୀୟ ସ୍ତରର ଉତ୍ସବରେ ପରିଣତ ହେବାକୁ ଯାଉଛି ଏବଂ ଏହାକୁ ଆନ୍ତର୍ଜାତୀୟ ସ୍ତରର ଏକ ମହୋତ୍ସବରେ ପରିଣତ କରିବା ପାଇଁ ଉଦ୍ୟମ କରାଯିବ । ଚଳିତ ବର୍ଷ ରାଜ୍ୟ ପର୍ଯ୍ୟଟନ ବିଭାଗ, କଟକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦର ମିଳିତ ଉଦ୍ୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଷ୍ଟମ ବାରବାଟୀ ନୃତ୍ୟ ମହୋତ୍ସବକୁ ଆକର୍ଷଣୀୟ ଓ ମର୍ଯ୍ୟାଦାପୂର୍ଣ୍ଣ ଭାବେ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମହୋତ୍ସବରେ ପର୍ଯ୍ୟଟନ, ସଂସ୍କୃତି, ପଞ୍ଚାୟତିରାଜ, ଓରମାସ ଏବଂ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ପ୍ରଭୃତି ସହଯୋଗ କରି ମହୋତ୍ସବର ଶୋଭାବର୍ଦ୍ଧନ କରିବେ । ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ନୃତ୍ୟାଙ୍ଗନା ମମତା ଶଙ୍କର ଏବଂ ଅନ୍ୟ କଳାକାରମାନେ ଅଂଶଗ୍ରହଣ କରିବା ସହିତ ତାହାକୁ ଅଧିକ ଆକର୍ଷଣୀୟ ଓ ପ୍ରେରଣାଦାୟକ କରାଯିବା ଲାଗି ଗତ ନଭେମ୍ବର ୩ ତାରିଖର ସେହି ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିଲା ।

ସଚିବାଳୟଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହୋତ୍ସବ କମିଟି ଆବାହକ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲାପାଳ ଶ୍ରୀ କିଶୋର ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ରବିନାରାୟଣ ନନ୍ଦ, କମିଟିର ଅଧ୍ୟକ୍ଷ ଶ୍ରୀ ବ୍ରଜକିଶୋର ନନ୍ଦ ଏବଂ ସଂପାଦକ ଗୁରୁ ଆଶୀଷ କୁମାର ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ହାତୀ ଓ ମଣିଷ : ସମସ୍ୟା ଓ ସମାଧାନ

ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି
ଡକ୍ଟର ସଂଜୟ ନାରାୟଣ ଓତା

**ବିଶାଳକାୟ ପ୍ରାଣୀ ହାତୀ**


ଆମ ଧରାପୃଷ୍ଠରେ ଡାଇନୋସୋରର ବିଲୋପନ ପରେ ହାତୀ ଧରାପୃଷ୍ଠର ସର୍ବବୃହତ୍ ସ୍ଥଳଚର ବଳଶାଳୀ ସ୍ତନ୍ୟପାୟୀ ଜୀବ । ଯୁଗ ଯୁଗ ଧରି ମଣିଷ ସେମାନଙ୍କୁ ନିଜ କାର୍ଯ୍ୟରେ ନିୟୋଜିତ କରି ଆସିଅଛି । ଆମର ବିଭିନ୍ନ ସାମାଜିକ ପରମ୍ପରାରେ ଏ ପ୍ରାଣୀ ଅତି ଗଭୀର ଭାବରେ ଜଡ଼ିତ । ଆମ ଦେଶରେ ହିନ୍ଦୁମାନେ ଘରେ ଘରେ ଓ ଶିକ୍ଷା ଅନୁଷ୍ଠାନମାନଙ୍କରେ ହାତୀ ମୁଣ୍ଡ ଥିବା ଠାକୁର ଗଜାନନଙ୍କୁ ପୂଜା କରନ୍ତି ଯେ ସେ ଜ୍ଞାନଦାତା, ଶକ୍ତିର ପ୍ରତୀକ ଓ ବିଘ୍ନ ବିନାଶକ। ଆହୁରି ମଧ୍ୟ ମହାଲକ୍ଷ୍ମୀଙ୍କ ବାହାନ ରୂପେ ହାତୀ ଶୋଭା ପାଇଥାଏ । ହିନ୍ଦୁ ସମାଜରେ ମନ୍ଦିର, ଘରକାନ୍ଥ, ଶାଢ଼ୀ, ଚାନ୍ଦୁଆ, ଅଳଙ୍କାର ଓ ବିଭିନ୍ନ ପଦାର୍ଥରେ ନିର୍ମିତ ହାତୀର କାରୁକାର୍ଯ୍ୟମାନ ଦେଖିବାକୁ ମିଳେ । ଆମର ପ୍ରାଚୀନ ସଭ୍ୟତାରେ ରାଜାରାଜୁଡ଼ାମାନେ ବିଭିନ୍ନ ସ୍ଥାନକୁ ଭ୍ରମଣ ସମୟରେ, ଯୁଦ୍ଧ ଓ ଶିକାର ସମୟରେ ହାତୀର ବ୍ୟବହାର କରୁଥିଲେ । ବିଶ୍ୱ ପ୍ରସିଦ୍ଧ ପୁରୀର ରଥଯାତ୍ରା ସମୟରେ ହାତୀମାନେ ବେଶ୍ ସହାୟତା ପ୍ରଦାନ କରୁଥିଲେ । ପୁରୀ ମନ୍ଦିରର ଚାରି ଦୁଆରକୁ ଗୋଟିଏ ଗୋଟିଏ ପ୍ରକାର ବିଶାଳକାୟ ପ୍ରାଣୀର ମୂର୍ତ୍ତି ଜଗି ରହିଛନ୍ତି । ସେ ମଧ୍ୟରୁ ଗୋଟିଏ ଦ୍ୱାରଦେଶରେ ହାତୀ ବିରାଜମାନ । ଦର୍ଶକମାନଙ୍କ ବିଭିନ୍ନ ମନୋମୁଗ୍ଧକର ଖେଳ ଦେଖାଇବା ପାଇଁ ସର୍କସମାନଙ୍କରେ ହାତୀମାନଙ୍କୁ ଉପଯୋଗ କରାଯାଇଥାଏ । ଚିଡ଼ିଆଖାନାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଆନ୍ତି ହାତୀ । ହାତୀମାନଙ୍କ ସଂରକ୍ଷଣ ପାଇଁ ୧୯୯୨ ମସିହାରୁ 'ହସ୍ତୀ ଯୋଜନା'ର ଶୁଭାରମ୍ଭ ହୋଇଛି । ଏସୀୟ ହାତୀର ସଂରକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କେତେକ ପଦକ୍ଷେପ ନିଆଯାଇଛି । ଏହାସତ୍ତ୍ୱେ ୧୯୭୯ ମସିହାରେ ଓଡ଼ିଶା ଜଙ୍ଗଲରେ ୨,୦୪୪ଟି ହାତୀ ଥିବାବେଳେ ୨୦୦୨ରେ ହାତୀମାନଙ୍କ ସଂଖ୍ୟା ୧,୮୪୧କୁ ହ୍ରାସ ପାଇଛି । ଆଜିକାଲି ହାତୀଙ୍କ ବିଷୟରେ ପ୍ରତିଦିନ କିଛି ନା କିଛି ଖବର ଶୁଣିବାକୁ ମିଳୁଛି । ହାତୀ କେଉଁଠି ଚାଷ ଜମିରେ ପଶି ଫସଲ ନଷ୍ଟ କଲେଣିତ, କେଉଁଠି ଘରଦ୍ୱାର ଭାଙ୍ଗିଲେଣି । କେଉଁଠି ମନୁଷ୍ୟକୁ ମାରିଲେଣିତ ଆଉ କେଉଁଠି ମନୁଷ୍ୟ ହାତରେ ଶିକାର ହେଲେଣି । ହାତୀଙ୍କର ଏପରି କାର୍ଯ୍ୟକଳାପ ଓଡ଼ିଶାରେ କିଛି ନୂଆ କଥା ନୁହେଁ । ତେବେ ହାତୀମାନେ ଅନେକ ସମୟରେ କାହିଁକି ଜଙ୍ଗଲରୁ ବାହାରି ଆସି ଚାଷ ଜମି ଓ ଜନବସତି ଆଡ଼କୁ ମୁହାଁଉଛନ୍ତି, ସେ ସମ୍ବନ୍ଧରେ ତର୍ଜମା କରିବା ଓ ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ସମେତ ସତର୍କତା ତଥା ସାବଧାନତା ଅବଲମ୍ବନ କରିବା ସମୟ ଆସିଯାଇଛି ।



**ହାତୀ ଓ ସେମାନଙ୍କର ଜୀବନଯାପନ ପ୍ରଣାଳୀ**

ଅଧୁନା ପୃଥିବୀ ପୃଷ୍ଠରେ ଦୁଇଟି ପ୍ରଜାତିର ହାତୀ ଦେଖାଯାଉଛନ୍ତି । ସେଥିମଧ୍ୟରୁ ଗୋଟିଏ ଘଞ୍ଚ ଜଙ୍ଗଲ ଭରା ଆଫ୍ରିକା ମହାଦେଶରେ ଦେଖାଯାଉଥିବାବେଳେ ଅନ୍ୟଟି ଏସିଆ ମହାଦେଶରେ ଦେଖାଯାଇଥାଆନ୍ତି । ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଅଣ୍ଡିରା ହାତୀ ସ୍ଥଳଭାଗର ଜୀବନ୍ତ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ବଡ଼ । ଠିଆ ହେଲେ ତା'ର ଉଚ୍ଚତା ପ୍ରାୟ ୪ ମିଟର ଓ ଓଜନ ପାଖାପାଖି ୬,୦୦୦ କି.ଗ୍ରା. । ଏସିଆ ମହାଦେଶର ଅଣ୍ଡିରା ହାତୀର ଉଚ୍ଚତା ପ୍ରାୟ ୩.୨ ମିଟର ଓ ଓଜନ ପ୍ରାୟ ୫,୪୦୦ କି.ଗ୍ରା. ଏବଂ ମାଈ ହାତୀର ଓଜନ ୪୦୦୦ କି.ଗ୍ରା. ଓ କାନ୍ଧ ଯାଏଁ ଉଚ୍ଚତା ୨.୫ ମିଟର । ଗୋଟିଏ ଗୋଟିଏ ଗୋଠରେ ଚାରି-ପାଞ୍ଚଟି ହାତୀ ଦେଖିବାକୁ ମିଳନ୍ତି । ଏମାନେ ସମସ୍ତେ ଗୋଟିଏ ପରିବାରର ପ୍ରାୟ ସମସ୍ତେ ମାଈ । ବେଳେ ବେଳେ ଅଣ୍ଡିରା ହାତୀ ଛୁଆ ଦେଖିବାକୁ ମିଳନ୍ତି । ତା'ର ବୟସ ପାଞ୍ଚ, ଛ' ବର୍ଷ ହୋଇଗଲେ ଅନେକ ସମୟରେ ସେ ଗୋଠରୁ ଅଲଗା ହୋଇ ବିଚରଣ କରିଥାଏ । ଅଣ୍ଡିରା ହାତୀଟିଏ ୨୫ ବର୍ଷ ବୟସ ବେଳକୁ ପୂରା ବଢ଼ି ସାରିଥାଏ । ମାଈ ହାତୀକୁ ୧୫ ବର୍ଷ ବୟସ ବେଳକୁ ଛୁଆ ଜନ୍ମ କରିବାର କ୍ଷମତା ଆସିଯାଇଥାଏ । ଏହି ବୟସରେ ପହଞ୍ଚିଲା

ବେଳକୁ ଅଣ୍ଡିରା ଓ ମାଈ ହାତୀ ସାଥୀ ଖୋଜିବାକୁ ଆରମ୍ଭ କରନ୍ତି । ଅଣ୍ଡିରା ଦନ୍ତାହାତୀମାନେ ପ୍ରାୟତଃ ନିଃସଙ୍ଗ ଜୀବନଯାପନ କରନ୍ତି । ହାତୀର ଗର୍ଭଧାରଣା ସମୟ ପ୍ରାୟ ବାଇଶି ମାସ । ଏକ ସଦ୍ୟଜାତ ଛୁଆର ଓଜନ ପ୍ରାୟ ୯୦ କିଲୋଗ୍ରାମ । ଜନ୍ମ ହେବା ପରେ ଛୁଆଟି ମା'ଠାରୁ କ୍ଷୀର ଖାଏ ପ୍ରାୟ ଦଶ ଲିଟର । ଛୁଆଟି ଛ' ମାସର ହେଲା ବେଳକୁ ଦରକାର କରେ ପ୍ରାୟ କୋଡ଼ିଏ ଲିଟର କୋଲେଷ୍ଟରଲ ଯୁକ୍ତ ମା' କ୍ଷୀର । ହାତୀର ଶରୀର ଗଠନ ଏବଂ ଅସ୍ଥିଖଞ୍ଜା ଏପରି ଯେ, ହାତୀ ଗୋଟିଏ ସ୍ଥାନରେ ନିଶ୍ଚଳ ଅବସ୍ଥାରେ ଠିଆ ହୋଇ ରହିପାରେ ନାହିଁ । ମାତ୍ର ଆଗକୁ ଓ ପଛକୁ ଚାଲିପାରେ ଏବଂ ପାଣିରେ ପହଁରିପାରେ । ହାତୀମାନେ ଘଣ୍ଟା ଘଣ୍ଟା ଧରି ପାଣିରେ ରହିବାକୁ ଭଲ ପାଆନ୍ତି । ସେମାନେ ଶୁଣ୍ଢରେ ଥରକୁ ଥର ପାଣି ଭର୍ତ୍ତି କରନ୍ତି ଓ ଏହାକୁ ଦେହସାରା ପକାନ୍ତି । ଭାରତୀୟ ହାତୀର ଜୀବନ କାଳ ପ୍ରାୟ ୬୦-୭୦ ବର୍ଷ । ୫୦ ବର୍ଷ ବୟସ ହେଲାବେଳକୁ ହାତୀର ପେଷଣ ଦାନ୍ତଗୁଡ଼ିକ ଖସିପଡ଼େ । ଖାଦ୍ୟ ନପାଇପାରିବା ବା ହଜମ କରିନପାରିବା ଯୋଗୁଁ ସାଧାରଣତଃ ହାତୀର ପ୍ରାକୃତିକ ମୃତ୍ୟୁ ହୋଇଥାଏ । କିନ୍ତୁ, ହାତୀର ଅଧିକାଂଶ ଅସ୍ୱାଭାବିକ ମୃତ୍ୟୁ ପାଇଁ ମନୁଷ୍ୟ ହିଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦାୟୀ ।




ଓଡ଼ିଶା ର ବିଭିନ୍ନ ସ୍ଥାନ ମାନଙ୍କ ରେ ହାତୀ ମାନଙ୍କ ର ଉପସ୍ଥିତି ।

### ସ୍ଥଳ ପରିବେଶରେ ହାତୀ

ସ୍ଥଳଚର ପ୍ରାଣୀମାନଙ୍କ ମଧ୍ୟରେ ହାତୀ ବୃହତମ ହୋଇଥିବାରୁ ଏହା ବେଶୀ ପରିମାଣର ପୁଷ୍ଟିକର ଖାଦ୍ୟ ଦରକାର କରେ । ଗୋଟିଏ ପ୍ରାପ୍ତ ବୟସ୍କ ହାତୀ ଦିନକୁ ୧୨୫-୧୫୦ କିଲୋଗ୍ରାମ ଖାଦ୍ୟ ଓ ପିଇବା ପାଇଁ ପ୍ରାୟ ୧୫୦ ଲିଟର ପାଣି ଆବଶ୍ୟକ କରେ । ହାତୀ ଯେତିକି ଖାଏ ତା'ଠାରୁ ଅଧିକ ଖାଦ୍ୟ ନଷ୍ଟ କରେ । ଯାହା ଖାଏ, ତା'ର ଶତକଡ଼ା ପଚାଶଭାଗ କେବଳ ହଜମ କରେ । ଅବଶିଷ୍ଟ କଠିନ ତନ୍ତୁ ହିସାବରେ ମଳରେ ବାହାରିଯାଏ । ଖାଦ୍ୟର ଅନ୍ୱେଷଣ ଏବଂ ଆହରଣରେ ହାତୀ ଦିନକୁ ପ୍ରାୟ ଷୋହଳ ଘଣ୍ଟା ସମୟ ବିତାଇଥାଏ । ଓଡ଼ିଶାର ବଣ ଜଙ୍ଗଲରେ ହାତୀର ଖାଦ୍ୟୋପଯୋଗୀ ପ୍ରାୟ ଚାଳିଶ ଗୋଟି ବୃକ୍ଷ, ଲତା ଓ ଘାସ ଉପଲବ୍ଧ । ତେଣୁ ଘଞ୍ଚ ଜଙ୍ଗଲ ଅଞ୍ଚଳ ହିଁ ହାତୀ ପାଇଁ ଅନୁକୂଳ ପରିବେଶ । ହାତୀ ଖାଇବା ପରେ ମଳତ୍ୟାଗ କରିବାଦ୍ୱାରା ଆମ୍ବ, ପିଜୁଳି, ବେଲ, ମହୁଲ, ଲାଜକୁଳି ଆଦି ଉଦ୍ଭିଦର ବୀଜ ବିକ୍ଷେପରେ ହାତୀ ବିଶେଷ ସାହାଯ୍ୟ କରିଥାଏ । ହାତୀର ଗୋବର ଅନେକ ପ୍ରକାରର କୀଟ ଖାଦ୍ୟ ରୂପେ ତଥା ପ୍ରଜନନ ନିମିତ୍ତ ବ୍ୟବହାର କରିଥାଆନ୍ତି ।

### ଓଡ଼ିଶାରେ ହାତୀ

ଏସୀୟ ହାତୀ ସଂରକ୍ଷଣ କେନ୍ଦ୍ରର ଡଃ ଆର୍. ସୁକୁମାରଙ୍କ ସୂଚନା ଅନୁସାରେ ଭାରତରେ ଜଙ୍ଗଲୀ ଏସୀୟ ହାତୀ ସଂଖ୍ୟା ୧୭,୩୧୦ରୁ ୨୨,୧୧୫ ଭିତରେ ହେବ । ୧୯୭୯ ମସିହାରେ ଓଡ଼ିଶାର ଜଙ୍ଗଲରେ ୨,୦୪୪ଟି ହାତୀ ଥିଲାବେଳେ ଗତ ୧୯୯୯ ଗଣନାରେ ସେମାନଙ୍କ ସଂଖ୍ୟା ୧,୯୨୭ ଏବଂ ୨୦୦୨ରେ ଏମାନଙ୍କ ସଂଖ୍ୟା ୧,୮୪୧କୁ କମି ଆସିଛି । ଓଡ଼ିଶାର ଜଙ୍ଗଲ ମଧ୍ୟରେ ଶିମିଳିପାଳରେ ସର୍ବାଧିକ ପ୍ରାୟ ୫୧୨ଟି ହାତୀ ଥିବାର ଜଣାଯାଏ । ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଢେଙ୍କାନାଳ, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଜପତି ଜିଲ୍ଲାରେ ଏସୀୟ ହାତୀ ମୁଖ୍ୟତଃ ଦେଖାଯାଆନ୍ତି । **ଓଡ଼ିଶାର ବିଭିନ୍ନ ବନଖଣ୍ଡରେ ସର୍ବମୋଟ ୧୮୪୧ଟି ହାତୀ ଅଛନ୍ତି (ସାରଣୀ-୧) । ସେଥିମଧ୍ୟରୁ ଅନୁଗୋଳ ବନମଣ୍ଡଳରେ ସର୍ବାଧିକ ୫୬୫ଟି ଓ ଶିମିଳିପାଳ ଅଭୟାରଣ୍ୟରେ ୫୧୨ଟି ହାତୀ ଅଛନ୍ତି । ରାଜ୍ୟରେ ହୋଇଥିବା ଅନେକ ଗବେଷଣା ଓ ସଂରକ୍ଷଣ ପ୍ରକଳ୍ପ ପରି ରାଜ୍ୟ ସରକାର ୧୯୯୧-୯୨ରେ ହାତୀ ପ୍ରକଳ୍ପ ଆରମ୍ଭ କରିଛନ୍ତି ।**

### ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷର କାରଣ ମାନ

୧. ଗ୍ରୀଷ୍ମଋତୁକୁ ବାଦ ଦେଲେ ବର୍ଷର ଅନ୍ୟ ସମୟରେ ହାତୀମାନେ ଜଙ୍ଗଲରୁ ସେମାନଙ୍କର ଖାଦ୍ୟ ପାଇଯାଆନ୍ତି । ହାତୀଙ୍କର ଖାଦ୍ୟ ଗୋମହିଷାଦି ଗୃହପାଳିତ ପଶୁମାନଙ୍କର ମଧ ଖାଦ୍ୟ । ଓଡ଼ିଶାରେ ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କ ସଂଖ୍ୟା ପ୍ରାୟ ଅଢ଼େଇ କୋଟି । ଏମାନଙ୍କ ମଧ୍ୟରୁ ଶତକଡ଼ା ତିନି ଚତୁର୍ଥାଂଶ ଜଙ୍ଗଲରେ ଚରନ୍ତି । ଗାଁଗଣ୍ଡାରେ ଥିବା ଗୋଚର ଜମିରୁ ଘାସ ପତ୍ର ମିଳୁ ନାହିଁ । ଗାଈଗୋରୁ ଓ ଅନ୍ୟାନ୍ୟ ତୃଣଭୋଜୀ ପ୍ରାଣୀ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ହିଁ ନିର୍ଭର କରନ୍ତି । ତେଣୁ ଜଙ୍ଗଲରେ

ହାତୀମାନଙ୍କର ଅନେକ ସମୟରେ ଖାଦ୍ୟଭାବ ଦେଖାଦିଏ । ଏହି ପରିସ୍ଥିତିରେ ହାତୀମାନେ ଖାଦ୍ୟ ଅନ୍ବେଷଣରେ ଜଙ୍ଗଲରୁ ବାହାରି ଆସି ଚାଷ ଜମି ଓ ଗାଁଗଣ୍ଡା ଆଡ଼କୁ ମୁହାଁଉଛନ୍ତି ।

**ସାରଣୀ-୧**

**ଓଡ଼ିଶାର ବିଭିନ୍ନ ବନଖଣ୍ଡ ଓ ଅଭୟାରଣ୍ୟରେ ହାତୀଙ୍କ ସଂଖ୍ୟା**
(ଗଣନା କାଳ : ୨୦୦୨)

| କ୍ର.ସଂ. | ବନମଣ୍ଡଳ/ ଅଭୟାରଣ୍ୟ | ଅଣ୍ଡିରା ହାତୀ | ମାଈ ହାତୀ | ଛୁଆ ଅନିଶ୍ଚିତ ଲିଙ୍ଗ | ମୋଟ ସଂଖ୍ୟା |
|---|---|---|---|---|---|
| ୧. | ଅନୁଗୋଳ ବନମଣ୍ଡଳ | ୧୧୦ | ୨୫୬ | ୧୯୯ | ୫୬୫ |
| ୨. | ବ୍ରହ୍ମପୁର ବନମଣ୍ଡଳ | ୨୪ | ୫୨ | ୪୪ | ୧୨୦ |
| ୩. | କୋରାପୁଟ ବନମଣ୍ଡଳ | ୧୯ | ୩୪ | ୮ | ୬୧ |
| ୪. | ସମ୍ବଲପୁର ବନମଣ୍ଡଳ | ୧୦୭ | ୨୮୩ | ୧୩୨ | ୫୧୨ |
| ୫. | ଚନ୍ଦକା ଅଭୟାରଣ୍ୟ | ୧୩ | ୩୦ | ୧୯ | ୬୨ |
| ୬. | ଶିମିଳିପାଳ ଅଭୟାରଣ୍ୟ | ୯୭ | ୨୮୩ | ୧୩୨ | ୫୧୨ |
| | **ସର୍ବମୋଟ** (ଓଡ଼ିଶା ରାଜ୍ୟ) | ୩୭୦ | ୯୪୦ | ୫୩୧ | ୧୮୪୧ |

୨. ଲୋକମାନେ ଗଛର ଡାଳ, ବାଉଁଶ, କାଠ, ଗୃହପାଳିତ ତୃଣଭୋଜୀ ପ୍ରାଣୀଙ୍କ ଖାଦ୍ୟ ଏବଂ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ପାଇଁ ପ୍ରତିଦିନ ଅନେକ ସଂଖ୍ୟାରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଛନ୍ତି । ଏପରିକି ଘଞ୍ଚ ଜଙ୍ଗଲ ମଧ୍ୟରେ ଏଭଳି ସ୍ଥାନ ନାହିଁ ଯେଉଁଠି ମନୁଷ୍ୟର ପାଦ ନପଡୁଛି । ମନୁଷ୍ୟମାନଙ୍କର ଅନୁପ୍ରବେଶରେ ହାତୀ ଓ ଜଙ୍ଗଲର ଅନ୍ୟାନ୍ୟ ଜୀବଜନ୍ତୁ ଅତିଷ୍ଠ । ବେଲ, କେନ୍ଦୁ, ଆମ୍ବ, ଆମ୍ବଡ଼ା ପ୍ରଭୃତି ନାନାପ୍ରକାର ଫଳ, ଧାତୁକୀ, ମହୁଲ ପ୍ରଭୃତି ଫୁଲ ଓ ଆମଠୀ, ଶିଆଳୀ ଓ କାଞ୍ଜିକାଞ୍ଜିଆ ପ୍ରଭୃତି ପତ୍ର ହାତୀଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ । ଲୋକମାନେ ଏହିସବୁ ଫଳ, ଫୁଲ ଓ ପତ୍ରକୁ ଜଙ୍ଗଲରୁ ସଂଗ୍ରହ କରି ନିଜ ବ୍ୟବହାରରେ ଲଗାଉଛନ୍ତି । ଜଙ୍ଗଲରେ ହାତୀଙ୍କର ଖାଦ୍ୟାଭାବର ଏହା ଅନ୍ୟ ଏକ କାରଣ ।

୩. ମଣିଷମାନଙ୍କ କାର୍ଯ୍ୟକଳାପ ତଥା ଜଙ୍ଗଲ କ୍ଷୟ ଯୋଗୁଁ ହାତୀମାନଙ୍କର ବାସସ୍ଥାନ ସଙ୍କୁଚିତ ହୋଇ ଚାଲିଛି । ଯେଉଁଠି କିଛି ଜଙ୍ଗଲ ଅଛି ତା'ର ଗୁଣାତ୍ମକ ମାନ କମୁଛି । ଜଙ୍ଗଲ ଜଙ୍ଗଲ ମଧ୍ୟରେ ବୃକ୍ଷଲତାରେ ଆଚ୍ଛାଦିତ ପଥ ସବୁଥିଲା । ହାତୀମାନେ ଗୋଟିଏ ଜଙ୍ଗଲରୁ ଅନ୍ୟ ଏକ ଜଙ୍ଗଲକୁ ସ୍ୱଚ୍ଛନ୍ଦରେ ଯିବା ଆସିବା କରିପାରୁଥିଲେ । ଏପରିକି ଫୁଲବାଣୀ ଜଙ୍ଗଲର ହାତୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ପାରୁଥିଲେ । ସେ ସବୁ ପଥ ଆଉ ନାହିଁ । ହାତୀଙ୍କ ପାଇଁ କରାଯାଇଥିବା ପଥ ସବୁ ଜନବସତି ଓ ଚାଷଜମିରେ ପରିଣତ ହୋଇଛି । ହାତୀମାନେ ଜଙ୍ଗଲରୁ ବାହାରିବା ମାତ୍ରେ ଲୋକଙ୍କ ଦୃଷ୍ଟିରେ ଆସୁଛନ୍ତି ଏବଂ ଅତ୍ୟାଚାରର ଶିକାର ହେଉଛନ୍ତି ।

୪. ଗର୍ଭାବସ୍ଥାରେ ଓ ଛୁଆ ପ୍ରସବ ପରେ ହାତୀଟି ଯଥେଷ୍ଟ ପରିମାଣର ଖାଦ୍ୟ ଦରକାର କରେ । ଖାଦ୍ୟ ଅନ୍ବେଷଣ ପାଇଁ ବେଳେ ବେଳେ ଜଙ୍ଗଲ ବାହାରକୁ ଚାଲିଆସେ । ଭୟଭୀତ ହୋଇ ଲୋକେ ତାକୁ ଆକ୍ରମଣ କରନ୍ତି । ଫଳରେ ହାତୀ ଗର୍ଭପାତ ଏବଂ ହାତୀଶାବକ ମୃତ୍ୟୁ ଭଳି ଦୁଃଖଦ ଘଟଣାମାନ ଘଟେ ।

୫. ବୃଦ୍ଧାବସ୍ଥାରେ ହାତୀମାନଙ୍କ କଳଦାନ୍ତ ଘୋରି ହୋଇଯାଏ । ଗୋଟିଏ ଗୋଟିଏ କଳଦାନ୍ତର ଓଜନ ପ୍ରାୟ ୩ କି.ଗ୍ରା. । ଏହି ଅବସ୍ଥାରେ ହାତୀଟି କଠିନ ତନ୍ତୁଯୁକ୍ତ ଖାଦ୍ୟ ଚୋବାଇ ପାରେ ନାହିଁ । କୋମଳ ଖାଦ୍ୟର ସନ୍ଧାନରେ ଜଙ୍ଗଲରୁ ବାହାରି ଧାନ, ଆଖୁ ଓ କଦଳୀ ଗଛର ଲୋଭରେ ଚାଷଜମି ଏବଂ ଜନବସତି ଆଡ଼କୁ ମୁହାଁଏ । ତେଣୁ ମଣିଷ ହାବୁଡ଼ରେ ପଡ଼ି ଅସୁବିଧାର ସମ୍ମୁଖୀନ ହୁଏ ।

୬. ସ୍ଥଳଚର ଜୀବମାନଙ୍କ ଭିତରେ ହାତୀ ସବୁଠାରୁ ବଡ଼ ହୋଇଥିବାରୁ ତା'ର ଚରାବୁଲା ପାଇଁ ବିସ୍ତୃତ ଅଞ୍ଚଳ, ବହୁପରିମାଣର ଖାଦ୍ୟ ଓ ଜଳ ଦରକାର ହୁଏ । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ହେତୁ ଅଧିକ ଚାଷଜମି ଓ ବାସଗୃହମାନ ତିଆରି କରାଯାଉଛି । ଜଙ୍ଗଲ କ୍ଷୟ ଓ ଖଣିଖୋଳା ଆଦି କାମ ପାଇଁ ହାତୀର ଆବାସସ୍ଥଳୀ ସଂକୁଚିତ ହେଉଛି । କେତେକ ସ୍ଥାନରେ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯିବାଦ୍ୱାରା ଆବାସସ୍ଥଳୀ ପାଣିରେ ବୁଡ଼ି ଯାଉଛି । ହାତୀର ଚଳପ୍ରଚଳ ପାଇଁ ଯଥେଷ୍ଟ ଜାଗା, ଖାଦ୍ୟ ଓ ପାଣିର ଅଭାବ ଯୋଗୁଁ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ବଢୁଛି । **ଓଡ଼ିଶାରେ ବିଶେଷ ଭାବରେ ବିଖଣ୍ଡିତ ହୋଇଥିବା ହସ୍ତୀ ଆବାସସ୍ଥଳୀଗୁଡ଼ିକ ହେଉଛି ଚନ୍ଦକା, କପିଳାସ, ଶିମିଳିପାଳ, ଛେଣ୍ଡିପଦା, କୁଳଡ଼ିହା, ମାଲ୍ୟଗିରି, ସାତକୋଶିଆ, ରେଢ଼ାଖୋଲ, ଲଖାରି ଓ ଗୁଣୁପୁର । ହାତୀ ସଂଖ୍ୟା କମିବାରେ ଏହା ହେଉଛି ମୁଖ୍ୟ କାରଣ ।**

୭. ପୋଡୁଚାଷ, ଦାନ୍ତ ପାଇଁ ଦନ୍ତାହାତୀର ଶିକାର, ଧାତବ ପଦାର୍ଥ ଉତ୍ତୋଳନ ଯୋଗୁଁ ଖଣି ଖନନ, ଜଙ୍ଗଲରେ ନିଆଁ ଲାଗିବା, ଖରାଦିନରେ ଜଙ୍ଗଲରେ ଜଳର ଅଭାବ, ହାତୀମାନଙ୍କ କବଳରୁ ଫସଲ ଓ ବାସଗୃହ ରକ୍ଷା କରିବା ପାଇଁ ହାତୀ ଶିକାର, ବିଭିନ୍ନ ରୋଗ ସଂକ୍ରମଣ ଜନିତ ମୃତ୍ୟୁ, ବିଜୁଳିତାର ଆଘାତରେ ମୃତ୍ୟୁ, ରେଳଗାଡ଼ି ସହିତ ଧକ୍କା ଓ ଅନ୍ୟାନ୍ୟ ଦୁର୍ଘଟଣା ଯୋଗୁଁ ହାତୀର ଅସ୍ୱାଭାବିକ ମୃତ୍ୟୁ ଘଟିଛି ଓ ସଂଖ୍ୟା ହ୍ରାସ ଘଟୁଛି ।

୮. ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଅଭୟାରଣ୍ୟରେ ୬୨ଟି ହାତୀ ଅଛନ୍ତି । ୫୦୦ ବର୍ଗକିଲୋମିଟର ଭଳି ବିରାଟ ଜଙ୍ଗଲରେ ବୁଲିବା ଅଭ୍ୟାସ ଥିବା ପ୍ରାଣୀଟି ସୀମିତ ଜଙ୍ଗଲରେ ଆବଦ୍ଧ ହେବାଦ୍ୱାରା ବେଳେବେଳେ ବୁଲୁବୁଲୁ ହାତୀମାନେ ଜଙ୍ଗଲ ଡେଇଁ ଗ୍ରାମ ଓ ସହରକୁ ଚାଲି ଆସୁଛନ୍ତି । ଏମାନେ ଫସଲ ନଷ୍ଟ କରିବା ସଙ୍ଗେସଙ୍ଗେ ମଣିଷକୁ ମୃତାହତ କରନ୍ତି । ହାତୀର ଆବାସସ୍ଥଳୀ ସଙ୍କୋଚନ ସତ୍ତ୍ୱେ ବର୍ଷର ଅଧିକାଂଶ ସମୟ ଜଙ୍ଗଲରେ ରହି ଲୋକମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ସେମାନେ ଚେଷ୍ଟା କରନ୍ତି । ମାତ୍ର ବ୍ୟାପକ ଜଙ୍ଗଲକ୍ଷୟ ଯୋଗୁଁ ଖାଦ୍ୟ ଓ ପାଣିର ଅଭାବ ହେତୁ, ବିଶେଷକରି ଫସଲ ଅମଳ ପୂର୍ବରୁ ଆମ୍ବ, ପଣସ ପାଚିବା ସମୟରେ, ମହୁଲ ପଡ଼ିବା ସମୟରେ, ଏମାନେ ଏସବୁ ସୁସ୍ୱାଦୁ ଖାଦ୍ୟର ଆକର୍ଷଣରେ ଜଙ୍ଗଲରୁ ବାହାରି ଆସନ୍ତି । ଜଙ୍ଗଲ ନିକଟବର୍ତ୍ତୀ ଗାଁମାନଙ୍କରେ ଘରେ ରଖାଯାଇଥିବା ଧାନ, ନଡ଼ିଆ, କଦଳୀ ଓ ଦେଶୀ ମଦ ବାସ୍ନାରେ ଅନେକ ସମୟରେ ଘରକୁ ଆକ୍ରମଣ କରି ବାସଗୃହର କାନ୍ଥ ଭାଙ୍ଗି ଦିଅନ୍ତି ଯାହାଫଳରେ ଲୋକମାନେ ବେଳେବେଳେ କାନ୍ଥ ତଳେ ଚାପି ହୋଇ ମୃତ୍ୟୁ ବରଣ କରନ୍ତି । ଏଭଳି ଘଟଣାମାନ ପ୍ରାୟ କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ଅଧିକ ଦେଖିବାକୁ ମିଳିଥାଏ ।

**ହାତୀ ସଂରକ୍ଷଣର ଆବଶ୍ୟକତା**

ନିମ୍ନଲିଖିତ କାରଣ ପାଇଁ ବଣରେ ହାତୀମାନଙ୍କର ସଂରକ୍ଷଣ ଏକାନ୍ତ ଆବଶ୍ୟକ ।

୧. ବଣର ଜୀବଜନ୍ତୁ ହିଁ ଜଙ୍ଗଲର ପ୍ରକୃଷ୍ଟ ସୌନ୍ଦର୍ଯ୍ୟ ଓ ଆକର୍ଷଣ । ତେଣୁ ଏମାନଙ୍କର ସୁରକ୍ଷା ନିହାତି ଦରକାର ।

୨. ଜୈବମଣ୍ଡଳରେ ସନ୍ତୁଳନ ରକ୍ଷା କରିବା ପାଇଁ ବନ୍ୟଜୀବ ସଂରକ୍ଷଣର ଆବଶ୍ୟକତା ରହିଛି ।

୩. ଜୈବ ବିଭିନ୍ନତାରେ ଏହା ସହାୟକ ହୋଇଥାଏ ।

୪. ବନ୍ୟଜୀବମାନଙ୍କୁ ସମୁଚିତ ଭାବରେ ରକ୍ଷା କରିବାଦ୍ୱାରା ହିଁ ମନୁଷ୍ୟ ସେମାନଙ୍କ ଦୌରାତ୍ମ୍ୟରୁ ନିଜକୁ ରକ୍ଷା କରିପାରେ ।

୫. ହାତୀ ସଂରକ୍ଷଣଦ୍ୱାରା ପ୍ରାକୃତିକ ଉପାୟରେ ଜଙ୍ଗଲ ସୁରକ୍ଷା ସମ୍ଭବପର ହୋଇଥାଏ ।

**ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ**

ଏହି ବିଶାଳକାୟ ତୃଣଭୋଜୀ ପ୍ରାଣୀର ସୁରକ୍ଷା ଓ ସଂରକ୍ଷଣ କରିବାକୁ ହେଲେ ନିମ୍ନଲିଖିତ କେତେକ ବିଷୟରେ ଧ୍ୟାନ ଦେବାକୁ ପଡ଼ିବ ।

୧. ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ ଠିକ୍ ଭାବରେ କରିବା ।

୨. ବନ୍ୟଜୀବ ସଂରକ୍ଷଣ ନିମନ୍ତେ କେତେକ ଜାଗାରେ ନିଷିଦ୍ଧାଞ୍ଚଳ ସୃଷ୍ଟି କରିବା ଦରକାର । ଏହାର ମୂଳ ଲକ୍ଷ୍ୟ ହେଉଛି - ବନ୍ୟ ଜୀବମାନଙ୍କୁ ସେମାନଙ୍କର ନିଜ ବଣ ରାଜ୍ୟରେ ସଂରକ୍ଷିତ କରି ରଖିବା ।

୩. ଜଙ୍ଗଲ ମଧ୍ୟରେ କରିଡ଼ର ନିର୍ମାଣ ଓ ତା'ର ସ୍ଥାୟୀ ସ୍ଥିତି ଉପରେ ଗୁରୁତ୍ୱ ଦିଆଯିବା ଉଚିତ ।

୪. ଟ୍ରେଞ୍ଚ ଖୋଳାଯିବା ଓ ତା'ର ସ୍ଥାୟିତ୍ୱ ପାଇଁ ଗୁରୁତ୍ୱ ଦେବା ।

୫. ଜଙ୍ଗଲର ସୁରକ୍ଷା ନିମନ୍ତେ ଗୃହପାଳିତ ପଶୁମାନଙ୍କୁ ଜଙ୍ଗଲକୁ ନଛାଡ଼ିବା ଆବଶ୍ୟକ ।

୬. ହାତୀ ଯେଉଁଠି ଫସଲ ନଷ୍ଟ କରୁଛି, ଘର ଭାଙ୍ଗୁଛି ଅଥବା ଗୃହପାଳିତ ପଶୁ କିମ୍ବା ମନୁଷ୍ୟକୁ ମାରୁଛି, ସରକାର ଯଥେଷ୍ଟ ଆର୍ଥିକ ସହାୟତା ଦେଇ କ୍ଷତି ଭରଣା କରିବା ଓ ଗ୍ରାମବାସୀମାନଙ୍କୁ ପ୍ରୋତ୍ସାହନ ଦେଇ ହାତୀମାନଙ୍କର ଯାତାୟାତକୁ ନିୟନ୍ତ୍ରଣ କରିବା ।

୭. ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବନ୍ୟଜନ୍ତୁର ବେଆଇନ ବ୍ୟବସାୟକୁ ନିଷେଧ କରିବା ।

୮. ଶିକାରକୁ ସମ୍ପୂର୍ଣ୍ଣ ନିଷେଧ ଓ ଶିକାରୀଙ୍କୁ କଠିନ ଦଣ୍ଡ ଦେବାର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ଲାଗୁ କରିବା ।

୯. ବନ୍ୟ ଜନ୍ତୁ ସଂରକ୍ଷଣ ନିୟମଗୁଡ଼ିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ।

୧୦. ସର୍ବୋପରି ଜନସଚେତନତା ସୃଷ୍ଟି ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଅନ୍ୟ ସବୁ ପ୍ରାଣୀମାନଙ୍କ ପରି ହାତୀ ଏକ ପ୍ରାଣୀ । ତାଙ୍କ ଆବାସସ୍ଥଳୀ ସଙ୍କୋଚନ, ତାଙ୍କ ବିଚରଣ ସ୍ଥଳୀ ପାଖରେ କୋଳାହଳମୟ ପରିସ୍ଥିତିର ସୃଷ୍ଟି ଏବଂ ଉଜ୍ଜ୍ୱଳ ଆଲୋକ ଆଦିର ବ୍ୟବସ୍ଥା ହିଁ ସେମାନଙ୍କୁ ବ୍ୟତିବ୍ୟସ୍ତ କରିବା ସ୍ୱାଭାବିକ । ସେଥିପାଇଁ ସେମାନେ ଜନବସତି ଆଡ଼କୁ ମୁହାଁଇ ଜନଜୀବନ ହାନୀ କରିବାରେ ପଶ୍ଚାତ୍‌ପଦ ହେଉନାହାନ୍ତି । ସର୍ବୋପରି ସେମାନଙ୍କ ପାଇଁ ଅନେକ ଦୂରରେ ଜଙ୍ଗଲ ସୃଷ୍ଟି କରାଯାଇପାରିଲେ ସେମାନେ ନିର୍ଭୟ ଓ ନିର୍ଦ୍ୱନ୍ଦ୍ୱରେ ରହି ପାରିବେ ତଥା ତାଙ୍କର ବଂଶବୃଦ୍ଧି ଘଟିପାରିବ । ଏ ବିଶାଳକାୟ ପ୍ରାଣୀ ପ୍ରତି ଆମେ ସମସ୍ତେ ସଚେତନତା ହେବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ବନ୍ୟ ପ୍ରାଣୀ ସପ୍ତାହ ମଧ୍ୟରୁ ଗୋଟିଏ ଦିନ ହସ୍ତୀ ଦିବସ ଭାବରେ ପାଳନ କରିବାର ପ୍ରୟାସ ଜାରି ରଖିଛନ୍ତି । କେବଳ ସରକାର କାହିଁକି ଆମେ ସମସ୍ତେ ସଚେତନ ହେଲେ ଏ ପ୍ରାଣୀ ରକ୍ଷା ପାଇପାରିବା ଏଥିରେ ସନ୍ଦେହ ନାହିଁ ।

ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୭୫୧୦୦୪

ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ
ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩

# ଉପାନ୍ତ ଓଡ଼ିଶାର ପୋଡ଼ାଗଡ଼ରେ ବାହୁଡ଼ା ଦଶହରା

ପରେଶ ରଥ

**ବ**ରଷକେ ଥରେ ଆସେ ରଥଯାତ୍ରା ଓ ବାହୁଡ଼ାଯାତ୍ରା । ଏହି ସମୟରେ ଚତୁର୍ଦ୍ଧାମୂର୍ତ୍ତି ରଥରେ ବିରାଜମାନ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେବେ ଜୟପୁର ଇତିହାସରେ ରହିଛି ଅନନ୍ୟ ପରମ୍ପରାର ପର୍ବ ଦଶହରା ଏବଂ ବାହୁଡ଼ା ଦଶହରା । ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପୀଠରୁ ଦେବଦେବୀଙ୍କ ପ୍ରତୀକ ଲାଠି, ବିମାନ, ଛତ୍ର, ଚାମର, ଖଣ୍ଡା, କାତି, ଗାଦି ଇତ୍ୟାଦି ନେଇ ପୂଜାରୀ, ଦିସାରି, ସିରା, ମହୁରିଆ, କାଉଡ଼ିଆ, ଗଉଁତିଆମାନେ ପଦଯାତ୍ରା କରି ରୁଣ୍ଡ ହୁଅନ୍ତି ଐତିହାସିକ ଜୟପୁର ସହରରେ । ଏହାର ପ୍ରମୁଖ ପୀଠରେ ଦଶହରା ପର୍ବ ପାରମ୍ପରିକ ରୀତିନୀତିରେ ପାଳିତ ହୁଏ । ଦଶହରା ପର୍ବ ପାଳନ ପରେ ଦେବଦେବୀଙ୍କ ପ୍ରତୀକଧାରୀ ସେବାୟତ ଓ ପୂଜାରୀମାନେ ପଦଯାତ୍ରା କରି ଫେରିଯାଆନ୍ତି ନିଜ ନିଜ ପୀଠ ଦେବଦେବୀଙ୍କ ଆସ୍ଥାନକୁ ଏବଂ ସେଠି ପ୍ରତୀକଗୁଡ଼ିକୁ ପୁଣି ପୂଜା ଅର୍ଚ୍ଚନା କରି ପୀଠରେ ବସାଇ ଦିଆଯାଏ । ଜୟପୁରରେ ପହଞ୍ଚି ଦଶହରା ପର୍ବ ପାଳନ ଏବଂ ପୁନର୍ବାର ପଦଯାତ୍ରାରେ ନିଜ ପୀଠକୁ ଫେରିବାକୁ ଲାଗିଯାଏ ଦୀର୍ଘ ଦିନ ସେମାନେ ନିଜ ନିଜର ପୀଠରୁ ସେବାୟତମାନେ ବାହାରି ଦଶହରା ପର୍ବ ପାଳନ ପରେ ପୀଠକୁ ଫେରିବା ମଧ୍ୟରେ ରହିଛି ଅନେକ ନିୟମ ନିଷ୍ଠା । ବାର, ତିଥି, ନକ୍ଷତ୍ର ଧରି ଫେରିବା ପଥରେ କେଉଁ ଦିନ କେଉଁ ସ୍ଥାନରେ ବିଶ୍ରାମ ନେବେ ? ପରଦିନ କେଉଁ ସମୟରେ ଯାତ୍ରା ଆରମ୍ଭ ହେବ ? ସୂର୍ଯ୍ୟାସ୍ତ ପୂର୍ବରୁ କେଉଁ ପୀଠରେ ପହଞ୍ଚିବାକୁ ହେବ ? ଦେବଦେବୀଙ୍କ କେଉଁ ପୀଠରେ କିଏ ରହିବେ ? ସବୁ ହୋଇଥାଏ ନିର୍ଦ୍ଧାରିତ ।



ପୋଡ଼ାଗଡ଼ ପୀଠରେ ଉଦ୍ଧାରିତ ଦେବୀଙ୍କ ପ୍ରସ୍ତର ମୂର୍ତ୍ତି


ଶହ ଶହ ବର୍ଷର ପୂର୍ବ ପରମ୍ପରା ଅନୁଯାୟୀ ଜୟପୁର ସହରରେ ଦଶହରା ପର୍ବରେ ଯୋଗ ଦିଅନ୍ତି ଐତିହାସିକ ପୀଠ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପୋଡ଼ାଗଡ଼ର ପ୍ରମୁଖ ପୀଠରୁ ଦେବଦେବୀଙ୍କ ପ୍ରତୀକ । ପଦଯାତ୍ରା କରି ଫେରିବା ପଥରେ ବିଭିନ୍ନ ସ୍ଥାନରେ ରହଣି, ପୂଜାର୍ଚ୍ଚନା ଓ ବିଶ୍ରାମ ପରେ ନିଜ ନିଜ ପୀଠକୁ ଫେରିବାକୁ ଲାଗିଥାଏ ପ୍ରାୟ ଦୁଇ ସପ୍ତାହ । ପହଞ୍ଚିବା ପରେ ପାଳିତ ହୁଏ ବାହୁଡ଼ା ଦଶହରା । ତେବେ ପୀଠରେ ଫେରି ପହଞ୍ଚିବା ମଧ୍ୟରେ ରହିଛି ଅନେକ ଗ୍ରାମ ପୀଠ, ଯେଉଁଠି ପ୍ରତୀକଧାରୀମାନେ ବିଶ୍ରାମ ନେବା ଅବସରରେ ଆଖପାଖ ଗ୍ରାମବାସୀଙ୍କୁ ଦେବଦେବୀ ପ୍ରତୀକକୁ ଫୁଲ, ଫଳ, ନଡ଼ିଆ, ଚାଉଳ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥାନ୍ତି । ପ୍ରତୀକଗୁଡ଼ିକୁ ନେଇ ଫେରିବା ଯାତ୍ରା ଆରମ୍ଭ ହୁଏ, ଜୟପୁର ସହରରେ ବିଜୟା ଦଶମୀ ପାଳନର ପରଦିନ ଅପରାହ୍ନରେ । ଯାତ୍ରା କରନ୍ତି ବୋରିଗୁମ୍ମା ନିକଟସ୍ଥ ଜୟନ୍ତୀଗିରି ଅଭିମୁଖେ । ଜୟନ୍ତୀଗିରିରେ ରହଣି ଓ ବିଶ୍ରାମ ପରେ ପରଦିନ ସକାଳୁ ବୋରିଗୁମ୍ମାର ରାମମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଗୋଟିଏ ଦିନ ପୂଜାର୍ଚ୍ଚନା ଓ ରାତ୍ରି ବିଶ୍ରାମ ପରେ ଯାତ୍ରା ଆରମ୍ଭ ହୁଏ ନବରଙ୍ଗପୁର ଅଭିମୁଖେ । ସୂର୍ଯ୍ୟୋଦୟ ପୂର୍ବରୁ ଯାତ୍ରା ଆରମ୍ଭ ହୋଇ ଆସ୍ଥାନ ହୁଏ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ଭଣ୍ଡାର ଘରଣୀ ମନ୍ଦିର ପରିସରରେ । ସେଠି ପହଞ୍ଚିବା ବେଳକୁ ପ୍ରାୟ ଅପରାହ୍ନ ହୋଇଯାଏ । ନବରଙ୍ଗପୁରବାସୀ ସୁଯୋଗ ପାଆନ୍ତି ଦେବୀ ପ୍ରତୀକ ଲାଠି ପୂଜା କରି ଦେବୀଙ୍କ ଆଶୀର୍ବାଦ ପାଇବାକୁ ।



ଭୈରବ ପୀଠ

ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡିଠାରୁ ପ୍ରାୟ ୫ କିଲୋମିଟର ଦୂରରେ ମୋକିଆ ଗ୍ରାମରେ ରହିଛି ଚାଉଁରିଆ ଦେବୀଙ୍କ ପୀଠ । ପ୍ରତୀକ ଦେବଦେବୀ ଭଣ୍ଡାର ଘରଣୀ ମନ୍ଦିରରୁ ବାହାରନ୍ତି ମୋକିଆ ଅଭିମୁଖେ । ମୋକିଆରେ ଚାଉଁରିଆ ଦେବୀ ପୀଠରେ ଆସ୍ଥାନ ଜମାଇ ପରବର୍ତ୍ତୀ ଦିନ ପ୍ରାୟ ୧୬ କିଲୋମିଟର ଚାଲିବାକୁ ହୁଏ । ଡାବୁଗାଁ ଦେଇ

ଠାକୁର-ଠାକୁରାଣୀଙ୍କ ପ୍ରତୀକ ପହଞ୍ଚନ୍ତି ମହେନ୍ଦ୍ରି ଗ୍ରାମସ୍ଥିତ ଦନ୍ତେଶ୍ୱରୀ ଦେବୀଙ୍କ ଆସ୍ଥାନରେ । ଦନ୍ତେଶ୍ୱରୀ ପୀଠ ନିକଟରେ ଆଖପାଖ ଗ୍ରାମବାସୀଙ୍କଠାରୁ ପୂଜା ପାଇବା ପରେ ଯାତ୍ରା ଚାଲେ ନିକଟସ୍ଥ ଉମରାହାଣ୍ଡି ଗ୍ରାମ ଦେବୀ ପୀଠକୁ । ଉମରାହାଣ୍ଡି ଓ ନିକଟସ୍ଥ ଗ୍ରାମ ଡଙ୍ଗରିଗୁଡ଼ା ପ୍ରାୟ ୩ କିଲୋମିଟର ବ୍ୟବଧାନ ମଧ୍ୟରେ ଅବସ୍ଥିତ ।



ପାରମ୍ପରିକ ପଟୁଆରରେ ସୁସଜ୍ଜିତ ଘୋଡ଼ା

ଡାବୁଗାଁ ଭୈରବ ମନ୍ଦିର ପୀଠରେ ଦିନବେଳା ବିଶ୍ରାମ ଓ ଉମରାହାଣ୍ଡି, ଡଙ୍ଗରିଗୁଡ଼ା ଗ୍ରାମ ପୀଠରେ ଦୁଇରାତି ବିଶ୍ରାମ ଯାପନର ନିୟମ ରହିଛି । ଭୈରବ ମନ୍ଦିରରେ ପୂଜାର୍ଚ୍ଚନାର ଆୟୋଜନ ପ୍ରତିବର୍ଷ ପଞ୍ଚାୟତମାନେ କରିଥାନ୍ତି । ଡଙ୍ଗରିଗୁଡ଼ାଠାରୁ ପ୍ରାୟ ୧୭ କିଲୋମିଟର ଯାତ୍ରା କରି ପ୍ରତୀକ ଦେବଦେବୀ ପହଞ୍ଚନ୍ତି ସରାଗୁଡ଼ା ଗ୍ରାମରେ । ଏଠାରେ ମଧ୍ୟାହ୍ନରେ ପହଞ୍ଚ ଭୋଜନ ପରେ ପୁଣି ପ୍ରାୟ ୧୨ କିଲୋମିଟର ଯାତ୍ରା ହୁଏ । ସନ୍ଧ୍ୟା ସୁଦ୍ଧା ଯାତ୍ରା ଶେଷ ହୁଏ ବିଜାପୁର ଗ୍ରାମ ନିକଟସ୍ଥ ଗୁଛାଗୁଡ଼ା ଭୈରବ ଦେବପୀଠରେ । ପରଦିନର ଯାତ୍ରା ମଧ୍ୟାହ୍ନରେ ଆରମ୍ଭ ହୋଇ ପ୍ରାୟ ୮ କିଲୋମିଟର ଦୂରବର୍ତ୍ତୀ ବକରାଗୁଡ଼ା ଗ୍ରାମ ନିକଟସ୍ଥ ପରିଆ ପୀଠରେ ପହଞ୍ଚେ । ଏଠାରେ ପୂର୍ବ ପରମ୍ପରା ଅନୁଯାୟୀ ହରିବନ୍ଧୁ ପୂଜାରୀ ପରିବାର ଲାଠି ଯାତ୍ରୀଙ୍କୁ ସ୍ୱାଗତ ଅଭ୍ୟର୍ଥନା କରନ୍ତି । ପରଦିନ ଭୋରରୁ ଯାତ୍ରା ଆରମ୍ଭ ହୁଏ ଖାତିଗୁଡ଼ା ଅଭିମୁଖେ । ପ୍ରାୟ ୧୩ କିଲୋମିଟର ଦୀର୍ଘ ଏହି ପଦଯାତ୍ରା ଐତିହାସିକ ମଣ୍ଡେଇ ପୀଠ ଧୋଡ଼ରା ନିକଟରେ ଅବସ୍ଥିତ । ଏଠାରୁ ୩ କିଲୋମିଟର ଦୂରରେ ରହିଛି ଭଦ୍ରଶାଳା ପଦର । ଏହି ପୀଠର ବହୁ ଗୁରୁତ୍ୱପୂର୍ଣ୍ଣ ଇତିହାସ ରହିଥିବାର ପ୍ରମାଣ ମିଳେ । ପ୍ରସ୍ତରରେ ଏକ ପ୍ରାଚୀନ ଲେଖନୀ ପତ୍ରକୁ ଏଠାରେ ସଂରକ୍ଷିତ କରି ପୂଜାର୍ଚ୍ଚନା କରାଯାଉଛି । ଏଠାରେ ରହିଛି ଦନ୍ତେଶ୍ୱରୀ ମାହୁଲି ଦେବୀଙ୍କ ପୀଠ । ଏହି ପୀଠରୁ ପ୍ରାୟ ୪ କିଲୋମିଟର ଦୂରବର୍ତ୍ତୀ ଗ୍ରାମ ହେଉଛି ଜିରାଗୁଡ଼ା । ଏହି ଗ୍ରାମକୁ ପୋଡ଼ାଗଡ଼ର ମୁଖଶାଳା କୁହାଯାଏ । ଏହି ଗ୍ରାମ ପୀଠରେ ପୋଡ଼ାଗଡ଼ର ସମସ୍ତ ଦେବଦେବୀଙ୍କ ପଥର ପ୍ରତୀକ ରହିଛି । ପ୍ରତୀକ ଯାତ୍ରା ଏଠାରେ ପହଞ୍ଚିବା ମାତ୍ରେ ଆଖପାଖ ୫/୬ ଖଣ୍ଡ ଗ୍ରାମର ଗ୍ରାମବାସୀ ଏଠାରେ ରୁଣ୍ଡ ହୁଅନ୍ତି । ଏହି ସ୍ଥାନରେ ଅନାଦି କାଳରୁ ଏକ ବିରାଟ ବରଗଛ ଅଛି । ବରଗଛ ଛାଇରେ ସମସ୍ତ ଦେବଦେବୀଙ୍କ ଚିହ୍ନ ପଥର ଅଛି । ଏହାକୁ ଜିରାଗୁଡ଼ା ଛତ୍ରଘର କୁହାଯାଏ । ଗ୍ରାମବାସୀ, ସ୍ତ୍ରୀ, ପୁରୁଷ ସମସ୍ତେ ଏଠାରେ ମୁଣ୍ଡିଆ ମାରନ୍ତି । ଦୁଇ ଦିନ ଧରି ଏଠାରେ ପୂଜାର୍ଚ୍ଚନା ସରିବା ପରେ ପୁଣି ଯାତ୍ରା ହୁଏ ଆଉ ୪ କିଲୋମିଟର ଦୂରବର୍ତ୍ତୀ କାରଲିଖମାର ଗ୍ରାମକୁ ଯେଉଁଠି ରହିଛି ପ୍ରାଚୀନ ଗୁଣ୍ଡୁରୁ ଭୈରବ ଦେବପୀଠ ଏବଂ କଳା ଭୈରବ ପୀଠ । ସେଠାରେ ରାତ୍ରିଯାପନ ପରେ ପରଦିନ ସକାଳୁ ଯାତ୍ରା ଆରମ୍ଭ ହୋଇ ମଧ୍ୟାହ୍ନ ପୂର୍ବରୁ ପୋଡ଼ାଗଡ଼ ପୀଠରେ ପହଞ୍ଚନ୍ତି ।



ଲାଖବିନ୍ଧା

ପୋଡ଼ାଗଡ଼ର ପଶ୍ଚିମ ଦିଗରେ ଡଙ୍ଗରଗୁଡ଼ା ଗ୍ରାମ ଅବସ୍ଥିତ । ସେଠାରେ ବଙ୍ଗାରାମ ଦେଓ, ବୁଢ଼ୀ ଠାକୁରାଣୀ ଓ ଦେବୀ କାଙ୍କାଳିନୀଙ୍କ ପ୍ରାଚୀନ ଆସ୍ଥାନ ରହିଛି । ମନ୍ଦିର ସଂଲଗ୍ନ ବିରାଟ ଖୋଲା ପଡ଼ିଆକୁ ଦଶହରା ପଡ଼ିଆ ରୂପେ ଜାଣନ୍ତି । ସେହି ପଡ଼ିଆରେ ପୂଜାରୀ, ବୈଠକ, ମିଳାମିଶା, ପର୍ବ ସମୟରେ ଉଠା ଦୋକାନ ଇତ୍ୟାଦି କରାଯାଏ । ସେହି ପଡ଼ିଆ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ରହିଛି ଯେଉଁଠି ପର୍ବ ସମୟରେ ହାଟ ବା ମଣ୍ଡି ବସେ । ଓଡ଼ିଶା ଓ ବସ୍ତର ଅଞ୍ଚଳର ସୀମାନ୍ତରେ ରହିଥିବାରୁ ଏ ଅଞ୍ଚଳର ହାଟକୁ ମଣ୍ଡି ବୋଲି ମଧ୍ୟ ଲୋକେ ଜାଣନ୍ତି । ପୋଡ଼ାଗଡ଼ର ଦଶହରା ପଡ଼ିଆ ମଧ୍ୟରେ ଏକ ସ୍ଥାନକୁ ଲୋକେ 'ମଣ୍ଡେଇଭଟ୍ଟା' ନାମରେ ଜାଣନ୍ତି । ଜୟପୁର ଦଶହରା ପର୍ବ ପାଳନ କରି ଦୀର୍ଘ ଦିନର ଯାତ୍ରା ପରେ ପ୍ରମୁଖ ଦେବଦେବୀ ପ୍ରତୀକ ସବୁ ପୋଡ଼ାଗଡ଼ର ଯେକୌଣସି ବାରରେ ପହଞ୍ଚନ୍ତୁ ନା କାହିଁକି ତାହା ପରର ପ୍ରଥମ ଗୁରୁବାରକୁ ଉଦ୍‌ଯାପନୀ ଦିବସ ରୂପେ ପାଳନ କରାଯାଏ ଏବଂ ଏହାର ପୂର୍ବଦିନରୁ ବାହୁଡ଼ା ଦଶହରା ପର୍ବ ପାଳନ କରାଯାଏ । ଜୟପୁରରୁ ଫେରିଥିବା ଦେବୀ ତେଲେଙ୍ଗିନୀ ମାତା, ତୋପେଶ୍ୱରୀ ମା', ଖମ୍ବେଶ୍ୱରୀ ମା, ସମଲାଇ ମାତା, ଦନ୍ତେଶ୍ୱରୀ ମାହୁଲି, ଚଉଁରିଆ ବାବା ଓ ପେଣ୍ଡାଣୀଙ୍କ ନିକଟରେ ଏକତ୍ର ହୁଅନ୍ତି ଆଖପାଖ ଗାଁର ଦେବୀ ପ୍ରତୀକ ପାଲିଙ୍କି ଓ ବିମାନ । ପୋଡ଼ାଗଡ଼ରେ ଅଛି ରାଜାଙ୍କ ପାଟଖଣ୍ଡାଙ୍କ ଆସ୍ଥାନ । ଦୁଇଦିନ ଧରି ପର୍ବ ପାଳନ କରାଯାଏ । ପର୍ବର ଦ୍ୱିତୀୟ ଦିନ ବା ଗୁରୁବାର ଦିନ ଉଦ୍‌ଯାପନୀ ଦିବସରେ ଏକ ଶୋଭାଯାତ୍ରା ହୁଏ । ବିରାଟ ନାଙ୍ଗରା ବାଦ୍ୟ, ମହୁରୀ, ଟାମ୍‌କ ଓ

ତୁଡ଼ୁବୁଡ଼ି ସହ ଦେବୀ ପ୍ରତୀକ ଲାଠି ଶୋଭାଯାତ୍ରା କରନ୍ତି । ଏହି ଯାତ୍ରା ଦଶହରା ପଡ଼ିଆରେ ଭ୍ରମଣ କରିବା ଭିତରେ ଗ୍ରାମବାସୀଙ୍କ ମୁଣ୍ଡିଆ, ଜୁହାର ଓ ପୂଜାର୍ଚ୍ଚନା ହୁଏ । ତିନି ମୁଠା ଗ୍ରାମର ଲୋକେ ରୁଣ୍ଡ ହୋଇ ପୂଜାର୍ଚ୍ଚନା କରନ୍ତି । ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି 'ଘୋଡ଼ା ପଟୁଆର' । ପୋଡ଼ାଗଡ଼ ପୀଠରୁ ଦକ୍ଷିଣ ଦିଗରେ ୮ କିଲୋମିଟର ଦୂରରେ ରହିଛି ଉମରକୋଟ ବ୍ଲକ୍ ଅନ୍ତର୍ଗତ ସିଂହସାରିଗ୍ରାମ । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ଏହି ଗ୍ରାମର ଇତିହାସ ବହୁପ୍ରାଚୀନ । ରାଜ ଶାସନ ଅମଳରୁ ଏହି ଗ୍ରାମରେ ଅଛନ୍ତି 'ଘୋଡ଼ା ଚରିଆ' ପରିବାର । କେବଳ ପରିବାରର ପାରମ୍ପରିକ କର୍ତ୍ତବ୍ୟନିଷ୍ଠତା ନୁହେଁ, ରାଜାଙ୍କ ପ୍ରଦତ୍ତ ଘୋଡ଼ାର ବଂଶର ଛୁଆ ହିଁ ଏ ପର୍ଯ୍ୟନ୍ତ ପଟୁଆରରେ ଭାଗ ନେଉଛନ୍ତି । ଘୋଡ଼ା ଚରିଆ ପରିବାରର କାମ ହେଲା ପବିତ୍ର ମାଘ ମଣ୍ଡେଇ ଯାତ୍ରା ଓ ବାହୁଡ଼ା ଦଶହରା ଅବସରରେ ସୁସଜ୍ଜିତ ଘୋଡ଼ାକୁ ମନ୍ଦିର ପ୍ରାଙ୍ଗଣରେ ଶୋଭା ପଟୁଆରରେ ରଖିବା ଏବଂ ଭରଣପୋଷଣ ପାଇଁ ଆଖପାଖ ଗ୍ରାମବାସୀ ପ୍ରତିବର୍ଷ ଅମଳ ପରେ ଦେଇଥାନ୍ତି 'ଇନାମ' । ଘୋଡ଼ାକୁ ଗାଁ ଗାଁରେ ବୁଲାଇ ଏହି 'ଇନାମ' ସଂଗ୍ରହ କରିଥାନ୍ତି ଘୋଡ଼ା ଚରିଆ ପରିବାର । ଏହି ଇନାମକୁ ଗ୍ରାମବାସୀ କହନ୍ତି 'ପଲେ' ଏବଂ ଘୋଡ଼ାଟି ଦେବତା ଘୋଡ଼ା ଭାବେ ପୂଜିତ ହୋଇଥାଏ ।


ଦେବଦେବୀଙ୍କ ପ୍ରତୀକ ଲାଠି ଶୋଭାଯାତ୍ରା

ବାହୁଡ଼ା ଦଶହରାର ମୁଖ୍ୟ ଆକର୍ଷଣ ହେଉଛି ପଟୁଆର ଓ ଏହା ପରେ ଲାଖବିନ୍ଧା । ଦେବୀଙ୍କ ବାଦ୍ୟବାଜଣା, ସୁସଜ୍ଜିତ ଘୋଡ଼ା ସହିତ ପ୍ରତୀକ ପାଲିଙ୍କି, ଲାଠି, ଖଣ୍ଡା ଛତ୍ର ଇତ୍ୟାଦିଙ୍କ ପଟୁଆର ପହଞ୍ଚେ 'ଲାଖବିନ୍ଧା' ନିକଟରେ । ପୂର୍ବରୁ ଫୁଲମାଳ ସହିତ ଏକ ଉଚ୍ଚ ବାଉଁଶ ଖୁଣ୍ଟି ଶୀର୍ଷରେ ବନ୍ଧା ହୋଇ ରଖା ହୋଇଥାଏ ଏକ କମଳା । ଏହି ଖୁଣ୍ଟି ନିକଟରେ ପ୍ରତୀକ ଦେବଦେବୀଙ୍କୁ ରଖି ପୂଜାର୍ଚ୍ଚନା ଏବଂ ଏକ କଳା କୁକୁଡ଼ାକୁ ବଳି ଦିଆଯାଏ । ନିଜ ନିଜର ବନ୍ଧୁକଗୁଡ଼ିକୁ ଏଠି ରଖି ଚାରିପଟେ ମୁରୁଜ ଝୋଟି ଓ ଦୁବ ଚାଉଳ ଦେଇ ପୂଜା କରିବା ପରେ ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଖୁଣ୍ଟି ଶୀର୍ଷରେ ଥିବା କମଳାକୁ ଲକ୍ଷ୍ୟ କରି ବିନ୍ଧାଯାଏ । ସଫଳ ଲକ୍ଷ୍ୟ ଭେଦକୁ ସମ୍ମାନିତ ଓ ପ୍ରଶଂସା ପରେ କାନ୍ଧରେ ବସାଇ ଗାଁ ଲୋକେ ପୀଠକୁ ଫେରନ୍ତି ।

ସେପଟେ ଦଶହରା ପଡ଼ିଆର ବିଭିନ୍ନ ସ୍ଥାନରେ ହାଟ ବା ମଣ୍ଡି ବସେ । ଓଡ଼ିଶା ଓ ସୀମାନ୍ତ ବସ୍ତରରୁ ବେପାରୀ ଆସି ନିଜ ନିଜର ସାମଗ୍ରୀ ବିକ୍ରୟ କରନ୍ତି । ବନ୍ଧୁ ମିଳନ, ଖବର ବାର୍ତ୍ତା, ଦୁଃଖ ସୁଖ ବାଣ୍ଟିବା ସହିତ ସମାପନ ହୁଏ ବାହୁଡ଼ା ଦଶହରା । କେତେକ ଏହି ତିଥିରେ ବିବାହ ସ୍ଥିର ଇତ୍ୟାଦିର କାର୍ଯ୍ୟ ପାଇଁ ମଧ୍ୟ ଶୁଭ ମଣିଥାନ୍ତି । ସନ୍ଧ୍ୟା ପୂର୍ବରୁ ସମସ୍ତେ ନିଜ ନିଜ ଗ୍ରାମକୁ ଫେରିଯାଇ ପରଦିନ ନୂତନ କାର୍ଯ୍ୟ ଆରମ୍ଭ କରିଥାନ୍ତି ।

ବଙ୍କି ଶହୀଦ
ଜୟପୁର, କୋରାପୁଟ

# କାରଖାନା ଲାଇସେନ୍ସ ନବୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ

୨୦୦୯ ମସିହା କାରଖାନାର ଲାଇସେନ୍ସ ନବୀକରଣ ନିମନ୍ତେ ୨ ନମ୍ବର ଫର୍ମରେ ନିର୍ଦ୍ଧାରିତ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଟଙ୍କା ଜମା କରାଯାଇଥିବା ମୂଳ ଟ୍ରେଜେରୀ ଚାଲାଣ ଓ ଲାଇସେନ୍ସ ସହ ରାଜ୍ୟ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟରେ ଅକ୍ଟୋବର ୩୧, ୨୦୦୮ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନଭେମ୍ବର ୧, ୨୦୦୮ଠାରୁ ଡିସେମ୍ବର ୩୧, ୨୦୦୮ ମଧ୍ୟରେ ପହଞ୍ଚିଥିବା ଆବେଦନପତ୍ର ପାଇଁ ଅଧିକ ୨୫ ଟଙ୍କା ଏବଂ ଡିସେମ୍ବର ୩୧, ୨୦୦୮ ତାରିଖ ପରେ ପହଞ୍ଚିଥିବା ଆବେଦନପତ୍ର ପାଇଁ ଅଧିକ ୧୦୦ ଟଙ୍କା ପେନାଲ୍ ଫି ଟ୍ରେଜେରୀ ଚାଲାଣ ଦେବାକୁ ପଡ଼ିବ ।

ଡାକ ସେବା କିମ୍ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଆବେଦନପତ୍ର ମିଳିବାରେ ବିଳମ୍ବ ହେଲେ ରାଜ୍ୟ ସରକାର ଦାୟୀ ରହିବେ ନାହିଁ ବୋଲି ରାଜ୍ୟ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକ ଶ୍ରୀ ଶାନ୍ତନୁ କୁମାର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ଏକାମ୍ରକ୍ଷେତ୍ର ଭୁବନେଶ୍ୱର

କୃଷ୍ଣଚନ୍ଦ୍ର ସୁଆର

ମନ୍ଦିରମାଳିନୀ ଭୁବନେଶ୍ୱର ଏକାମ୍ରକ୍ଷେତ୍ର ଭାବରେ ଅତି ପବିତ୍ର ଓ ବିଶ୍ୱବିଖ୍ୟାତ । ଶିବଙ୍କର ନିତ୍ୟବସତି କୈଳାସଠାରୁ ମଧ୍ୟ ଏହି କ୍ଷେତ୍ର ଅତି ପ୍ରିୟତମ । ଶ୍ରୀକ୍ଷେତ୍ରପରି ଏକାମ୍ରକ୍ଷେତ୍ର ଓ ଭୁବନେଶ୍ୱର ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂସ୍କୃତିକୁ ବହୁଳ ଭାବରେ ପ୍ରଭାବିତ କରିଛି । ସ୍କନ୍ଦପୁରାଣ ବର୍ଣ୍ଣନାନୁସାରେ ଏହି କ୍ଷେତ୍ର ହେଉଛି କୃତ୍ତିବାସ କଟକ । ଉଦାହରଣତଃ-

'କୃତ୍ତିବାସାଭିଧଂ କ୍ଷେତ୍ରମୁକ୍ତଂ ତେ ଦେବବିତ୍ତମାଃ ।
ଯଃ କୈଳାସାଦପି ଶ୍ଳାଘ୍ୟୋ ନିବାସଃ କୃତ୍ତିବାସସଃ ।।'

ଏହି କ୍ଷେତ୍ରର ଅନ୍ୟନାମ ସ୍ୱର୍ଣ୍ଣାଚଳ । ଏକାମ୍ର ପୁରୁଣାନୁଯାୟୀ ଏକାମ୍ର ବନ ଗନ୍ଧବତୀ ନଦୀ କୂଳରେ ଥିବା ସ୍ୱର୍ଣ୍ଣକୂଟ ଗିରି ଉପରେ ଅବସ୍ଥିତି ଯୋଗୁଁ ଏହି କ୍ଷେତ୍ରର ନାମ ସ୍ୱର୍ଣ୍ଣାଚଳ । ଏତଦ୍‌ବ୍ୟତୀତ ପ୍ରଭୁ ଲିଙ୍ଗରାଜଙ୍କୁ ପ୍ରାର୍ଥନା କରି ପ୍ରସାଦ ସେବନ ସମୟରେ ଯେଉଁ ମନ୍ତ୍ରପାଠ କରାଯାଏ ସେଥିରୁ ମଧ୍ୟ ଏହି କ୍ଷେତ୍ର ସ୍ୱର୍ଣ୍ଣାଚଳ ଅଟେ ।

'ସ୍ୱର୍ଣ୍ଣାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ପାର୍ବତୀ ପ୍ରାଣନାଥାୟ ଲିଙ୍ଗରାଜାୟ ତେ ନମଃ ।।'

ଆହୁରି ମଧ୍ୟ ଏହି କ୍ଷେତ୍ରକୁ ଗୁପ୍ତକାଶୀ ଓ ଚକ୍ରକ୍ଷେତ୍ର ବୋଲି ମଧ୍ୟ କୁହାଯାଏ । କାରଣ ଭଗବାନ ଶିବ ତାଙ୍କର ସକଳ ପ୍ରିୟ ସ୍ଥାନ ପରିତ୍ୟାଗ କରି ଏଠାରେ ବାସ କରିଥିବାରୁ ଏହାର ନାମ ଗୁପ୍ତକାଶୀ ଏବଂ ଏହି କ୍ଷେତ୍ରରେ ଗୋଟିଏ ଆମ୍ବଗଛ ଚତୁର୍ଦ୍ଦିଗକୁ ଶାଖାପ୍ରଶାଖା ମେଲି ଚକ୍ର ଆକାରରେ ବିସ୍ତାରିତ ହୋଇଥିବାରୁ ଏହା ଚକ୍ରକ୍ଷେତ୍ର ନାମରେ ସୁବିଖ୍ୟାତ ।

ଆଜି ମଧ୍ୟ ଏହାକୁ ଏକାମ୍ରକାନନ, ଏକାମ୍ର ବନ ଓ ଏକାମ୍ର ନଗରୀ ବୋଲି ଲୋକେ କହିଥାନ୍ତି । ଏହି କ୍ଷେତ୍ରର ପ୍ରାଚୀନ ନାମ, ଧାମ, ପ୍ରସିଦ୍ଧି ସଂପର୍କରେ ବିଭିନ୍ନ ପୋଥି ପୁରାଣରୁ ତଥ୍ୟ ମିଳେ । ତନ୍ମଧ୍ୟରେ ରାମାୟଣ, ମହାଭାରତ କେତୋଟି ଜୈନ ଗ୍ରନ୍ଥ ସମେତ କପିଳ ସଂହିତା, ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା ସ୍ୱର୍ଣ୍ଣାଦି ମହୋଦୟ, ଶୈବ ଚିନ୍ତାମଣି, ଶିବପୁରାଣ ଓ ବ୍ରହ୍ମପୁରାଣ ପ୍ରଭୃତି ଉଲ୍ଲେଖନୀୟ ।

ଏହି ଏକାମ୍ର କ୍ଷେତ୍ର ଶିବଙ୍କ ବାସସ୍ଥାନ ରୂପେ ଶିବ ପୁରାଣରେ ବର୍ଣ୍ଣିତ । ପୌରାଣିକ କିମ୍ବଦନ୍ତୀରୁ ଜଣାଯାଏ କାଶୀକ୍ଷେତ୍ର ଜନାକୀର୍ଣ୍ଣ ହୋଇ ଯାଆନ୍ତେ, ପାର୍ବତୀ ସେଠାରେ ଅବସ୍ଥାନ କରିବାକୁ ଆଦୌ ମନ ବଳାଇଲେ ନାହିଁ । ତେଣୁ ଅନ୍ୟ ଏକ ସୁରମ୍ୟ କ୍ଷେତ୍ର ନିର୍ବାଚନ କରିବାକୁ ସେ ଦେବାଧିଦେବ ମହାଦେବଙ୍କଠାରେ ଅନୁରୋଧ ଜଣାଇଲେ । ଦେବୀଙ୍କ ଅନୁରୋଧ ଅନୁସାରେ ଶିବ ପାର୍ବତୀଙ୍କୁ ସଂଗରେ ନେଇ ବୃଷଭ ଉପରେ ଆରୋହଣ ପୂର୍ବକ ଶୈବ କ୍ଷେତ୍ରର ଅନ୍ୱେଷଣରରେ ବାହାରି ପଡ଼ିଲେ । ସେ ଦେବୀ ପାର୍ବତୀଙ୍କୁ ବହୁସ୍ଥାନ ଦେଖାଇଥିଲେ ହେଁ ସେଥିରେ ତାଙ୍କ ମନ ମାନିଲା ନାହିଁ । ପରିଶେଷରେ ମହାଦେବ ଆସି ଏକାମ୍ର କ୍ଷେତ୍ରରେ ଉପନୀତ ହେଲେ । ଏହି କ୍ଷେତ୍ରର ନାମ ଗୋଟିଏ ବିଶାଳ ଆମ୍ର ବୃକ୍ଷ ଅନୁସାରେ ହୋଇଥିଲା । ନାନାବର୍ଣ୍ଣର ପୁଷ୍ପକ ଦ୍ରୁମରେ ସ୍ଥାନଟି ସୁଗନ୍ଧିତ ହେଉଥିଲା । ଏହି ଅରଣ୍ୟାନୀର ସିଦ୍ଧାଶ୍ରମଠାରେ ଉପସ୍ଥିତ ହୋଇ ଦେବୀ ପାର୍ବତୀ ହରଗୌରୀଙ୍କ ନିମିତ୍ତ ମନୋରମ ଆବାସସ୍ଥଳୀ ରୂପେ ସ୍ଥାନଟିକୁ ମନୋନୀତ କରିଥିଲେ । ଶିବ ସେହି ସ୍ଥାନଟିର ମାହାତ୍ମ୍ୟ ବୁଝାଇ ଦେବୀଙ୍କୁ କହିଲେ, 'ଗୌରୀ ଏହି ସ୍ଥାନଟି ହେଉଛି ଏକ ପରମ ପାବନ ସ୍ଥାନ ।' ସେ ଏହାର ବିଶେଷ ବର୍ଣ୍ଣନା କରି କହିଥିଲେ-



'ଏକାମ୍ର କବଳଂ ନାମ ଦକ୍ଷିଣାମ୍ବୁଧି ସନ୍ନିଧୌ ।'
x x x x
ଏବମେକୋ ଯତଶ୍ଚାମ୍ରସ୍ତ ସ୍ମାଦେକାମ୍ରଙ୍କ ବନମ ।'
ସାନ୍ନିଧ୍ୟୋହିଂ ଯଦାତତ୍ର ଲିଙ୍ଗବ୍ୟକ୍ତି ସ୍ୱତେଜସା ।
ଆମୁଳସ୍ଫିଟିକା ବଦ୍ଧଂ ମଧ୍ୟେ ବୈଦୁର୍ଯ୍ୟ ସନ୍ନିଭମ୍ ।
ପଦ୍ମରାଗ ସମୋର୍ଦ୍ଧ୍ୱଂଚ ଜ୍ୱଳନ୍ତଂ ତେଜସାତୁଳମ୍ ।
ଶିଖରେ ତସ୍ୟ ଲିଙ୍ଗସ୍ୟ ମହାକାଳ ଶିଖା ସମମ୍ ।
ଭାସୟଚ୍ଚ ଦିଶଃ ସର୍ବାସ୍ତେଜୋ ଜ୍ୱଳତି ସର୍ବଦା ।।
(ଏକାମ୍ର ପୁରାଣ)

ସେଠାରେ ସିଦ୍ଧ ସାଧକମାନେ ରହି ତପସ୍ୟାରେ ରତ ଥିଲେ, କିନ୍ତୁ କାଳକ୍ରମେ କୀର୍ତ୍ତି ଓ ବାସ ନାମକ ଦୁଇଜଣ ଦୈତ୍ୟ ଆସି ସେଠାରେ ଅବସ୍ଥାନ କରି ହୀନକାର୍ଯ୍ୟ କରିବାରୁ ସେମାନଙ୍କ ଦୌରାତ୍ମ୍ୟରେ ସିଦ୍ଧ ମୁନି ଋଷିମାନେ ସିଦ୍ଧାଶ୍ରମ ତ୍ୟାଗ କରି ଚାଲିଗଲେ । ସେତିକିବେଳେ ହର-ପାର୍ବତୀ ଆସି ଏକାମ୍ର କ୍ଷେତ୍ରରେ ପଦାର୍ପଣ କଲେ । ମା' ପାର୍ବତୀ ଗୋପାଳିନୀ ବେଶରେ କୀର୍ତ୍ତି ଓ ବାସ ନାମକ ଅସୁରଦ୍ୱୟଙ୍କୁ ବଧ କରିଥିଲେ । ଦେବୀ ଯେଉଁ ସ୍ଥାନରେ ଅସୁର ଦୁହିଁଙ୍କୁ ପାଦରେ ମର୍ଦ୍ଦନ କରିଥିଲେ ସେହି ସ୍ଥାନରେ ଦେବୀ ପାଦହରା ନାମକ ଗୋଟିଏ ଗଭୀର ପୁଷ୍କରିଣୀ ହୋଇଥିଲା ।

ଯେଉଁ ସ୍ଥାନରେ ତ୍ରିଶୂଳ ପ୍ରହାର କରି ଶିବ ଦେବୀଙ୍କ ତୃଷା ମେଣ୍ଟାଇ ଥିଲେ, କୁଣ୍ଡଟି ପରବର୍ତ୍ତୀ କାଳରେ ବିନ୍ଦୁ ସରୋବର ନାମରେ ଖ୍ୟାତ ହୋଇଥିଲା ।

ଯେଉଁ ସ୍ଥାନରେ ତ୍ରିଶୂଳ ପ୍ରହାର କରି ଶିବ ଦେବୀଙ୍କ ତୃଷା ମେଣ୍ଟାଇ ଥିଲେ, କୁଣ୍ଡଟି ପରବର୍ତ୍ତୀ କାଳରେ ବିନ୍ଦୁ ସରୋବର ନାମରେ ଖ୍ୟାତ ହୋଇଥିଲା । ଦେବୀଙ୍କ ପଦାଘାତରେ ମୃତ୍ୟୁବରଣ କରିଥିବା ଅସୁରଦ୍ୱୟଙ୍କ ନାମ ଅନୁସାରେ ଏକାମ୍ର କ୍ଷେତ୍ର କୃତ୍ତିବାସ କ୍ଷେତ୍ର ନାମରେ ପରିଚିତ ହେଲା ଏବଂ ଦେବୀ ମଧ୍ୟ ଏହି କ୍ଷେତ୍ରରେ ଗୋପାଳିନୀ ନାମରେ ପୂଜିତା ହେଲେ ।

ଏତଦ୍‌ବ୍ୟତୀତ ଭୁବନେଶ୍ୱର ନାମର ପ୍ରାଚୀନତା ସଂପର୍କରେ ପ୍ରାଚୀନ ଗଦ୍ୟ ସାହିତ୍ୟର ଆଦିସ୍ରଷ୍ଟା ନାରାୟଣ ଦାସଙ୍କ ରଚିତ 'ରୁଦ୍ରସୁଧାନିଧି' ଗ୍ରନ୍ଥରୁ ଭୁବନେଶ୍ୱରର ପ୍ରାଚୀନ ନାମ ଏକାମ୍ର କାନନ ଥିବା ସ୍ପଷ୍ଟ ପ୍ରମାଣିତ ହୁଏ । ଉଦାହରଣତଃ-

'ଶ୍ରୀଏକାମ୍ରର ବନ ଆଶ୍ରିତ
ଶ୍ରୀଭୁବନେଶ୍ୱରୀ ଦେବୀର ବରପୁତ୍ରା ।'

ଅନ୍ୟତ୍ର ଦେବାଧିଦେବ ଲିଙ୍ଗରାଜଙ୍କୁ ସ୍ତୁତି କରିବାକୁ ଯାଇ ସେ ଲେଖିଛନ୍ତି -

'ଜୟ ଜୟ ଶ୍ରୀବିଶ୍ୱେଶ୍ୱର ଭୁବନେଶ୍ୱର
ଏ ସର୍ବନାମ ରୂପେଶ୍ୱର ।
ଏକାମ୍ର ବନବିହାର ।'

ବ୍ରହ୍ମେଶ୍ୱର ମନ୍ଦିର ଓ ଅନନ୍ତ ବାସୁଦେବ ମନ୍ଦିରର ଶିଳାଲେଖରୁ ମଧ୍ୟ ଏକାମ୍ର ଶବ୍ଦର ବ୍ୟବହାର ହୋଇଥିବା ଜଣାଯାଏ । କାଳକ୍ରମେ କୀର୍ତ୍ତିବାସ ବା କୃତ୍ତିବାସ ଲିଙ୍ଗରାଜ ତ୍ରିଭୁବନ ଈଶ୍ୱରଙ୍କ ନାମାନୁସାରେ ଏହି ପୁଣ୍ୟ କ୍ଷେତ୍ରର ନାମ ଭୁବନେଶ୍ୱର ହୋଇଛି ।

'ସ୍ୱର୍ଣ୍ଣାଦି ମହୋଦୟ' ଗ୍ରନ୍ଥରୁ ଜଣାଯାଏ ପ୍ରାଚୀନ କାଳରେ ପଶ୍ଚିମରେ ଖଣ୍ଡାଚଳ (ଖଣ୍ଡଗିରି) ଓ ପୂର୍ବରେ ବହି ରଂଗେଶ୍ୱର (ଧଉଳି ଗିରି)ର ମଧ୍ୟବର୍ତ୍ତୀ ଭୂଖଣ୍ଡ ଭୁବନେଶ୍ୱର ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲା । ସେତେବେଳେ ଏହାର ପରିସୀମା ଅଧିକ ବ୍ୟାପକ ଥିଲା । ସଂପ୍ରତି ଆମେ ଯେଉଁ ମନ୍ଦିରମାନଙ୍କର ଅବସ୍ଥିତିକୁ ଦେଖୁଛେ ସେହି ମନ୍ଦିରମାଳିନୀ ରାଜଧାନୀର ସୀମା ପୂର୍ବରେ ବ୍ରହ୍ମେଶ୍ୱରଠାରୁ ପଶ୍ଚିମରେ ଭୀମକୁଣ୍ଡ ପର୍ଯ୍ୟନ୍ତ ଓ ଉତ୍ତରରେ ରାମେଶ୍ୱର ମନ୍ଦିରଠାରୁ ଦକ୍ଷିଣରେ କପିଳେଶ୍ୱର ପର୍ଯ୍ୟନ୍ତ ବ୍ୟାପୀ ରହିଛି । ମନ୍ଦିରମାଳିନୀ କ୍ଷେତ୍ରର ପୂର୍ବରେ ପ୍ରାଚୀନ କଳିଙ୍ଗ ନଗରୀର ଧ୍ୱଂସାବଶେଷ ଶିଶୁପାଳ ଗଡ଼, ପଶ୍ଚିମରେ ଖଣ୍ଡଗିରି ଓ ଉଦୟଗିରି, ଦକ୍ଷିଣରେ ଐତିହାସିକ ଧଉଳିଗିରି ଓ ଉତ୍ତରରେ ନବନିର୍ମିତ ଓଡ଼ିଶାର ରାଜଧାନୀ ଶୋଭା ପାଉଛି । ଐତିହାସିକ ସ୍ଥାନମାନଙ୍କର ସୁନ୍ଦରଗଠନ ପ୍ରଣାଳୀ ଏବଂ ପରିବେଶ ଓ ମନ୍ଦିରମାନଙ୍କର ଅନୁପମ କାରୁକାର୍ଯ୍ୟ ଭାରତ ତଥା ଭାରତ ବାହାରର ପର୍ଯ୍ୟଟକମାନଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିପାରୁଛି । ସେଥିପାଇଁ ପର୍ଯ୍ୟଟନ ମାନଚିତ୍ରରେ ଏକ ଶାଶ୍ୱତ ଓ ପୁଣ୍ୟପୀଠ ଭାବରେ ଭୁବନେଶ୍ୱରର ସ୍ଥାନ ସ୍ୱତନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଶେଷ କରି ଏହା ଏକ ଶୈବପୀଠ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ ହେଁ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ, ନିରାକାରବାଦ ଓ ମହିମା ଧର୍ମ ଆଦି ଅନେକ ଧର୍ମମତ ଏହି କ୍ଷେତ୍ରରେ ପ୍ରସାର ଲାଭ କରିଛି ।

## ଧଉଳି

ଏହା ହେଉଛି ଏକ ବିଶିଷ୍ଟ ପର୍ଯ୍ୟଟନ କେନ୍ଦ୍ର । ଏହାର ମୁଖ୍ୟ ଆକର୍ଷଣୀୟ ବସ୍ତୁ ହେଉଛି ମୌର୍ଯ୍ୟ ସମ୍ରାଟ ଅଶୋକଙ୍କଦ୍ୱାରା ଖୋଦିତ ଶିଳାନୁଶାସନ ନବନିର୍ମିତ ଶାନ୍ତିସ୍ତୂପ ଏବଂ ପୁନର୍ନିର୍ମିତ ଧବଳେଶ୍ୱର ମନ୍ଦିର । ରାଜଧାନୀର ଦକ୍ଷିଣ ଦିଗରେ ପ୍ରାୟ ସାତ ମାଇଲ ଦୂରରେ ଏହା ଅବସ୍ଥିତ । ଅଶୋକଙ୍କ ରାଜତ୍ୱ (ଖ୍ରୀ:ପୂ: ୨୭୨-୨୩୨) ପୂର୍ବରୁ କଳିଙ୍ଗର ରାଜଧାନୀ ତଥା ଏକ ମୁଖ୍ୟ ନଗର ଥିଲା ଧଉଳି । କେତେକ ପ୍ରାଚୀନ ଗ୍ରନ୍ଥ ଓ ପୁରାଣରେ ଏହାର ବର୍ଣ୍ଣନା ଅତୀବ ଚମତ୍କାର ମନେହୁଏ । ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରେ କଳିଙ୍ଗ ଯୁଦ୍ଧର ବିବରଣୀ ରହିଛି । ଓଡ଼ିଶାର ଧଉଳି ଓ ଜଉଗଡ଼ ବ୍ୟତୀତ ଶିଳାନୁଶାସନ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ରହିଥିବା ଜଣାଯାଏ । ଧଉଳିଠାରେ ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ରକ୍ତପାତ ଓ ବିଭୀଷିକା ଅଶୋକଙ୍କ ହୃଦୟରେ ଢେର ପରିବର୍ତ୍ତନ ଆଣିଥିଲା । ସେ ଅନୁଭବ କରିଥିଲେ ଯେ ଅସୀମୁନରେ ବିଜୟଲାଭ ପ୍ରକୃତ ବିଜୟ ଲାଭ ନୁହେଁ, ହୃଦୟକୁ ଜିଣି ନେବାରେ ହିଁ ପ୍ରକୃତ ବିଜୟ ନିହିତ । ତେଣୁ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ଧର୍ମ ବିଜୟରେ ମନପ୍ରାଣ ଢାଳି ଦେଇ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ ହୋଇଥିଲେ । ତାଙ୍କର ଆନ୍ତରିକ ନିଷ୍ଠା ଓ ପ୍ରଚେଷ୍ଟା ବଳରେ ବୌଦ୍ଧଧର୍ମ ତତ୍କାଳୀନ ସମାଜରେ ସମଗ୍ର ବିଶ୍ୱରେ ପ୍ରସାରିତ ଓ ପ୍ରଚାରିତ ହୋଇଥିଲା । ଧଉଳିରେ ଅଶୋକ କେତେକ ସ୍ତୂପ, ଚୈତ୍ୟ ଓ ଗୁମ୍ଫା ଖୋଦନ କରିଥିଲେ । ଏହାର ସମୀପବର୍ତ୍ତୀ ଅଞ୍ଚଳରେ ଏକ ବୌଦ୍ଧ ବିହାର ଥିବାରୁ ଧଉଳିକୁ ଏକ ବୌଦ୍ଧପୀଠ ବୋଲି କହନ୍ତି । ବାସ୍ତବରେ ଏହାର ଶାନ୍ତ ପରିବେଶ ଓ ନୈସର୍ଗିକ ଶୋଭା ଯେକୌଣସି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

## ଶିଶୁପାଳଗଡ଼

ଲିଙ୍ଗରାଜ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ତିନି କି.ମି. ଦୂରରେ ଦୟାନଦୀର ବାମପଟେ ୧୦୦ ଗଜ ଦୂର ଗଙ୍ଗୁଆ ନଦୀ କୂଳରେ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷ ଶିଶୁପାଳଗଡ଼ ଅବସ୍ଥିତ । ଗଡ଼ର ଖନନ ଫଳରେ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ଲୋକଲୋକଚନକୁ ଆସିପାରିଛି । ୧୯୪୮ ମସିହାରେ ତତ୍କାଳୀନ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ବି.ବି. ଲାଲ୍ ଏହାର ଖନନ କାର୍ଯ୍ୟ ହାତକୁ ନେଇଥିଲେ ଓ ସେଠାରୁ ଉଚ୍ଚକୋଟୀର ନିର୍ମାଣ ଯୋଜନା ଥାଇ ଏକ ବର୍ଗାକାର ଗଡ଼କୁ ମାଟିତଳୁ ଉଦ୍ଧାର କରିଥିଲେ । ଗଡ଼ ମଧ୍ୟରୁ ବାହାରିଥିବା ମାଟି ପାତ୍ର, ତମ୍ବାର ମାଳି, ହାତୀଦାନ୍ତ, ହାଡ଼, କାଚ ନିର୍ମିତ ଅଳଙ୍କାର, ହାତଖଡ୍ଡୁ, କଂସାଖାଡ଼ି ପ୍ରଭୃତି ପ୍ରତ୍ନତାତ୍ତ୍ୱିକ ଅବଶେଷ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ତଥ୍ୟକୁ ବିଚାର କରି ସେ ଶିଶୁପାଳଗଡ଼କୁ ଖାରବେଳଙ୍କ ରାଜଧାନୀ କଳିଙ୍ଗ ନଗରୀ ସହିତ ଚିହ୍ନିତ କରାଇଛନ୍ତି । ଏହି ଗଡ଼ର ବର୍ତ୍ତମାନ ଚାରିପାଖ ପାଚେରୀ ଓ ତାର ପ୍ରବେଶ ଦ୍ୱାରର ଭଗ୍ନାବଶେଷ ଦେଖିବାକୁ ମିଳିଥାଏ । ଶିଶୁପାଳଗଡ଼ର ଧ୍ୱଂସାବଶେଷରୁ ଜଣାଯାଏ ଯେ ଏହା ସୁପରିକଳ୍ପିତ ଯୋଜନାରେ ନିର୍ମିତ ହୋଇଥିଲା । ଅନ୍ୟାନ୍ୟ ଗଡ଼ ପରି ଚତୁଃପାର୍ଶ୍ୱରେ ଅର୍ଦ୍ଧବର୍ଗ ମାଇଲ ବିସ୍ତୃତ ଗଡ଼ଖାଇ ବା ପରିଖା ରହିଥିଲା ।

## ଖଣ୍ଡଗିରି

ପ୍ରାଚୀନ ଐତିହାସିକ ସ୍ଥାନମାନଙ୍କ ମଧ୍ୟରେ ଖଣ୍ଡଗିରି ହେଉଛି ଅନ୍ୟତମ । ଓଡ଼ିଶାର ଏହା ହେଉଛି ଏକ ପ୍ରଧାନ ଦର୍ଶନୀୟ ସ୍ଥାନ । ଭୁବନେଶ୍ୱର ଷ୍ଟେସନରୁ ପ୍ରାୟ ୧୦ କି.ମି. ପଶ୍ଚିମବର୍ତ୍ତୀ ୫ ନମ୍ବର ଜାତୀୟ ରାଜପଥର ଉପକଣ୍ଠରେ 'ଖଣ୍ଡଗିରି' ଅବସ୍ଥିତ । ଏହା ହେଉଛି ଖଣ୍ଡ ବିଖଣ୍ଡିତ ଚାରି ଗୋଟି ପାହାଡ଼ର ସମାବେଶ । ଏଥିମଧ୍ୟରୁ ଖଣ୍ଡଗିରି ଓ ଉଦୟଗିରିର ଗୁରୁତ୍ୱ ବେଶି । ଏହି ଯାମଳଗିରି ମଧ୍ୟରେ ଏକଶହ ମିଟରର ବ୍ୟବଧାନ ମାତ୍ର । ପୂର୍ବେ ଏହାର ଚତୁଃପାର୍ଶ୍ୱ ଘଞ୍ଚ ଅରଣ୍ୟ ବେଷ୍ଟିତ ଥିଲା । ନୂଆ ରାଜଧାନୀର କଳେବର ପ୍ରସାରଣ ଯୋଗୁଁ ଏହା ବୃକ୍ଷ ଶୂନ୍ୟ ହୋଇ ଟାଙ୍ଗରା ଦେଖାଯିବା ସଂଗେ ଏହାର ଶୋଭାରେ ମ୍ଳାନ ଦେଖାଯାଇଛି । ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ ରାଜତ୍ୱରେ ଖୋଦିତ ଏକ ଶିଳାଲେଖରେ ପ୍ରଥମେ ଖଣ୍ଡଗିରିର ନାମୋଲ୍ଲେଖ ଥିଲା ।

ପୂର୍ବେ ଖଣ୍ଡଗିରି ଓ ଉଦୟ ଗିରି ଉଭୟ କୁମାର ଗିରି ଓ କୁମାରୀ ଗିରି ନାମରେ ଇତିହାସ ପ୍ରସିଦ୍ଧ ଥିଲା । କୁମାର ଶବ୍ଦର ଅର୍ଥ କାର୍ତ୍ତିକେୟ । କାର୍ତ୍ତିକେୟଙ୍କର ସ୍କନ୍ଧ ନାମ ଅବଲମ୍ବନରେ କୁମାର ଗିରି ସ୍କନ୍ଧ ଗିରି ନାମରେ ନାମିତ ହେଲା । ସ୍କନ୍ଧ ଗିରି କ୍ରମେ ପ୍ରକୃତ ଭାଷାରେ ଖଣ୍ଡଗିରି ହୋଇଛି । କୁମାରୀ ପର୍ବତ କୁମାର ପର୍ବତର କିଞ୍ଚିତ ପୂର୍ବରେ ଅବସ୍ଥିତ ଥିବାରୁ ଏହା ମଧ୍ୟ ଉଦୟଗିରି ନାମ ବହନ କରିଛି । ଖ୍ରୀ:ପୂ:୬ଷ୍ଠ ଶତକରେ ଜୈନଧର୍ମର ପ୍ରଧାନ ପ୍ରବକ୍ତା ମହାବୀର କୁମାରୀ ପର୍ବତରେ ଅବସ୍ଥାନ କରି ଜୈନଧର୍ମର ବିଜୟ ବାଣୀ ପ୍ରଚାର କରିଥିଲେ । ମହାବୀର ସେଠାରେ ଧର୍ମପ୍ରଚାର କରିଥିବା ହେତୁ ତାହା ଏକ ପବିତ୍ର ତୀର୍ଥ ରୂପେ ପ୍ରକୀର୍ତ୍ତିତ ହୋଇଥିଲା । ଖ୍ରୀ:ପୂ: ପ୍ରଥମ ଶତକରେ ମହାମେଘବାହନ ଖାରବେଳ କଳିଙ୍ଗକୁ ମଗଧ ସାମ୍ରାଜ୍ୟ କବଳରୁ ମୁକ୍ତ କରି ଶିଶୁପାଳଗଡ଼ଠାରେ କଳିଙ୍ଗର ରାଜଧାନୀ ସ୍ଥାପନ କରିଥିଲେ । ଅଶୋକ ଧଉଳିରେ ବୌଦ୍ଧଧର୍ମ ପ୍ରଚାର କରିବା ସଦୃଶ ଖାରବେଳ କୁମାରୀ ପର୍ବତଠାରେ ଜୈନଧର୍ମ ପ୍ରଚାର କରିଥିଲେ ଏବଂ ଜୈନ ଧର୍ମାବଲମ୍ବୀମାନଙ୍କ ନିମନ୍ତେ କେତେକ ଗୁମ୍ଫା ଖୋଦନ କରାଇଥିଲେ । ପ୍ରବାଦ ଅଛି ଯେ ଖାରବେଳ ସ୍ୱପତ୍ନୀଙ୍କ ସହ ରାଜରାଣୀ ଗୁମ୍ଫାରେ ଶେଷ ଜୀବନ ଅତିବାହିତ କରିଥିଲେ । ବିଭିନ୍ନ ସମୟରେ ଓଡ଼ିଆ କବିମାନଙ୍କଦ୍ୱାରା ଖଣ୍ଡଗିରିର ପ୍ରସିଦ୍ଧି ବର୍ଣ୍ଣିତ । ଖଣ୍ଡଗିରି ଓ ଉଦୟଗିରିର ବିଭିନ୍ନ ଗୁମ୍ଫାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ଅଭିଲେଖମାନ ମିଳିଥାଏ । ଉଦୟଗିରିର ରାଣୀ ଗୁମ୍ଫା ଅନୁପମ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଗୁମ୍ଫାଗୁଡ଼ିକରେ ଲୋକପ୍ରିୟ ଗାଥା, ଐତିହାସିକ ବିବରଣୀ, ଧାର୍ମିକ ରାଜନୀତି, ନୃତ୍ୟକଳାର ଚିତ୍ରାବଳୀ ସମେତ ବିଭିନ୍ନ ପଶୁପକ୍ଷୀଙ୍କର ଜୀବନ୍ତ ଚିତ୍ର ଖୋଦେଇ ଯୋଗୁଁ କଳିଙ୍ଗ ଶିଳ୍ପୀର ସିଦ୍ଧହସ୍ତତାର ପରିଚୟ ମିଳିଥାଏ । ସେଠାରେ ପ୍ରତୀୟମାନ ଜୈନ ମନ୍ଦିର ଏକ ପବିତ୍ର କୀର୍ତ୍ତି । ପ୍ରତିବର୍ଷ ମାଘ ମାସ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏଠାରେ ନବରାତ୍ର କୁମ୍ଭମେଳା ଅନୁଷ୍ଠିତ ହୁଏ । ଭାରତର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଆସି ଏଠାରେ ଏକତ୍ର ହୁଅନ୍ତି । ଖଣ୍ଡଗିରିର ନବମୁନି ଗୁମ୍ଫା, ଗୁପ୍ତଗଙ୍ଗା, ଆକାଶଗଙ୍ଗା ଇତ୍ୟାଦି ମୁନିଋଷିମାନଙ୍କର ସିଦ୍ଧ କ୍ଷେତ୍ର । ତାହାର ନୈସର୍ଗିକ ଶୋଭା ବାସ୍ତବରେ ଉଚ୍ଚ ପ୍ରଶଂସନୀୟ ।

## ଭୁବନେଶ୍ୱର

ଓଡ଼ିଶାର ଦର୍ଶନୀୟ ସ୍ଥାନର ପର୍ଯ୍ୟାଲୋଚନା ପରିପ୍ରେକ୍ଷୀରେ ପ୍ରଥମ ଓ ପ୍ରଧାନ ସ୍ଥଳ ହେଉଛି ଭୁବନେଶ୍ୱର । ତାହା ଓଡ଼ିଶାର ରାଜଧାନୀ । ଭାରତ ବାହାରେ ଭୁବନେଶ୍ୱର ଏକ ମନୋରମ ଦର୍ଶନୀୟ ସ୍ଥାନ ଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି । ଅନେକ ପ୍ରାଚୀନ କୀର୍ତ୍ତିରାଜି ଏଠି ଦେଖିବାକୁ ମିଳେ । ଓଡ଼ିଶାର ସ୍ଥାପତ୍ୟ କଳାର କମନୀୟ ଓ ଜୀବନ୍ତ ପ୍ରତିଛବି ଏହାର ମନ୍ଦିର ଗାତ୍ରରେ ବେଶ୍ ପ୍ରସ୍ଫୁଟିତ । ସହସ୍ରାଧିକ ମନ୍ଦିର ଭୁବନେଶ୍ୱରରେ ଥିବାରୁ ଏହା ମନ୍ଦିର ନଗରୀ ରୂପେ ପରିଚିତ । କ୍ଷେତ୍ର ଅଧିପତି ତ୍ରିଭୁବନେଶ୍ୱର ମହାପ୍ରଭୁଙ୍କ ନାମାନୁସାରେ ଏହାର ନାମ ଭୁବନେଶ୍ୱର ହୋଇଛି । ତେବେ ଲିଙ୍ଗରାଜ, ରାମେଶ୍ୱର, ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର ଓ କପିଳେଶ୍ୱର ପ୍ରଭୃତି ମନ୍ଦିରର ଜୀବନ୍ତ କାରୁକାର୍ଯ୍ୟରୁ ଉତ୍କଳୀୟ ମନ୍ଦିର କଳା, ଭାସ୍କର୍ଯ୍ୟ ଓ ଓଡ଼ିଆ ଶିଳ୍ପ ନୈପୁଣ୍ୟର ଅମ୍ଳାନ ପରିଚୟ ମିଳିଥାଏ ।

## ଲିଙ୍ଗରାଜ

ଭୁବନେଶ୍ୱରରେ ପ୍ରତିଷ୍ଠିତ ମନ୍ଦିର ମଧ୍ୟରେ ଲିଙ୍ଗରାଜ ହେଉଛି ଶ୍ରେଷ୍ଠ ଓ ଅନ୍ୟତମ । ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଯଯାତିକେଶରୀ ଆରମ୍ଭ କରିଥିଲେ ଓ ଲଲାଟେନ୍ଦୁ କେଶରୀ ଏକାଦଶ ଶତାବ୍ଦୀରେ ଶେଷ କରିଥିଲେ । ଏହାର ଉଚ୍ଚତା ପ୍ରାୟ ୧୮୦ ଫୁଟ ବା ୧୨୦ ହାତ ।

ମନ୍ଦିର ପ୍ରାଙ୍ଗଣର ଦୈର୍ଘ୍ୟ ୫୨୦ ଫୁଟ ଏବଂ ପ୍ରସ୍ଥ ୪୬୫ ଫୁଟ । ସେଠାରେ ପୂଜା ପାଉଥିବା ଜ୍ୟୋତି ଲିଙ୍ଗକୁ ଲିଙ୍ଗରାଜ, ତ୍ରିଭୁବନେଶ୍ୱର, ଏକାମ୍ରେଶ୍ୱର ଓ କୃତ୍ତିବାସ ବୋଲି କୁହାଯାଏ । **ଲିଙ୍ଗ ଉପରେ ଥିବା ଏକ ପ୍ରାକୃତିକ ରେଖା ଲିଙ୍ଗକୁ ଦୁଇଭାଗରେ ସୂଚାଉ ଥିବାରୁ ପଣ୍ଡିତମାନେ ଶିବ ଓ ବିଷ୍ଣୁଙ୍କର ମିଳନ ହୋଇଥିବା କଥା କହନ୍ତି । ତେଣୁ ଲିଙ୍ଗରାଜଙ୍କୁ ହରିହର ମଧ୍ୟ କୁହାଯାଏ । ସେଠାରେ ହରିହର ଉପାସନା ପ୍ରଚଳିତ ଥିବାରୁ ଉଭୟ ବିଷ୍ଣୁ ଓ ଶିବ ଉପାସକମାନେ ତାଙ୍କୁ ଆରାଧ୍ୟ ଦେବତା ରୂପେ ମାନନ୍ତି । ଲିଙ୍ଗରାଜଙ୍କ ଭୋଗରେ ଉଭୟ ତୁଳସୀ ଓ ବେଲପତ୍ର ଦେଇ ଭୋଗ କରାଯାଏ ।** ମନ୍ଦିରର ମୁଖ୍ୟ ଦ୍ୱାରକୁ ସିଂହଦ୍ୱାର ନାମରେ ନାମିତ କରାଯାଇଛି । ମନ୍ଦିରଟି ୪ଟି ଭାଗରେ ବିଭକ୍ତ, ଯଥା- ବିମାନ, ଜଗମୋହନ, ନାଟମନ୍ଦିର, ଭୋଗମଣ୍ଡପ । ଭୋଗମଣ୍ଡପର ପଶ୍ଚିମ ଦିଗରେ ନାଟ ମନ୍ଦିର ଅବସ୍ଥିତ । ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଦ୍ୱାର ଓ ତତ୍‌ସଂଲଗ୍ନ ତିନୋଟି ପାହାଚ । ଏହି ପାହାଚର ବାମ ପଟେ ପ୍ରଭୁ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ମନ୍ଦିର । ମୁଖ୍ୟ ମନ୍ଦିରର ପଶ୍ଚିମ ଦିଗରେ ବିଶ୍ୱକର୍ମା ଲିଙ୍ଗ ରୂପରେ ପୂଜା ପାଆନ୍ତି । ମନ୍ଦିର ଦେହରେ ଥିବା ସୁନ୍ଦର କାରୁକାର୍ଯ୍ୟ, ପଥର ଖୋଦିତ ଜୀବନ୍ତ ମୂର୍ତ୍ତି ଓ ଚିତ୍ରରାଜି ଦର୍ଶକମାନଙ୍କୁ ବିଶେଷଭାବେ ଆକୃଷ୍ଟ କରିଥାଏ । ମନ୍ଦିର ବେଢ଼ାରେ ଶତାଧିକ ଛୋଟ ବଡ଼ ମନ୍ଦିର ରହିଛି । ସେମାନଙ୍କ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ପାର୍ବତୀ, ଭୁବନେଶ୍ୱରୀ, ବୃଷଭ, କୀର୍ତ୍ତିମୁଖ, ଦିଗ୍‌ପତି ଓ ଲକ୍ଷ୍ମୀ ନୃସିଂହ ମନ୍ଦିର ଆଦି ପ୍ରଧାନ । ମହାପ୍ରଭୁଙ୍କ ନିକଟରେ କୋରାଖଇ, ନଡ଼ିଆ, କଦଳୀ, ସେଓ, ଅଙ୍ଗୁର ବିଭିନ୍ନ ପାଚିଲା ଫଳ ଓ ଅନ୍ନଭୋଗ କରାଯାଏ । ଏହି ଅନ୍ନ ଭୋଗକୁ ମହାପ୍ରସାଦ ଭାବେ ଭକ୍ତମାନେ ଆଦରରେ ଗ୍ରହଣ କରନ୍ତି । ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ଅନେକ ପର୍ବ ଓ ଯାନିଯାତ୍ରା ପାଳିତ ହୁଏ । ତନ୍ମଧ୍ୟରେ ପ୍ରଥମାଷ୍ଟମୀ, ମକର ସଂକ୍ରାନ୍ତି, ମାଘସପ୍ତମୀ, ଶିବରାତ୍ରି, ଅଶୋକାଷ୍ଟମୀ ଆଦି ପ୍ରଧାନ ।

## ଅନନ୍ତ ବାସୁଦେବ

ଭୁବନେଶ୍ୱରରେ ଅବସ୍ଥିତ ମନ୍ଦିରମାନଙ୍କ ମଧ୍ୟରେ ଅନନ୍ତ ବାସୁଦେବ ମନ୍ଦିର ହେଉଛି ଅନ୍ୟତମ । ମନ୍ଦିରର ପ୍ରାଙ୍ଗଣ ୩୦୩ ଏକର ଏବଂ ଉଚ୍ଚତା ପ୍ରାୟ ୬୦ ଫୁଟ । ବିନ୍ଦୁ ସାଗରର ପୂର୍ବ ଦିଗରେ ଏହି ମନ୍ଦିର ଅବସ୍ଥିତ । ଗଙ୍ଗବଂଶୀୟ ରାଜା ତୃତୀୟ ଅନଙ୍ଗଭୀମ ଦେବଙ୍କର ବିଧବା କନ୍ୟା ଚନ୍ଦ୍ରିକା ଦେବୀଙ୍କଦ୍ୱାରା ଏହି ବିଷ୍ଣୁ ମନ୍ଦିର ୧୨୭୮ ଖ୍ରୀ:ଅ:ରେ ନିର୍ମିତ ହୋଇଥିଲା । ଉକ୍ତ ମନ୍ଦିରରେ ସପ୍ତଫଣା ବିଶିଷ୍ଟ ଅନନ୍ତ ମୂର୍ତ୍ତି, ସୁଭଦ୍ରା ଓ ବାସୁଦେବଙ୍କ ବିଗ୍ରହ ସ୍ଥାପନା ସହ ସମ୍ମୁଖ ଭାଗରେ ଲକ୍ଷ୍ମୀମୂର୍ତ୍ତି ପ୍ରତିଷ୍ଠା କରାଯାଇଛି । ସପ୍ତଫଣାକୃତି ଶ୍ରୀ ଅନନ୍ତ ଦେବ ଦକ୍ଷିଣ ହସ୍ତରେ ହଳ ଓ ବାମରେ ମୂଷଳ ଧାରଣ କରିଛନ୍ତି । ଚତୁର୍ଭୁଜ ବାସୁଦେବଙ୍କ ବାମପାଖ ଉପର ହସ୍ତରେ ଶଙ୍ଖ ଓ ତଳହସ୍ତରେ ଚକ୍ର ଏବଂ ଦକ୍ଷିଣ ହସ୍ତରେ ଗଦା ଓ ତଳ ହସ୍ତ ବରଦ ମୁଦ୍ରାରେ ପ୍ରସାରିତ । ମସ୍ତକରେ ଅର୍ଦ୍ଧ ବୃତ୍ତାକାର ପ୍ରଭାମଣ୍ଡଳ ବିଦ୍ୟମାନ । ଦେବୀ ସୁଭଦ୍ରା ଏକ ପଦ୍ମ ଉପରେ ଦଣ୍ଡାୟମାନ । ଶିରୋଭୂଷଣ ପଦ୍ମାଦି ବିବିଧ ଅଳଙ୍କାର । ମନ୍ଦିର ଗାତ୍ରରେ ସ୍ଥାନେ ସ୍ଥାନେ ଶିଳ୍ପ ଶାସ୍ତ୍ରାନୁମୋଦିତ ବିବିଧ ପାରମ୍ପରିକ ମୂର୍ତ୍ତିମାନ ସନ୍ନିବିଷ୍ଟ । ଏହାର ମୁଖ୍ୟଦ୍ୱାର ପଶ୍ଚିମାଭିମୁଖୀ । ଏହା ଲିଙ୍ଗରାଜ ମନ୍ଦିର ଶୈଳୀରେ ନିର୍ମିତ ହେବା ସଂଗେସଂଗେ ଚାରିଭାଗରେ ବିଭକ୍ତ । ବିଶେଷତଃ ନାଟ ମନ୍ଦିରର ସ୍ଥାପନା କରାଯାଇଥିବା ଗରୁଡ଼ ମୂର୍ତ୍ତି ଏବଂ ତତ୍‌ସହିତ ଚତୁଃପାର୍ଶ୍ୱରେ ବିଭିନ୍ନ ମୂର୍ତ୍ତିର ସମାହାରରେ ବେଷ୍ଟିତ ଏହି ଅନନ୍ତ ବାସୁଦେବ ମନ୍ଦିରର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ । ଭୁବନେଶ୍ୱରର କ୍ଷେତ୍ରାଧିପତି ଲିଙ୍ଗରାଜଙ୍କର ନାମ ଡାକ ହେଲେ ହେଁ ଶ୍ରୀ ଅନନ୍ତ ବାସୁଦେବଙ୍କ ପ୍ରାଧାନ୍ୟ ଅଧିକ ଅନୁଭୂତ ହୁଏ । ଆମ ନିତିଦିନିଆ ସାମାଜିକ ପରମ୍ପରାରେ ବିବାହ, ନିର୍ବନ୍ଧ ଆଦି ଶୁଭ କର୍ମାବି ଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଅନୁଷ୍ଠିତ ହୁଏ । ଶ୍ରୀଜଗନ୍ନାଥଙ୍କ ଆନନ୍ଦବଜାରର ଅବଢ଼ା ମହାପ୍ରସାଦ ପରି ବାସୁଦେବଙ୍କ ଅନ୍ନବ୍ୟଞ୍ଜନାଦି ପ୍ରସାଦ ଅତି ପବିତ୍ର ଓ ରୁଚିକର ।

## କେଦାର ଗୌରୀ

କେଦାର ଗୌରୀ ମନ୍ଦିର ଭୁବନେଶ୍ୱର-ପୁରୀ ରାସ୍ତାର ଦକ୍ଷିଣକୁ ରବି ଟକିଜ୍ ନିକଟବର୍ତ୍ତୀ ସ୍ଥାନରେ ଅବସ୍ଥିତ । କେଦାରେଶ୍ୱରଙ୍କ ମୁହଁ ଦକ୍ଷିଣ ଓ ପୂର୍ବାମୁଖା ହୋଇ ଗୌରୀ ମନ୍ଦିର ଶୋଭା ପାଉଛି । କେଦାରେଶ୍ୱରଙ୍କ ଡାହାଣକୁ ଏକ ଝରଣା ଦୁଧ କୁଣ୍ଡରୁ ବାହାରି ଶିବଲିଙ୍ଗ ତଳ ଦେଇ ପ୍ରବାହିତ ହେଉଛି । ପ୍ରଥମେ ଏହା ଚାଉଳଧୁଆ କୁଣ୍ଡରେ ପଡ଼ି ଗୌରୀ ମନ୍ଦିର ସମ୍ମୁଖରେ ଥିବା କେଦାରକୁଣ୍ଡ ଓ ଗୌରୀକୁଣ୍ଡରେ ପଡ଼ିଅଛି । ଏହି ଝରଣାର ଜଳ ଶରୀର ପାଇଁ ଅତ୍ୟନ୍ତ ଉପକାରୀ ଓ ସ୍ୱାସ୍ଥ୍ୟପ୍ରଦ ଥିବାରୁ ଦୁଧ କୁଣ୍ଡର ଜଳକୁ ଲୋକେ ପାନୀୟ ରୂପେ ବ୍ୟବହାର କରନ୍ତି । କିନ୍ତୁ କେଦାରକୁଣ୍ଡ ଓ ଗୌରୀ କୁଣ୍ଡରେ ସ୍ନାନ କରନ୍ତି । କେଦାର ଗୌରୀଙ୍କର ଅମର ପ୍ରେମର ନିଦର୍ଶନ ସ୍ୱରୂପ ମନ୍ଦିର ନିର୍ମାତା ସେହି ମନ୍ଦିର ପ୍ରତିଷ୍ଠିତ ହେବା ପଛରେ ସୁନ୍ଦର କିମ୍ବଦନ୍ତୀ ରହିଥିବା ଜଣାଯାଏ । ବିଶେଷ କରି ମଙ୍ଗ ରାଜତ୍ୱ ସମୟରେ ଏହି ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିବା ଜଣାଯାଏ ।

ଏହିପରି ଅନେକ ଗୌରବମୟ ସ୍ଥାନ ଓ ପ୍ରାଚୀନ କୀର୍ତ୍ତି ଭୁବନେଶ୍ୱରରେ ଦେଖିବାକୁ ମିଳେ । ଓଡ଼ିଶା ଇତିହାସରେ ଭୁବନେଶ୍ୱରର ସ୍ଥାନ ସ୍ୱତନ୍ତ୍ର । ଉତ୍କଳୀୟ ସଂସ୍କୃତି, କଳା, ସ୍ଥାପତ୍ୟର ଏକ ମଞ୍ଜୁଳ ଅଭିବ୍ୟକ୍ତି ହେଉଛି ଭୁବନେଶ୍ୱର । ତାହାର କାରୁକାର୍ଯ୍ୟ, ସ୍ଥପତି, ସଂସ୍କୃତି, ଐତିହ୍ୟ କେଉଁ ଆବହମାନ କାଳରୁ ପ୍ରତିଷ୍ଠା ଅର୍ଜନ କରିଆସିଛି । ଏକ କୀର୍ତ୍ତିସ୍ତମ୍ଭ ସଦୃଶ୍ୟ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହୋଇ ଆମ ରାଜ୍ୟର ମର୍ଯ୍ୟାଦା ଓ ସମ୍ମାନକୁ ବୃଦ୍ଧି କରିଛି । ସଂପ୍ରତି ଓଡ଼ିଶାର ଶିଳ୍ପ, କଳା, ଶିକ୍ଷା ସଂସ୍କୃତି, ସାହିତ୍ୟ ପ୍ରଶାସନକୁ ସମୃଦ୍ଧି ପଥରେ ଆଗେଇ ନେଉଛି ଏକାମ୍ର କ୍ଷେତ୍ର ଭୁବନେଶ୍ୱର ।

ଏମ୍.ଆଇ.ଜି. ଓ୍ୱାନ-୪୨/୧
ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ଼ କଲୋନୀ
ଭୁବନେଶ୍ୱର-୧୬

# ସ୍ୱୟଂ ସହାୟକ ଦଳ : କ'ଣ, କେବେ ଓ କାହିଁକି

ଡଃ କିଶୋର ଚନ୍ଦ୍ର ପାଢ଼ୀ

### କେବେ ?

ଦାରିଦ୍ର୍ୟର ସୀମାରେଖା ଉପରକୁ ଉଠାଇବା ପାଇଁ ସରକାର ୬୦ ବର୍ଷହେଲା ଚେଷ୍ଟା କରି ଆସୁଛନ୍ତି । ପ୍ରଥମ ସୋପାନରେ ଅବହେଳିତ ଅଞ୍ଚଳ, ଗ୍ରାମାଞ୍ଚଳ ଓ ଗରିବ ଲୋକଙ୍କ ପାଇଁ କର୍ମଯୋଗାଣ ଯୋଜନା ପ୍ରଚଳନ କରାହେଲା । ସରକାର ଦେଖିଲେ ଯେ ସରକାରୀ ଅର୍ଦ୍ଧ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କର୍ମସଂସ୍ଥାନ ବ୍ୟୟବହୁଳ ହେଉଛି କିନ୍ତୁ ସେତିକି କର୍ମଯୋଗାଣ କରି ପାରୁ ନାହିଁ । ବିଖ୍ୟାତ ଅର୍ଥଶାସ୍ତ୍ରୀ ରାଗନାର୍ ନକସେଙ୍କ ମତରେ ଏହା ଦାରିଦ୍ର୍ୟର ପ୍ରତିଫଳନ ମାତ୍ର । ପୁଞ୍ଜି ନାହିଁ ବୋଲି ଦେଶ ଦରିଦ୍ର, ପୁଞ୍ଜି ବିନିଯୋଗ କଲେ ହିଁ କାମ ମିଳିବ, ଆୟ ବଢ଼ିବ, ସଞ୍ଚୟ ବିନିଯୋଗ ବଢ଼ିବ । ଏହାକୁ Vicious circle of poverty - ଦାରିଦ୍ର୍ୟର କ୍ରମ୍ବର୍ଦ୍ଧନକାରୀ ବୃତ୍ତ ବୋଲାଯାଏ । ସରକାର ସାହାଯ୍ୟ ଦେଲେ, ଅନୁଦାନ ଦେଲେ । କିଛି ଲୋକ ଦାରିଦ୍ର୍ୟର ସୀମାରେଖା ଉପରକୁ ଉଠିଲେ । ଦ୍ୱିତୀୟ ସୋପାନରେ ସରକାର ଏହି ଦାୟିତ୍ୱ ବ୍ୟାଙ୍କ ଉପରେ ନ୍ୟସ୍ତ କଲେ । ସରକାର ହିତାଧିକାରୀ ବାଛିବେ, ବ୍ୟାଙ୍କ ସାହାଯ୍ୟ ଦେବ । ଗରିବ ଲୋକ ଅନୁଦାନ ମଧ୍ୟ ପାଇବେ । ଲୋକ ମାଗିଲେ ପାଇଲେ । ଯେଉଁମାନେ ସରକାର / ବ୍ୟାଙ୍କ ପାଖରେ ରହିଲେ ସେମାନେ ମାଗି ପାରିଲେ, ପାଇଲେ । ତଥାପି ଦେଶର ଏକ ତୃତୀୟାଂଶ ପରିବାର ଗରିବ ହୋଇ ରହିଲେ । ସେଥିପାଇଁ ତୃତୀୟ ସୋପାନରେ ସ୍ୱୟଂ ସହାୟକ ଦଳ ଗଠନ କରାଗଲା । ଜଣେ ନୁହେଁ ଦଳ ଟଙ୍କା ନେଲେ, ଫେରସ୍ତ ଦେଲେ । ସରକାର, ବ୍ୟାଙ୍କ ବା ଏନ୍.ଜି.ଓ. ସେମାନଙ୍କୁ ସାହାଯ୍ୟ କରିପାରନ୍ତି - ଦଳ ତିଆରି କରିବାରେ, ରୋଜଗାର ବାଟ ଦେଖାଇବାରେ, ତାଙ୍କ ତିଆରି ଜିନିଷ ବିକ୍ରି କରିବାରେ । କିନ୍ତୁ ସେମାନେ ଦଳଗତ ଭାବେ ସଞ୍ଚୟ କଲେ, କ'ଣ କରିବେ, ବିଚାର ବିମର୍ଷ କଲେ, ସମସ୍ତେ ମିଳିମିଶି କିଛି ବ୍ୟବସାୟ ଶିଖି । ସେବା କଲେ, ସମସ୍ତେ ମିଳିମିଶି ଫେରାଇଲେ । ବଙ୍ଗଳାଦେଶରେ ଏହା ଦଳ ହୋଇ ରହିଲା ନାହିଁ, ଏହା ଆନ୍ଦୋଳନରେ ପରିଣତ ହେଲା । ଏହାର କର୍ଣ୍ଣଧାର ବିଶିଷ୍ଟ ଅର୍ଥନୀତିଜ୍ଞ ୟୁନିସ ଶାନ୍ତି ପାଇଁ ଆନ୍ତର୍ଜାତିକ ସ୍ତରରେ ବହୁ ଚର୍ଚ୍ଚିତ ନୋବେଲ ପୁରସ୍କାର ପାଇଲେ ।

ଆମ ଦେଶରେ ମଧ୍ୟ ସ୍ୱୟଂ ସହାୟକ ଦଳ ସଂଖ୍ୟା ବଢ଼ି ଚାଲିଛି । ଓଡ଼ିଶାରେ ଯେତେ ସ୍ୱୟଂ ସହାୟକ ଦଳ ପ୍ରତିଷ୍ଠା କରାଯାଇଛି, ସେଥିରେ ଭାରତୀୟ ଷ୍ଟେଟବ୍ୟାଙ୍କ ସାହାଯ୍ୟ ପ୍ରାପ୍ତ ଦଳ ସଂଖ୍ୟାଧିକ - ପ୍ରାୟ ଏକ ଲକ୍ଷ ସ୍ୱୟଂ ସହାୟକ ଦଳ ଷ୍ଟେଟ ବ୍ୟାଙ୍କର ସାହାଯ୍ୟପ୍ରାପ୍ତ ହୋଇ ବିଭିନ୍ନ ଆୟକାରୀ କାର୍ଯ୍ୟକଳାପରେ ବ୍ୟସ୍ତ ଅଛନ୍ତି । ପିପିଲି ଷ୍ଟେଟ ବ୍ୟାଙ୍କ ହିଁ ୫୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଦଳକୁ ସାହାଯ୍ୟ ଯୋଗାଇଛି । ୨୩୨୬ ତରଫରୁ ଆମେ ଏହି ଦଳମାନ କିପରି କାର୍ଯ୍ୟ କରୁଛି ତାହା ପରୀକ୍ଷା କରିବା ପାଇଁ ପ୍ରଶ୍ନାବଳୀ ଓ ଲୋକଙ୍କ ସାକ୍ଷାତକାର ମାଧ୍ୟମରେ ସେମାନଙ୍କର ସ୍ଥିତି ଉପରେ ପର୍ଯ୍ୟାଲୋଚନା କରିଥିଲୁ । ୫୨ଟି ଦଳର ଅଧ୍ୟୟନ ପରେ ଆମେ ଯେଉଁ ତଥ୍ୟ ପାଇଲୁ, ତାହା ଉପସ୍ଥାପନା କରୁଛୁ ।

### କ'ଣ

୧୦ ଜଣରୁ ୧୫ ଜଣ ପର୍ଯ୍ୟନ୍ତ ମହିଳାମାନେ ମିଳିତ ହୋଇ ଦଳ ତିଆରି କରିଛନ୍ତି । ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ଦଳ ମହିଳା ସ୍ୱୟଂ ସହାୟକ ଦଳ । ପ୍ରକୃତରେ ଏହାକୁ ସ୍ତ୍ରୀ ଶକ୍ତିର ଅଭ୍ୟୁଦୟ ଓ ବିକାଶ ବୋଲି କହିବାକୁ ହେବ । ୫୨ଟି ମହିଳା ଦଳରେ ସଭ୍ୟ ସଂଖ୍ୟା ୬୬୨ । ଶତକଡ଼ା ୬୧ ଭାଗ ମହିଳା ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି । ସେମାନଙ୍କର ହାରାହାରି ବାର୍ଷିକ ଆୟ ଟ.୯୦୦୦ଙ୍କା । ସେମାନଙ୍କର ସ୍ଥାବର ଅସ୍ଥାବର ସଂପତ୍ତିର ମୂଲ୍ୟ ହାରାହାରି ଟ.୨୫୦୦୦ଙ୍କା ।

ଲାଭ-କ୍ଷତି କ'ଣ ହୋଇଛି ? ପ୍ରତ୍ୟେକ ଦଳର ଆୟବୃଦ୍ଧି ହୋଇଛି । ବାର୍ଷିକ ପ୍ରାୟ ଟ.୪୦୦୦ଙ୍କା ବୃଦ୍ଧି ପାଇଛି । ଯେଉଁମାନେ ଦୁଇ ତିନିଥର ଋଣ ନେଇଛନ୍ତି, ସେମାନଙ୍କର ଆୟ ଶତକଡ଼ା ୧୨ ଭାଗ ବୃଦ୍ଧି ପାଇଛି । ସମସ୍ତେ ଟଙ୍କା ଫେରସ୍ତ କରିଛନ୍ତି । ଋଣ ପରିଶୋଧ ହାର ପ୍ରାୟ ଶତକଡ଼ା ୧୦୦ ଭାଗ । ଏହା କେବଳ ପିପିଲି ଗ୍ରାମାଞ୍ଚଳର କଥା ନୁହେଁ, ସମଗ୍ର ଦେଶରେ ସ୍ୱୟଂ ସହାୟକ ଦଳର ଋଣ ପରିଶୋଧ ହାର ଶତକଡ଼ା ୯୩ ଭାଗ ।

ଟଙ୍କା ଦେଣନେଣ, ଆୟରେ ସାମାନ୍ୟ ଉନ୍ନତି, ଖାଇବା ପିଇବାରେ ଅଭାବ ନ ରହିବା - ଏତିକି ଫଳାଫଳରୁ ଦଳର ସଫଳତା ବିଷୟରେ ସୂଚନା ମାତ୍ର ମିଳିଛି । ଆଉ କ'ଣ ?

### କାହିଁକି

- ଅନ୍ୟାନ୍ୟ ଲାଭ କ'ଣ ? ସଂଚୟ ମନୋବୃତ୍ତି ବଢ଼ିଛି । ପ୍ରତ୍ୟେକ ଦଳ ସଞ୍ଚୟ କରିଛନ୍ତି । ସଞ୍ଚୟ ଅନୁପାତରେ ନିୟମାବଳୀ ଅନୁସାରେ

ସାହାଯ୍ୟ ଦିଆଯାଏ । ଯେଉଁମାନେ ପ୍ରାୟତଃ ଟଙ୍କା ୫୦/୧୦୦ ଭିତରେ କାରବାର କରୁଥିଲେ, ସେମାନେ ୪୦୦୦/୫୦୦୦ ଟଙ୍କା ନେଇ କାରବାର କରୁଛନ୍ତି ।

- ନିୟମିତ ସଭା କରି ସେମାନେ ଅର୍ଥନୈତିକ ନିଷ୍ପତ୍ତି ନେଉଛନ୍ତି । ପ୍ରତ୍ୟେକ ମାସରେ ପ୍ରତ୍ୟେକ ଦଳ ଗୋଟିଏ ସଭା କରୁଛି । କେତେକ ଦଳ ପନ୍ଦର ଦିନରେ ଥରେ ମିଳିମିଶି ସଭା କରୁଛନ୍ତି ।

- ମହିଳାମାନଙ୍କର କାମଧନ୍ଦା କିଛି ନଥିଲା । ଏବେ କିଏ ଚାନ୍ଦୁଆ, କିଏ ଛତୁ ଚାଷ, କିଏ ଗାଈଗୋରୁ ପାଳନ କରି ଜୀବିକା ନିର୍ବାହ କରୁଛନ୍ତି । ବରଂ ଗାଁଗହଳିରେ ପୁରୁଷମାନଙ୍କୁ ବେକାର ଭାବେ ତାସ୍ ଖେଳିବା ଦେଖିଲୁ । ମହିଳାମାନଙ୍କୁ ସମୟର ସଦ୍ ଉପଯୋଗ କରିବା ଦେଖିଲୁ । ରାଜନୀତିରେ ପ୍ରତ୍ୟେକ ମହିଳାଙ୍କ ପଛରେ ସ୍ୱାମୀମାନଙ୍କର ପ୍ରଚ୍ଛନ୍ନ ହାତ ରହିଛି । ଆମେ ମହିଳାମାନଙ୍କର ପରିବାରରେ କେତେଜଣଙ୍କୁ ପଚାରି ଜାଣିଲୁ ଯେ ସେମାନେ ଏହି ବ୍ୟବସାୟରେ ହସ୍ତକ୍ଷେପ କରନ୍ତି ନାହିଁ । ସେମାନେ କେତେକ ଲାଭ କ୍ଷତି ହେଉଛି ଜାଣନ୍ତି ନାହିଁ । ସମ୍ଭବ ଯେ ଏଥିରେ ବେଶୀ ଲାଭ-କ୍ଷତି ନ ହେବାରୁ ପୁରୁଷ ଲୋକ ମହିଳାମାନଙ୍କ କାର୍ଯ୍ୟକଳାପରେ ହସ୍ତକ୍ଷେପ କରି ନାହାନ୍ତି । ବ୍ଲକ୍ ଅଫିସ୍ ବା ବ୍ୟାଙ୍କରେ ଆମେ ମହିଳାମାନଙ୍କ ସାଥୀରେ ତାଙ୍କ ପରିବାରର ପୁରୁଷ ଦେଖିଲୁ ନାହିଁ । ଅବଶ୍ୟ ଆମ ପର୍ଯ୍ୟବେକ୍ଷଣ ପାଞ୍ଚଦିନ ମଧ୍ୟରେ ସୀମିତ ।

- କଥା କହିବା ଶକ୍ତି ବଢୁଛି । ଆମର କଥା ସଭାପତି/ ସଂପାଦକଙ୍କ ଭିତରେ ସୀମିତ ଥିଲା । ପ୍ରତ୍ୟେକ ସେମାନଙ୍କ ବ୍ୟବସାୟର ହାନିଲାଭ କହିପାରୁଥିଲେ । ସରଳ ଭାଷାରେ କେତେ ଲାଭ କିମ୍ବା କ୍ଷତି ବୁଝାଇ ପାରୁଥିଲେ । କାହାର ଶିକ୍ଷା (୫/୬ ଜଣଙ୍କୁ ଛାଡ଼ି ଦେଲେ) ସପ୍ତମ ଶ୍ରେଣୀରୁ ଅଧିକ ନୁହେଁ । ସେଥିପାଇଁ ସେମାନେ ହିସାବ କିତାବ ଲେଖି ପାରୁନାହାନ୍ତି । କିଛି ଦିନରେ ସେମାନେ ହିସାବକିତାବ ଲେଖି ପାରିବେ ବୋଲି ଆଶା କରିଥିଲୁଁ । ଅବଶ୍ୟ ୨/୩ ବର୍ଷର ମହିଳା ଦଳ ମଧ୍ୟ ଏ ପର୍ଯ୍ୟନ୍ତ ଏହା ଚଳାଇ ପାରିନାହାନ୍ତି । କିନ୍ତୁ କଥାବାର୍ତ୍ତାରେ ସେମାନେ ବ୍ୟବସାୟ ବୃଦ୍ଧି ଦେଖାଇଛନ୍ତି ।

- ଦଳଗତଏକତା ଓ ସହଯୋଗ ବଢ଼ିଛି । ଗୋଟିଏ ଦଳର ଜଣେ ସଭ୍ୟ ଟ୨୦,୦୦୦ଙ୍କା ଡାକ୍ତର ପାଇଁ ଖର୍ଚ୍ଚ କରିବା ପରେ ଦଳର ସମସ୍ତେ ମିଳିମିଶି ବୋଝ ଉଠାଇଛନ୍ତି । ଦଳକୁ ଋଣ ଖିଲାପକାରୀ ଦଳ ଭିତରେ ରହିବାକୁ ଦେଇନାହାନ୍ତି । ଏହା ସହଯୋଗର ଉତ୍କୃଷ୍ଟ ନମୁନା । ଅବଶ୍ୟ ଅନ୍ୟ ଏକ ଦଳରେ ଅନୁରୂପ କାରଣରୁ ଟଙ୍କା ଫେରସ୍ତ କରିବାରେ ବିଳମ୍ବ ହେଉଛି ବୋଲି ସଂପାଦକ କହିଥିଲେ । ଛୋଟ - ନୂଆ ତିଆରି ଦଳର ଆର୍ଥିକ ସ୍ଥିତି ଏତେ ମଜଭୁତ୍ ନୁହେଁ ଯେ ସେମାନେ ଏପରି ଆକସ୍ମିକ ବିପଦକୁ ମୁକାବିଲା କରି କିଛି ନ ହେବା ପରି ଚଳି ପାରିବେ ।

- ଆତ୍ମବିଶ୍ୱାସ ବୃଦ୍ଧି ପାଇଛି । କେତେକ ମହିଳା ସଂପାଦକ/ ସଭ୍ୟ ଏପରି ବଳିଷ୍ଠ ଭାବରେ ସମସ୍ୟା ଉତ୍ଥାପନ କରୁଥିଲେ ଯେ ସମାଜ ବିଜ୍ଞାନର ହିସାବରେ ଆମେ ପୁଲକିତ ହୋଇଥିଲୁ । ଅବଶ୍ୟ ଏ ପର୍ଯ୍ୟନ୍ତ ଏମାନେ ସାମାଜିକ/ରାଜନୈତିକ ସମସ୍ୟା ଓ ସମାଧାନ ଉପରେ ଦୃଷ୍ଟି ଦେଇନାହାନ୍ତି । ବ୍ୟବସାୟ ଓ ପରିବାର ଚଳାଇବାରେ ସ୍ୱଚ୍ଛଳତା ପାଇବା ପରେ ବୋଧ ହୁଏ ସେମାନେ ବ୍ୟାପକ ସମସ୍ୟା ଉପରେ କିଛି ଆଲୋକପାତ କରିପାରିବେ ।

ତେବେ ସ୍ୱୟଂ ସହାୟକ ଦଳର ସମସ୍ୟା କ'ଣ କିଛି ନାହିଁ ? ସମସ୍ୟା ହେତୁ ଗୋଟିଏ ବଡ଼ ସମସ୍ୟା ହେଲା - ଅନୁଦାନ । ଅନୁଦାନ ପାଇବା ପାଇଁ ଦଳ ଅଧିକ ଆଗ୍ରହୀ । କେବଳ ଅନୁଦାନ ପାଇବା ପାଇଁ ଦଳ ଗଠିତ ହେବା ମଧ୍ୟ ବିଚିତ୍ର ନୁହେଁ । ସ୍ୱୟଂ ସହାୟକ ଦଳରେ ଆଲ୍ଲାଦିନର ଦୀପ ନାହିଁ ଯେ ଗରିବ ଲୋକ ରାତାରାତି ଧନୀ ହୋଇଯିବେ । ତେବେ କ୍ରମାଗତ ଭାବରେ ଆୟବୃଦ୍ଧି ହେବାର ଅନ୍ୟନାମ ହେଉଛି ଦଳ । ତେଣୁ ଅନୁଦାନ ପାଇବା ପରେ ଋଣ ନ ଶୁଝିବା ବା ଅଧିକ ଋଣ ପାଇଁ ହକ୍‌ଦାର ନ ହେବା ଏକ ପ୍ରମୁଖ ଅର୍ଥନୈତିକ ସମସ୍ୟା ।

ଦ୍ୱିତୀୟତଃ ଦଳର ସଭ୍ୟମାନେ ଦଳର ମାଲିକ । ଗୋଟିଏ ସମିତିରେ ସେମାନେ ପ୍ରତିଦିନର ମଜୁରୀ ଦାବି କରିବା ଦଳ ଦର୍ଶନର ପରିପନ୍ଥୀ । ଏଥିପାଇଁ କ୍ରମାଗତ ଭାବରେ ସଭ୍ୟମାନଙ୍କୁ ପ୍ରଶିକ୍ଷଣ ଦେବାକୁ ହେବ ।

ତୃତୀୟରେ ଗରିବ ପରିବାରରେ ନିତିଦିନିଆ ଗୁଜରାଣ ମେଣ୍ଟାଇବା ପାଇଁ ବ୍ୟକ୍ତିଗତ ଋଣ ଆବଶ୍ୟକ ହୋଇଥାଏ । ଗୋଟିଏ ଦଳରେ ଦେଖାଗଲା ଯେ ସେମାନେ କୌଣସି ବେପାର କରି ନିଜ ଭିତରେ ଋଣ ଦେଣନେଣ କରି ବଜାର ଦରଠାରୁ କମ୍ ସୁଧରେ (କିନ୍ତୁ ସରକାରୀ ସୁଧହାରଠାରୁ ଯଥେଷ୍ଟ ଅଧିକ - ଶତକଡ଼ା ୩୬ ଭାଗ) ସଭ୍ୟମାନଙ୍କୁ ଦେଇ ଋଣ ପରିଶୋଧ କରିଛନ୍ତି । ଏହା ସ୍ୱୟଂ ସହାୟକ ଦଳର ଆଭିମୁଖ୍ୟ ନୁହେଁ ।

ଆମେ ଯେଉଁମାନେ ସାଧାରଣତଃ ଅର୍ଥନୀତି ପରିଚାଳନା, ବିଜ୍ଞାନ ଅଧ୍ୟାପନା କରିଥାଉଁ, ଆମର ଆଖି କିଛି ସମସ୍ୟା ଉପରେ ଖୋଲିଗଲା ।

୧. ପାଠ୍ୟପୁସ୍ତକରେ ଦାରିଦ୍ର୍ୟ ବିଷୟରେ ପଢ଼ିବା, ଗବେଷଣାରେ ଲାଗି ରହିବା ଆଉ ଦାରିଦ୍ର୍ୟ ସହିତ ମୁହାଁମୁହିଁ ହେବା ଅଲଗା କଥା । ଦାରିଦ୍ର୍ୟ ସହିତ ପ୍ରତ୍ୟକ୍ଷ ସାକ୍ଷାତକାର ହେବାବେଳେ ଆମେ ବି ତଥାକଥିତ 'ବୁର୍ଜୁଆ' ଶ୍ରେଣୀର ପ୍ରତିନିଧି ବୋଲି ନିଜକୁ ମନେକଲୁ ।

୨. ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସ୍ଲୋଗାନ ନୁହେଁ । ସ୍ୱୟଂ ସହାୟକ ଦଳମାନେ ଗୁଣ୍ଡୁଚି ମୂଷା ପରି ଅର୍ଥନୈତିକ ସେତୁବନ୍ଧ ବାନ୍ଧି ଚାଲିଛନ୍ତି ।

ପ୍ରଫେସର
ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ
ଆଣ୍ଡ ଇନଫର୍ମେଶନ ସାଏନ୍ସ, ଭୁବନେଶ୍ୱର

# ଶ୍ରୀକ୍ଷେତ୍ର ଓ ଶାରଦୀୟ ଉତ୍ସବ ଦଶହରା

ସୁପ୍ରଭା ମିଶ୍ର

**ବେ**ଦ ଓ ତନ୍ତ୍ର ପରସ୍ପର ପରିପୂରକ । ବେଦ ହେଉଛି ପୃଥିବୀର ଏପରି ଏକମାତ୍ର ଜ୍ଞାନଗ୍ରନ୍ଥ ଯାହା ଅନାଦି କାଳରୁ ଆଜିଯାଏଁ ଜୀବନ୍ତ ଓ ଉପାସ୍ୟ ହୋଇଆସିଅଛି । ସମୟ ଏହା ଉପରେ ତିଳେମାତ୍ର ରେଖାପାତ କରିପାରିନାହିଁ, ବରଂ ସମୟକୁ ବେଦ ପ୍ରଭାବିତ କରିଛି । ଅନ୍ୟପକ୍ଷରେ ତନ୍ତ୍ର ଏକ ପ୍ରକୃଷ୍ଟ ସାଧନାର ମାର୍ଗ ଯାହା ଆମର ଜ୍ଞାନକୁ ପ୍ରସାରିତ କରେ । ଆମକୁ ସୃଷ୍ଟିର ରହସ୍ୟ ଭେଦ କରିବାକୁ ସକ୍ଷମ କରାଏ । ବେଦର ଜ୍ଞାନ ତାନ୍ତ୍ରିକ ସାଧନା ମାର୍ଗରେ ଉପଲବ୍ଧି କରିପାରିଲେ, ଶିକ୍ଷାପ୍ରାପ୍ତି ପ୍ରକୃତରେ ପୂର୍ଣ୍ଣାଙ୍ଗ ହୋଇଥାଏ । ଏଣୁ ବେଦ ଓ ତନ୍ତ୍ର ପରସ୍ପରର ବିରୋଧୀ ନହୋଇ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ଦେବତାଙ୍କ ସହ ଶକ୍ତି ଆରାଧନାର ସୂତ୍ରପାତ କରିଥାନ୍ତି ।



ମା' ଦୁର୍ଗା ହେଉଛନ୍ତି ଏହି ସୃଷ୍ଟିର ଆଦିଶକ୍ତି । ପିତାମହ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କର ସେହି ଶକ୍ତି ବଳରେ ସୃଷ୍ଟିର ଉତ୍ପତ୍ତି, ପାଳନ ପୋଷଣ ଓ ସଂହାର କରନ୍ତି । ଅନ୍ୟ ଦେବତାମାନେ ମଧ ମା'ଙ୍କ ଶକ୍ତିରେ ଶକ୍ତିମାନ୍ ହୋଇ ସମସ୍ତ କାର୍ଯ୍ୟ କରନ୍ତି । ଶକ୍ତିତତ୍ତ୍ୱରେ ଉଲ୍ଲେଖ ଅଛି-

'ଲକ୍ଷ୍ମୀଃ ପ୍ରଦାନ ସମୟେ ନବବିଦ୍ରୁମାଭାଂ
ବିଦ୍ୟା ପ୍ରଦାନ ସମୟେ ଶରବିନ୍ଦୁଶୁଭ୍ରା
ବିଦ୍ୱେଷୀ ବର୍ଗ ବିଜୟେ ହରିନୀଳବର୍ଣ୍ଣା
ସମ୍ଭାଂ ତ୍ରିଲୋକ ଜନନୀଂ ପ୍ରଜାନାଂ ପ୍ରପଦ୍ୟେ ।'

ଅର୍ଥାତ୍- ଧନ ଦେବା ସମୟରେ ସେହି ମହାଶକ୍ତି ପ୍ରବାଳବର୍ଣ୍ଣା ଲକ୍ଷ୍ମୀ ବିଦ୍ୟା ପ୍ରଦାନ ସମୟରେ ସେ ଶାରଦ ଶର୍ବରୀ ସଦୃଶା ଶୁଭ୍ରବର୍ଣ୍ଣା, ବିଦ୍ୱେଷ ଦୂର କରିବା ସମୟରେ ସେ ଦାବାନଳ ରୂପିଣୀ ନୀଳବର୍ଣ୍ଣା । ଏହି ତ୍ରିଲୋକ ଜନନୀ ଜଗଦମ୍ବା ଓ ପ୍ରଜନନୀଙ୍କୁ ପ୍ରଣାମ ।

ବେଦରେ ଗାୟତ୍ରୀ ହେଉଛନ୍ତି ତ୍ରିଶକ୍ତିର ସମାହାର । ସେଗୁଡ଼ିକ ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ (ଦୁର୍ଗାଶକ୍ତି) । ଗୁଣ ଦୃଷ୍ଟିରୁ ବିଚାର କଲେ ତାହା ଯଥାକ୍ରମେ ସତ୍ତ୍ୱଗୁଣୀ, ରଜଗୁଣୀ ଓ ତମଗୁଣୀ ଶକ୍ତି । ବେଦୋକ୍ତ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ମନ୍ତ୍ର ମଧରେ ଗାୟତ୍ରୀ ମହାମନ୍ତ୍ର ଅନ୍ୟତମ ଓ ତାହାକୁ ବୈଦିକ ପ୍ରଜ୍ଞାର ଚାବିକାଠି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶକ୍ତି ଆରାଧନାର ସୂତ୍ରପାତ ବେଳେ ବୈଦିକ ମନ୍ତ୍ର ସହିତ ତାନ୍ତ୍ରିକ ମନ୍ତ୍ର ବୀଜାକ୍ଷରରେ ଯୋଗ ହୋଇ ଦେବଦେବୀଙ୍କର ପୂଜା କରାଯାଉଥିଲା । ଫଳସ୍ୱରୂପ ବୈଷ୍ଣବ, ଗାଣପତ୍ୟ, ସୌର ଆଦି ସମ୍ପ୍ରଦାୟ ଗଢ଼ି ଉଠିଥିଲା । ସମଗ୍ର ଭାରତବର୍ଷ ଏହି ତାନ୍ତ୍ରିକ ଧର୍ମ ପ୍ରସାରଣର ପ୍ରସୂତ ଭୂମି ହୋଇଥିବାରୁ, ସନାତନ ଧର୍ମକୁ ଏହି ଭୂମିର ପ୍ରଧାନ ଅଙ୍ଗ ଭାବରେ ଗ୍ରହଣ କରାଯାଇଥିଲା । ଫଳରେ ଆଧୁନିକ ଓଡ଼ିଶୀ (ବା ଉଡ୍ଡୀୟାନ୍) ସନାତନ ଧର୍ମରେ ତାନ୍ତ୍ରିକ ମତବାଦର ପ୍ରଚାର ତଥା ସାଧନାର ପୀଠସ୍ଥଳୀ ରୂପେ ସ୍ୱୀକୃତି ପାଇଲା ।

'କୁଳଂ ଶକ୍ତି ରୀତି ପ୍ରୋକ୍ତଂ କୁଳଂ ଶିବ ଉଚ୍ୟତେ
କୁଳେ□କୁଳସ୍ୟ ସମ୍ବନ୍ଧ କୌଳମିତ୍ୟଭିଧୀୟତେ ।'

ଅର୍ଥାତ୍- କୁଳ ହେଉଛନ୍ତି ଶକ୍ତି ଏବଂ ଅକୁଳ ହେଉଛନ୍ତି ଶିବ । କୁଳ ଏବଂ ଅକୁଳର ସମ୍ମିଶ୍ରଣ ହେଉଛି କୌଳ ଓ ସେହି ଧର୍ମର ନାମ କୌଳଧର୍ମ ବା ଶକ୍ତିଧର୍ମ ।

ତନ୍ତ୍ର ବିଚାରରେ ଶ୍ରୀକ୍ଷେତ୍ର ହେଉଛି କୌଳଭୂମି ବା ଶକ୍ତିଭୂମି । ଉପାସନା ପଦ୍ଧତି ଅଧିକାର ଭେଦରେ ତନ୍ତ୍ରମାର୍ଗ ତିନି ପ୍ରକାର । ଦକ୍ଷିଣାଚାର, ବାମାଚାର ଓ ସିଦ୍ଧାଚାର । ଶ୍ରୀକ୍ଷେତ୍ର ହେଉଛି ତନ୍ତ୍ରକ୍ଷେତ୍ର (ବା ଉଡ୍ଡୀୟାନ୍ ପୀଠ) । ତନ୍ତ୍ରଶାସ୍ତ୍ର ତଥା ମହାନ୍ ବିଦଗ୍ଧ ପାଠକ ଓ ଶ୍ରୀଜଗନ୍ନାଥ ତତ୍ତ୍ୱ ନିପୁଣ ଗବେଷକମାନଙ୍କ ମତରେ ଶ୍ରୀକ୍ଷେତ୍ର ହିଁ ଉଡ୍ଡୀୟାନ୍ ପୀଠ ଭାବେ ସର୍ବ ସ୍ୱୀକୃତ । ଏହି ପୀଠର ପୀଠେଶ୍ୱରୀ

ହେଉଛନ୍ତି ପରମ୍ବା ବିମଳା । ଏହି ପବିତ୍ର ଭୂମିର ତନ୍ତ୍ରାୟିତ ଶାକ୍ତ ବୈଭବ ଓ ପରମ୍ପରା କେତେକ ପୁରାଣ ତଥା ଦେବୀ ଭାଗବତରେ ନିଚ୍ଛକ ଭାବେ ପରିଦୃଷ୍ଟ । ତନ୍ତ୍ର ବିଚାରରେ ଶ୍ରୀକ୍ଷେତ୍ର କୌଳଭୂମି । ସେହି କ୍ଷେତ୍ରର ବର୍ଣ୍ଣନା ଅନେକ ତନ୍ତ୍ର ପୁରାଣମାନଙ୍କରେ ଉଲ୍ଲେଖ ଅଛି । ସେହି କୌଳ କ୍ଷେତ୍ରର ସୀମା ଏକାମ୍ର ବନ ପର୍ଯ୍ୟନ୍ତ ବିସ୍ତୃତ ହେଲେ ମଧ୍ୟ ପଞ୍ଚକୋଷମୟୀ ସେହି ପାବନ ଭୂମିର ଆତ୍ମଶକ୍ତି ସୁଭଦ୍ରା ବିରାଜିତା । ତେଣୁ କୁହାଯାଇଛି -

'ସୁଭଦ୍ରା ଲୋକମାତା ମ୍ବା ଆତ୍ମଶକ୍ତିଃ ବରପ୍ରଦା
ରାମକୃଷ୍ଣ ଦ୍ୱୟୋର୍ମଧ୍ୟେ ପରମା ପରମେଶ୍ୱରୀ ।'

ଓଡ଼ିଶାର ସମସ୍ତ ପର୍ବପର୍ବାଣି ଓ ଉତ୍ସବମାନଙ୍କରେ ତନ୍ତ୍ରର ପ୍ରଭାବ ଗଭୀର ଭାବେ ପରିଲକ୍ଷିତ ହୋଇଥାଏ । ଶ୍ରୀକ୍ଷେତ୍ରରେ ସେହି ପ୍ରଭାବକୁ ପୀଠପ୍ରଭାବ କୁହାଯାଇଥାଏ । ତାହା ପୀଠ ରହସ୍ୟ, ପ୍ରୟୋଗ ରହସ୍ୟ, ମୁଦ୍ରା ରହସ୍ୟ ତଥା ଯନ୍ତ୍ର ରହସ୍ୟ ମଧ୍ୟରେ ସନ୍ନିବେଶିତ । ସେହି ରହସ୍ୟ ଚତୁଷ୍ଟୟ ମଧ୍ୟରେ ଉଡ୍ଡୀୟାନ୍ ପୀଠ (ଶ୍ରୀକ୍ଷେତ୍ର)ର ବିଶେଷତ୍ୱ ହେଲା ଶାକ୍ତ ଓ ବୈଷ୍ଣବାବଦର ସମନ୍ୱୟ । ତାହା ହିଁ ତନ୍ତ୍ର ଜଗତକୁ ଓଡ଼ିଶାର ମହନୀୟ ଦାନ, ଯାହାର ମୂଳ ଦୃଷ୍ଟାନ୍ତ ହେଉଛି ଦୁର୍ଗାମାଧବ ଉପାସନା ଏବଂ ତାହା କେବଳ ଶ୍ରୀକ୍ଷେତ୍ରରେ ଅନୁସୃତ । ଏହା ସ୍ୱୀକାର୍ଯ୍ୟ ଯେ ଅନ୍ତର୍ବେଦୀ (ଶ୍ରୀମନ୍ଦିର ରତ୍ନ ସିଂହାସନ)କୁ କେନ୍ଦ୍ର କରି ଓଡ଼ିଶାର ତନ୍ତ୍ର ପରମ୍ପରା ପ୍ରଚଳିତ । ଏହାକୁ ଉପଜୀବ୍ୟ କରି ବହୁ ପୁରାକାଳରୁ ପୁରୀ ଶ୍ରୀକ୍ଷେତ୍ରର କ୍ଷେତ୍ରନାୟକ 'ଶ୍ରୀଜଗନ୍ନାଥ' ଓ କ୍ଷେତ୍ର ନାୟିକା 'ମା' ବିମଳା'ଙ୍କୁ ନେଇ 'ଦୁର୍ଗାମାଧବ' ଉପାସନା ପ୍ରଚଳିତ ।

ସ୍କନ୍ଦ ପୁରାଣର ଦ୍ୱିତୀୟ ଅଧ୍ୟାୟରେ ଶକ୍ତିପୀଠ ନିର୍ଣ୍ଣୟ ସଂକ୍ରାନ୍ତୀୟ ବର୍ଣ୍ଣନାରେ କୁହାଯାଇଛି -

'ଉଡ୍ଡୀୟାନ୍ ପରାପୀଠେ ଉତ୍କଦେଶେ ବିଶେଷତଃ
ତ୍ରୟାବରଣ ରୂପେଣ ଶକ୍ତ୍ୟଷ୍ଟାଣ ବିରାଜତେ
କୀଳାବରଣ ଅଦେଶ କ୍ଷେତ୍ରାବରଣ ତତ୍ପରଃ
ତୃତୀୟାବରଣ ତତ୍ର ଯନ୍ତ୍ରାବରଣ ଏବ ଚ ।'

ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ବାହ୍ୟ ଭାଗରେ ଆଠଟି କୀଳପୀଠ ଅବସ୍ଥିତ । ତାହା ଅଷ୍ଟକୀଳ ଭାବରେ ଖ୍ୟାତ ଓ ସେଥିରେ ଶକ୍ତିମାନେ 'କ୍ଷେତ୍ରପା' ଭାବରେ ପରିଚିତ । ତେଣୁ କୁହାଯାଇଛି-

'କ୍ଷେତ୍ରପା ଚାଷ୍ଟମକ୍ତି ଚ ବାହ୍ୟାବରତଃ କ୍ରମାତ୍
ରକ୍ଷୟନ୍ତି ପରଂକ୍ଷେତ୍ରଂ କୀଳାଷୁ ଉତ୍କମଣ୍ଡଳେ
ସୁଭଦ୍ରିକା ପରାଶକ୍ତି ଭୈରବୀ ବିମଳା ତଥା
ଶ୍ରୀଚକ୍ରାଧିଷ୍ଠିତ ପୀଠେ ମାଧବ କ୍ଷେତ୍ର ନାୟକ ।'

ଏହି ଅଷ୍ଟକୀଳମାନେ ହେଲେ ସାଗରବେଳାରେ ହରଚଣ୍ଡୀ, ମହାନଦୀ ତଟଦେଶରେ ଭଟ୍ଟାରିକା ଓ ଚର୍ଚ୍ଚିକା, ପ୍ରାଚୀ ତଟଦେଶରେ ମା' ମହାମଙ୍ଗଳା, ଋଷିକୁଲ୍ୟା ତଟଦେଶରେ ମା' ତାରିଣୀ, ଶାଳିଆ ତଟଦେଶରେ ମା' ଭଗବତୀ ଓ ସେହି ମଣ୍ଡଳ ଅନ୍ତର୍ଗତ ଭୁଷଣ୍ଡପୁରରେ ମା' ଉଗ୍ରତାରା ଓ ଚନ୍ଦ୍ରଭାଗା ନଦୀ ତୀରରେ ସିଦ୍ଧ ରାମଚଣ୍ଡୀଙ୍କର ପୀଠ ଶ୍ରୀକ୍ଷେତ୍ରକୁ ବଳୟ ମଧ୍ୟରେ ଧରି ରଖିଛନ୍ତି । ସେହି କୀଳଶକ୍ତିମାନେ ସମସ୍ତେ ମହାପ୍ରସାଦ ସମର୍ପଣ ରୂପରେ ସେବନ କରିଥାନ୍ତି । ଶରତ କାଳରେ ଶାରଦୀୟ ଦୁର୍ଗାପୂଜା ବା ମହାପୂଜା ବେଳେ ଗଜପତି ରାଜା ବିମଳା ପୂଜାର ସଂକଳ୍ପ କରିବାବେଳେ ସେହି ଅଷ୍ଟକୀଳ ଶକ୍ତିଙ୍କର ପୂଜା ନିମନ୍ତେ ସଂକଳ୍ପ ମଧ୍ୟ କରିଥାନ୍ତି ଏବଂ ମନ୍ଦିର ପ୍ରଶାସନ ତରଫରୁ ପୂଜକ ଯାଇ ପୀଠମାନଙ୍କରେ ପୂଜା କରନ୍ତି । ତାହା କୀଳାବରଣ ବା ବାହ୍ୟାବରଣ ରହସ୍ୟରେ ଶାକ୍ତପ୍ରଭାବ ଅଟେ ।

ଦ୍ୱିତୀୟ ଆବରଣ କ୍ଷେତ୍ରାବରଣ ରୂପେ ସର୍ବଜନ ବିଦିତ । ଶ୍ରୀଜଗନ୍ନାଥ ଧାମରେ ଶ୍ରୀମନ୍ଦିରର ଖଣ୍ଡାଶାଳ ଭଳି ବିଶାଳ ପ୍ରାସାଦର ରକ୍ଷା ପାଇଁ ସେହିଭଳି ଅଷ୍ଟଶକ୍ତି ଘେରି ରହିଛନ୍ତି । ସେମାନେ କ୍ଷେତ୍ରଶକ୍ତି ଭାବରେ ସୁବିଦିତ ଅଟନ୍ତି । 'ବାମଦେବ ସଂହିତା' ତଥା 'ସ୍କନ୍ଦପୁରାଣର ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ରେ କ୍ଷେତ୍ର ବର୍ଣ୍ଣନା ଦିଆଯାଇଅଛି । ଶଙ୍ଖର ପୃଷ୍ଠଭାଗରେ ସର୍ବମଙ୍ଗଳା, ଉତ୍ତର ଦିଗରେ ଲମ୍ବାଦେବୀ, ଦକ୍ଷିଣରେ କାଳରାତ୍ରୀ ତଥା ଚଣ୍ଡରୂପା, ପଶ୍ଚିମରେ ବାସେଲୀ, ପୂର୍ବରେ ଅର୍ଦ୍ଧାସିନୀ, ଐଶାନ୍ୟ କୋଣରେ ସପ୍ତମାତୃକା, ଅଗ୍ନିକୋଣରେ ନାରାୟଣୀ ଓ ଶଙ୍ଖଦ୍ୱାରର ଉଭୟ ପାର୍ଶ୍ୱରେ ମର୍ଚ୍ଚିକା, ଚର୍ଚ୍ଚିକା - ଏହିଭଳି ମୋଟ ଆଠଗୋଟି ଦେବୀ ଶ୍ରୀକ୍ଷେତ୍ରକୁ ରକ୍ଷା କରି ଆସୁଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆଲମ୍ବଦେବୀ ଆଲାମଚଣ୍ଡୀ ଓ ଅର୍ଦ୍ଧାସିନୀ ମାଉସୀମା ନାମରେ ଖ୍ୟାତ । ତା'ଛଡ଼ା ବହୁ ପୁରାକାଳରୁ ସେହି କ୍ଷେତ୍ର ପାଳିକା ଅଷ୍ଟଶକ୍ତି ସହିତ ଶ୍ରୀଜଗନ୍ନାଥଙ୍କର ଘନିଷ୍ଠ ସମ୍ପର୍କ ସୁପ୍ରତିଷ୍ଠିତ ।

ତୃତୀୟ ଆବରଣ ଯନ୍ତ୍ରାବରଣକୁ ଅନୁଧ୍ୟାନ କଲେ ଜଣାଯାଏ ଶଙ୍ଖନାଭି ବା ରତ୍ନସିଂହାସନକୁ କେନ୍ଦ୍ର କରି ଶ୍ରୀଜଗନ୍ନାଥ ମନ୍ଦିର ବାହାରେ ଥିବା ବେଢ଼ା ଓ କୁର୍ମବେଢ଼ା ମଧ୍ୟରେ ପୂର୍ବକ୍ରମରେ ଆଠ ମହାଶକ୍ତି ବିଦ୍ୟମାନ । ସେମାନେ ହେଲେ - ସିଂହଦ୍ୱାର ସମ୍ମୁଖରେ ଷୋଡ଼ଶପୁତ୍ରୀ, ବଟମୂଳେ ବାଟମଙ୍ଗଳା, ବାୟୁକୋଣରେ ଭଦ୍ରକାଳୀ, ପଶ୍ଚିମରେ କମଳା, ପୃଷ୍ଠଦେଶରେ ଭୁବନେଶ୍ୱରୀ (ଲକ୍ଷ୍ମୀ), ଚଣ୍ଡରୂପା (କାଳୀ) ଓ କଳାତ୍ମିକା ଶକ୍ତି (ସରସ୍ୱତୀ) ଓ ଉତ୍ତରରେ ଉତ୍ତରାୟଣୀ ଦୁର୍ଗା । ଏହିପରି ମୋଟ ଆଠଟି ଶକ୍ତି ମହାପ୍ରଭୁମାନଙ୍କର ତଥା ରତ୍ନସିଂହାସନର ରକ୍ଷା ଶକ୍ତି ଭାବେ ରହିଛନ୍ତି ।

ଏତଦ୍‌ବ୍ୟତୀତ ଅଷ୍ଟଭୈରବ ପୀଠ ମଧ୍ୟ ସେଠାରେ ପରିଦୃଷ୍ଟ ହୋଇଥାଏ । ସେହି ଅଷ୍ଟଭୈରବ ଓ ଶ୍ରୀକ୍ଷେତ୍ରର କ୍ଷେତ୍ରପାଳ ଭାବରେ ସାତସାହିର ବାନାମ୍ବରଙ୍କୁ ମିଶାଇ ସେହି ଅଷ୍ଟଭୈରବଙ୍କ ସ୍ଥିତି, ଯେଉଁମାନେ ପ୍ରକୃତ ଅର୍ଥରେ ଶ୍ରୀକ୍ଷେତ୍ରର କ୍ଷେତ୍ରପାଳ ଭାବରେ ପୂଜିତ ।

ଉପରୋକ୍ତ ଅଷ୍ଟକୀଳ ଶକ୍ତି, ଅଷ୍ଟକ୍ଷେତ୍ର ଶକ୍ତି ଓ ଅଷ୍ଟଯନ୍ତ୍ର ଶକ୍ତି (ବା ପୀଠ ଶକ୍ତି)ଙ୍କ ଭିତରୁ ପଞ୍ଚପୀଠକୁ ମୁଖ୍ୟ ବୋଲି ଗ୍ରହଣ

କରାଯାଇଛି ଓ ତାହା କୌଳ ପଞ୍ଚପୀଠ ଭାବେ ସୁବିଦିତ ଅଛି ଯଥା- ନାରାୟଣୀ, ପ୍ରାଚୀମଙ୍ଗଳା, କଳାମ୍ବିକା, କାଳରାତ୍ରୀ (ବା ଦକ୍ଷିଣ କାଳୀ) ଓ ଅର୍ଦ୍ଧାସିନୀ । ସେହି ପଞ୍ଚପୀଠରେ ଶ୍ରୀଜଗନ୍ନାଥ ମନ୍ଦିରର ନୀତିମାନ ଜଡ଼ିତ ।

ଦୋଳମଣ୍ଡପ ସାହିରେ ଥିବା ନାରାୟଣୀ ପୀଠରେ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଶରତକାଳୀନ ଶ୍ରୀଗୁଣ୍ଡିଚା ଅନୁଷ୍ଠିତ ହୁଏ । ସେଥିରେ ଦୁର୍ଗାମାଧବ ପୂଜା ପାଇଥାନ୍ତି ।

ପ୍ରାଚୀତଟବାସିନୀ ମା’ ସର୍ବମଙ୍ଗଳାଙ୍କ ନିକଟରେ ନବକଳେବର ପଡ଼ିଲେ ବନଯୋଗ କର୍ମର ଅଧିବାସ ହୁଏ ।

ଶ୍ରୀମନ୍ଦିର ବେଢ଼ାରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ଗୁରୁବାର ଏକାଦଶୀ ପଡ଼ିଲେ ଏକାନ୍ତ ଯାତ୍ରା ଓ ରୁକ୍ମିଣୀ ପରିଣୟ ଉତ୍ସବରେ କନ୍ୟାଧିବାସ ଅନୁଷ୍ଠିତ ହୋଇଥାଏ ।

ଦକ୍ଷିଣକାଳିକା ପୀଠରେ ଶକ୍ତିପୁରି ଅମାବାସ୍ୟା ଦିନ ନବୀନ ମୂର୍ତ୍ତିକା ନିର୍ମିତ ପୁରୋଡ଼ାଶ ପାତ୍ର ଅଧିବାସିତ ହୋଇଥାଏ ।

ବଡ଼ଦାଣ୍ଡରେ ସ୍ଥିତା ମାଉସୀମା, ଯିଏ ଶାସ୍ତ୍ର ମତରେ ଅର୍ଦ୍ଧାସିନୀ ଅଟନ୍ତି, ତାଙ୍କ ପୀଠରେ ଦକ୍ଷିଣାଭିମୁଖୀ ଯାତ୍ରା (ଅର୍ଥାତ୍ ଫେରନ୍ତି ରଥଯାତ୍ରା) ସମୟରେ ଉକ୍ତ ମନ୍ଦିରର ମୁଖ୍ୟନୀତି ଭାବରେ ପୋଡ଼ପିଠା ମହାପ୍ରଭୁଙ୍କ ରଥସାମ୍ନାରେ ଭୋଗ ଲାଗେ ।

ଉପରୋକ୍ତ କୌଳପଞ୍ଚପୀଠ, କ୍ଷେତ୍ରେଶ୍ୱରୀ ମା’ ବିମଳାଙ୍କୁ କେନ୍ଦ୍ରକରି ଅନ୍ତର୍ବେଦୀସ୍ଥ ମା’ ସୁଭଦ୍ରାଙ୍କର ପରିପୂର୍ଣ୍ଣ ପୂଜା ପାଇଁ ସୁପ୍ରତିଷ୍ଠିତା ।

ସାତସାହିର ସାତ ଗ୍ରାମବାସିନୀ ଗ୍ରାମଦେବୀ ଭାବେ ସୁପ୍ରତିଷ୍ଠିତା । କାଳିକା ଦେବୀ ସାହିର ଦକ୍ଷିଣ କାଳିକା, ବାସେଳୀ ସାହିର ବାସେଳୀ, ହରଚଣ୍ଡୀ ସାହିର ହରଚଣ୍ଡୀ, ବାଲିସାହିର ବାରାହୀ, ଦୋଳମଣ୍ଡପ ସାହିର ସାହି କାଳିକା (ବା ନାରାୟଣୀ), କୁଣ୍ଢେଇ ବେଣ୍ଟ ସାହିର ରାମଚଣ୍ଡୀ, ଯେନାରି ଗଛ (ବା ଅଶ୍ୱତ୍ଥ ଯୋଗିନୀ) ବହୁ ପୁରାକାଳରୁ ସ୍ୱ ସ୍ୱ ଆଭାରେ ସୁପ୍ରତିଷ୍ଠିତା ।

ଏତଦ୍‌ବ୍ୟତୀତ ବାଲିସାହିର ଗଜପତି ମହାରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ମା’ ଶ୍ୟାମାକାଳୀ, ଗୌଡ଼ବାଡ଼ ସାହି ଓ ତିଆଡ଼ି ସାହିର ଉପାନ୍ତ ସୀମାରେ ଥିବା କାମାକ୍ଷୀ, କୁଣ୍ଢେଇ ବେଣ୍ଟ ସାହିର ହେରାଗୋହିରୀ ମୁଣ୍ଡରେ ରକ୍ଷାକର୍ତ୍ତା ମା’ ଜାଡୁଆଣୀ, ବାଲିସାହିରେ ଲୋକମାତା ଗଛକାଳୀ, ଶ୍ରୀକ୍ଷେତ୍ର ପ୍ରବେଶ ପଥରେ ମା’ ସର୍ବମଙ୍ଗଳା ଆଦି ସମସ୍ତେ ସ୍ୱ ସ୍ୱ କ୍ଷେତ୍ରରେ କ୍ଷେତ୍ରଶକ୍ତି ଯେଉଁମାନେ କି ଶ୍ରୀମନ୍ଦିରର ଅନ୍ତର୍ବେଦୀ ପୂଜା ତଥା ମା’ ବିମଳାଙ୍କ ସହ ସମ୍ପର୍କିତା ।

**ଶାରଦୀୟ ଉତ୍ସବ ଓ ମା’ ବିମଳା**

ପୀଠେଶ୍ୱରୀ ମା’ ବିମଳାଙ୍କର ଶ୍ରେଷ୍ଠ ତଥା ମୁଖ୍ୟପର୍ବ ହେଉଛି ଶରତକାଳୀନ ମହାପୂଜା । ତାହା ଷୋଡ଼ଶ ଦିନ ବ୍ୟାପୀ ବିଶେଷ ବିଧିରେ ସହସ୍ରାକୁମ୍ଭାଭିଷେକ ସହ ଅନୁଷ୍ଠିତ ହୁଏ । ସେହି ପୂଜାର ଆରମ୍ଭ ୧୬ ଦିନ ଗଣତିରେ ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ବା ଅଷ୍ଟମୀ ଦିନରୁ ଆରମ୍ଭ ହୁଏ । ପରିଣୟ ମଣ୍ଡପରେ ଦେବୀଙ୍କର ସହସ୍ରାକୁମ୍ଭାଭିଷେକ କରାହୁଏ । ସେହି ସମୟରେ ଦୁର୍ଗାମାଧବଙ୍କୁ ମଧ ଉପାସନା କରାଯାଏ । ଏଥିପାଇଁ ଷୋଡ଼ଶ ପୂଜା ଆରମ୍ଭ ଦିନ ସକାଳ ଧୂପ ପରେ ଦୁର୍ଗାଦେବୀଙ୍କୁ ସୋମନାଥ ମଣ୍ଡପ (ମାଜଣା ମଣ୍ଡପ)କୁ ବିଜେ କରାହୁଏ । ତା’ପରେ ପଣ୍ଡା, ପତି, ମୁଦିରସ୍ତ ଓ ଆଚାର୍ଯ୍ୟ ବ୍ରହ୍ମାବରଣ ହୋଇ ଦୁର୍ଗାଦେବୀଙ୍କୁ ସହସ୍ର ଗଡୁ ଜଳ ଲାଗି କରାନ୍ତି । ତାହା ହେଉଛି ସହସ୍ରାକୁମ୍ଭାଭିଷେକ (ବା ସ୍ନାନ) । ଜଳଲାଗି କଲାପରେ ଶ୍ରୀଅଙ୍ଗ ପୋଛା ହୋଇ ନୂଆଲୁଗା ଲାଗି ବେଶ ହୋଇଥାଏ । ଦେବୀଙ୍କର ବେଶ ଶେଷ ହେଲେ ପାଣି ପଡ଼ି, ମୁଦିରସ୍ତ ପ୍ରସାଦ ଲାଗି ଓ ଶୀତଳ ଭୋଗ, ପଞ୍ଚୋପଚାରରେ ପୂଜାପଣ୍ଡା ଶେଷ କରନ୍ତି । ଏହାପରେ ପତି ମହାପାତ୍ର ବନ୍ଦାପନା ଶେଷ କରି ଦେବୀଙ୍କୁ ଭଣ୍ଡାର ଦ୍ୱାରକୁ ବିଜେ କରାନ୍ତି । ଏତେବେଳକୁ ପୂଜାପଣ୍ଡାମାନେ ବାଳ ପୁରୁଷୋତ୍ତମ (ମାଧବ ରୂପରେ ଶ୍ରୀଜଗନ୍ନାଥ)ଙ୍କୁ ଭଦ୍ରାସନରେ ଭଣ୍ଡାର ଘର ଦ୍ୱାର ପାଖରେ ବସାଇଥାନ୍ତି ଓ ଦୁଇଖଣ୍ଡ ଆଜ୍ଞାମାଳ ଦେଇଥାନ୍ତି । ଦେବୀଦୁର୍ଗା ସୋମନାଥ ମଣ୍ଡପରୁ ଆସିଲେ ସେଠାରେ ଏକତ୍ର ରୁନ୍ଧା ହୁଅନ୍ତି । ରୁନ୍ଧା ପରେ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପ ପାଖକୁ ଆସନ୍ତି ଓ ସେଠାରେ ଥିବା ପାଲିଙ୍କିରେ ଦୁର୍ଗାମାଧବ ବିଜେ ହୁଅନ୍ତି ।

ସେତେବେଳକୁ ଦେବୀ ବିମଳାଙ୍କ ପାଖରେ ସହସ୍ର କୁମ୍ଭପୂଜା ଶେଷ ହୋଇଥାଏ । ପ୍ରଥମ ପୂଜା ପାଇଁ ସକାଳଧୂପ ପରେ ବିମଳାଙ୍କ ଦେଉଳରେ ପରିଛା ଓ ପରିକରଣମାନେ ହୁକୁମ୍ ମାନ ପାଠ କରନ୍ତି । ବ୍ରହ୍ମାବରଣ ପାଇଁ ବରୁଣପୂଜା ହୁଏ । ଏଥିସହିତ ଆଚାର୍ଯ୍ୟ ବରଣ, ବ୍ରହ୍ମବରଣ, ସ୍ୱସ୍ତିବାଚନ ଓ ଚଣ୍ଡୀବରଣ ହୁଏ । ଶ୍ରୀଜୀଉଙ୍କ ଛାମୁରେ ପାଣି ପଡ଼ି, ପାହାଡ଼ା ପଡ଼ି ଭୋଗ ଷୋଡ଼ଶ ଉପଚାରରେ କରାଯାଏ । କୋଠ ଭୋଗ, ମହାପ୍ରସାଦ, ପିଠାଥାଳୀ, ଖେଚୁଡ଼ି ବିମଳାଙ୍କ ମଣୋହିରେ ବଢ଼ାଯାଏ । ଭୋଗବେଳେ ଘଣ୍ଟା କାହାଳୀ ଆଦି ବାଜେ, ଛତି ଟଣାହୁଏ ଓ ଚଣ୍ଡୀପାଠ କରାଯାଇଥାଏ ।

ପୂଜା ଶେଷ କରି, ଧୂପ ଦୀପ ନେଇ ଟେରା ପଡ଼ିବା ପରେ ଭିତରେ ଆଚାର୍ଯ୍ୟ ନୈବେଦ୍ୟ ସମର୍ପଣ କରି ପାଣି ଛଡ଼ାନ୍ତି । ଟେରା ଫିଟିଲେ କର୍ପୂର ଆଳତୀ ଓ ଏକୋଇଶ ବତୀ ବନ୍ଦାପନା ହୁଏ ।

ଏହାପରେ ଦୁର୍ଗାମାଧବ ବିମଳାଙ୍କ ମନ୍ଦିରସ୍ଥ ଖଟ ଉପରେ ବିଜେ ହୁଅନ୍ତି । ଭିତର ଛୁ ମହାପାତ୍ର ରୂପା ପିଙ୍ଗଣରେ କର୍ପୂର ଜଳ ଲାଗି କରାନ୍ତି । ଶୀତଳ ମଣୋହି ପରେ ବନ୍ଦାପନା ହୁଏ । ଏହି କ୍ରମରେ ମା’ ବିମଳାଙ୍କ ପାଖରେ ତିନି ଧୂପ ଶେଷ ହେଲାପରେ ରାତିରେ ଚନ୍ଦନ ଲାଗି ହୁଏ । ଚନ୍ଦନ ଲାଗି ପରେ ବିମାନବଡୁ ଏହାଙ୍କୁ ବିମାନରେ ଭଣ୍ଡାର ଘରକୁ ନିଅନ୍ତି ।

ଏହିପରି ଭାବରେ ଦୁର୍ଗାମାଧବ ପ୍ରଥମ ଆଠଦିନ ପର୍ଯ୍ୟନ୍ତ ବିମଳାଙ୍କ ମନ୍ଦିରକୁ ଯାଆନ୍ତି ଓ ଉପରୋକ୍ତ ପ୍ରକାରେ ନୀତି ପାଳିତ ହୁଏ । ନବମ ଦିନଠାରୁ ବିମାନରେ ବସି ଦୋଳମଣ୍ଡପ ସାହିର ନାରାୟଣୀ ମନ୍ଦିରକୁ ଯାଆନ୍ତି । ତାହା ଷୋଳ ଦିନାତ୍ମକ ମହାପୂଜା, ଯାହାକି ଆଶ୍ୱିନ ଗୁଣ୍ଡିଚା, ଦେବୀ ଗୁଣ୍ଡିଚା, ଓ ଶାକ୍ତ ଗୁଣ୍ଡିଚା ଭାବରେ ସର୍ବଜନ ବିଦିତ । ପୂର୍ବୋକ୍ତ ନୀତି ଦଶହରା ପର୍ଯ୍ୟନ୍ତ ହୋଇଥାଏ । ଦୁର୍ଗାମାଧବଙ୍କ ଅନୁପସ୍ଥିତିରେ ଓ ଜଗନ୍ନାଥଙ୍କ ପହୁଡ଼ ପରେ ସପ୍ତମୀ, ଅଷ୍ଟମୀ, ନବମୀ ନିଶାର୍ଦ୍ଧରେ ପ୍ରତିନିତ୍ୟ ୨ଟି ହିସାବରେ ୬ଟି ପଶୁବଳି କୈବଲ୍ୟ ଭୋଜିନୀ ବିମଳାଙ୍କଠାରେ ପଡ଼ିଥାଏ । ତାହା ତନ୍ତ୍ରୋକ୍ତ ବାମାଚାର ବା କୁଳାଚାରର ନିଦର୍ଶନ । ଷୋଳପୂଜା ସମୟରେ ପାକାସ୍ପର୍ଶ ଦୋଷରୁ ରକ୍ଷା ମିଳିବା ପାଇଁ ନାରୀମାନେ ବିମଳାଙ୍କ ମନ୍ଦିରକୁ ପ୍ରବେଶ କରିବା ମନା । ଦଶହରା ଦିନ ଜଗନ୍ନାଥ ବଲ୍ଲଭରୁ ଫେରିବା ପରେ ରୁନ୍ଧା ଫିଟେ ଓ ମାତଃ ଦୁର୍ଗେ ଭଣ୍ଡାର ଘରକୁ, ମାଧବ ଶ୍ରୀଜଗନ୍ନାଥଙ୍କ ବାମଭାଗରେ ରତ୍ନ ସିଂହାସନକୁ ବିଜେ କରନ୍ତି ।

ଐତିହାସିକ ତଥା ସାମାଜିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ଉତ୍କଳୀୟମାନଙ୍କର ଦୁର୍ଗାମାଧବ ଅବିସ୍ମରଣୀୟ । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ପ୍ରତି ଘରର ଦ୍ୱାରଦେଶରେ ଚତୁର୍ଭୁଜା ଦୁର୍ଗା (ବିମଳା) ଓ ମାଧବ (ଶ୍ରୀଜଗନ୍ନାଥ)ଙ୍କର ପଟ୍ଟଚିତ୍ର ଅଙ୍କିତ ହୁଏ । ଯାତ୍ରା ଅନୁକୂଳ ସମୟରେ ଦୁର୍ଗାମାଧବଙ୍କୁ ସମସ୍ତେ ସ୍ମରଣ କରନ୍ତି । ବିଶେଷ କରି ଦଶହରା ଦିନ ଦୁର୍ଗାମାଧବଙ୍କ ଦର୍ଶନ ଚିର ମଙ୍ଗଳପ୍ରଦ । ତାହା ଶ୍ରୀ, ବିଜୟ, ସମୃଦ୍ଧି ଓ ପ୍ରାପ୍ତିର ସହାୟକ ହୋଇଥାଏ ।

ବିଶେଷ କରି ଦଶହରା ଦିନ ଦୁର୍ଗାମାଧବଙ୍କ ଦର୍ଶନ ଚିର ମଙ୍ଗଳପ୍ରଦ । ତାହା ଶ୍ରୀ, ବିଜୟ, ସମୃଦ୍ଧି ଓ ପ୍ରାପ୍ତିର ସହାୟକ ହୋଇଥାଏ ।

### ଶ୍ରୀକ୍ଷେତ୍ରରେ ଦଶହରା ପର୍ବ

ଦଶମ ଦିନ ଶ୍ରୀଜଗନ୍ନାଥଙ୍କ ଉତ୍ସବ ପାଳିତ ହୁଏ । ସେହି ଦିବସ ଦଶହରା ନାମରେ ପ୍ରସିଦ୍ଧି ଲାଭ କରିଅଛି । 'ଦୁର୍ଗୋତ୍ସବ ଚନ୍ଦ୍ରିକା'ରେ ଉକ୍ତ 'ଦଶବିଘ୍ନ ହୃତା ଦେବୀ ଲୋକାନ୍ ଦୁର୍ଗତି ହାରିଣୀ' ଶ୍ଳୋକରୁ ମହାଦେବୀ ମନୁଷ୍ୟର ଦଶବିଧ ବିଘ୍ନ ବିନାଶ କରିବାର ପ୍ରମାଣ ମିଳେ । ମହାମାୟାଙ୍କ ଉପାସନା ସମୟରେ ଆତ୍ମଗ୍ଲାନି, ଅସୂୟା, ଈର୍ଷା, ଦ୍ୱେଷ, ପରୋକ୍ଷ ବାକ୍, ମିଥ୍ୟା, କ୍ରୋଧ, ଅଭିମାନ, ଅହଂକାର, ଭୟ ଆଦି ଦଶବିଧ ମାନସିକ ବାଧାର ବିନାଶ ପାଇଁ ପ୍ରାର୍ଥନା କରାଯାଇ ଦଶଦୁର୍ଗା ଦେବୀଙ୍କୁ ସମର୍ପଣ କରାଯାଏ ।

ଶ୍ରୀଜଗନ୍ନାଥ ମନ୍ଦିରର ଅବକାଶ ପରେ ଚନ୍ଦନଲାଗି ହୁଏ । ରାଜବେଶ ପରେ ଗୋପାଳ ବଲ୍ଲଭ, ସକାଳ ଧୂପ ଅନୁଷ୍ଠିତ ହୁଏ । ଭଣ୍ଡାର ଦ୍ୱାର ପାଖରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ସ୍ନାନ କରାଇ ବରୁଣ ପୂଜା କରାଯାଏ । ସହସ୍ରକୁମ୍ଭାଭିଷେକ ହୁଏ । ଘଣ୍ଟା, ଛତା, କାହାଳୀ ସହ ଆୟୁଧ, ପଟୁଆର ହୋଇ ତିନିଥର ବେଢ଼ା ପ୍ରଦକ୍ଷିଣ କରି ସିଂହାସନରେ ବିଜେ ହୁଅନ୍ତି । ବଳଭଦ୍ର ହଳ ଓ ମୂଷଳ, ସୁଭଦ୍ରା ତଡ଼ଗୀ (ତାଡ଼) ଓ ଜଗନ୍ନାଥ ଶଙ୍ଖ, ଚକ୍ର ଧାରଣ କରନ୍ତି ।

ଦକ୍ଷିଣ ଗୃହରେ ରାମକୃଷ୍ଣ ଓ ମଦନ ମୋହନ ବୀରବେଶ ହୁଅନ୍ତି । ଜଗନ୍ନାଥଙ୍କ ଆଳତୀ ଶେଷ ହେଲାପରେ ରାମକୃଷ୍ଣ, ମଦନମୋହନ ଓ ଦୁର୍ଗାମାଧବ ରତ୍ନସିଂହାସନରେ ବିଜେ ହୁଅନ୍ତି ।

ଉପରୋକ୍ତ ଦେବଦେବୀ ସକଳ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଜଗମୋହନ ଦେଇ ଯାତ୍ରା କରନ୍ତି । କଳ୍ପବଟ ମୂଳରେ ଥିବା ପାଲିଙ୍କିରେ ରାମକୃଷ୍ଣ ରଥରେ ଦୁର୍ଗାମାଧବ ଓ ବିମାନରେ ମଦନମୋହନଙ୍କୁ ବିଜେ କରାଯାଏ । ଠାକୁରମାନେ ଜଗନ୍ନାଥଙ୍କ ବଲ୍ଲଭ ମହାଖଳାପଦାକୁ ଯାଆନ୍ତି । ମୁଦିରସ୍ତ ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନା ପରେ ବାହୁଡ଼ା ବିଜେ ହୋଇ ମାଧବ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କ ବାମପାର୍ଶ୍ୱରେ ବିଜେ ହୁଅନ୍ତି । ଦୁର୍ଗା ଭଣ୍ଡାର ଗୃହରେ ଏବଂ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣ ଗୃହରେ ବିଜେ ହୁଅନ୍ତି । ସେହି ବିଜୟ ଉତ୍ସବ ଦଶହରା ପର୍ବ ବା କାଣ୍ଡୋତ୍ସବ ଭାବରେ ଖ୍ୟାତ ।

### କ୍ଷେତ୍ରଶକ୍ତିଙ୍କଠାରେ ଶାରଦୀୟ ଦୁର୍ଗୋତ୍ସବ

ବାଲିସାହି ଅଞ୍ଚଳରେ ପୁରୀ ଗଜପତି ମହାରାଜାଙ୍କ ପୁରୁଣା ନଅରରେ ସ୍ୱକୁଳ ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶ୍ୟାମାକାଳୀ । ସାର୍ବଜନୀନ ଶାରଦୀୟ ଦୁର୍ଗୋତ୍ସବର ଶେଷ ତିନିଦିନ ସେହି ସ୍ଥାନ ଅନିର୍ବଚନୀୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅପୂର୍ବ ଉତ୍ସବ ମୁଖର ହୋଇଉଠେ । ସ୍ୱତନ୍ତ୍ର ବିଧିବିଧାନ ସହକାରେ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ହୁଏ । ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀ ଦିନ ମା' ଶ୍ୟାମାକାଳୀଙ୍କୁ ଯଥାକ୍ରମେ ହରଚଣ୍ଡୀ, ମହିଷମର୍ଦ୍ଦିନୀ ଓ ଦଶଭୁଜା ଦୁର୍ଗା ବେଶରେ ଭୂଷିତ କରାଯାଏ ।

ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ବାଲିସାହିସ୍ଥ ମା' ବାରାହୀଙ୍କ ମନ୍ଦିରରେ ମୂଳାଷ୍ଟମୀଠାରୁ ଆଶ୍ୱିନ ଶୁକ୍ଳ ନବମୀ ତିଥିଯାଏ ଷୋଡ଼ଶ ଦିବସ ବ୍ୟାପୀ ପୂଜାବିଧି ମହାସମାରୋହରେ ଅନୁଷ୍ଠିତ ହୋଇଥାଏ ।

ଶ୍ରୀମନ୍ଦିରର ପଶ୍ଚିମ ପାର୍ଶ୍ୱରେ ନୈଋତ କୋଣକୁ ଶ୍ରୀକ୍ଷେତ୍ରର ଅନ୍ୟତମ କ୍ଷେତ୍ରଶକ୍ତି ମା' ବାସେଳୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଆଶ୍ୱିନ ମାସରେ ମୂଳାଷ୍ଟମୀରେ ସହସ୍ରାକୁମ୍ଭାଭିଷେକ ସହିତ ଆରମ୍ଭ ହୋଇଥାଏ । ଷୋଡ଼ଶ ଦିନ ବ୍ୟାପୀ ମା'ଙ୍କର ସେହି ପୂଜାରେ ମା'ଙ୍କୁ ବନଦୁର୍ଗା, ନୀଳସରସ୍ୱତୀ, ମହାଲକ୍ଷ୍ମୀ, ଭୁବନେଶ୍ୱରୀ, ବଗଳା, ହରଚଣ୍ଡୀ, ଉଗ୍ରତାରା, ମହିଷମର୍ଦ୍ଦିନୀ, ଜୟଦୁର୍ଗା, ମହାକାଳୀ, ନାରାୟଣୀ, ମାତଙ୍ଗିନୀ, ସିଂହବାହିନୀ ଆଦି ତେର ଗୋଟି ବିଭିନ୍ନ ରୂପରେ ବେଶ

କରାଯାଏ । ଏହି ଷୋଡ଼ଶ ଦିନ ବ୍ୟାପୀ ଉତ୍ସବର ପ୍ରତ୍ୟେକ ଦିନ ସକାଳ ଧୂପ ଶେଷ ହେବା ପରେ ଚନ୍ଦନ ଲାଗି କରାଯାଇ ବେଶ ବିଧି ସମ୍ପୂର୍ଣ୍ଣ କରିବାର ପରମ୍ପରା କେଉଁ ସୁଦୂର ଅତୀତରୁ ଗଡ଼ି ଆସୁଛି ତା'ର ହିସାବ ନାହିଁ । ସପ୍ତମୀ, ଅଷ୍ଟମୀ, ଓ ମହାନବମୀ ଦିନ ମା'ଙ୍କୁ ସ୍ୱର୍ଣ୍ଣ, ରୌପ୍ୟ, ନୀଳାମୁକ୍ତା ଖଚିତ କିରୀଟ, କୁଣ୍ଡଳ, କଙ୍କଣ, ନୋଥଗୁଣା ଇତ୍ୟାଦି ଅଳଙ୍କାରରେ ସଜାଇ ଦିଆଯାଇଥାଏ ।

ପୁରୀ ସାତସାହିର ପ୍ରମୁଖ କ୍ଷେତ୍ରଶକ୍ତି ମା' ଦକ୍ଷିଣକାଳୀଙ୍କର ଶାରଦୀୟ ଦୁର୍ଗୋତ୍ସବ ପୂଜା ବିଧି ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଲପକ୍ଷ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଏହି ଅବସରରେ ମା'ଙ୍କ ପାଖରେ ଦୈନିକ ଚଣ୍ଡୀପାଠ କରାଯାଇଥାଏ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ବରଣୀୟ ବ୍ରାହ୍ମଣଙ୍କଦ୍ୱାରା ପୂଜାବିଧି ସମ୍ପନ୍ନ କରାଯାଏ ।

ଅନ୍ୟତମ ପ୍ରଖ୍ୟାତ ସାହି ମାର୍କଣ୍ଡେଶ୍ୱର ସାହିର କ୍ଷେତ୍ରଶକ୍ତି ରୂପେ ମା' ଭଗବତୀଙ୍କର ଷୋଡ଼ଶ ଦିବସ ବ୍ୟାପୀ ଶାରଦୀୟ ପୂଜୋତ୍ସବ ଅନୁଷ୍ଠିତ ହୁଏ । ମା' ଭଗବତୀଙ୍କୁ ରାଜରାଜେଶ୍ୱରୀ, ଜୟଦୁର୍ଗା, ଉଗ୍ରତାରା, ହରଚଣ୍ଡୀ, ସିଂହବାହିନୀ, ମାତଙ୍ଗିନୀ, ଶୂଳୀଦୁର୍ଗା, ନାରାୟଣୀ, ଦଶଭୁଜା, ବଗଳାମୁଖୀ, ବନଦୁର୍ଗା, ଭୁବନେଶ୍ୱରୀ, ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଏ ।

ସେହିପରି ପ୍ରମୁଖ ସାହି ରାମଚଣ୍ଡୀ ସାହିରେ ବିଜେ କରିଥିବା ମା' ରାମଚଣ୍ଡୀଙ୍କର ଶାରଦୀୟ ଦୁର୍ଗୋତ୍ସବ ଷୋଡ଼ଶ ଦିନ ବ୍ୟାପୀ ପାଳିତ ହୋଇଥାଏ । ଶୁଦ୍ଧପୂତ ତଥା ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହେଉଥିବା ପୂଜା ଦିନମାନଙ୍କରେ ମା'ଙ୍କୁ ସର୍ବମଙ୍ଗଳା, ରୁଦ୍ରାଣୀ, ବଗଳାମୁଖୀ, ମାତଙ୍ଗିନୀ, ନାରାୟଣୀ, ଅଷ୍ଟଭୁଜା ଦୁର୍ଗା, ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ, ପାର୍ବତୀ, ଭୁବନେଶ୍ୱରୀ, ଚତୁର୍ଭୁଜା ଦୁର୍ଗା, ବନଦୁର୍ଗା, ସିଂହବାହିନୀ, ବେଶରେ ସୁସଜ୍ଜିତ କରାଯାଇଥାଏ ।

ଶ୍ରୀମନ୍ଦିରସ୍ଥ ରତ୍ନବେଦୀର ପୂର୍ବପଟେ ବିରାଜିତ ମା' ଜଗର୍ଦ୍ଧାଣ୍ଡ ମର୍ଚ୍ଚିକା ଦେବୀଙ୍କର ଶାରଦୀୟ ଦୁର୍ଗୋତ୍ସବ ଓ ପୂଜାର୍ଚ୍ଚନା ଷୋଡ଼ଶ ଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ମା'ଙ୍କ ପାଖରେ ନିରାମିଷ ଖେଚୁଡ଼ି, ଡାଲମା ଭୋଗ ସମର୍ପଣ ହୋଇଥାଏ । ମାତ୍ର ମହାଷ୍ଟମୀ ଦିନ ମନ୍ଦିର ଗମ୍ଭୀରା ବାହ୍ୟ ଭାଗରେ ଶ୍ରୀଦୁର୍ଗାଙ୍କ ଉଦ୍ଦେଶ୍ୟରେ ଆମିଷ ବିଭାଗର ପରମ୍ପରା ରହିଆସିଛି ।

ସେହିପରି କୁଣ୍ଡେଇବେଣ୍ଟ ସାହିର ରକ୍ଷାକର୍ତ୍ତ୍ରୀ ତଥା କ୍ଷେତ୍ର ଶକ୍ତି ମା' ଜାଡୁଆଣୀଙ୍କ ଆସ୍ଥାନ, କଥା କହି ପାରୁନଥିବା ବାଳକର ବାକ୍‌ଶକ୍ତି ପ୍ରଦାୟିନୀ ମା' ଜାଡ଼େଶ୍ୱରୀଙ୍କର । ସେ ଲୋକକଥାରେ ଜାଡୁଆଣୀ ଭାବେ ସୁବିଦିତା । ସେଠାରେ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଶାରଦୀୟ ଦୁର୍ଗୋତ୍ସବ ବେଶ୍ ଜାକଜମକରେ ପାଳିତ ହୋଇଥାଏ ।

ଶ୍ରୀକ୍ଷେତ୍ରର ରିଜର୍ଭ ପୋଲିସ୍ ଲାଇନ୍ ପାର୍ଶ୍ୱରେ ଥିବା ମା' ଝାଡ଼େଶ୍ୱରୀଙ୍କ ମନ୍ଦିର ଓ ପୀଠରେ ଶାରଦୀୟ ଦୁର୍ଗୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ସେଠାରେ ମହାଷ୍ଟମୀର ଆଡ଼ମ୍ବର ଅବର୍ଣ୍ଣନୀୟ ।

ପୁରୀର ଗୌଡ଼ବାଡ଼ ସାହି ଓ ତିଆଡ଼ି ସାହିର ଉପାନ୍ତରେ ମା' କାମାକ୍ଷୀ ଠାକୁରାଣୀଙ୍କର ଶାରଦୀୟ ଦୁର୍ଗୋତ୍ସବ ସ୍ୱତନ୍ତ୍ର ବିଧି ସହିତ ତିନି ଦିନ ପୂଜା ଓ ପାଳନ କରାଯାଇଥାଏ ।

ଶ୍ରୀକ୍ଷେତ୍ର ପ୍ରସିଦ୍ଧ ବାଲିସାହିରେ ସେହି ସାହିର ମାତୃକଳ୍ପା ମା' ଗଛକାଳୀଙ୍କ ଶାରଦୀୟ ଦୁର୍ଗାପୂଜା ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଏ । ତ୍ରିଦିବସୀୟ ସେହି ପୂଜା ମହା ଜାକଜମକରେ ସମସ୍ତ ବିଧି ଓ ପରମ୍ପରା ରକ୍ଷାକରି ପାଳନ କରାଯାଇଥାଏ ।

ପୁରୀକୁ ପ୍ରବେଶ ପଥରେ ଅଠରନଳା ପୂର୍ବରୁ ରାଜପଥ ପାର୍ଶ୍ୱରେ ବିଜେ ହୋଇଥିବା ମା' ବାଟମଙ୍ଗଳା ଶ୍ରୀକ୍ଷେତ୍ରର ଦ୍ୱାରବାସିନୀ ରୂପେ ବାଟ, ଘାଟ ଜଗିଛନ୍ତି । ବହୁ କାଳରୁ ପାରମ୍ପରିକ ବିଧିବିଧାନ ସହ ତାଙ୍କର ଷୋଡ଼ଶ ଦିବସୀୟ ଶାରଦୀୟ ଦୁର୍ଗୋତ୍ସବ ପାଳିତ ହୋଇଆସୁଅଛି । ସେହି ଅବସରରେ ମା' ବାଟ ମଙ୍ଗଳାଙ୍କ ଶଙ୍ଖୁଡ଼ି ଭୋଗ ଉଲ୍ଲେଖଯୋଗ୍ୟ ।

ଶ୍ରୀକ୍ଷେତ୍ର ଏକ ଶାକ୍ତ କ୍ଷେତ୍ର ବୋଲି ପୂର୍ବରୁ କୁହାଯାଇଛି । ତେଣୁ ପୁରୀର ସାତ ସାହି ଓ ବୟାଳିଶ କନ୍ଦିରେ ବିଜେ ହୋଇଥିବା ଅନ୍ୟାନ୍ୟ ମାତୃକଳ୍ପା ଦେବୀମାନଙ୍କ ମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାରମ୍ପରିକ ବିଧିବିଧାନ ଓ ନୀତିନିୟମ ସହ ପାଳିତ ହୁଏ । ସେହି ଦେବୀପୀଠମାନଙ୍କରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଶେଷରେ ବିଜୟା ଦଶମୀ ଦିନ ମୃଣ୍ମୟୀ ପ୍ରତିମାମାନଙ୍କର ବିସର୍ଜନ ହୋଇଥାଏ ।

ସମଗ୍ର ଓଡ଼ିଶାରେ ଶାରଦୀୟ ଦୁର୍ଗୋତ୍ସବ, ଶ୍ରୀମନ୍ଦିରରେ ଜୈତଯାତ୍ରା ଦ୍ୱିତୀୟ ଶ୍ରେଷ୍ଠ ଉତ୍ସବ । ଶାକ୍ତ ବିଭୂତିରେ ସିକ୍ତ ଶ୍ରୀକ୍ଷେତ୍ରରେ କ୍ଷେତ୍ର ଶକ୍ତିମାନେ କ୍ଷେତ୍ରେଶ୍ୱରୀ ମା' ବିମଳାଙ୍କୁ କେନ୍ଦ୍ର କରି ଶରତକାଳୀନ ଦୁର୍ଗାପୂଜା ପାଳନ ଅବସରରେ ଓଡ଼ିଆ ଜାତିର ଦଶବାଧା ଦୂର କରିବା ସହ ଅମୃତ ରୂପା ମାତୃଶକ୍ତିରେ ସମଗ୍ର ମାନବ ସମାଜକୁ ଶୁଦ୍ଧପୂତ ଓ ଏକାଗ୍ର କରନ୍ତୁ । ଜଗତରୁ ଅନ୍ୟାୟ, ଅସତ୍ୟ, ପାପ ଦୂରୀଭୂତ ହୋଇ ସତ୍ୟ ନ୍ୟାୟ, ଧର୍ମ ପ୍ରତିଷ୍ଠିତ ହେଉ ।

ଅଧ୍ୟାପିକା
ଶୈଳବାଳା ମହିଳା କଲେଜ, କଟକ

# ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ 'ଗାଁ ସାଥୀ'ର ଭୂମିକା

ଗନ୍ଧର୍ବ ସେନ ରଣା

**ଭା**ରତ ସରକାରଙ୍କଦ୍ୱାରା ପରିଚାଳିତ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏନ୍.ଆର୍.ଇ.ଜି.ଏସ୍.) ତଥା ରାଜ୍ୟର ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟ ହେଉଥିବା ଏହି କାର୍ଯ୍ୟର ସଫଳତା ପାଇଁ 'ଗାଁ ସାଥୀ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହି ଯୋଜନାରେ ଗାଁଗହଳିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗାଁ ପ୍ରତିନିଧି ହିସାବରେ ସରକାରୀ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇଜଣ ଲେଖାଏଁ 'ଗାଁ ସାଥୀ' ରହିବାର ବନ୍ଦୋବସ୍ତ ଅଛି । ଏମାନଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ମହିଳା ହୋଇଥିବେ । ମାତ୍ର ସେମାନେ ପତିପତ୍ନୀ ହୋଇନଥିବେ । କାହାର ଦେହ ଖରାପ ହେଲେ ତାଙ୍କ ସ୍ୱାମୀ/ସ୍ତ୍ରୀ ଗାଁ ସାଥୀ ବଦଳ ଭାବେ ହୋଇପାରିବେ ନାହିଁ । ଏମାନଙ୍କ ମଧ୍ୟରୁ ଯୋଗ୍ୟତା ତାଲିକାରେ ଯିଏ ପ୍ରଥମ ହୋଇଥିବ, ସେ ପ୍ରଥମ ଗାଁ ସାଥୀ ଓ ଦ୍ୱିତୀୟ ଜଣଙ୍କ ଦ୍ୱିତୀୟ ଗାଁ ସାଥୀ ଭାବେ ବିବେଚିତ ହୁଅନ୍ତି ।

ପ୍ରଥମ କାମରେ ପ୍ରଥମ ଗାଁ ସାଥୀ ଓ ଦ୍ୱିତୀୟ କାମରେ ଦ୍ୱିତୀୟ ଗାଁ ସାଥୀ - ଏହିଭଳି ପାଳି କରି କାମରେ ଲାଗିବେ । ଆଉମଧ୍ୟ, ଯଦିଓ ଏହି ଗାଁ ସାଥୀମାନେ ମୁଖ୍ୟତଃ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଦ୍ୱାରା ହେଉଥିବା କାମର ନିୟୋଜିତ ହେବ, ତଥାପି ଆବଶ୍ୟକସ୍ଥଳେ ସେମାନେ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ ଯଥା- ଜଙ୍ଗଲ, ଜଳସମ୍ପଦ, କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ ଭଳି ବିଭାଗମାନଙ୍କ କାର୍ଯ୍ୟରେ ସାମିଲ ହୋଇପାରିବେ ।

ଏହି ଗାଁ ସାଥୀମାନେ ଏନ୍.ଆର୍.ଇ.ଜି.ଏସ୍. ଯୋଜନାରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାମରେ ଏନ୍.ଆର୍.ଇ.ଜି.ଏସ୍.ର ଜବ୍‌କାର୍ଡ଼ଧାରୀ ମଜୁରିଆମାନଙ୍କୁ ଏକାଠି କରି କାର୍ଯ୍ୟ ପାଇଁ ଆବେଦନ କରାଇବା ଓ କାର୍ଯ୍ୟସ୍ଥଳୀକୁ ଆଣିବା ଏବଂ କାମରେ ଲଗାଇବା, ହାଜିରାନେବା, କାମର ମାପ କରିବା, ମଷ୍ଟର ରୋଲ ଲେଖିବା ଏବଂ ଦସ୍ତଖତ ଦେବା, ମଜୁରୀ ପ୍ରଦାନ ଇତ୍ୟାଦି କାମରେ ସରକାରୀ ଯନ୍ତ୍ରୀ/ଅଧିକାରୀମାନଙ୍କୁ ସାହାଯ୍ୟ କରିବେ ।

ଯଦିବା ଜବ୍‌କାର୍ଡ଼ଧାରୀ ମଜୁରିଆମାନେ କାର୍ଯ୍ୟ କରିବାକୁ ନଚାହିଁବେ କିମ୍ବା କାର୍ଯ୍ୟରେ ଯୋଗ ନଦେବେ କିମ୍ବା ସେମାନେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବେ, ଅନ୍ୟ ଗ୍ରାମର ଶ୍ରମିକମାନଙ୍କୁ ନିୟୋଜିତ କରି କାମ ଚାଲୁ କରାଯାଇପାରିବ, ମାତ୍ର ଏ ପରିସ୍ଥିତିରେ ଯେଉଁ ଗାଁରୁ ଶ୍ରମିକମାନେ ଆସିଥିବେ, ସେହି ଗାଁର ଗାଁ ସାଥୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ।

ପ୍ରକଳ୍ପ ଚୟନ ଓ ଚିଠା ପ୍ରସ୍ତୁତି ପଲ୍ଲୀସଭାଦ୍ୱାରା କରାଯାଇ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦଦ୍ୱାରା ଅନୁମୋଦନ କରିବା ପ୍ରକ୍ରିୟାରେ ଗାଁ ସାଥୀର କୌଣସି ଭୂମିକା ନଥାଏ ।

ଗାଁ ସାଥୀମାନଙ୍କର ମୁଖ୍ୟ ଦାୟିତ୍ୱ ହେଉଛି -

☞ ନିଜ ରାଜସ୍ୱ ଗ୍ରାମର ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ଥିବା ଜବ୍‌କାର୍ଡ଼ଧାରୀ ପରିବାରର ସାବାଳକ ଶ୍ରମିକମାନଙ୍କୁ ଏକାଠି କରି ଗ୍ରାମପଞ୍ଚାୟତ କିମ୍ବା ବ୍ଲକଦ୍ୱାରା ଆରମ୍ଭ ହେବାକୁ ଥିବା କାର୍ଯ୍ୟର କାର୍ଯ୍ୟସ୍ଥଳୀକୁ ଆଣିବା ଓ କାର୍ଯ୍ୟରେ ଲଗାଇବା,

☞ କାର୍ଯ୍ୟପାଇଁ ଦାବି ଦରଖାସ୍ତ ଉଦ୍ଦିଷ୍ଟ ଗ-୧ ଫାରମରେ ଆବେଦନ କରିବାକୁ ପରାମର୍ଶ ଦେବା,

☞ କାର୍ଯ୍ୟରେ ଯୋଗ ଦେଇଥିବା ଶ୍ରମିକମାନଙ୍କର ଜବ୍‌କାର୍ଡ଼ ତନଖି କରି ଦୈନିକ ନିର୍ଦ୍ଧାରିତ ଫାରମରେ ଉପସ୍ଥାନ ରଖିବା,

☞ କନିଷ୍ଠ ଯନ୍ତ୍ରୀ/ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପରାମର୍ଶ କ୍ରମେ କାର୍ଯ୍ୟ ଆରମ୍ଭ କରିବା ଏବଂ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଫଳକ ତିଆରି କରିବା ତଥା କାର୍ଯ୍ୟସ୍ଥଳୀରେ ଏକ ସାମ୍ପଲ ପିଟ୍ ଖୋଳାଇବା,

☞ ପ୍ରତ୍ୟେକ କାର୍ଯ୍ୟସ୍ଥଳୀରେ କାର୍ଯ୍ୟସ୍ଥଳୀର ସୁବିଧା ସୁଯୋଗ ଯଥା- ପିଇବା ପାଣି, ଔଷଧ, ଛାଇ ଓ ବିଶ୍ରାମସ୍ଥଳୀ ଇତ୍ୟାଦିର ବ୍ୟବସ୍ଥା କରାଇବା,

☞ ଶ୍ରମିକମାନଙ୍କୁ ମଜୁରୀ ହାର ଏବଂ ମଜୁରୀ ପଇଠର ବ୍ୟବସ୍ଥା ସଂପର୍କରେ ଅବଗତ କରାଇବା,

☞ ଶ୍ରମିକମାନଙ୍କୁ ମଜୁରୀ ଦେବା ସକାଶେ ବ୍ୟାଙ୍କ/ପୋଷ୍ଟ ଅଫିସରେ ଜବ୍‌କାର୍ଡ଼ର ମୁଖ୍ୟ ବ୍ୟକ୍ତିଙ୍କ ନାମରେ ଜମାଖାତା ଖୋଲିବାରେ ସାହାଯ୍ୟ କରିବା,

☞ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଆହ୍ୱାନ କରିବା,

☞ କାମ ଆରମ୍ଭ, କାମ ମଝିରେ ଓ କାମ ଶେଷରେ ଏକ ନିର୍ଦ୍ଦିଷ୍ଟ ଦିଗରୁ ଫଟୋ ଉଠାଇ, କେଶ ରେକର୍ଡ଼ରେ ରଖାଇବା,

☞ ଶ୍ରମିକମାନଙ୍କର କାର୍ଯ୍ୟ କରିବାର ଆବେଦନ ତାରିଖ ଓ ଯୋଗଦେବା ତାରିଖ ଲିପିବଦ୍ଧ କରିବା,

☞ ଶ୍ରମ ଦିବସ ସହ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ କର୍ମକର୍ତ୍ତାଙ୍କୁ ଜଣାଇବା,

☞ ଗାଁ ସାଥୀ ତାଙ୍କ ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକଙ୍କଠାରୁ ଗାଁଓ୍ୱାରୀ ଜବ୍‌କାର୍ଡ଼ଧାରୀ ଶ୍ରମିକମାନଙ୍କ ନାମ, ଠିକଣା ସଂଗ୍ରହ କରିବା,

☞ କାର୍ଯ୍ୟସ୍ଥଳରେ ଝୁଡ଼ି, କୋଡ଼ି, କୋଦାଳ, ଶାବଳ, ଗଇଁତି ଇତ୍ୟାଦି ସରଞ୍ଜାମଗୁଡ଼ିକ ନିଜ ଦାୟିତ୍ୱରେ ରଖିବା ତଥା ଚୋରି ନହେବା ପାଇଁ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା,

☞ ବିଳମ୍ବିତ କାମ ପାଇଁ ଗାଁ ସାଥୀ ଦାୟୀ ରହିବେ,

☞ ପ୍ରତ୍ୟେକ କାମର ଗୁଣାତ୍ମକମାନପ୍ରତି ସଜାଗ ରହିବେ ଓ ଖରାପ କାମ ପାଇଁ ଦାୟୀ ରହିବା ସହିତ ସଂପୃକ୍ତ ଜେ.ଇ.ଙ୍କୁ ଜଣାଇବା,

☞ କାମ ଯାଗାରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ, ଶ୍ରମିକମାନଙ୍କ ଭଲମନ୍ଦ, କାମର ମାପ, ମଷ୍ଟର ରୋଲ ପୂରଣ ଇତ୍ୟାଦି କାର୍ଯ୍ୟ କରିବା ।

**ଗାଁ ସାଥୀମାନଙ୍କ ପ୍ରାପ୍ୟ ସଂକ୍ରାନ୍ତରେ**

ଗାଁ ସାଥୀ ଏକ ପଦ/ପଦବୀ ନୁହେଁ । ମାତ୍ର ବି.ଡି.ଓ.ଙ୍କଠାରୁ ଗୋଟିଏ ଗୋଟିଏ ପରିଚୟପତ୍ର ସେମାନେ ପାଇ ଥାଆନ୍ତି । ତେଣୁ ସେମାନଙ୍କ ପାଇଁ କିଛି ଦରମା ବା ଭତ୍ତାର ବ୍ୟବସ୍ଥା ନାହିଁ । କିନ୍ତୁ ଏନ୍‌.ଆର୍‌.ଇ.ଜି.ଏସ୍‌. କାର୍ଯ୍ୟରେ ଯେତେ ଜବ୍‌କାର୍ଡ଼ ଥିବା ମଜୁରିଆଙ୍କୁ ଆଣି କାମରେ ଲଗାଇ ପାରିବେ ସେଥିପାଇଁ ଜଣେ ମଜୁରିଆ ପିଛା ଦୈନିକ ଚାରି ଟଙ୍କା ହାରରେ ପ୍ରୋତ୍ସାହନ ପାଇବେ । ଗୋଟିଏ କାମର ମୋଟ ଅଟକଳ କାର୍ଯ୍ୟ ଦିବସ କିମ୍ବା ପ୍ରକୃତ କାର୍ଯ୍ୟ ଦିବସକୁ ହିସାବ କଲେ ଯେଉଁଟା କମ୍ ହେବ ସେହି ଅନୁସାରେ ଗାଁ ସାଥୀମାନେ କାର୍ଯ୍ୟ ଦିବସ ପିଛା ପାଇବେ । ପ୍ରଥମ କାମର ପ୍ରଥମ ୧୫ ଦିନ ଗାଁ ସାଥୀମାନେ ଟ୍ରେନିଂରେ ରହିବେ ଏବଂ ଏହି ସମୟରେ ଦିନକୁ ୮୦ ଟଙ୍କା ହିସାବରେ ମଜୁରୀ ପାଇବେ । ଜବ୍‌କାର୍ଡ଼ଧାରୀ ମଜୁରିଆମାନଙ୍କ ଜମାଖାତା ଖୋଲିବାରେ ସାହାଯ୍ୟ କଲେ ପ୍ରତି ଜମାଖାତା ପାଇଁ ପାଞ୍ଚ ଟଙ୍କାର ପ୍ରୋତ୍ସାହନ ଅର୍ଥ ପାଇବେ । ଏହି ପ୍ରୋତ୍ସାହନ ଅର୍ଥ ମଷ୍ଟର ରୋଲ ମାଧ୍ୟମରେ ନହୋଇ ଭାଉଚର ମାଧ୍ୟମରେ ପାଶ୍ ହୋଇ ତାଙ୍କ ବ୍ୟାଙ୍କ/ପୋଷ୍ଟ ଅଫିସର ଜମାଖାତା ମାଧ୍ୟମରେ ପାଇବେ । ଯଦି ଗ୍ରାମପଞ୍ଚାୟତ କାର୍ଯ୍ୟଟି ନିର୍ବାହ କରୁଥାଏ ତେବେ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ଯଦି କାର୍ଯ୍ୟଟି ବ୍ଲକ୍ କରୁଥାଏ, ତେବେ ବି.ଡି.ଓ. ଗାଁ ସାଥୀର ବ୍ୟାଙ୍କ/ପୋଷ୍ଟ ଅଫିସ ଜମାଖାତାରେ ଡିପୋଜିଟ୍ କରିବେ । ଏମାନଙ୍କ ପାଇଁ କୌଣସି ବେକାରୀ ଭତ୍ତାର ବ୍ୟବସ୍ଥା ନାହିଁ ।

ଗାଁ ସାଥୀ ସନ୍ତୋଷଜନକ କାର୍ଯ୍ୟ ନକଲେ କିମ୍ବା କୌଣସି ଅନିୟମିତତା କିମ୍ବା ଅର୍ଥ ତୋଷାରପାତ ଦୃଷ୍ଟିଗୋଚରକୁ ଆସିଲେ ସଂପୃକ୍ତ ଗାଁ ସାଥୀଙ୍କୁ କାର୍ଯ୍ୟରୁ ଅନ୍ତର ପାଇଁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ତାଙ୍କର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ସୁପାରିଶ କରିବେ । ମୋଟାମୋଟିରେ କାମରେ ମନ୍ଦ ଉଦ୍ଦେଶ୍ୟ ରଖି କାମ କଲେ/କାମକୁ ନଆସିଲେ/କାମରେ ହେଳା କଲେ ଅଥବା ଅନିଚ୍ଛୁକ ହେଲେ ତାଙ୍କୁ ଆଉ ଏନ୍‌.ଆର୍‌.ଇ.ଜି.ଏସ୍‌. କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ।

କ୍ୱା.ନଂ.- ଇ/୧୪୯
ୟୁନିଟ୍-୮, ଭୁବନେଶ୍ୱର-୧୨

## ଓମ୍‌ଫେଡ୍ ଦୁଗ୍ଧର ମୂଲ୍ୟ ପୂର୍ବଭଳି ଲିଟର ପିଛା ୨୦ ଟଙ୍କା ରହିବ

ପ୍ରକ୍ରିୟାକରଣ ହୋଇ ପ୍ୟାକିଂ କରାଯାଇଥିବା ଓମ୍‌ଫେଡ୍ ଦୁଗ୍ଧର ଖୁଚୁରା ବିକ୍ରୟ ମୂଲ୍ୟ ପୂର୍ବଭଳି ଲିଟର ପିଛା ୨୦ ଟଙ୍କା ରଖାଯାଇଛି । ଦୁଗ୍ଧର ସଂଗ୍ରହ ମୂଲ୍ୟ ବୃଦ୍ଧି ପାଇଁ ଓମ୍‌ଫେଡ଼ର ପ୍ରସ୍ତାବକୁ ନଭେମ୍ବର ପହିଲାରୁ ସ୍ଥଗିତ ରଖାଯାଇ ଏହା କାର୍ଯ୍ୟକାରୀ ନକରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାସହିତ ଓମ୍‌ଫେଡ୍ ପକ୍ଷରୁ ବିକ୍ରୟ ହେଉଥିବା ଗୋ-ଖାଦ୍ୟର ମୂଲ୍ୟ ବର୍ତ୍ତମାନ ପାଇଁ ବୃଦ୍ଧି ନକରିବାକୁ ମଧ୍ୟ କୁହାଯାଇଛି । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ମତ୍ସ୍ୟ ଓ ପଶୁସଂପଦ ବିକାଶ ବିଭାଗ ପକ୍ଷରୁ ଓମ୍‌ଫେଡ଼କୁ ନିର୍ଦ୍ଦେଶ ଦିଆଯାଇଛି ।

# ବିଜ୍ଞାନକୁ ଲୋକପ୍ରିୟ କରାଯିବ କିପରି

ବସନ୍ତ କୁମାର ଦାସ

**ବି**ଜ୍ଞାନ ଏକ କ୍ରମବଦ୍ଧ ବିଶ୍ଳେଷଣ ତଥା ଗବେଷଣା ଲବ୍ଧଜ୍ଞାନ । ଗଣିତ, ସାହିତ୍ୟ, ଭୂଗୋଳଠୁଁ ଆରମ୍ଭ କରି ଦୈନନ୍ଦିନ କାର୍ଯ୍ୟକଳାପରେ ବିଜ୍ଞାନର ଉପଯୋଗିତା ବିଶେଷ ଭାବରେ ରହିଛି । ଲାଟିନ ଶବ୍ଦ ‘Scio’ର ଅର୍ଥ ହେଉଛି ‘to know’ । ‘Scio’ ଶବ୍ଦରୁ Science ବା ବିଜ୍ଞାନ ଶବ୍ଦ ସୃଷ୍ଟି ହୋଇଛି । ବିଶେଷ ଭାବରେ ଜାଣିବା ବା ଜ୍ଞାନ ଅର୍ଜନ କରିବାକୁ ମଧ୍ୟ ବିଜ୍ଞାନ କୁହାଯାଏ । ବେଳେବେଳେ ବିଜ୍ଞାନ କହିଲେ ଆମ ମନରେ ବିଭିନ୍ନ କଳକାରଖାନା ବା ମହାକାଶଯାନ ଭଳି ଜଟିଳ ଯନ୍ତ୍ରପାତିର ଚିତ୍ର ଭାସି ଆସେ । କେହି କେହି କହନ୍ତି ଯେ ବିଜ୍ଞାନଟା ଗୋଟିଏ ସୂକ୍ଷ୍ମ ଜିନିଷ ବା ଆମ ମନର ଗୋଟିଏ ଭାବ । ପ୍ରକୃତରେ ଦେଖିବାକୁ ଗଲେ ଏହି ଦିଗଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଜ୍ଞାନ ‘ପ୍ରକୃତିକୁ ବୁଝିବାର ଗୋଟିଏ ଉପାୟ’ ଭାବେ ଆମେ ଧରିପାରିବା । ଏହି ବିଜ୍ଞାନ ମଣିଷକୁ ଅଦ୍‌ଭୁତ ପଦାର୍ଥମାନ ପ୍ରଦାନ କରିଛି । ସେ ଆଲୋକର ଗତି ନିରୂପଣ କରିବାଠାରୁ ଅଣୁ ପରମାଣୁର ଅଦ୍‌ଭୁତ ଶକ୍ତି ବିନିଯୋଗ କରି ପାରୁଛି । ଆଜି ମରୁଭୂମି, ଆକାଶ, ସାଗର, ପୃଥିବୀ, ମହାଶୂନ୍ୟ ସବୁଠି ମଣିଷର ପାଦ ପଡ଼ି ପାରିଛି । ଏହି ବିଜ୍ଞାନ ଯୋଗୁଁ ଆଜି ମଣିଷ ସଭ୍ୟତାର ଏ ଗତି, ଅଗ୍ରଗତି ଓ ପ୍ରଗତି । ଏହି ପ୍ରଗତି ସକଳ ଦିଗର ପରିବ୍ୟାପ୍ତ । ଯେଉଁଆଡ଼େ ଆଖି ଯାଉଛି ସବୁଠି ଏହି ବିଜ୍ଞାନର କୁହୁକ ସ୍ପର୍ଶ । ଏଣୁ ଆମ ଜୀବନର ବିଜ୍ଞାନ ଏକ ଅଙ୍ଗ । ଏହା ଲୋକାଭିମୁଖୀ ହେବା ସର୍ବାଦୌ ଉଚିତ୍ । ଏହାଯୋଗୁଁ ଆଜି ସମାଜରୁ ଜଡ଼ତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଦି ଅପସରି ଯାଇଛି ।

ବିଜ୍ଞାନ ଜନସାଧାରଣଙ୍କ ପାଇଁ ଆଦରଣୀୟ ହେବା ଉଚିତ୍ । ଏହା କେବଳ ବିଜ୍ଞାନ ଶିକ୍ଷକ, ବୈଜ୍ଞାନିକ ଓ ବିଜ୍ଞାନ ପଢୁଥିବା ଛାତ୍ରଛାତ୍ରୀଙ୍କ ହାତରେ ବନ୍ଧା ପଡ଼ିଲେ ହେବ ନାହିଁ । ଅନେକ ସମୟରେ ଦେଖାଯାଇଛି ବିଜ୍ଞାନ ବିଷୟରେ ସ୍କୁଲ କଲେଜରେ ପାଠ ପଢ଼ି ନଥିବା ଅନେକ ବ୍ୟକ୍ତି ପୃଥିବୀ ପ୍ରସିଦ୍ଧ ବୈଜ୍ଞାନିକ ହୋଇପାରିଛନ୍ତି ।

ସଙ୍ଗୀତ ଓ ଚିତ୍ରକଳା ଭଳି ଜିନିଷଗୁଡ଼ିକର ଜନପ୍ରିୟତାଠାରୁ ବିଜ୍ଞାନର ଜନପ୍ରିୟତା କଥା କିଛି ଅଲଗା । ସଙ୍ଗୀତଟିଏକୁ ଉପଭୋଗ କରିବାକୁ ହେଲେ ତା’ର ଅର୍ଥ ବୁଝିବା ନିହାତି ଦରକାର ନୁହେଁ । ମଧୁର ସ୍ୱର ଯେକୌଣସି ଲୋକଙ୍କ ପାଇଁ ଆନନ୍ଦଦାୟକ ହୋଇପାରିବ । ସୁନ୍ଦର ମୂର୍ତ୍ତିଟିଏ ଦେଖିଲେ ସମସ୍ତେ ଖୁସି ହେବେ । ଅବଶ୍ୟ ସେସବୁର ଅର୍ଥ ବୁଝିଲେ ହୁଏତ ତାହା ଆମକୁ ଅଧିକ ଖୁସି କରିପାରେ । କିନ୍ତୁ ବିଜ୍ଞାନ କ୍ଷେତ୍ରରେ ଅର୍ଥ ହିଁ ସବୁକିଛି । ବିଜ୍ଞାନ ବିଷୟରେ ଲେଖା, ଛବି, କଥାଟିର ସାରମର୍ମ ବୁଝି ନ ପାରିଲେ ଆମ ପାଇଁ ସେ ଲେଖାର କିଛି ମୂଲ୍ୟ ରହିବ ନାହିଁ । ବିଜ୍ଞାନର ତତ୍ତ୍ୱଗୁଡ଼ିକରେ ଅନେକ କିଛି ବିଶେଷତ୍ୱ ରହିଥିବାରୁ ଜନସାଧାରଣ ସେ ବିଷୟରେ ସଚେତନ ହୋଇପାରନ୍ତି ନାହିଁ, କିନ୍ତୁ ବିଜ୍ଞାନର ବ୍ୟବହାର ସମସ୍ତଙ୍କୁ ଅଳ୍ପ ବହୁତେ ପ୍ରଭାବିତ କରିଥାଏ । ତେଣୁ ବିଜ୍ଞାନ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଯେପରି କିଛି କିଛି ଆଗ୍ରହ ରହିଥାଏ ତା’ ବିଷୟରେ ଜଣାଇବା ପାଇଁ ବିଜ୍ଞାନ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କର ମଧ୍ୟ କିଛି ଇଚ୍ଛା ରହିଥାଏ । ବିଜ୍ଞାନର ତତ୍ତ୍ୱଗୁଡ଼ିକୁ ସହଜରେ ବୁଝିହେଲା ଭଳି ଲୋକମାନଙ୍କ ପାଖରେ ପହଞ୍ଚାଇବାର ଏହି ଉଦ୍ୟମରୁ ହିଁ ଜନପ୍ରିୟ/ଲୋକପ୍ରିୟ/ଲୋକ ବିଜ୍ଞାନର ଜନ୍ମ ।

ଆମେ ଆଜି ଯାହାକୁ ସୂର୍ଯ୍ୟ, ଚନ୍ଦ୍ର, ତାରା, ଉଲ୍‌କା ଗ୍ରହ ଇତ୍ୟାଦି କହି ବର୍ଣ୍ଣନା କରୁଛେ ସେସବୁ ଦିନେ ଆମ ପୂର୍ବ ପୁରୁଷଙ୍କ ପାଇଁ ବଡ଼ ରହସ୍ୟମୟ ହୋଇ ରହିଥିଲା । କେତେ ଜଣ ଲୋକ କିନ୍ତୁ ସେସବୁକୁ ଲକ୍ଷ୍ୟ କରି ତାଙ୍କର ଗତିବିଧିକୁ ବୁଝିବାକୁ ଚେଷ୍ଟା କଲେ । କାରଣ ସେମାନଙ୍କ ପାଖରେ ସ୍ୱଭାବଗତ କୌତୁହଳ ଟିକିଏ ଅଧିକା ଦେଖାଗଲା । ସେମାନଙ୍କୁ ସମାଜରେ ଦାର୍ଶନିକ ବା ବୈଜ୍ଞାନିକ ବୋଲି କୁହାଗଲା । ସେମାନଙ୍କ ଚିନ୍ତାଧାରାକୁ ବୁଝିବା ସମସ୍ତଙ୍କ ପାଇଁ ସହଜ ହେଲା ନାହିଁ । କିନ୍ତୁ ସେମାନଙ୍କର କାମର ଅନେକ ସୁଫଳ ସମସ୍ତେ ପାଇ ପାରିଲେ । ବୈଜ୍ଞାନିକମାନଙ୍କ କାମର ଫଳ ସବୁବେଳେ ଯେ ସିଧାସଳଖ ମିଳୁଥିଲା ତା’ ନୁହେଁ । ଚକ ତିଆରି କରିଥିବା ବୈଜ୍ଞାନିକ କାମକୁ ସମସ୍ତେ ନିଶ୍ଚୟ ସାଙ୍ଗେ ସାଙ୍ଗେ ବୁଝିପାରିଥିବେ ତ ପ୍ରଶଂସା କରିଥିବେ । କିନ୍ତୁ ଗ୍ରହ ବା ତାରାମାନଙ୍କୁ ଚିହ୍ନଟ କରୁଥିବା ବୈଜ୍ଞାନିକ କଥା ଶୁଣିବା ପାଇଁ ସାଧାରଣ ଲୋକଙ୍କର ଧୈର୍ଯ୍ୟ ବା ଆଗ୍ରହ ହୁଏତ କମ୍ ଥିବ । ତାଙ୍କୁ ସମ୍ମାନ ମିଳିବା ବଦଳରେ ହୁଏତ ପାଗଳର ଆଖ୍ୟା ମିଳିଥିବ । କିଛି କାମର ନୁହେଁ ବୋଲି ଗାଳି ମଧ୍ୟ ମିଳିଥିବା ସମ୍ଭବ । ନିଜର ସାମାଜିକ ସ୍ଥିତି ବଜାୟ ରଖିବା ପାଇଁ ଏହି ବୈଜ୍ଞାନିକ କିମ୍ବା ତାଙ୍କର ଶିଷ୍ୟମାନେ ଏ ବିଷୟରେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା

କରିଥିବେ । ଗ୍ରହ ତାରାମାନଙ୍କର ସ୍ଥାନ ଠିକ୍ ଭାବରେ ଚିହ୍ନଟ ନକଲେ ସୂର୍ଯ୍ୟଚନ୍ଦ୍ରଙ୍କର ଗତିକୁ ନ ବୁଝିଲେ ଆମେ ଯେ ଦିଗ, ସମୟ, ଋତୁ ଜାଣିପାରିବା ନାହିଁ, ସେକଥା ସେମାନେ ନିଶ୍ଚୟ ଲୋକଙ୍କୁ ଜଣାଇଥିବେ । ଦେଖିବାକୁ ଗଲେ ଏହା ହୋଇଥିବ ବିଜ୍ଞାନକୁ ଜନପ୍ରିୟ କରାଇବା ପ୍ରଚେଷ୍ଟାର ଅୟମାରମ୍ଭ ।

ଆସ୍ତେ ଆସ୍ତେ ମଣିଷର ଜ୍ଞାନ ବିଜ୍ଞାନ ବଢ଼ି ଚାଲିଲା ଏବଂ ତା'ର ପ୍ରଭାବରେ ସମାଜ ମଧ୍ୟ ଆଗେଇବାରେ ଲାଗିଲା । ଏପରି ଏକ ସମୟ ଆସିଲା ଯେତେବେଳେ ସମାଜରେ ଅନେକ ସ୍ତର ସୃଷ୍ଟି ହେଲା । ବୈଜ୍ଞାନିକଙ୍କ ସମେତ ଚିନ୍ତାଶୀଳ ଲୋକ ବା ବୁଦ୍ଧିଜୀବୀମାନେ ସାଧାରଣ କାମିକା ଲୋକ ବା କର୍ମଜୀବୀମାନଙ୍କଠାରୁ ଦୂରେଇ ଯିବାକୁ ବାଧ୍ୟ ହେଲେ । ଜ୍ଞାନବିଜ୍ଞାନର ପରିମାଣ ଅନେକ ବଢ଼ିଯିବା ଫଳରେ ସାଧାରଣ ଉପରେ ଶିକ୍ଷିତ ଲୋକମାନେ ମଧ୍ୟ ଏସବୁ ବୁଝି ପାରିଲେ ନାହିଁ । କେବଳ ରାଜାରାଜୁଡ଼ା ବା ପ୍ରତିପତ୍ତିଶାଳୀ ଲୋକମାନଙ୍କ ସାହାଯ୍ୟରେ ଜ୍ଞାନର ଚର୍ଚ୍ଚା ବଞ୍ଚି ରହିଲା । ଜ୍ଞାନଚର୍ଚ୍ଚାର ମାଧ୍ୟମ ମଧ୍ୟ କେବଳ ସମାଜର ଆଗୁଆ ଲୋକମାନଙ୍କୁ ସୁହାଇଲା । ପ୍ରାଚୀନ ଭାରତରେ ସଂସ୍କୃତ ବା ୟୁରୋପରେ ଲାଟିନ୍ ଓ ଗ୍ରୀକ୍ ଭାଷା ଜ୍ଞାନ ବିଜ୍ଞାନର ମାଧ୍ୟମ ହୋଇଥିଲା । କିନ୍ତୁ ଜନସାଧାରଣଙ୍କ ପାଇଁ ଏହା ଥିଲା ଦୁର୍ବୋଧ । ଏହି ଦୂରତାକୁ କମେଇବା ପାଇଁ କେତେଜଣ ବଳିଷ୍ଠ ଜ୍ଞାନୀ ସାଧାରଣ ଭାଷାରେ ବୁଝେଇବାର ଉଦ୍ୟମ କଲେ ।

ଷୋଡ଼ଶ-ସପ୍ତଦଶ ଶତାବ୍ଦୀରେ ୟୁରୋପରେ ଗାଲିଲିଓ ଓ ନିୟୁଟନଙ୍କ ଭଳି ବୈଜ୍ଞାନିକମାନେ ଏହା କରୁଥିବାର ଦୃଷ୍ଟାନ୍ତ ରହିଛି । ବିଂଶ ଶତାବ୍ଦୀର ଆରମ୍ଭରେ ଆମ ଦେଶରେ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ଏପ୍ରକାରର କାମ ପାଇଁ ସମୟ ଦେଉଥିଲେ । ପରେ ଅଧ୍ୟାପକ, ସିଭିରମଣ, ସତ୍ୟେନ୍ ବୋଷ ଏ ଦିଗରେ ଅନେକ ଚେଷ୍ଟା କରି ଚାଲିଥିଲେ । ଦ୍ୱିତୀୟ ମହାଯୁଦ୍ଧ ପରେ ବିଜ୍ଞାନର ଭୟଙ୍କର ପ୍ରୟୋଗ ଫଳରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଲେ । ବୈଜ୍ଞାନିକମାନଙ୍କୁ ଓ ବିଜ୍ଞାନକୁ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ ଏବଂ ବିଜ୍ଞାନ ଚର୍ଚ୍ଚାର ବିରୋଧ କରିବାକୁ ମଧ୍ୟ ଚେଷ୍ଟା କଲେ । ଏହାକୁ ସୁଧାରିବା ପାଇଁ ଅନେକ ବୈଜ୍ଞାନିକ ବିଭିନ୍ନ ଆଞ୍ଚଳିକ ଭାଷାରେ ରେଡ଼ିଓ, ପତ୍ରପତ୍ରିକା ଓ ଲୋକପ୍ରିୟ ବିଜ୍ଞାନ ବହି ମାଧ୍ୟମରେ ବିଜ୍ଞାନର ତତ୍ତ୍ୱ ଓ ବ୍ୟବହାର ବିଷୟରେ ଲୋକମାନଙ୍କୁ ବୁଝାଇବାରେ ଲାଗିଲେ । ତାହା ହେଲା ଜନପ୍ରିୟ ବିଜ୍ଞାନର ଆଧୁନିକ ରୂପ । ଏ ପ୍ରକାର ପ୍ରଚେଷ୍ଟାରେ ସାମିଲ ହେଲେ କିଛି ଚିନ୍ତାଶୀଳ ଓ ଉଦାରମନା ବୈଜ୍ଞାନିକ । ଲୋକଙ୍କ ହାତରେ ବିଜ୍ଞାନର ବ୍ୟବହାରର ଲଗାମ ପହଞ୍ଚେଇବା ହେଲା ଏହି ଉଦ୍ୟମର ଲକ୍ଷ୍ୟ । ଭାରତଛାଡ଼ ଆନ୍ଦୋଳନ ପରି 'ଜନ ବିଜ୍ଞାନ ଆନ୍ଦୋଳନ' ନାମରେ ଏହା କିଛି ଦୂର ପରିଚିତ । ବିଜ୍ଞାନଲବ୍ଧ ଜ୍ଞାନ ଗବେଷଣାଗାରର ଚାରିକାନ୍ଥରୁ ବାହାରକୁ ଆସି ଜନସାଧାରଣଙ୍କ ପାଖରେ ପହଞ୍ଚି ନପାରିଲେ ତାହା ବିଜ୍ଞାନ ପଦବାଚ୍ୟ ହେବ ନାହିଁ । ପ୍ରତିବର୍ଷ ୧୯୮୬ ମସିହାଠାରୁ ସର୍ବଭାରତୀୟ ସ୍ତରର ପିପୁଲ୍‌ସ ସାଇନ୍‌ସ କଂଗ୍ରେସ ଏକ ସର୍ବଭାରତୀୟ ଜନବିଜ୍ଞାନଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଆସୁଛି । ଏହାକୁ ଏ.ଆଇ.ପି.ଏସ୍.ଏନ୍. ବା ଅଲ୍ ଇଣ୍ଡିଆ ପିପୁଲ୍‌ସ ସାଇନ୍‌ସ ନେଟ୍‌ୱାର୍କ (ସର୍ବଭାରତୀୟ ଜନବିଜ୍ଞାନ ନେଟ୍‌ୱାର୍କ) ଆୟୋଜନ କରୁଛନ୍ତି ଓ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମଧ୍ୟ ସହଯୋଗ କରୁଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣ ବିଜ୍ଞାନକୁ ଠିକ୍ ଭାବରେ ବୁଝିବା ଓ ବିଜ୍ଞାନକୁ ଠିକ୍ ଭାବରେ ବୁଝିଲେ ହିଁ କେହି ତାହାର ବ୍ୟବହାର ବିଷୟରେ ମତ ଦେଇପାରିବ । ଏଥିପାଇଁ ବିଜ୍ଞାନ ବିଷୟରେ ଅନେକ କିଛି ପାଠ ପଢ଼ିବା ଦରକାର ନାହିଁ । ବରଂ ବିଜ୍ଞାନପ୍ରତି ଗୋଟିଏ ନିରୁତା ଆଗ୍ରହ ଓ ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ସଚେତନତା ବେଶୀ ଦରକାର । ଏହା ହେଲେ ଯେଉଁ ବିଜ୍ଞାନ ମଣିଷ ସମାଜର ସମସ୍ତଙ୍କର ଅବଦାନରେ ଗଢ଼ା ତାହା ସମସ୍ତଙ୍କର ସମ୍ପତ୍ତି ଭାବରେ ଗଣା ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସର୍ବଭାରତୀୟ ସ୍ତରରେ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଂଚାର ପରିଷଦଙ୍କ ସହାୟତାରେ ନାନାପ୍ରକାର ଉପାୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ଉଦ୍ୟମ ଜାରି ରହିଛି । ଏହା ଆନୁକୁଲ୍ୟରେ ୧୯୮୭ ମସିହାରେ ସର୍ବଭାରତୀୟ ସ୍ତରରେ ଭାରତ ଜନବିଜ୍ଞାନ ଯାତ୍ରା ଆୟୋଜନ କରାଯାଇଥିଲା । ଦେଶର ପ୍ରତ୍ୟେକ ରାଜ୍ୟରୁ ବୈଜ୍ଞାନିକଗଣ ଏକତ୍ର ହୋଇ ପଥପ୍ରାନ୍ତ ନାଟକ, ଥିଏଟର, ପାଲା ଓ ଅଲୌକିକ ଘଟଣା ପ୍ରଦର୍ଶନ ପ୍ରଭୃତି ଦେଖାଇ ସାରା ଦେଶରେ ଏକ ବିଶାଳ ଜନବିଜ୍ଞାନ ଆନ୍ଦୋଳନର ସୂତ୍ରପାତ କରିଥିଲେ । କେରଳ ରାଜ୍ୟର କେରଳ ଶାସ୍ତ୍ର ସାହିତ୍ୟ ପରିଷଦ (କେ.ଏସ୍.ଏସ୍.ପି.) ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ସାରା ଦେଶରେ ପଶ୍ଚିମବଙ୍ଗ ବିଜ୍ଞାନ ମଞ୍ଚ, ତାମିଲନାଡୁ ସାଇନ୍‌ସ ଫୋରମ୍, ଓଡ଼ିଶାରୁ ସୃଜନିକା, ଆସାମ ବିଜ୍ଞାନ ସମାଜ ଓ ମରାଠି ବିଜ୍ଞାନ ପରିଷଦ ଭଳି ୨୪ରୁ ଉର୍ଦ୍ଧ୍ୱ ବେସରକାରୀ ବିଜ୍ଞାନ ସଂଗଠନ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପରେ ୧୯୯୦ ମସିହାରେ ସାରାଦେଶରେ ସାକ୍ଷରତା ପାଇଁ ବିଜ୍ଞାନର ସାହାଯ୍ୟ ନିଆଯାଇଥିଲା । ସାରାଦେଶରେ ଭାରତ ଜ୍ଞାନ ବିଜ୍ଞାନ ଯାତ୍ରାର ଆୟୋଜନ କରାଯାଇଥିଲା । ଏହି ଯାଥାକୁ ଜାତୀୟ ସାକ୍ଷରତା ମିଶନ୍ ଏନ୍.ଏଲ୍.ଏମ୍., ଏନ୍.ସି.ଏସ୍.ଟି.ସି., ଡି.ଏସ୍.ଟି., ଶିକ୍ଷା ବିଭାଗ (ଭାରତ ସରକାର) ଓ ଏମ୍.ଏଚ୍.ଆର୍.ଡି. ପୂର୍ଣ୍ଣ ସହଯୋଗ କରୁଥିଲେ । ଏହାଯୋଗୁଁ ବିଜ୍ଞାନର ଲୋକପ୍ରିୟତା ସଙ୍ଗେ ସଙ୍ଗେ ସାକ୍ଷରତା ମଧ୍ୟ ସାରା ଭାରତରେ ଅଣାଯାଇ ପାରିଥିଲା । ଏହି ସଫଳତା ହାସଲ କରିବା ପରେ ୧୯୯୨ ମସିହାରେ (ବି.ଜେ.ଜି.ଭି.ଜେ.) ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ସର୍ବଭାରତୀୟ ସ୍ତରରେ ଆୟୋଜନ କରାଯାଇଥିଲା । ଏହା ଦେଶର ୫୦୦ ଜିଲ୍ଲାରେ ୨ ଲକ୍ଷ ସ୍ଥାନରେ ଆୟୋଜନ କରାଯାଇଥିଲା । ଏ ପ୍ରକାର ବିଜ୍ଞାନ ଯାଥା ବା ବିଜ୍ଞାନ ଯାତ୍ରା ପୃଥିବୀରେ କେବେ କେଉଁଠି ଅନୁଷ୍ଠିତ ହୋଇନଥିଲା । ଏହି ଯାଥାର ବିଷୟବସ୍ତୁ ମୁଖ୍ୟତଃ, ସ୍ୱାସ୍ଥ୍ୟ, ଜଳ, ପରିବେଶ, ଉପଯୁକ୍ତ

ପ୍ରଯୁକ୍ତିବିଦ୍ୟା, ଅନ୍ଧବିଶ୍ୱାସ ଓ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ପର୍ଯ୍ୟବସିତ ଥିଲା । ଏହି ଯାଥା ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଯଶପାଲ୍‌ଙ୍କ ଅଧ୍ୟକ୍ଷତାରେ ସାରାଭାରତରେ କାର୍ଯ୍ୟ କରୁଥିଲା ଓ ଏହି ଯାଥା ସମାପ୍ତି ପରେ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ରୂପେ Mass Action for National Regeneration (MANAR) ନାମକ ଏକ ଜାତୀୟ ସ୍ତରର ସଂଗଠନ ଗଠନ କରାଯାଇଛି ଓ ପ୍ରତ୍ୟେକ ରାଜ୍ୟ ତଥା ଜିଲ୍ଲା ସହିତ ସଂଯୋଗ କରାଯାଇ ବିଭିନ୍ନ ଜନପ୍ରିୟ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ୧୯୯୩ ମସିହା ନଭେମ୍ବର ମାସ ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରଠାରେ ପ୍ରଫେସର ଯାଶ୍‌ପାଲ୍‌ଙ୍କ ଅଧ୍ୟକ୍ଷତାରେ ଦୁଇଦିନ ରାଜ୍ୟସ୍ତରୀୟ ମାନାର୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଓ ଏହାପରେ ଅନେକ ଥର ପ୍ରଫେସର ଏସ୍. ପାଲ୍ ଓଡ଼ିଶା ଆସି ବିଭିନ୍ନ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମରେ ଯୋଗଦାନ କରି ଓଡ଼ିଶାକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଗେଇ ନେଇଛନ୍ତି । ଆଜି ପର୍ଯ୍ୟନ୍ତ ଏହି (MANAR)ର କାର୍ଯ୍ୟକ୍ରମ ସାରା ଦେଶରେ ଜାରି ରହିଛି । ଏଥିରେ ବହୁ ବୈଜ୍ଞାନିକ ଓ ଶିକ୍ଷାବିତ୍ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ କାମ କରୁଛନ୍ତି । ଡଃ ନରେନ୍ଦ୍ର ସହଗଲ ବର୍ତ୍ତମାନ (ଏନ୍.ସି.ଏସ୍.ଟି.ସି.)ର ଯୁଗ୍ମ ଉପଦେଷ୍ଟା ଓ ମୁଖ୍ୟ ଅଛନ୍ତି । ତାଙ୍କରି ଉଦ୍ୟମ ଯୋଗୁଁ ସାରାଦେଶରେ ତଥା ବିଦେଶରେ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ନାନା ପ୍ରକାର କାର୍ଯ୍ୟକ୍ରମ ଚାଲୁ ରହିଛି । ବିଜ୍ଞାନକୁ ଲୋକପ୍ରିୟ କରିଥିବାରୁ ଆନ୍ତର୍ଜାତୀୟ ସ୍ତରରେ ତାଙ୍କୁ ୧୯୯୧ ମସିହାରେ ୟୁନେସ୍କୋଦ୍ୱାରା ଦିଆଯାଉଥିବା 'କଳିଙ୍ଗ ପୁରସ୍କାର' ରୁମାନିଆର ଡଃ ରାଡୁ ଇଫ୍‌ଟିମୋଭିସିଙ୍କ ସହିତ ପ୍ରଦାନ କରାଯାଇଥିଲା । ସେ ଏହି ପୁରସ୍କାର ପାଇବାରେ ଦ୍ୱିତୀୟ ଭାରତୀୟ ଅଟନ୍ତି ।

ଛୋଟ ପିଲାମାନଙ୍କଠାରେ ବୈଜ୍ଞାନିକ ଚିନ୍ତାଧାରା ଓ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ୧୯୯୩ ମସିହା ଦିଲ୍ଲୀର ବାଲ୍‌ଭବନଠାରେ ୨୦-୨୩ ଡିସେମ୍ବର ୧୯୯୩ରେ ପ୍ରଥମ Children's Science Congress (CSC) ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ରୁ ୧୭ ବର୍ଷ ମଧ୍ୟରେ ପିଲାମାନେ ଅଂଶଗ୍ରହଣ କରିଥିଲେ । ଏହାପରଠାରୁ National Children's Science Academy (NACHISCA) ନାମକ ଏକ ଜାତୀୟସ୍ତରୀୟ ସଂଗଠନ ଗଠନ କରାଯାଇଛି । ପ୍ରତ୍ୟେକ ସ୍କୁଲରେ NACHISCA Club ବିଜ୍ଞାନକୁ କ୍ଲବ୍ ପରି ଗଠନ କରାଯାଇ ପିଲାମାନଙ୍କଠାରେ ବିଜ୍ଞାନକୁ ଲୋକପ୍ରିୟ କରାଯାଇଛି । ତୁମ ପରିବେଶକୁ ଜାଣ, ଭାରତକୁ ପରିଷ୍କାର ରଖ ଓ ତୁମ ସ୍ୱପ୍ନର ଭାରତ ଭଳି ନାନାପ୍ରକାର ଶୀର୍ଷକ ସମ୍ବନ୍ଧରେ ଏହି ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଆଲୋଚନାର ବିଷୟବସ୍ତୁ ରହିଛି । ଶ୍ରେଷ୍ଠ ବିବେଚିତ ପିଲାଙ୍କୁ ବାଳ ବୈଜ୍ଞାନିକ Child Scientist ଭାବେ ପୁରସ୍କାର ଦିଆଯାଉଛି । ସ୍କୁଲ/କଲେଜରେ ପଢ଼ିବା ସମୟରେ ମାସିକ ବୃତ୍ତି ମଧ୍ୟ ତା'ର ସଫଳତା ପାଇଁ ଦିଆଯାଉଅଛି । ଚଳିତ ବର୍ଷଠାରୁ ମୌଳିକ ବିଜ୍ଞାନ ଶିକ୍ଷାରେ ଉତ୍କର୍ଷ ପାଇଁ ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବୃତ୍ତିର ଯୋଜନା ରହିଅଛି । ଫଳରେ ମୌଳିକ ବିଜ୍ଞାନପ୍ରତି ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ବଢ଼ିବା ସଙ୍ଗେ ସଙ୍ଗେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସେମାନେ ବେଶ୍ ଆଗୁଆ ହୋଇପାରିବେ । ସେହିପରି ସ୍କୁଲମାନଙ୍କରେ ବିଜ୍ଞାନ ଶିକ୍ଷାକୁ ସରସ ସୁନ୍ଦର ଓ ବୋଧଗମ୍ୟ କରିବା ନିମିତ୍ତ ଖୁବ୍ କମ୍ ଦାମ୍‌ରେ ବିଜ୍ଞାନ ଉପକରଣମାନ ଯୋଗାଇ ଦିଆଯାଉଛି । ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଅରବିନ୍ଦ ଗୁପ୍ତା, ଜେ.ସି. ସୋନି, ନିଖିଳ ମୋହନ ପଟ୍ଟନାୟକଙ୍କ ଭଳି ବୈଜ୍ଞାନିକମାନେ କମ୍ ଦାମ୍‌ରେ ବିଜ୍ଞାନ ଶିକ୍ଷା ଉପକରଣମାନ ସ୍କୁଲ କଲେଜରେ କୌଣସି ବ୍ୟବସାୟିକ ମନୋବୃତ୍ତି ନରଖି ପହଞ୍ଚେଇବା ବାସ୍ତବିକ୍ ବିଜ୍ଞାନକୁ ଲୋକପ୍ରିୟ କରିବାରେ ଏକ ନୂଆ ପଦକ୍ଷେପ । ଏହା ଅଧିକାଂଶ ସମୟରେ ଆଶ୍ଚର୍ଯ୍ୟ ଲାଗେ । ସତରେ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ଏଇ ଦେଶରେ ଏପରି ମଣିଷ ଅଛନ୍ତି । ମଧ୍ୟପ୍ରଦେଶର ହୋସଙ୍ଗାବାଦ ସାଇନ୍‌ସ ଟିଚିଙ୍ଗ୍ ପ୍ରୋଗ୍ରାମ ନାମରେ ଏକଲବ୍ୟ ପରି ବେସରକାରୀ ସଙ୍ଗଠନର କାର୍ଯ୍ୟକ୍ରମ ବେଶ୍ ପ୍ରଶଂସନୀୟ ।

ବର୍ତ୍ତମାନ ଦେଶରେ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ଭାରତ ସରକାରଙ୍କ ତରଫରୁ ଇନ୍ଦୋର ପ୍ରଭୃତି ବିଶ୍ୱବିଦ୍ୟାଳୟରେ Science Journalism, M-Tech. in Science Communication ଭଳି ପାଠ୍ୟକ୍ରମର ଆୟୋଜନ କରାଯାଇଛି । ଏନ୍.ସି.ଏସ୍.ଟି.ସି. ତରଫରୁ ସାଇନ୍ସ କମ୍ୟୁନିକେଟରମାନଙ୍କୁ ନିଯୁକ୍ତି କରାଯାଉଛି । ସେମାନେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ନାନାପ୍ରକାର ଜ୍ଞାନ-ଧାରଣା ଦେବେ । ସେଥିପାଇଁ ଏନ୍.ସି.ଏସ୍.ଟି.ସି. ପୋଷ୍ଟର, ଭିଡ଼ିଓ କ୍ୟାସେଟ୍, ସ୍ଲାଇଡ୍ ସେଵ୍ ଓ ବିଜ୍ଞାନ ଖେଳଣା ପ୍ରଭୃତି ଯୋଗାଇ ଦିଆଯାଉଛି । ବି.ଏସ୍.ସି. ବା ଏମ୍.ଏସ୍.ସି. ପାଶ୍ କରିବା ପରେ କୌଣସି ବ୍ୟକ୍ତି ଏନ୍.ସି.ଏସ୍.ଟି.ସି. ଅଧୀନରେ ସାଇନ୍ସ କମ୍ୟୁନିକେଟର ହିସାବରେ ରହିବାକୁ ଆଗ୍ରହୀ ଥିଲେ ଏନ୍.ସି.ଏସ୍.ଟି.ସି.କୁ ପ୍ରୋଜେକ୍ଟ ପ୍ରପୋଜାଲ ଲେଖି ଆବେଦନ କଲେ ତାଙ୍କୁ ପାରିଶ୍ରମିକ ଦିଆଯିବାର ବନ୍ଦୋବସ୍ତ ରହିଛି । ଜାତୀୟ ସ୍ତରରେ National Institute of Science Communication (CSIR), NCSTC, NSA ତରଫରୁ ଯୁବ ବୈଜ୍ଞାନିକ ପ୍ରଭୃତି ପୁରସ୍କାର ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ପ୍ରତିବର୍ଷ ଦିଆଯାଉଛି । ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଶ୍ରେଷ୍ଠ ବିବେଚିତ ବ୍ୟକ୍ତିଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଏନ୍.ସି.ଏସ୍.ଟି.ସି. ତରଫରୁ ଦିଆଯାଉଥିବାବେଳେ ଗଣମାଧ୍ୟମରେ ଶ୍ରେଷ୍ଠ ବିବେଚିତ (ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ) ବ୍ୟକ୍ତି ଓ ପିଲାମାନଙ୍କଠାରୁ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରତିବର୍ଷ ଦିଆଯାଉଛି । ଆମ ରାଜ୍ୟରେ ପ୍ରତିବର୍ଷ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ତରଫରୁ ମଧ୍ୟ ଶ୍ରେଷ୍ଠ ବୈଜ୍ଞାନିକ ଓ ବିଜ୍ଞାନ ଲେଖକମାନଙ୍କୁ ପୁରସ୍କାର ଦିଆଯାଉଛି । ଶ୍ରେଷ୍ଠ

ବିବେଚିତ ଓଡ଼ିଆ ବୈଜ୍ଞାନିକଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ପ୍ରଦାନର ବ୍ୟବସ୍ଥା କରାଯାଉଛି ।

ଜାତୀୟ ସ୍ତରରେ ବିଜ୍ଞାନକୁ ଲୋକପ୍ରିୟ କରିବା ନିମିତ୍ତ National Council of Science Museum ଗଠନ କରାଯାଇ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଓ ସାଇନ୍ସ ପାର୍କ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି । ବିଭିନ୍ନ ରାଜ୍ୟରେ ଚିଡ଼ିଆଖାନା, ବୋଟାନିକାଲ୍ ଗାର୍ଡ଼େନ୍ ତଥା ପ୍ଲାନେଟୋରିୟମ୍‌ମାନ ଗଠନ କରାଯାଇ ସାଧାରଣ ଲୋକମାନଙ୍କ ଭିତରେ ଏକ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରାଯାଉଛି । ବିଜ୍ଞାନ ଧାରା, ନିସର୍ଗ ସଂପଦ, ରେଡ଼ିଓ ଡେଟ୍ ଓ ମାନବର କ୍ରମବିକାଶ ଭଳି ବିଭିନ୍ନ ଆଞ୍ଚଳିକ ଭାଷାରେ ରେଡ଼ିଓ ଧାରାବାହିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇ ପିଲାଙ୍କଠୁଁ ବଡ଼ଯାଏଁ ସମସ୍ତଙ୍କଠାରେ ବିଜ୍ଞାନକୁ ଲୋକପ୍ରିୟ କରିବା ଚେଷ୍ଟା କରାଯାଉଛି ।

ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, 'ମାନବର କ୍ରମବିକାଶ' ବେତାର ଧାରାବାହିକ ଯାହାକି ଏନ୍.ସି.ଏସ୍.ଟି.ସି. ତରଫରୁ ଆୟୋଜନ କରାଯାଇଥିଲା ତାହା ହେଉଛି ପୃଥିବୀର ସବୁଠୁଁ ଲମ୍ବା ବେତାର ଧାରାବାହିକ କାର୍ଯ୍ୟକ୍ରମ । ମାନବର କ୍ରମବିକାଶ ଧାରାବାହିକ ରେଡ଼ିଓରୁ ଯେଉଁମାନେ ଶୁଣିଲେ ସେମାନଙ୍କ ଭିତରୁ ଅନେକଙ୍କୁ ପୁରସ୍କାର ପ୍ରଦାନ କରାଗଲା । ସେହିପରି ନାନାସମୟରେ ରେଡ଼ିଓ ଓ ଟି.ଭି.ରେ ନାନାପ୍ରକାର ବିଜ୍ଞାନ କୁଇଜ୍ କାର୍ଯ୍ୟକ୍ରମମାନ ପ୍ରସାରଣ କରାଯାଇ ବିଜ୍ଞାନକୁ ଲୋକପ୍ରିୟ କରାଯାଇଛି । Discovery Channel, Turning Point, ହସ୍‌ଜମିନ୍ ଭଳି ନାନାପ୍ରକାର ଜନପ୍ରିୟ ବିଜ୍ଞାନ କାର୍ଯ୍ୟକ୍ରମ ଜରିଆରେ ବିଜ୍ଞାନକୁ ଜନପ୍ରିୟ କରିବାର ପ୍ରୟାସ ଜାରି ରହିଛି । ରେଡ଼ିଓ ଓ ଟି.ଭି.ରେ ପ୍ରତିଦିନ ଏକ ବିଜ୍ଞାନ ଚାନେଲ୍ ପ୍ରସାରଣ କରାଗଲେ କିମ୍ବା ପ୍ରତିଦିନ ବିଜ୍ଞାନ ସମାଚାର ପରିବେଷଣ ହେଲେ ଖୁବ୍ ଭଲ ହୁଅନ୍ତା ବୋଲି କୁହାଯାଉଛି ।

The Science Teacher, Everyman's Science, School Science, Sanctury, Science Reporter, ବିଜ୍ଞାନ ପ୍ରଭା, ବିଜ୍ଞାନ ଦିଗନ୍ତ, ବିଜ୍ଞାନ ତରଙ୍ଗ, ବିଜ୍ଞାନାଲୋକ ଭଳି ପତ୍ରପତ୍ରିକା ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ପତ୍ରିକାଗୁଡ଼ିକର ଦାମ୍ କମ୍ ହେଲେ ସର୍ବସାଧାରଣ ବିଜ୍ଞାନ ପତ୍ରିକା ପଢ଼ିବାର ସୁଯୋଗ ପାଆନ୍ତେ ଓ ସେମାନଙ୍କଠାରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଘଟନ୍ତା । ଆଞ୍ଚଳିକ ଭାଷାରେ ବିଜ୍ଞାନ ପତ୍ରିକାଗୁଡ଼ିକ ଅତି ଚମତ୍କାର ଭାବେ ଫଟୋ ସହିତ ପ୍ରକାଶ ପାଉଛି । ସେଥିରେ କୁଇଜ୍, ପଜିଲ୍, ମହାକାଶ ବିଜ୍ଞାନ, କୃଷି ବିଜ୍ଞାନ, ଇଲେକ୍‌ଟ୍ରୋନିକ୍ସ, ଗ୍ରାମାଞ୍ଚଳଭିତ୍ତିକ ବିଜ୍ଞାନ ପ୍ରଭୃତି ଲେଖାମାନ ଅଧିକ ସଂଖ୍ୟାରେ ପ୍ରକାଶ ପାଇବା ଉଚିତ୍ ।

ସେ ଯାହାହେଉ, ମାନ ଅଧିକାର ସଂଖ୍ୟାରେ ଜାତୀୟ ସ୍ତରରେ ଭାରତ ସରକାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ 'ବିଜ୍ଞାନ ପ୍ରସାର' ନାମରେ ଏକ ସଂଗଠନ ଅଳ୍ପକେତେ ବର୍ଷ ହେବ (୧୯୮୯) ଗଠନ କରିଛନ୍ତି । ପ୍ରତି ୧୫ ମାସକୁ ଦୁଇ ଥର ଏହା ଭିପ୍ରିସ୍ କ୍ଲିପ୍‌ସେଟ୍ ସମ୍ବାଦପତ୍ର ପ୍ରକାଶ କରୁଛନ୍ତି । ଏଥିରେ ସ୍ଥାନ ପାଇଥିବା ବୈଜ୍ଞାନିକ ତଥ୍ୟସବୁ ପ୍ରାୟ ବିଭିନ୍ନ ସମ୍ବାଦପତ୍ରରୁ ସଂଗ୍ରହ କରାଯାଇ ପ୍ରକାଶିତ ହେଉଛି ।

ଖାଲି ସେତିକି ନୁହେଁ ବିଜ୍ଞାନ ପ୍ରସାର ବିଭିନ୍ନ ସମୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ସରକାର ବିଜ୍ଞାନ ପୁସ୍ତକ, ପୋଷ୍ଟର, ବିଜ୍ଞାନ ପୃଷ୍ଠା (ସମ୍ବାଦପତ୍ର), ଅଡ଼ିଓ ଭିଡ଼ିଓ କ୍ୟାସେଟ୍, ସ୍ଲାଇଡ୍ ସେଟ୍, ରେଡ଼ିଓ ଓ ଟି.ଭି. କାର୍ଯ୍ୟକ୍ରମ ସମେତ ନାନା ପ୍ରକାର ସୃଜନଶୀଳ ଲୋକପ୍ରିୟ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମମାନ ହାତକୁ ନେଉଛନ୍ତି ।

ବେସରକାରୀ ସ୍ତରରେ ବିଜ୍ଞାନ ପ୍ରଚାର ସମିତି ଭଳି ସଂଗଠନ ବିଜ୍ଞାନକୁ ଲୋକପ୍ରିୟ କରିବା ଦିଗରେ ଭାରତର ସବୁଠୁଁ ପୁରୁଣା ସଂସ୍ଥା କହିଲେ କିଛି ଭୁଲ୍ ହେବନି । ଆଜିକାଲି ଭାରତ ତଥା ଓଡ଼ିଶା ସରକାର ବିଜ୍ଞାନ ପତ୍ରିକା (ଜନପ୍ରିୟ ପୁସ୍ତକ) ପ୍ରକାଶ କରିବା ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି । ସେଥିପାଇଁ ଆଗ୍ରହୀ ବିଜ୍ଞାନ ପ୍ରେମୀ ଶିକ୍ଷକ/ଲେଖକ/ ପ୍ରକାଶକ ଅଣ୍ଟାଭିଡ଼ି ଆଗେଇ ଆସିଲେ ଖୁବ୍ ଭଲ ହୁଅନ୍ତା । କଳା କିମ୍ବା ବାଣିଜ୍ୟ ବିଭାଗର ଛାତ୍ର ବୋଲି ନିଜକୁ ହୀନ ମନେ ନକରି ସବୁ ବିଭାଗର ଛାତ୍ରଛାତ୍ରୀ ତଥା ବିଜ୍ଞାନ ଛାତ୍ରଛାତ୍ରୀମାନେ ବିଜ୍ଞାନ ପତ୍ରପତ୍ରିକା/ପୁସ୍ତକ ପଠନ ଦିଗରେ ଆନ୍ତରିକତା ପ୍ରଦର୍ଶନ କରିବା ଉଚିତ । ୟୁନେସ୍କୋ ତରଫରୁ ଚଳିତବର୍ଷ (୧୯୯୬) ୱାର୍ଲ୍ଡ଼ ସାଇନ୍ସ ରିପୋର୍ଟରେ ପ୍ରକାଶ ପାଇଛି ଯେ ବିଜ୍ଞାନ ଲୋକପ୍ରିୟତା ହାସଲ ନକରିବା ଏକ ଆନ୍ତର୍ଜାତୀୟ ସମସ୍ୟା ଅଟେ । ପୃଥିବୀର ପ୍ରାୟ ସବୁ ଦେଶ ତରଫରୁ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଚାଲୁଛି ।

ବ୍ରିଟିଶ୍ ହାଇକମିଶନ୍ ତରଫରୁ ସ୍ପେକ୍ଟ୍ରମ୍, ଆମେରିକାନ୍ ଦୂତାବାସ ତରଫରୁ ସ୍ପାନ ଓ ଫ୍ରାନ୍ସ ଦୂତାବାସ ତରଫରୁ CEDUST ଭଳି ନାନାପ୍ରକାର ଲୋକପ୍ରିୟ ବିଜ୍ଞାନ ପତ୍ରିକାମାନ ଆକର୍ଷଣୀୟ ଭଙ୍ଗିରେ ପ୍ରକାଶ ପାଉଛି । ବିଦ୍ୟାଳୟ ସ୍ତରରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ କମନ୍‌ୱେଲ୍‌ଥ ଦେଶମାନଙ୍କରେ CASTME (Common Welth Association of Science, Technology and Mathematics Educators) ପୁରସ୍କାର ଯୋଜନା ପ୍ରଚଳିତ ହୋଇଆସୁଛି । ଯୋଗ୍ୟ ବିବେଚିତ ଶିକ୍ଷକଙ୍କୁ ତିନି ମାସର ଫେଲୋସିପ୍ ପାଇ ଇଂଲଣ୍ଡ ଯିବାର ଯୋଜନା ରହିଛି ।

କ୍ୱା.ନଂ.-ବି/୧୧୩, ସେକ୍ଟର-୧
ନାଲ୍‌କୋ ଟାଉନ୍‌ସିପ୍, ଦାମନଯୋଡ଼ି-୭୬୩୦୦୮
କୋରାପୁଟ

# ଓଡ଼ିଆ ଭାଷାକୋଷର ପ୍ରାଣ ପ୍ରତିଷ୍ଠାତା ପ୍ରହରାଜ

ଚିନ୍ତାମଣି ଆଚାର୍ଯ୍ୟ

**କ**ଟକ ନିମିଚଉଡ଼ି ଛକରୁ ଏକ କଚ୍ଚା ରାସ୍ତା ଲମ୍ବିଯାଇଛି ସର୍ପିଳ ଗତିରେ କାଠଯୋଡ଼ି ନଦୀ କୂଳକୁ । ଦିନେ ଚାଲିଥାଏ ସେହିପଥ ଦେଇ ମୁକ୍ତ ବାୟୁ ସେବନ ପୂର୍ବକ ସାନ୍ଧ୍ୟ ଭ୍ରମଣରେ । ସୂର୍ଯ୍ୟଦେବ ପଶ୍ଚିମାକାଶରେ ଅସ୍ତକାଳୀନ ଆରକ୍ତ ବର୍ଣ୍ଣମାଳା ସୃଷ୍ଟି କରିସାରିଥାନ୍ତି । ଚାରିଆଡ଼ ନୂଆ ନୂଆ ଲାଗୁଥାଏ । ପଥଭ୍ରଷ୍ଟ ହେବାର ଭ୍ରମ ସୃଷ୍ଟି ହେଲା । ଏହି ଭାଷାକୋଷ ଗଳି ଦେଇଗଲେ ନଦୀ କୂଳରେ ପହଞ୍ଚିବି ବୋଲି ଜଣେ ପଥଚାରୀଙ୍କଠାରୁ ସୂଚନା ମିଳିଲା । ଭାଷାକୋଷ ଶବ୍ଦଟି ମୋ' ମନରେ ଆବେଗ ସୃଷ୍ଟି କଲା । ଚିନ୍ତା କଲି ଏଇ କ'ଣ ସେହି ଭାଷାକୋଷ ଯିଏ ଓଡ଼ିଆ ଭାଷା ଅର୍କକ୍ଷେତ୍ରର ଅଭିମନ୍ତ୍ରିତ ସୂର୍ଯ୍ୟ ମନ୍ଦିର । ଏହାର ମୁଖ୍ୟ ବିନ୍ଧାଣୀ ବିଶୁ ମହାରଣା କ'ଣ ସେହି କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ଗ୍ରାମର ଖ୍ୟାତନାମା ସ୍ୱର୍ଗୀୟ ନରସିଂହ ପ୍ରହରାଜଙ୍କ ସ୍ୱନାମଧନ୍ୟ ସୁଯୋଗ୍ୟ ସନ୍ତାନ ତଥା ଉତ୍କଳ କାହାଣୀ, ଢଗଢ଼ମାଳି ବଚନ, ଭାଗବତ ଟୁଙ୍ଗିରେ ସନ୍ଧ୍ୟା, ବାଇମହାନ୍ତି ପାଞ୍ଜି, ଦୁନିଆର ହାଲଚାଲ, ବାଇନାନୀଙ୍କ ବୁଜୁଳି, ମିଆଁ ସାହେବଙ୍କ ରୋଜନାମଚା ପ୍ରଭୃତି ପୁସ୍ତକର ସ୍ରଷ୍ଟା, ଓଡ଼ିଆ ଜାତିର ମୁକୁଟ ଶିରୋମଣି ଓ ଅଭିଧାନ ଜଗତର ନିର୍ବିବାଦୀୟ ସମ୍ରାଟ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ।



ଦିନ ଥିଲା ଏକଦା ଓଡ଼ିଆ ଭାଷାରେ ପୂର୍ଣ୍ଣାଙ୍ଗ ଅଭିଧାନର ଅଭାବ ଅନୁଭୂତ ହୋଇଥିଲା । ପ୍ରହରାଜଙ୍କ ଭାଷାକୋଷ ପ୍ରକାଶନ ପୂର୍ବରୁ କେବଳ ଆର୍ମସଜନଙ୍କ ଓଡ଼ିଆ ଭାଷାର୍ଥ ଅଭିଧାନ, ଜଗନ୍ନାଥ ରାଓଙ୍କ ଉତ୍କଳ ଅଭିଧାନ, ଭକ୍ତକବି ମଧୁସୂଦନଙ୍କ ସୁଖବୋଧ ଅଭିଧାନ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଶବ୍ଦ ତତ୍ତ୍ୱବୋଧ ଅଭିଧାନ ଜନପ୍ରିୟତା ହାସଲ କରିଥିଲା । ବର୍ତ୍ତମାନ ପଣ୍ଡିତ କୁଳମଣି ଦାଶଙ୍କ ସମେତ ଅନ୍ୟ କେତେକ ବିଦ୍ୟାନଙ୍କ ପ୍ରଣୀତ ଅଭିଧାନର ଆବିର୍ଭାବ ଘଟିଛି ।

ଗୋପାଳ ପ୍ରହରାଜଙ୍କ ଭାଷାକୋଷର ଜନ୍ମଜାତକ ଗବେଷଣାରୁ ପ୍ରତୀୟମାନ ହୁଏ ଯେ ଏହି ଅଭାବ ଦୂର କରି ଗୋଟିଏ ପୂର୍ଣ୍ଣାଙ୍ଗ ଓଡ଼ିଆ ଅଭିଧାନ ପ୍ରଣୟନ କରିବାକୁ କଟକ କଲେଜିଏଟ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମିଷ୍ଟର ହଣ୍ଡରସନଙ୍କ ପ୍ରେରଣା ପ୍ରହରାଜଙ୍କୁ ଉତ୍ସାହିତ କଲା । କ୍ରମେ ଅମୂଲ୍ୟ ଭାଷାକୋଷ ସଂକଳନ ଆଶା ତାଙ୍କ ମନରେ ଦୃଢ଼ୀଭୂତ ହେଲା ।

ମନ ଆକାଶରେ ଚନ୍ଦ୍ରୋଦୟ ପାଇଁ ପ୍ରହରାଜ ମହାଶୟ ଭାଷାକୋଷର ପ୍ରଣୟନର କାର୍ଯ୍ୟକ୍ରମ ପ୍ରସ୍ତୁତିକୁ ପ୍ରାରମ୍ଭିକ କାର୍ଯ୍ୟ ରୂପେ ଗ୍ରହଣ କଲେ । ଶବ୍ଦ ସଂଗ୍ରହ ଅଭିଯାନ ପ୍ରାଥମିକତା ରୂପେ ଗୃହୀତ ହେଲା । ୧୯୧୩ ମସିହାରୁ ସେହି ଅମୂଲ୍ୟ କାର୍ଯ୍ୟର ଶୁଭାରମ୍ଭ ହେଲା । ବିଭିନ୍ନ ଦେଶଜ ତଥା ସଂସ୍କୃତ ଶବ୍ଦ ସଂଗ୍ରହ ପାଇଁ ସେ ବହୁ ଅଞ୍ଚଳ ଭ୍ରମଣ କରି ସଫଳକାମୀ ହେଲେ । ନିଜ ସହଯୋଗୀଙ୍କ ସାହାଯ୍ୟରେ ଜଗନ୍ନାଥ ଦାସ ଗୋପୀନାଥ ନନ୍ଦ ଓ ବିଦେଶୀ ଗବେଷକଙ୍କ ଗ୍ରନ୍ଥରୁ ବହୁ ଶବ୍ଦ ପ୍ରାପ୍ତ ହେଲେ । ପୋଥିମାନଙ୍କରୁ ଅନେକ ପୁରାତନ ବ୍ୟବହୃତ ଶବ୍ଦ ସଂଗୃହୀତ ହେଲା । ଆଇନ ବ୍ୟବସାୟ ମଧ୍ୟ ବହୁ ପରିମାଣରେ ତାଙ୍କୁ ଏ ଦିଗରେ ସଫଳକାମୀ କରାଇଲା ।

ତାଙ୍କର ପ୍ରବାହମାନ କାର୍ଯ୍ୟ ଫଳରେ ବହୁ ଦେଶଜ ତଥା ପାର୍ଶି ଓ ଉର୍ଦ୍ଦୁ ଶବ୍ଦ ହସ୍ତଗତ ହେଲା । ଓଡ଼ିଶାର ସମ୍ବଲପୁର ଓ ତଦ୍‌ପାର୍ଶ୍ୱବର୍ତ୍ତୀ ଇଲାକାରେ ବ୍ୟବହୃତ ଅନେକ ଆଞ୍ଚଳିକ ଶବ୍ଦାବଳୀ ଓ ବୋଲିରେ ପ୍ରଚଳିତ ଶବ୍ଦଦ୍ୱାରା ପ୍ରସ୍ତାବିତ ଭାଷାକୋଷ ସମୃଦ୍ଧି ପାଇଁ ଚେଷ୍ଟିତ ହେଲା । ସେହି ସଂଗ୍ରହ କାର୍ଯ୍ୟର ସାହାଯ୍ୟକାରୀଙ୍କ ନାମ ମଧ୍ୟ ସ୍ମରଣଯୋଗ୍ୟ । ଇମ୍ପେଲାର ଭକ୍ତଚରଣ ପତି, ସମ୍ବଲପୁରର ଗୋପୀନାଥ ଶତପଥୀ, ଗାଙ୍ଗପୁରର ଚୂଡ଼ାମଣି ନାୟକ, ମେଦିନପୁରର ରାଧାନାଥ ପତି, ସିଂହଭୂମିର କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଜୟପୁରର ବିକ୍ରମଦେବ ବର୍ମା, ଗଞ୍ଜାମର ଜୟକୃଷ୍ଣ ଚ୍ୟାଉପଟ୍ଟନାୟକ, ବାଲୁଗାଁର ଡାକ୍ତର ରାଧାଚରଣ ପଣ୍ଡା ତଥା କଟକ ବାପିଷ୍ଟ ମିଶନାରୀ ପାଦ୍ରି ହୁବେଲ ସାହେବଙ୍କ ନାମ ସର୍ବାଗ୍ରେ ଉଲ୍ଲେଖଯୋଗ୍ୟ । ଓଡ଼ିଶା ଗଡ଼ଜାତ ଅଞ୍ଚଳରୁ ବହୁ ଆଦିବାସୀ ଭାଷା ଓ ବୋଲି ମଧ୍ୟ ଲିପିବଦ୍ଧ ହେଲା ।

ଏହିପରି ୧୯୧୩ ମସିହାରୁ ୧୯୧୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷରେ ବହୁ ଶବ୍ଦ ସଂଗୃହୀତ ହୋଇପାରିଲା । ତତ୍‌ପରେ ଆରମ୍ଭ ହେଲା ଶବ୍ଦଗୁଡ଼ିକର ପୃଥକୀକରଣ ଓ ଅକ୍ଷର କ୍ରମାନୁସାରେ ସଜ୍ଜିକରଣ ତଥା ପାଣ୍ଡୁଲିପିର ପ୍ରସ୍ତୁତି । ସେହି କାର୍ଯ୍ୟ ସୁଚାରୁ ରୂପେ ସଂପନ୍ନ କରିବାକୁ ପ୍ରାୟ ନ'ବର୍ଷ ବ୍ୟୟିତ ହେଲା । ୧୯୨୭-୧୯୨୮ ମସିହା ବେଳକୁ ଶବ୍ଦକୋଷର ସଂକଳନ କାର୍ଯ୍ୟର ପରିସମାପ୍ତି ଘଟିଲା ।

ବହୁ ସଂସ୍କୃତ ପଣ୍ଡିତ ତଥା ବିଦ୍ୱାନ ବ୍ୟକ୍ତି ତାଙ୍କୁ ସେହି ମହାର୍ଘ୍ୟ କାର୍ଯ୍ୟ ସଂପାଦନାରେ ଅକୁଣ୍ଠ ସାହାଯ୍ୟ କରିଛନ୍ତି । ସେମାନେ ହେଲେ ପଣ୍ଡିତ କୁଳମଣି ଦାଶ, ରାମଚନ୍ଦ୍ର ରଥ, ନାରୀ କବି ଅପର୍ଣ୍ଣାଦେବୀ, ଶଶିଭୂଷଣ ରଥ, ରେଭେନ୍ସା କଲେଜର ଇଂରାଜୀ ଅଧ୍ୟାପକ ନିରଞ୍ଜନ ନିୟୋଗୀଙ୍କ ଶୁଦ୍ଧ ପାଠ ନିର୍ଣ୍ଣୟ ଦିଗରେ ଇଂରାଜୀ ପାଇଁ ଓଡ଼ିଶା ଡିଭିଜନର କମିଶନର ଚପ୍‌ଲିସ ସାହେବ ବଙ୍ଗଳା ନିମନ୍ତେ ଯତୀନ୍ଦ୍ର ନାରାୟଣ ରାୟ ଓ ସତ୍ୟଶଙ୍କର ମୁଖାର୍ଜୀ, ହିନ୍ଦୀ ପାଇଁ ପଣ୍ଡିତ ରାମଚନ୍ଦ୍ର ଝାଙ୍କ ସାହାଯ୍ୟ ଉଲ୍ଲେଖନୀୟ । ଓଡ଼ିଆ ଭାଷା ସମସ୍ୟା ସମାଧାନ ନିମନ୍ତେ ବିଦ୍ୱାନ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ କୁଳମଣି ଦାଶ, ଚିନ୍ତାମଣି ମହାନ୍ତି, ଅଗଣି ଦାଶ ଓ କୃଷ୍ଣଚନ୍ଦ୍ର ସେନଗୁପ୍ତଙ୍କ ନାମ ଉଲ୍ଲେଖନୀୟ ।

ମୟୂରଭଞ୍ଜ ମହାରାଜା ତାଙ୍କ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ନାମାନୁସାରେ ଅଭିଧାନର ନାମକରଣ କରିବାକୁ ଅନୁରୋଧ ଜଣାଇଲେ । ନିମକ ସଚ୍ଚା ଓ ସାଧୁ ପ୍ରକୃତିର ନାଗରିକ ପ୍ରହରାଜ ମହାଶୟ ସାଦର ଅନୁରୋଧ ରକ୍ଷାକରି ଅଭିଧାନର ନାମ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରୂପେ ପରିଚିତ କରାଇଲେ ।

ପ୍ରାଦେଶିକ ଭାଷାର ଉନ୍ନତି ନିମନ୍ତେ ଗଠିତ 'ପ୍ରାଦେଶିକ ଭାଷା ବିବର୍ଦ୍ଧନ ସମିତି'ର ସର୍ବପ୍ରଥମ ଅଧିବେଶନ ୧୯୨୭ ମସିହା ଫେବୃଆରୀ ମାସ ୨୬ ତାରିଖରେ କଟକରେ ଅନୁଷ୍ଠିତ ହୋଇଥିଲା । ସେଥିରେ ଓଡ଼ିଆ ଭାଷାରେ ଏକ ଶବ୍ଦକୋଷର ଅଭାବ ସମିତିର ଅନୁଭୂତ ହେଲା । ସେତେବେଳେ ଶ୍ରୀ ପ୍ରହରାଜ ଏହାର ସଭ୍ୟମାନଙ୍କ ସମକ୍ଷରେ ନିଜ ଅଭିଧାନର ପାଣ୍ଡୁଲିପି ଉପସ୍ଥାପନ କଲେ । ତାହା ସେମାନଙ୍କଦ୍ୱାରା ଆଦୃତ ହେଲା । ରେଭେରେଣ୍ଡ ଏଚ୍.ଡବ୍ଲ୍ୟୁ. ପେକ ସାହେବଙ୍କ ସମେତ ବିଶ୍ୱନାଥ କର, ଶିକ୍ଷା ବିଭାଗ ଡିରେକ୍ଟର ଲାମ୍ବର୍ଟ ସାହେବ ଓ ପଣ୍ଡିତ ଗୋପବନ୍ଧୁ ଦାସ ତାହାର ଉଚ୍ଚ ପ୍ରଶଂସା କଲେ । 'ସମାଜ' ଓ 'ଆଶା' ସମ୍ବାଦପତ୍ର, 'ଉତ୍କଳ ସାହିତ୍ୟ' ପ୍ରଭୃତି ପତ୍ରପତ୍ରିକା ସମସ୍ୱରରେ ତାହାର ଜୟଗାନ କଲେ ।

ସେହି ଶବ୍ଦକୋଷର ପ୍ରକାଶନ ପାଇଁ ସମସ୍ତେ ଆକାଂକ୍ଷିତ ହୋଇ ଉଠିଲେ । ମାତ୍ର ଅର୍ଥାଭାବ ଦେଖାଗଲା ।

୧୯୨୯ ଖ୍ରୀଷ୍ଟାବ୍ଦରେ ରେଭେରେଣ୍ଡ ପେକ ସାହେବ ବିହାର-ଓଡ଼ିଶା ସରକାରଙ୍କ ନିକଟରେ ସେହି ଅଭିଧାନ ମୁଦ୍ରଣ ନିମନ୍ତେ ଆନୁମାନିକ ତିରିଶ ହଜାର ମୁଦ୍ରାର ବ୍ୟୟ ହିସାବ ଦାଖଲ କଲେ । ପ୍ରାଦେଶିକ ସରକାରଙ୍କ ସୁପାରିଶ କ୍ରମେ ସେଥିପାଇଁ କେନ୍ଦ୍ର ସରକାରଙ୍କଦ୍ୱାରା ୧୯ ହଜାର ଟଙ୍କାର ମଞ୍ଜୁରୀ ମିଳିଲା । ଭାଷାକୋଷ ପ୍ରତିଖଣ୍ଡର ମୂଲ୍ୟ ପଞ୍ଚତିରିଶ ଟଙ୍କା ରଖାଯିବ ବୋଲି ନିର୍ଦ୍ଧାରିତ ହେଲା । ଚିର ଆକାଂକ୍ଷିତ ଅମୂଲ୍ୟ ଗ୍ରନ୍ଥର କ୍ରେତା ସଂଗ୍ରହ ବର୍ତ୍ତମାନ ମୁଖ୍ୟକାର୍ଯ୍ୟ ହେଲା । ସେହି ଗ୍ରନ୍ଥରୁ ବିହାର-ଓଡ଼ିଶା ସରକାର ଏକଶହ ଚଉଦ ସେଟ୍, ମାନ୍ଦ୍ରାଜ ସରକାର ପଚାଶ ସେଟ୍, ବଙ୍ଗ ସରକାର ଦଶ ସେଟ୍ ପୁସ୍ତକ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଲେ । ଓଡ଼ିଶା ଗଡ଼ଜାତର ସୋନପୁର ଓ ମୟୂରଭଞ୍ଜ ସମେତ ବହୁ ରାଜା, ଜମିଦାର ସେହି ଗ୍ରନ୍ଥ କ୍ରୟ କରିବାକୁ ସମ୍ମତି ପ୍ରଦାନ କଲେ ।

ଶ୍ରୀ ପ୍ରହରାଜଙ୍କ ମନସମୁଦ୍ରରେ ଜୁଆର ଉଠିଲା । ତାଙ୍କର ଆନନ୍ଦ ସୀମା ଅତିକ୍ରମ କଲା । ଫଳସ୍ୱରୂପ ସେ ଅଭିଧାନ ଛପା କାର୍ଯ୍ୟରେ ସର୍ବଦା ରତ ରହିଲେ । ତାଙ୍କ ଆଇନ ବ୍ୟବସାୟରେ ଭଟ୍ଟା ଦେଖାଦେଲା । ନିଜ ଜମିଦାରୀର ତତ୍ତ୍ୱାବଧାନ ପାଇଁ ସମୟ ମିଳିଲା ନାହିଁ । ତେଣୁ ତାଙ୍କ ମାନସ ସନ୍ତାନର ସୂର୍ଯ୍ୟୋଦୟ ଦର୍ଶନ ପାଇଁ ଖର୍ଚ୍ଚର ଭରଣା ନିମନ୍ତେ ନିଜ ବ୍ୟକ୍ତିଗତ ପାଣ୍ଠିରୁ କିଛି ଦେଇପାରିଲେ ନାହିଁ । ବାଧ୍ୟ ହୋଇ ନିଜ ଗୃହର କିଛି ଅଂଶ ଭଡ଼ାସୂତ୍ରରେ ଆବଦ୍ଧ କଲେ, ଏହି ଦୁଃସମୟରେ ପ୍ରହରାଜଙ୍କ ଭାଗ୍ୟାକାଶରେ ପୂର୍ଣ୍ଣିମା ଚାନ୍ଦ ଉଦିତ ହେଲେ । ଉଲ୍ଲେଖଯୋଗ୍ୟ ଯେ ୧୯୨୮ ମସିହାରେ କଳାହାଣ୍ଡି ରାଜାଙ୍କଠାରୁ ଏକ ହଜାର ଟଙ୍କା, ବର୍ଦ୍ଧମାନ ମହାରାଜାଙ୍କ ନିକଟରୁ ଦୁଇଶହ ପଚାଶ ମୁଦ୍ରା, ଚିକିଟି ଜମିଦାରଙ୍କଠାରୁ ଛଅ ଶହ ଟଙ୍କା ଅନୁଦାନ ମିଳିଲା । ସେହିପରି ବିଭିନ୍ନ ରାଜା, ଜମିଦାର ଓ ଅନେକ ସଂସ୍ଥାଠାରୁ ଏହି ମହାର୍ଘ ଗ୍ରନ୍ଥ କ୍ରୟ ଓ ଅର୍ଥଦାନର ପ୍ରତିଶ୍ରୁତି ହସ୍ତଗତ ହେଲା । ଫଳରେ ଫିକା ପଡ଼ିଯାଇଥିବା ଆଶା ପୁନଶ୍ଚ ଆଲୋକିତ ହେଲା । ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓଙ୍କ ଆଠ ହଜାର ଟଙ୍କା ଦାନ ପ୍ରତିଶ୍ରୁତି ପ୍ରହରାଜଙ୍କର ଆନନ୍ଦର କାରଣ ହେଲା । ତାଙ୍କ ଆର୍ଥିକ ସାହାଯ୍ୟ ସମେତ ମାନସିକ ପ୍ରେରଣା ଗ୍ରନ୍ଥକାର ପ୍ରହରାଜଙ୍କୁ ବିଶେଷ ଉତ୍ସାହିତ କରାଇଲା । ମୟୂରଭଞ୍ଜ ମହାରାଜା ତାଙ୍କ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ନାମାନୁସାରେ ଅଭିଧାନର ନାମକରଣ କରିବାକୁ ଅନୁରୋଧ ଜଣାଇଲେ । ନିମକ ସଚ୍ଚା ଓ ସାଧୁ ପ୍ରକୃତିର ନାଗରିକ ପ୍ରହରାଜ ମହାଶୟ ସାଦର ଅନୁରୋଧ ରକ୍ଷାକରି ଅଭିଧାନର ନାମ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରୂପେ ପରିଚିତ କରାଇଲେ ।

ଛପେଇ କାର୍ଯ୍ୟ ଚାଲୁ ଥିବାବେଳେ ନିମାପଡ଼ା ଜୁବୁଲି ହାଇସ୍କୁଲର ସ୍ୱନାମଧନ୍ୟ ଶିକ୍ଷକ ବିନାୟକ ଦାଶ ଓ ବହୁ ସାହିତ୍ୟପ୍ରେମୀ ସେହି କାର୍ଯ୍ୟରେ ସାହାଯ୍ୟ କରିଥିଲେ । ସୌଭାଗ୍ୟାକାଶର ପୂର୍ଣ୍ଣମୀଚାନ୍ଦ ସର୍ବଦା ରୂପେଲି ଜ୍ୟୋତ୍ସ୍ନାରେ ଧରାକୁ ଉଜ୍ଜ୍ୱଳ କରିନଥାଏ । ତାହା ଗ୍ରହଣ କାଳର ରାହୁଦ୍ୱାରା ଦିନେ ଗ୍ରାସିତ ହୁଏ । ସେହିପରି

ଭାଷାକୋଷର ଦୁର୍ଭାଗ୍ୟ ବଳୟରେ ବହୁ ଆଶଙ୍କା ଦୃଶ୍ୟମାନ ହେଲା । ବହୁ କଷ୍ଟାର୍ଜିତ ଶବ୍ଦାବଳୀକୁ ସଂପୂର୍ଣ୍ଣଭାବେ ଗ୍ରନ୍ଥରେ ସ୍ଥାନିତ କରିବା ସମ୍ଭାବନାରେ କାଳିମା ଦେଖାଦେଲା । ଅର୍ଥାଭାବ ଦୂର ପାଇଁ ବହୁ ଶୁଭେଚ୍ଛୁ ଯଥାସମ୍ଭବ କମ୍ ଶବ୍ଦ ଗ୍ରନ୍ଥରେ ବ୍ୟବହାର କରିବାକୁ ଅନୁରୋଧ ଜଣାଇଲେ, କିନ୍ତୁ କୃତ ସଂକଳ୍ପ ପ୍ରହରାଜ ସେହି ଅନୁରୋଧକୁ ସବିନୟ ପ୍ରତ୍ୟାଖ୍ୟାନ କରିବାକୁ ପଶ୍ଚାଦପଦ ହୋଇନଥିଲେ ।

ଉଲ୍ଲେଖଯୋଗ୍ୟ ଯେ ଭାଷାକୋଷରେ ସ୍ଥାନିତ ମୋଟ ଶବ୍ଦ ସଂଖ୍ୟା ଏକଲକ୍ଷ ପଞ୍ଚାଅଶୀ ହଜାର ଓ ପୃଷ୍ଠା ସଂଖ୍ୟା ନଅ ହଜାର ପାଞ୍ଚଶତ ତିନି । ଗ୍ରନ୍ଥରେ ମଧ ଏକସ୍ତରୀଟି ବିରଳ ଫଟୋଚିତ୍ର ପ୍ରକାଶ ପାଇଛି । ଆହୁରି ମଧ ଓଡ଼ିଆ ଭାଷାର ବହୁ କଥିତ, ପ୍ରଚଳିତ, ଅପ୍ରଚଳିତ ଜନକଥିତ ଶବ୍ଦ ତଥା ଆଞ୍ଚଳିକ ଓ ବୈଦେଶିକ ଶବ୍ଦଗୁଡ଼ିକ ସ୍ଥାନ ପାଇଛି ।

ସ୍ୱଇଚ୍ଛାରେ ସବୁ ଶବ୍ଦକୁ ଭାଷାକୋଷରେ ସ୍ଥାନିତ କରିବା ଫଳରେ ଶବ୍ଦକୋଷର ନବକଳେବର ବୃଦ୍ଧି ସହିତ ଚିର ବନ୍ଦନୀୟ ଗ୍ରନ୍ଥର ମୂଲ୍ୟବୃଦ୍ଧି ଅବଶ୍ୟମ୍ଭାବୀ ହୋଇଉଠିଲା । ଫଳସ୍ୱରୂପ ଗ୍ରନ୍ଥ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତି ତଥା ଅନୁଷ୍ଠାନ ସ୍ୱ-ଅଙ୍ଗୀକାର ରକ୍ଷା କରିବାକୁ ଅକ୍ଷମ ହେଲେ । ଏହି ଅର୍ଥାଭାବ କାରଣରୁ ୧୯୩୫ ସାଲ ସୁଦ୍ଧା ସମସ୍ତ ପ୍ରକାଶନ ସମାପ୍ତି ସିଦ୍ଧାନ୍ତ ଗୃହୀତ ହେବା ଅସମ୍ଭବ ହୋଇପଡ଼ିଲା । ପ୍ରଥମ ଖଣ୍ଡ ୧୯୩୧ ସାଲରୁ ପ୍ରକାଶିତ ହୋଇସାରିଥିଲା ।

ତେଣୁ ଶୁଭକାର୍ଯ୍ୟର ପରିସମାପ୍ତି ନିମନ୍ତେ ଆବଶ୍ୟକୀୟ ଅର୍ଥ ଓ କ୍ରେତା ସଂଗ୍ରହ ପାଇଁ ବହୁ ରାଜା, ଜମିଦାର, ମଠମହନ୍ତ ଓ ବ୍ୟକ୍ତି, ବିଶେଷଜ୍ଞଙ୍କର ଦ୍ୱାରସ୍ଥ ହେବାକୁ ଗ୍ରନ୍ଥାକାର ଶ୍ରୀ ପ୍ରହରାଜ ବାଧ ହେଲେ । ଫଳରେ ମୟୂରଭଞ୍ଜ ମହାରାଜା ପ୍ରତାପଚନ୍ଦ୍ର, ବଲାଙ୍ଗୀର-ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ, ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଓ ଜୟପୁର ମହାରାଜା ବିକ୍ରମ କେଶରୀ ଦେଓ ବର୍ମା ଆର୍ଥିକ ସାହାଯ୍ୟ ପ୍ରଦାନ କଲେ । ଓଡ଼ିଶା ଶିକ୍ଷା ବିଭାଗ କର୍ମକର୍ତ୍ତା, ବିହାର-ଓଡ଼ିଶା ଗଭର୍ଣ୍ଣର, ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରଭୃତି ଶୁଭେଚ୍ଛୁଙ୍କର ଦାନ ଓ ଉତ୍ସାହ ମିଳିଲା । ସପ୍ତମ ଖଣ୍ଡ ୧୯୪୦ ମସିହାରେ ପ୍ରକାଶିତ ହେଲା, ସମସ୍ତ ମୁଦ୍ରଣ କାର୍ଯ୍ୟ ପାଇଁ ପ୍ରାୟ ଦୁଇ ଲକ୍ଷ ମୁଦ୍ରା ବ୍ୟୟିତ ହେବା ଅନୁମିତ ହୁଏ ।

ଉଲ୍ଲେଖଯୋଗ୍ୟ ଯେ ଭାଷାକୋଷରେ ସ୍ଥାନିତ ମୋଟ ଶବ୍ଦ ସଂଖ୍ୟା ଏକଲକ୍ଷ ପଞ୍ଚାଅଶୀ ହଜାର ଓ ପୃଷ୍ଠା ସଂଖ୍ୟା ନଅ ହଜାର ପାଞ୍ଚଶତ ତିନି । ଗ୍ରନ୍ଥରେ ମଧ ଏକସ୍ତରୀଟି ବିରଳ ଫଟୋଚିତ୍ର ପ୍ରକାଶ ପାଇଛି । ଆହୁରି ମଧ ଓଡ଼ିଆ ଭାଷାର ବହୁ କଥିତ, ପ୍ରଚଳିତ, ଅପ୍ରଚଳିତ ଜନକଥିତ ଶବ୍ଦ ତଥା ଆଞ୍ଚଳିକ ଓ ବୈଦେଶିକ ଶବ୍ଦଗୁଡ଼ିକ ସ୍ଥାନ ପାଇଛି ।

ପ୍ରହରାଜଙ୍କ ମତରେ ଭାଷା ଏକ ଚିରସ୍ରୋତ ନଦୀ ଓ ଫଳନ୍ତି ଜୀବନ୍ତ ବୃକ୍ଷ ସଦୃଶ । ଭାଷାକୁ ବଢ଼ାଇଲେ ବଢ଼ିବ, ଛିଣ୍ଡାଇଲେ ନିର୍ମୂଳ ହୋଇଯିବ । ଭାଷାକୁ ସମୃଦ୍ଧ କରିବାକୁ ହେଲେ ଶବ୍ଦ ଭଣ୍ଡାରର ଶ୍ରୀବୃଦ୍ଧି ଏକାନ୍ତ ଆବଶ୍ୟକ ।

ଭାଷାକୋଷର ଷଷ୍ଠ ଓ ସପ୍ତମ ଭାଗମାନ ଗୋଟିଏ ଗୋଟିଏ ଜ୍ଞାନକୋଷର ରୂପ ନେଇଛି । ଜୟପୁର ମହାରାଜା ବିକ୍ରମ ଦେବ ବର୍ମା, ପାରଳା ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ, ବୌଦରାଜା ନାରାୟଣ ପ୍ରସାଦ ଦେବ ଓ ଭାରତର ବଡ଼ଲାଟ ଲର୍ଡ଼ ଲିନ୍‌ଲିଥଗୋ ପ୍ରଭୃତିଙ୍କ ନାମରେ ଗ୍ରନ୍ଥର ବିଭିନ୍ନ ଖଣ୍ଡ ଉତ୍ସର୍ଗୀକୃତ ହୋଇଥିବାରୁ ବହୁ ନାଗରିକ ତାଙ୍କର ତୀବ୍ର ସମାଲୋଚନା କରିଥିଲେ । ପ୍ରହରାଜ ମହାଶୟ ସେ ସମାଲୋଚନାକୁ ଭୟ କରିଥିଲେ ହୁଏତ ଅମୃତ ଗ୍ରନ୍ଥର ପ୍ରକାଶନ ସମ୍ଭବପର ହୋଇନଥାନ୍ତା ।

ଭାଷାକୋଷ ପରିକଳ୍ପନାର ସତାଇଶ ବର୍ଷ ପରେ ପ୍ରକାଶନ ଯଜ୍ଞର ପୂର୍ଣ୍ଣାହୂତି ଘଟିଥିଲା । ପାଠକ-ଭକ୍ତବୃନ୍ଦ ଯଜ୍ଞ ପ୍ରସାଦ ଅମୃତ ସ୍ୱରୂପ ଚାରୁ ଗ୍ରହଣ କରି ଆତ୍ମତୃପ୍ତି ଲାଭ କଲେ ।

ଏ ଅଭିନବ ଗ୍ରନ୍ଥ ପ୍ରକାଶନ ଅତ୍ୟୁଚ୍ଚ ଏଭେରେଷ୍ଟ ଶୃଙ୍ଗ ସଦୃଶ ଦଣ୍ଡାୟମାନ ହେବାରୁ ବହୁ ସମ୍ବର୍ଦ୍ଧନା, ଅଭିନନ୍ଦନ, ଅଭିବାଦନ, ପୁରସ୍କାର, ପଦବୀ ଆଦି ବିଭିନ୍ନ ସମ୍ମାନ ଅନିଚ୍ଛା ସତ୍ୱେ ପ୍ରହରାଜ ମହାଶୟ ଗ୍ରହଣ କରିଥିଲେ ।

ସେହି ବିରଳ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ବ୍ରିଟିଶ ସରକାର ୧୯୩୩ ମସିହାରେ ଭାଷାକୋଷର ସଂକଳକ ପ୍ରହରାଜଙ୍କୁ କୈସର-ଇ-ହିନ୍ଦ୍ ଓ ୧୯୩୭ ମସିହାରେ ରାୟବାହାଦୁର ପଦବୀ ପ୍ରଦାନ କରିଥିଲେ । ଆନ୍ଧ୍ରର ଭାରତୀ ତୀର୍ଥ ବିଶ୍ୱବିଦ୍ୟାଳୟ ତାଙ୍କୁ ପ୍ରଥମେ ସାହିତ୍ୟ ବିଶାରଦ ତତ୍ପରେ ସମ୍ମାନଜନକ 'ସାହିତ୍ୟଭୂଷଣ' ଉପାଧିରେ ଭୂଷିତ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସଦୃଶ ଜନପ୍ରିୟ ଅମୂଲ୍ୟ ଗ୍ରନ୍ଥର ପ୍ରକାଶନ ପାଇଁ ୧୯୩୭ ମସିହାରେ ନର୍ମାଲ ସ୍କୁଲ ଲେନକୁ କଟକ ମ୍ୟୁନସିପାଲଟି ଭାଷାକୋଷ ଲେନ ନାମରେ ନାମିତ କଲେ । ପ୍ରକାଶଯୋଗ୍ୟ ଯେ ୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆଗମନର କଟକ ରହଣି ବେଳେ ପ୍ରହରାଜଙ୍କ ଗୃହରେ ଅବସ୍ଥାନ କରିଥିଲେ ।

ଭାଷାକୋଷର ମୁଖବନ୍ଧ ପାଠକଲେ ଜାଣିହୁଏ ଯେ ବହୁ ଆଗ୍ରହ ଓ ନିଷ୍ଠା ଥିଲେ ସେହିପରି ମୂଲ୍ୟବାନ ପ୍ରକାଶନ କାର୍ଯ୍ୟ କେବଳ ସମ୍ଭବପର ହୁଏ । ଜାତିର ଅମୃତ ପୁତ୍ର ପ୍ରହରାଜ ମାନସସନ୍ତାନକୁ ଦେଖିବାର ୫ ବର୍ଷ ପରେ ଏ ସଂସାର ନାଟ୍ୟଶାଳରୁ ବିଦାୟ ନେଲେ ସତ କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଛାଡ଼ି ଯାଇଛନ୍ତି ଏକ ଅକ୍ଷୟ ଅମର କୀର୍ତ୍ତି । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ଅମର ରଖିଛି ।

୩୪୬, ଶହୀଦ ନଗର
ଭୁବନେଶ୍ୱର-୭

— — —

# ଆମ ଭାଷା ପାଇଁ ଆମର ଦରଦ କେତେ ?

ଗୁରୁକଲ୍ୟାଣ ମହାପାତ୍ର

ଏପରି ଏକ ଲେଖାର ଶିରୋନାମା ନିଶ୍ଚୟ ସଚେତନ ଓ ଶିକ୍ଷିତ ଓଡ଼ିଆମାନଙ୍କର ଦୃଷ୍ଟି ଆକର୍ଷଣ କରିବ । ଓଡ଼ିଆ ଭାଷା ସପକ୍ଷରେ ଉତ୍କଳ ସମ୍ମିଳନୀ ବା ସଚେତନ ଓଡ଼ିଆମାନେ ଅବଶ୍ୟ ମଝିରେ ମଝିରେ ସ୍ୱର ଉତ୍ତୋଳନ କରିଥାନ୍ତି ।

ଏଇ କେତୋଟି ବର୍ଷ ତଳେ ଓଡ଼ିଶାର ୧୪୦ଟି କଲେଜମାନଙ୍କରୁ ସେଦିନ ଓଡ଼ିଆ ଭାଷା ଓ ସାହିତ୍ୟକୁ ଇଚ୍ଛାଧୀନ ବିଷୟରୁ ବାଦ ଦିଆଯିବା ଲାଗି ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲେ । କେହି ପିଲା ଓଡ଼ିଆ ଭାଷା ଓ ସାହିତ୍ୟକୁ ଇଚ୍ଛାଧୀନ ବିଷୟ ଭାବେ ନ ନେବାରୁ ଉଚ୍ଚଶିକ୍ଷା ବିଭାଗକୁ ଏପରି କଠୋର ପଦକ୍ଷେପ ନେବାକୁ ପଡ଼ିଥିଲା । ମାତ୍ର ରାଜ୍ୟସାରା ଏ ନେଇ ପ୍ରତିବାଦର ସ୍ୱର ଉଠିବାରୁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଚ୍ଚଶିକ୍ଷା ବିଭାଗ ସେହି ଆଦେଶ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଲେ । ଫଳରେ ସଚେତନ ଓଡ଼ିଆମାନେ ଶାନ୍ତ ପଡ଼ିଲେ ।

ଅବଶ୍ୟ ଆମକୁ ସ୍ୱୀକାର କରିବାକୁ ହେବ ଯେ ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନ ଚାଲିଥିବା ଅଧିକାଂଶ ସରକାରୀ ସ୍କୁଲ ଗ୍ରାମାଞ୍ଚଳ ଓ ସହରାଞ୍ଚଳମାନଙ୍କରେ ରହିଥିଲେ ମଧ ସହର ବଜାରମାନଙ୍କରେ ବ୍ୟୟବହୁଳ ଇଂରାଜୀ ମାଧମରେ ଶିକ୍ଷାଦାନ ଚାଲିଥିବା ଏକାଧିକ ସ୍କୁଲମାନ ଗଢ଼ି ଉଠିଛି । ଇଂରାଜୀ ମାଧମରେ ଶିକ୍ଷାଦାନ କରାଯାଉଥିବା ପବ୍ଲିକ ସ୍କୁଲଗୁଡ଼ିକର ଗୁରୁତ୍ୱ ଶିକ୍ଷିତ ଓ ସଚେତନ ଓଡ଼ିଆମାନଙ୍କ ମଧରେ ଯେ ବେଶୀ, ଏଥିରେ ସନ୍ଦେହ ନାହିଁ । ତା'ଛଡ଼ା ଇଂରେଜମାନେ ଏ ଦେଶ ଛାଡ଼ି ଚାଲିଗଲେ ମଧ ଇଂରାଜୀ ଭାଷାକୁ ଆଭିଜାତ୍ୟସଂପନ୍ନ ଭାଷା ଭାବେ ଓଡ଼ିଆମାନେ ଗୁରୁତ୍ୱ ଦେଇ ଆସିଛନ୍ତି ଏ ପର୍ଯ୍ୟନ୍ତ ।

ଦୁଃଖର କଥା, ସହରାଞ୍ଚଳରେ ଇଂରାଜୀ ଭାଷାର ସମ୍ବାଦପତ୍ରଗୁଡ଼ିକର ପ୍ରସାର ସଂଖ୍ୟା ଅଧିକାଂଶ କ୍ଷୁଦ୍ର ଓଡ଼ିଆ ସମ୍ବାଦପତ୍ରମାନଙ୍କର ପ୍ରସାର ସଂଖ୍ୟାଠାରୁ ଢେର ବେଶୀ । ଏଥିପ୍ରତି କେଉଁ ଓଡ଼ିଆ ସଚେତନ କି ? ଇଂରାଜୀ ସମ୍ବାଦପତ୍ରର ପ୍ରଭାବ ସବୁ ଅଞ୍ଚଳରେ ନଥିଲେ ହେଁ ଜଣେ ବ୍ୟକ୍ତିର ନାମ ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶ ପାଇବାର ଦେଖିଲେ ସେ ଅଧିକ ଆନନ୍ଦିତ ହୋଇଥାଏ । ଓଡ଼ିଆ ଭାଷାରେ ଦୋକାନର ନାମ ଫଳକ ଓ ହୋଡ଼ିଂ ପ୍ରଭୃତି ରହିବ ବୋଲି ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ମଧ ତାକୁ ମାନୁଛି ବା କିଏ ?

ଏ କଥା ସତ ଯେ ଇଂରାଜୀ ଭାଷା ଆନ୍ତର୍ଜାତୀୟ କ୍ଷେତ୍ରରେ ଏକ ସଂଯୋଗକାରୀ ଭାଷା (link language) ହୋଇଥିବାରୁ, ଆମେ ଶିକ୍ଷିତ ଓ ସଚେତନ ତଥା ଚାକିରିଜୀବୀ ଓ ବ୍ୟବସାୟୀ ଓଡ଼ିଆମାନେ ଇଂରାଜୀ ଭାଷା ଉପରେ ଅଧିକ ନିର୍ଭରଶୀଳ । ମାତ୍ର ଶିକ୍ଷିତ ଓଡ଼ିଆ ବା ଛାତ୍ରଛାତ୍ରୀମାନେ ହିନ୍ଦୀ ସିନେମା ବା ସିରିଆଲ ଦେଖି ହିନ୍ଦୀ ଭାଷା ଉପରେ କିମ୍ବା ଇଂରଂଜୀ ଭାଷା ଉପରେ (ଇଂରାଜୀ ମାଧମରେ କଲେଜ ବା ସ୍କୁଲ ଶିକ୍ଷାଦାନ ବ୍ୟବସ୍ଥା ଥିବାରୁ) ଗୁରୁତ୍ୱାରୋପ କରି ଆପଣାର ମାତୃଭାଷାକୁ ପାଶୋରି ପକାଇଥାନ୍ତି ।

ଆମେ ଇଣ୍ଟରନେଟ୍ ଓ କମ୍ପ୍ୟୁଟର ଯୁଗରେ ଆସି ପହଞ୍ଚି ଥିଲେ ମଧ୍ୟ ଆମ ଭାଷାକୁ ସେ ପର୍ଯ୍ୟନ୍ତ ପୂରାପୂରି ନେଇ ପାରିନାହୁଁ । ଅଥଚ ରୁଷ, ଚୀନ, ଜାପାନ, ଜର୍ମାନ ଓ ଫ୍ରାନ୍ସ ପ୍ରଭୃତି ରାଷ୍ଟ୍ର ଇଂରାଜୀ ଭାଷା ଉପରେ ଆମପରି ଅଧିକ ନିର୍ଭରଶୀଳ ନହୋଇ ମଧ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇପାରିଛନ୍ତି ।

ବିଭିନ୍ନ ସରକାରଙ୍କ ସମୟରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ଘୋଷଣା କରାଯାଇଛି ଏକାଧିକ ବାର । ମାତ୍ର ଏବେ ବି ସରକାରୀ ଦପ୍ତରମାନଙ୍କରେ ଇଂରାଜୀ ଭାଷାର ବହୁଳ ପ୍ରଚଳନ ଦେଖିବାକୁ ମିଳିଥାଏ । ଦୋଷ ସରକାରଙ୍କର ନୁହେଁ, ଦୋଷ ଆମ ଓଡ଼ିଆମାନଙ୍କ ମନୋବୃତ୍ତିର ।

ଅତୀତର ସେହି ଘଟଣାକୁ ସ୍ମରଣ କଲେ ବିସ୍ମିତ ହେବାକୁ ପଡ଼େ । ଓଡ଼ିଶାର ପୂର୍ବତନ ଗଡ଼ଜାତ ବା ଦେଶୀୟ ରାଜ୍ୟମାନଙ୍କରେ ଓଡ଼ିଆ ହିଁ ସରକାରୀ ଭାଷା ଥିଲା । ତତ୍କାଳୀନ ୨୬ଟି ଗଡ଼ଜାତରେ ଓଡ଼ିଆ ଭାଷା ରାଜ ଦରବାରର ଭାଷା ଥିଲେ ହେଁ ବାମଣ୍ଡା ରାଜ୍ୟ ସେ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । (ଏବର ଦେବଗଡ଼ ଓ କୁଚିଣ୍ଡା ମିଶି ସେତେବେଳେ ବାମଣ୍ଡା ରାଜ୍ୟ ଥିଲା) ବାମଣ୍ଡାର ଦେବଗଡ଼ଠାରେ ଯେଉଁ 'ଜଗନ୍ନାଥ ବଲ୍ଲଭ' ପ୍ରେସ୍ ଥିଲା, ୧୮୮୦

ମସିହାରେ ସେଠାରେ ଓଡ଼ିଆ ଭାଷାରେ ମୁଦ୍ରଣ କାର୍ଯ୍ୟ ଚାଲିଥିଲା । ଇଂରାଜୀ ଭାଷାରେ ଛପା ହେବାକୁ ଥିବା ଓଡ଼ିଶାର କାଗଜପତ୍ର ସବୁ କଲିକତା ବା ରାୟପୁରକୁ ପଠାଯାଉଥିଲେ ମଧ୍ୟ ଓଡ଼ିଶା କାଗଜପତ୍ର ସବୁ ଦେବଗଡ଼ର ସେହି 'ଜଗନ୍ନାଥ ବଲ୍ଲଭ' ପ୍ରେସ୍‌ରେ ହିଁ କରାଯାଉଥିଲା ।

କିଛି ବର୍ଷ ପୂର୍ବେ ଓଡ଼ିଆ ସମ୍ବାଦପତ୍ର ବା ପତ୍ରପତ୍ରିକାରେ ପ୍ରକାଶ ପାଇବାକୁ ଥିବା ଫଟୋ ସବୁର ବ୍ଲକ୍ ପ୍ରସ୍ତୁତ କରିବାକୁ ଆମକୁ କଲିକତା ମହାନଗରକୁ ଯିବାକୁ ହେଉଥିଲା । ଏବେ ଅଫସେଟ୍ ପ୍ରେସ୍‌ରେ ଆଉ ହାତରେ ଅକ୍ଷର ଖଞ୍ଜି ମୁଦ୍ରଣ କରିବାର ବା ବ୍ଲକ୍ ଯୋଗେ ଫଟୋ ଛାପିବାର ଯୁଗ ବଦଳି ଗଲାଣି । ଇଣ୍ଟରନେଟ୍ ଓ ମୋଡ଼େମ୍ ପ୍ରଭୃତିର ପ୍ରଚଳନ ଫଳରେ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ବା ଆଞ୍ଚଳିକ ଭାଷାର ଟିଭି ଚାନେଲ ପ୍ରଭୃତିର ପ୍ରଭୂତ ଉନ୍ନତି ଘଟିଛି । କିନ୍ତୁ ଓଡ଼ିଆ ଭାଷାର ଶୁଦ୍ଧତା ଲେଖାରେ ବା କଥିତ ଭାଷାରେ ପରିଲକ୍ଷିତ ହେଉନାହିଁ । କେତେକ ଟିଭି ଚାନେଲରେ ଓଡ଼ିଆ ଭାଷାର ପ୍ରସାରଣ ସମୟରେ ଯେପରି ବହୁଳ ଇଂରାଜୀ ଶବ୍ଦର ପ୍ରଚଳନ ହେଉଛି ବା ହିନ୍ଦୀର ପ୍ରଭାବ ପଡୁଛି - ତାହା ଶିକ୍ଷିତ ଓ ସଚେତନ ଓଡ଼ିଆଙ୍କୁ ଅରୁଚିକର ମନେ ହେଉଥିଲେ ମଧ୍ୟ କିଛି ପଦକ୍ଷେପ ସେ ଦିଗରେ କେହି ନେଇ ପାରୁନାହାନ୍ତି । ତାହା ହିଁ ଦୁର୍ଭାଗ୍ୟ ଓଡ଼ିଆମାନଙ୍କର ।

ଡି.-୧୦/୫
ୟୁନିଟ୍-୮, ଭୁବନେଶ୍ୱର

---

## କେବଳ ମହିଳାଙ୍କଦ୍ୱାରା ପୁସ୍ତକ ମେଳା :
## ପ୍ରତିଭାବାନ୍ ଯୁବ ଲେଖକ ଓ ପ୍ରକାଶକଙ୍କୁ ପୁରସ୍କୃତ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଏକାଦଶ କଳିଙ୍ଗ ପୁସ୍ତକମେଳାକୁ ଗତ ନଭେମ୍ବର ୧ ତାରିଖରେ ଉଦ୍‌ଘାଟନ କରିଛନ୍ତି । ଶିଶୁ ମହୋତ୍ସବ ଫାଉଣ୍ଡେସନଦ୍ୱାରା ଏହି ମେଳାର ଆୟୋଜନ କରାଯାଇଛି । ନିଜ ଅଭିଭାଷଣରେ ଶ୍ରୀ ଭଣ୍ଡାରେ କହିଲେ ଯେ, ପ୍ରତିଷ୍ଠିତ ଲେଖକମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯିବା ସୁଖର କଥା, ତେବେ ପ୍ରତିଭାବାନ ଯୁବ ଲେଖକ ଓ ପ୍ରକାଶକମାନଙ୍କୁ ପୁରସ୍କୃତ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ । ଫଳରେ ଯୁବ ଲେଖକମାନେ ଉଚ୍ଚକୋଟୀର ସାହିତ୍ୟ ରଚନାରେ ବ୍ରତୀ ହେବେ ।

କେବଳ ମହିଳାମାନଙ୍କଦ୍ୱାରା ଚଳିତ ପୁସ୍ତକ ମେଳା ଆୟୋଜିତ ହେଉଥିବା ଜାଣି ଆନନ୍ଦ ପ୍ରକାଶ କରିବା ସହିତ ଶ୍ରୀ ଭଣ୍ଡାରେ କହିଲେ ଯେ, ବୁଦ୍ଧିମତ୍ତା ଓ ମସ୍ତିଷ୍କ ଶକ୍ତିରେ ମହିଳାମାନେ ପୁରୁଷମାନଙ୍କଠାରୁ ଆଗୁଆ । ଯେକୌଣସି ପରୀକ୍ଷା ଫଳର ତାଲିକା ଦେଖିଲେ ସ୍ପଷ୍ଟ ହୁଏ ଯେ, ପ୍ରଥମ ଦଶଟି ସ୍ଥାନରୁ ଝିଅମାନେ ସାତଟି ସ୍ଥାନ ନେଇଯାଉଛନ୍ତି । ଯୁଗ ଥିଲା, ଶାରୀରିକ ଶକ୍ତିବଳରେ ପୁରୁଷ ଆଗରେ ଥିଲା । ଏବେ ସେସମୟ ଚାଲିଯାଇଛି । ବର୍ତ୍ତମାନର ଜ୍ଞାନ ଯୁଗରେ ଯାହାର ବୁଦ୍ଧି ଅଧିକ, ସେ ଆଗୁଆ । ସୁଖର କଥା, ମହିଳାମାନେ ଏବେ ନିଜ ପ୍ରତିଭା ବଳରେ ରଚିତ ସ୍ଥାନ ଦଖଲ କରୁଛନ୍ତି । ତେବେ ପରିସ୍ଥିତିରୁ ଫାଇଦା ଉଠାଇବାକୁ ହେଲେ ମହିଳାମାନେ ବିଶେଷତଃ ଆଦିବାସୀ ମହିଳାମାନେ ଶିକ୍ଷିତା ହେବା ଆବଶ୍ୟକ ।

ଓଡ଼ିଶାରେ ଶିଶୁ ଶିକ୍ଷା ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ମତ ଦେଇ ମାନ୍ୟବର ରାଜ୍ୟପାଳ କହିଲେ ଯେ, ରାଜ୍ୟରେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ । ପିଲାମାନେ ପୃଷ୍ଟିହୀନତାର ଶିକାର ହେବା ଓ ଠିକ୍ ସମୟରେ ଶିକ୍ଷାଲାଭ ପାଇଁ ସୁଯୋଗ ନପାଇବା ଦୁଃଖଦାୟକ ବୋଲି ମତଦେଇ କହିଲେ ଯେ, ପିଲାମାନେ ସମାଜର ଭବିଷ୍ୟତ । ସେମାନଙ୍କର ଯଥାଯଥ ଯତ୍ନ ନିଆ ଗଲେ ଓଡ଼ିଶାର ବିକାଶ ସୁନିଶ୍ଚିତ କରାଯାଇ ପାରିବ । ଏଗାର ବର୍ଷ ଧରି ସଫଳତାର ସହ ପୁସ୍ତକମେଳା ଚଳାଇଥିବାରୁ ଫାଉଣ୍ଡେସନକୁ ସେ ସାଧୁବାଦ ଜଣାଇବା ସହ ପୁସ୍ତକ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।


ସମ୍ବାଦର ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ବହୁ ଘାତ ପ୍ରତିଘାତ ମଧ୍ୟରେ ଏ ପୁସ୍ତକମେଳା ପ୍ରତିଷ୍ଠିତ ହେବା ସୁଖର କଥା । ଏବେ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ସର୍ବତ୍ର ପୁସ୍ତକମେଳା ହେବା ଶୁଭ ସୂଚନା ବୋଲି ସେ ମତ ଦେଇଥିଲେ । ସେ କହିଥିଲେ ଯଦି ରାଜ୍ୟରେ ଦୁଇ କୋଟି ସାକ୍ଷର ଥାଆନ୍ତି, ତେବେ ସେମାନଙ୍କ ମଧ୍ୟରୁ ମାତ୍ର ଚାଳିଶ ଲକ୍ଷ ଖବରକାଗଜ ପଢୁଛନ୍ତି ଓ କିଣୁଛନ୍ତି । ସେହିମାନେ ହିଁ ପୁସ୍ତକ କିଣୁଛନ୍ତି । ବାକି ଦେଢ଼କୋଟି ଲୋକ କିପରି ପୁସ୍ତକ ପ୍ରତି ଆକୃଷ୍ଟ ହେବେ, ସେ ଦିଗରେ ପଦକ୍ଷେପ ନିଆଯିବା ଦରକାର ।

ଉତ୍ସବରେ ସଭାପତିତ୍ୱ କରି ପ୍ରସିଦ୍ଧ ଲେଖିକା ପ୍ରତିଭା ରାୟ କହିଲେ ଯେ, ପୁସ୍ତକ ଜଣକର ଯାତ୍ରା ଜୀବନର ବନ୍ଧୁ । ତେଣୁ ଜଣେ ପିଲାକୁ ଖୁବ୍ ପିଲାଦିନୁ ବହିକୁ ଭଲ ପାଇବା ପାଇଁ ଶିଖାଇବା ଉଚିତ । ତେବେ ସେ ଅଭ୍ୟାସ ପିଲାଟିର ସବୁଦିନ ପାଇଁ ରହିଯିବ । ପୁସ୍ତକମେଳାର ଆବଶ୍ୟକତା ଓ ଉପକାରିତା ସଂପର୍କରେ ସେ ଆଲୋକପାତ କରିଥିଲେ ।

ରାଜ୍ୟପାଳ ଏହି ଅବସରରେ ଡଃ ପ୍ରତିଭା ରାୟଙ୍କ ପୁସ୍ତକ 'ମହାରାଣୀ ପୁତ୍ର' ଉନ୍ମୋଚିତ କରିଥିଲେ । ରାଜ୍ୟପାଳ ମଧ୍ୟ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ପୁସ୍ତକମେଳା କମିଟିର ସଂପାଦିକା ରେଣୁକା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଯୋଜକ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଶିଶୁମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବିପ୍ଳବୀ ଜୟୀ ରାଜଗୁରୁ

**ସା**ରା ଦେଶରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ଏ ରାଜ୍ୟ ଜଗନ୍ନାଥ ଦେଶ ନାମରେ ନାମିତ । ଓଡ଼ିଶାର ଗଜପତିଙ୍କୁ ଜନସାଧାରଣ ଚଳନ୍ତି ବିଷ୍ଣୁ ରୂପେ ସମ୍ମାନ କରନ୍ତି । ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାରେ ହିଁ ଆରମ୍ଭ ହୋଇଥିଲା । ଓଡ଼ିଶାର ବିଭବ ପ୍ରତି ଆକୃଷ୍ଟ ହୋଇ ମୋଗଲ, ମରହଟ୍ଟା ଓ ଇଂରେଜମାନେ ବାରମ୍ବାର ଆକ୍ରମଣ କରିଛନ୍ତି । କିନ୍ତୁ ବୀରପୁତ୍ରମାନଙ୍କ ଦ୍ୱାରା ବିଭୂଷିତ ଓଡ଼ିଶା ତା'ର ସଠିକ୍ ଜବାବ ଦେଇଛି । ଏ ଦେଶ ପାଇଁ ଓ ମାଟିମାଆର ସମ୍ମାନ ରକ୍ଷା କରିବା ପାଇଁ ବହୁ ବୀର ବରପୁତ୍ରମାନେ ନିଜ ଜୀବନ ଉତ୍ସର୍ଗ କରିଯାଇଥିବାବେଳେ ଉତ୍କଳ ମାଟିର ଭୀଷ୍ମ, ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ତଥା ଖୋର୍ଦ୍ଧା ବିଦ୍ରୋହର ମହାନାୟକ ଜୟୀ ରାଜଗୁରୁ ଥିଲେ ଅନ୍ୟତମ । ସେ ଏକାଧାରରେ ଖୋର୍ଦ୍ଧା ରାଜାଙ୍କର ମହାମନ୍ତ୍ରୀ, ସେନାଧ୍ୟକ୍ଷ ତଥା ରାଜଗୁରୁ ଭାବେ କାର୍ଯ୍ୟ କରୁଥିଲେ ।



ଶ୍ରୀକ୍ଷେତ୍ର ପୁରୀଠାରୁ ମାତ୍ର ୫ କି.ମି. ଦୂରରେ ବୀରହରେକୃଷ୍ଣପୁର ଶାସନରେ ୧୭୩୯ ମସିହା କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଁଳା ନବମୀ ତିଥିରେ ଏକ ବିଶିଷ୍ଟ ପଣ୍ଡିତ କୁଳିନ ବ୍ରାହ୍ମଣ ପରିବାରରେ ଚାନ୍ଦ ରାଜଗୁରୁ ଓ ହାରାମଣି ଦେବୀଙ୍କ କୋଳ ମଣ୍ଡନ କରିଥିଲେ ଜୟୀ ରାଜଗୁରୁ । ତାଙ୍କର ପୂରା ନାମ ହେଉଛି ଜୟକୃଷ୍ଣ ରାଜଗୁରୁ । ସୁବିଖ୍ୟାତ ସ୍ମୃତି ଶାସ୍ତ୍ର ଗଦାଧର ପଦ୍ଧତିର ପ୍ରଣେତା ସାମନ୍ତ ଗଦାଧର ରାଜଗୁରୁ ଜୟୀରାଜଗୁରୁଙ୍କ ପିତାମହ ଥିଲେ । ପିଲାଟି ଦିନରୁ ଜୟୀଙ୍କ ଉପରେ ପରିବାରବର୍ଗଙ୍କର ଅଖଣ୍ଡ ପ୍ରଭାବ ପଡ଼ିଥିଲା । ପିତା ଏବଂ ପିତାମହ ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ଥିବାରୁ ପିଲାଟି ଦିନରୁ କୁସ୍ତିକସରତ କରିବା, ଯୁଦ୍ଧ ବିଦ୍ୟାଶିକ୍ଷା କରିବା, ଘୋଡ଼ା ଚଢ଼ିବା ସହ ରାଜନୀତିରେ ମଧ୍ୟ ସେ ଦକ୍ଷତା ହାସଲ କରିଥିଲେ । ସଦ୍ ବଂଶଜ ଜୟୀ ରାଜଗୁରୁ ବଂଶ ପରମ୍ପରାରେ କେବଳ ରାଜ ପୁରୋହିତ ନଥିଲେ, ସେ ଜ୍ଞାନୀ, ମାନୀ, ନାନା ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା, ନିପୁଣ ଗୁଣଗ୍ରାହୀ ରୂପେ ମଧ୍ୟ ପ୍ରଶଂସିତ ହୋଇଥିଲେ ।

ଜୟକୃଷ୍ଣ ସ୍ୱୀୟ ବଂଶ ପରମ୍ପରା ଓ କୌଳିକ ପ୍ରଥାକ୍ରମେ ଶୈଶବ ଜୀବନ ଅତିବାହିତ କରିବା ପରେ ପୁରୀର ସଂସ୍କୃତ ପଣ୍ଡିତମାନଙ୍କଠାରୁ ସଂସ୍କୃତ ବିଦ୍ୟା ଅର୍ଜନ କରିଥିଲେ । ଏହି ସମୟରେ ବିଭିନ୍ନ ସାଧୁସନ୍ଥମାନଙ୍କ ସଂସ୍ପର୍ଶରେ ଆସି ମାତୃଭୂମିର ସେବାପାଇଁ ସାରା ଜୀବନ ଅବିବାହିତ ରହିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଜୟୀ ରାଜଗୁରୁ ଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ସନାତନ ଧର୍ମ ତଥା ଜଗନ୍ନାଥ ଧର୍ମ ରକ୍ଷା ପାଇଁ ସେ ପୁରୀର କେତକୀଝରଠାରେ ହୋଇଥିବା ସନ୍ଥ ସମ୍ମିଳନୀରେ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଯୋଗ୍ୟତାର ସହିତ ଦିବ୍ୟସିଂହ ଦେବଙ୍କ ରାଜସଭାରେ ୧୭୮୦ ମସିହାରେ ୪୧ ବର୍ଷ ବୟସରେ ରାଜଗୁରୁ ତଥା ମନ୍ତ୍ରୀ ଭାବରେ ପ୍ରତିଷ୍ଠିତ ହେଲେ । ତାଙ୍କର ପରିଚାଳନାଗତ ଦକ୍ଷତା ଆସିଗଲା ପରେ ଯୁବକ ଜୟକୃଷ୍ଣଙ୍କୁ ଆପଣାର କରିବା ପାଇଁ ବହୁ ସାମନ୍ତ ରାଜା ମଧ୍ୟ ଚେଷ୍ଟିତ ଥିଲେ । ଜୟକୃଷ୍ଣଙ୍କ ଅଶେଷ କ୍ଷମତାଶାଳୀ ମନୋବୃତ୍ତିରେ ମୁଗ୍ଧ ହୋଇ ତାଙ୍କୁ ଆଠଗଡ଼ର ରାଜା ଧନଞ୍ଜୟ ହରିଚନ୍ଦନ ଜଗଦ୍ଦେବ ତାଙ୍କ ରାଜସଭାକୁ ନେଇ ଯିବା ପାଇଁ ବହୁତ ଉଦ୍ୟମ କରିଥିଲେ । ମାତ୍ର ଦିବ୍ୟସିଂହ ଦେବଙ୍କ ରାଜସଭାରେ ତାଙ୍କ ମନ୍ତ୍ରିତ୍ୱ ପ୍ରତିଷ୍ଠିତ ହେବାରୁ ସେ ରାଜ୍ୟର ସର୍ବବିଧ ମଙ୍ଗଳ ତଥା ନିଜର ପ୍ରତିଭା ବିକାଶ କରାଇବାରେ ବ୍ରତୀ ହେଲେ । ପୂର୍ବରୁ ମରହଟ୍ଟା କବଳିତ ଅଞ୍ଚଳଗୁଡ଼ିକରୁ ଆଦାୟ ରାଜସ୍ୱରୁ ଶ୍ରୀଜଗନ୍ନାଥଙ୍କର ସେବାପୂଜା, ପର୍ବପର୍ବାଣି, ଯାନିଯାତ୍ରା ପାଇଁ କୌଣସି ଅର୍ଥ ବିନିଯୋଗ ହେଉନଥିଲା । ମାତ୍ର ଜୟୀ ରାଜଗୁରୁଙ୍କ ଉଦ୍ୟମରେ ମରହଟ୍ଟାମାନେ ଶ୍ରୀଜଗନ୍ନାଥଙ୍କ ସେବାପୂଜା, ଯାନିଯାତ୍ରା ପାଇଁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ରାଜ୍ୟରେ ଖାଲି ପଡ଼ିଥିବା ଜମିଗୁଡ଼ିକୁ ସେନାବାହିନୀରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କ ପରିବାରଙ୍କୁ ଚାଷ ନିମନ୍ତେ ମାଗଣାରେ ଯୋଗାଇ ଦେଇଥିଲେ । ଫଳତଃ ମାଗଣାରେ ଜମି ପାଇ କୃଷି କରି ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବା ସହିତ ରାଜ୍ୟର ସୁରକ୍ଷା ପାଇଁ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ବଢ଼ିଥିଲା ଏବଂ ପ୍ରାୟତଃ ପ୍ରତି ପରିବାରରୁ ଜଣେ ଲେଖାଏଁ ସୈନ୍ୟବାହିନୀରେ ଯୋଗଦେଉଥିଲେ ।

ଏହି ଭଳି ଭାବେ ଜୟୀ ରାଜଗୁରୁ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପମାନ ଗ୍ରହଣ କରି ରାଜ୍ୟର ସୈନ୍ୟବଳ ବୃଦ୍ଧି କରିପାରିଥିଲେ ଏବଂ ଓଡ଼ିଶାରେ ଉତ୍କଳ ରାଜବଂଶର ପ୍ରତିଷ୍ଠା ବଢ଼ାଇବା ପାଇଁ ଉଦ୍ୟମ କରି ବରୁଣାଇଗଡ଼କୁ ସୁଦୃଢ଼ କରିବାକୁ ଲାଗିଲେ । ସେହିଠାରେ ବାସ କରି ଖୋର୍ଦ୍ଧା ଅଞ୍ଚଳରେ ପାଇକ ଜାଗରଣ ପାଇଁ ପ୍ରବଳ ଉଦ୍ୟମ ଆରମ୍ଭ କଲେ । ସେ ପାଇକମାନଙ୍କର ଜାଗରଣ ନିମନ୍ତେ ସମସ୍ତ ପାଇକ ଗ୍ରାମକୁ ପଦବ୍ରଜରେ ଭ୍ରମଣ କରି ସେମାନଙ୍କୁ ଯୁଦ୍ଧ ନିମନ୍ତେ ସଂଗଠିତ କରୁଥିଲେ ଏବଂ ସେମାନଙ୍କ ମନୋବଳ ଦୃଢ଼ କରିବା ପାଇଁ ବିଭିନ୍ନ ପ୍ରୋତ୍ସାହନ ଦେଉଥିଲେ । ଜୟୀ ରାଜଗୁରୁ ପାଇକମାନଙ୍କ ମଧ୍ୟରେ ଦେଶ ପାଇଁ ଜାଗରଣ ଭାବନା ସୃଷ୍ଟି କରି ଇଂରେଜମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବା ନିମନ୍ତେ ଯେପରି ସାଧନା କରିଥିଲେ, ତାହା ତାଙ୍କର ଅପୂର୍ବ ଚିନ୍ତାଶକ୍ତିର ପରିଚୟ ପ୍ରଦାନ କରେ । ସେ ଅକ୍ଳାନ୍ତ ପରିଶ୍ରମ କରି ପାଇକ ଆଖଡ଼ାମାନ ସଂଗଠନ କରି ନିଜେ ସମର ବିଦ୍ୟା ଶିଖାଇଥିଲେ । ତାଙ୍କରି ଉଦ୍ୟମରେ ଓଡ଼ିଶାର ଚାରିଆଡ଼େ ପାଇକ ଜାଗରଣ ଦେଖା ଦେଇଥିଲା । ରୋଡ଼ଙ୍ଗର ବକ୍ସି ଦିଗମ୍ବର ଭୂୟାଁ, ବାଲିସୁନ୍ଦର ପ୍ରମୁଖ ବ୍ୟକ୍ତିମାନେ ଜୟୀ ରାଜଗୁରୁଙ୍କୁ ସାହାଯ୍ୟ କରି ଜାଗରଣର ନେତୃତ୍ୱ ନେଇଥିଲେ । ଏ ଆନ୍ଦୋଳନ ଗୁପ୍ତ ଭାବରେ ସମଗ୍ର ଓଡ଼ିଶାରେ ଦେଖା ଦେଇଥିଲା ଓ କରଦ ରାଜ୍ୟମାନେ ସ୍ଥାନେ ସ୍ଥାନେ ବିଦ୍ରୋହ ଆରମ୍ଭ କଲେ । ଉକ୍ତ ବିଦ୍ରୋହ ମଧ୍ୟରୁ ଢେଙ୍କାନାଳ ଓ ସମ୍ବଲପୁର ବିଦ୍ରୋହ ଅନ୍ୟତମ ।

ବୀର କିଶୋର ଦେବଙ୍କ ମୃତ୍ୟୁ ପରେ ଦ୍ୱିତୀୟ ମୁକୁନ୍ଦ ଦେବ ସିଂହାସନ ଆରୋହଣ କଲେ । ତାଙ୍କ ସମୟକୁ ଖୋର୍ଦ୍ଧା ଥାଏ ଭାରତର ଶେଷ ସ୍ୱାଧୀନ ଦୁର୍ଗ । ପୂର୍ବରୁ ଇଂରେଜ ସରକାର ଗଞ୍ଜାମ ଏବଂ ବାଲେଶ୍ୱର ଅଧିକାର କରିଥିଲେ । ଇଂରେଜ ଅଧିକୃତ ଗଞ୍ଜାମରୁ କଟକ ଓ ବାଲେଶ୍ୱର ମଧ୍ୟରେ ସଂଯୋଗ ସ୍ଥାପନ, ସୈନ୍ୟ ଚାଳନା ଓ ଗମନାଗମନ ପାଇଁ ଖୋର୍ଦ୍ଧା ରାଜ୍ୟ ଦେଇ ଏକ ରାସ୍ତାର ଆବଶ୍ୟକତା ଥିଲା । ଏଣୁ କର୍ଣ୍ଣେଲ ହାରକୋର୍ଟ ଓ ଖୋର୍ଦ୍ଧା ରାଜାଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ (୧) ଇଂରେଜମାନେ ଖୋର୍ଦ୍ଧା ରାଜ୍ୟ ଦେଇ ତାଙ୍କର ସମସ୍ତ ସୈନ୍ୟ ଚାଳନା ଏବଂ ଯାତାୟାତ ନିରାପଦରେ କରିପାରିବେ (୨) ଏଥିପାଇଁ ଇଂରେଜମାନେ ଖୋର୍ଦ୍ଧା ରାଜାଙ୍କୁ ଏକ ଲକ୍ଷ ଟଙ୍କା ନଗଦ ଦେବେ ଏବଂ ମରହଟ୍ଟା କବଳିତ ପ୍ରଗଣା (ରାହଙ୍ଗ, ସରାଇ, ଚବିଶକୁଦ ଓ ଲୁମ୍ବାଇ)ଗୁଡ଼ିକୁ ପୁନରୁଦ୍ଧାର କରି ଖୋର୍ଦ୍ଧା ରାଜାଙ୍କୁ ଫେରାଇ ଦେବେ । ଦୀର୍ଘ ଦିନ ଧରି ଆଶାୟୀ ଥିବା ମୁକୁନ୍ଦ ଦେବଙ୍କ ପାଇଁ ଏହା ଥିଲା ସୁବର୍ଣ୍ଣ ସୁଯୋଗ । ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କ ଅଜ୍ଞାତରେ ମୁକୁନ୍ଦ ଦେବ ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । ଜୟୀ ରାଜଗୁରୁ ଜାଣିବା ପରେ ରାଜାଙ୍କୁ ଚେତାଇ ଦେଲେ ଯେ, ଇଂରେଜମାନେ ବିଶ୍ୱାସଘାତକତା କରିବେ । ମାତ୍ର ପ୍ରଗଣା ଫେରି ପାଇବା ପାଇଁ ମୁକୁନ୍ଦ ଦେବଙ୍କ ଆଶା ଆକାଂକ୍ଷା ନିକଟରେ ଜୟୀ ରାଜଗୁରୁଙ୍କ ପରାମର୍ଶ ହାର ମାନିଥିଲା । ବାସ୍ତବରେ ତାହା ହିଁ ଘଟିଥିଲା । କର୍ଣ୍ଣେଲ ହାରକୋର୍ଟ ମୁକୁନ୍ଦ ଦେବଙ୍କ ପାଖକୁ ଖବର ପଠାଇଲେ ଯେ ପ୍ରଗଣା ଫେରା ଯିବ ନାହିଁ । ଏହିପରି କୂଟନୀତି ପ୍ରୟୋଗ କରି ଇଂରେଜମାନେ ଖୋର୍ଦ୍ଧା ରାଜାଙ୍କ ସହ ଭବିଷ୍ୟତରେ ଏକ ଯୁଦ୍ଧର ବୀଜ ରୋପଣ କଲେ । ଇଂରେଜମାନଙ୍କ ଏତାଦୃଶ କାର୍ଯ୍ୟକଳାପରେ ରାଜା ମୁକୁନ୍ଦ ଦେବ ମର୍ମାହତ ହୋଇ ଜୟୀ ରାଜଗୁରୁଙ୍କ ପରାମର୍ଶ ଲୋଡ଼ିଲେ । ରାଜଭକ୍ତ ଜୟୀ ରାଜଗୁରୁ ଅତୀତର ଚିନ୍ତା ନକରି ରାଜାଙ୍କ ସହ ମିଶି ବର୍ତ୍ତମାନ ଓ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ସ୍ଥିର କଲେ ଏବଂ ଚାରୋଟି ପ୍ରଗଣା ନିମନ୍ତେ ଆବଶ୍ୟକ ପଡ଼ିଲେ ଯୁଦ୍ଧ କରିବାକୁ ହେବ ବୋଲି ସେମାନେ ସ୍ଥିର କଲେ ।

ଜୟୀ ରାଜଗୁରୁଙ୍କ ପରାମର୍ଶକ୍ରମେ ମୁକୁନ୍ଦ ଦେବ ଇଂରେଜ ପ୍ରଶାସକଙ୍କର ଆଦେଶଗୁଡ଼ିକୁ ଗୋଟିକ ପରେ ଗୋଟିଏ ଅବମାନନା କରି ଚାଲିଲେ । ମରହଟ୍ଟାମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ଇଂରେଜମାନଙ୍କ ସହ ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ହୋଇ ଖୋର୍ଦ୍ଧା ପାଇକମାନେ ୧୮୦୪ ମସିହା ଅକ୍ଟୋବର ମାସରେ ପିପିଲିଠାରେ ଇଂରେଜ ଶାସନାଧୀନ କେତେକ ଅଞ୍ଚଳ ଉପରେ ପ୍ରଥମେ ଆକ୍ରମଣ କରି ବହୁ କ୍ଷତି ଘଟାଇଲେ । କ୍ରମଶଃ ଏହା ଅତି ଭୟଙ୍କର ରୂପ ଧାରଣ କଲା । କର୍ଣ୍ଣେଲ ହାରକୋର୍ଟ ଏକାକୀ ବୀର ପାଇକମାନଙ୍କୁ ପ୍ରତିରୋଧ କରି ନପାରିବାରୁ ୧୮୦୫ ମସିହା ଜାନୁଆରୀ ମାସରେ ମାନ୍ଦ୍ରାଜ ସେନାବାହିନୀର ମେଜର ଫ୍ଲେଚରଙ୍କୁ ଡକାଇ ଖୋର୍ଦ୍ଧାଗଡ଼କୁ ଅଧିକାର କରିବା ପାଇଁ ଯୋଜନା କଲେ । ଉଭୟ ପକ୍ଷର ସେନାବାହିନୀଙ୍କ ମଧ୍ୟରେ ପ୍ରାୟ ତିନି ସପ୍ତାହ ଧରି ଘମାଘୋଟ ଯୁଦ୍ଧ ଲାଗି ରହିଥିଲା । ଖୋର୍ଦ୍ଧା ଦୁର୍ଗର ପାଇକମାନେ ଖୁବ୍ ବୀରତ୍ୱର ସହିତ ସେମାନଙ୍କର ମୁକାବିଲା କଲେ । କିନ୍ତୁ ଇଂରେଜମାନଙ୍କ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସାମନାରେ ବେଶୀ ଦିନ ତିଷ୍ଠି ପାରି ନଥିଲେ । ଡ଼ିସେମ୍ବର ୪ ତାରିଖ ଦିନ ଇଂରେଜମାନେ ଭାରତର ଶେଷ ସ୍ୱାଧୀନ ଦୁର୍ଗକୁ ଅକ୍ତିଆର କରି ନେଲେ । ସେତେବେଳକୁ ଜୟୀ ରାଜଗୁରୁ ଏବଂ ରାଜା ମୁକୁନ୍ଦ ଦେବ ଦୁର୍ଗ ଛାଡ଼ି ପଳାୟନ କରିଥାନ୍ତି । ଡ଼ିସେମ୍ବର ୫ ତାରିଖ ଦିନ ଇଂରେଜମାନେ ଦୁର୍ଗ ଅଧିକାର କରି ମୁକୁନ୍ଦ ଦେବ ଖୋର୍ଦ୍ଧାର ରାଜା ନୁହନ୍ତି ବୋଲି ଘୋଷଣା କଲେ ଏବଂ ଜୟୀ ରାଜଗୁରୁଙ୍କୁ ଧରିବା ପାଇଁ ପଦକ୍ଷେପ ନେଲେ । ପରିଶେଷରେ ବହୁତ କଠିନ ପରିଶ୍ରମ ପରେ ଜୟୀ ରାଜଗୁରୁଙ୍କୁ ଇଂରେଜମାନେ ଧରିବାରେ ସକ୍ଷମ ହେଲେ । ତାଙ୍କୁ ଯେତେବେଳେ କର୍ଣ୍ଣେଲ୍ ହାର୍‌କୋର୍ଟଙ୍କ ସମ୍ମୁଖକୁ ନିଆଗଲା, ସେତେବେଳେ କର୍ଣ୍ଣେଲ ତାଙ୍କୁ ପଚାରିଲେ ଯେ ''ଏ ପର୍ଯ୍ୟନ୍ତ ଯାହାସବୁ ଘଟିଗଲା ସେଥିପାଇଁ ଦାୟୀ କିଏ ?'' ରାଜଭକ୍ତ ଜୟୀ ରାଜଗୁରୁ ସେ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ ''ରାଜା ନାବାଳକ ତେଣୁ ଯାହା ସବୁ ଘଟି ଯାଇଛି ସେଥିପାଇଁ ସେ ନିଜେ ହିଁ ଦାୟୀ ।'' ରାଜା ମୁକୁନ୍ଦ ଦେବଙ୍କୁ ଇଂରେଜମାନେ ବନ୍ଦୀ କରି ବାରବାଟୀ ଦୁର୍ଗରେ ରଖିଲେ ଓ ପରେ

ରାଜା ମୁକୁନ୍ଦ ଦେବଙ୍କୁ ମୁକ୍ତ କରି କେବଳ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକଭାବେ ପୁରୀଠାରେ ଅବସ୍ଥାପିତ କରାଇଲେ । ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କରାଇ ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନୀପୁରର ବାଘୀତୋଟାଠାରେ ଗୋଟିଏ ବରଗଛର ୨ଟି ଡ଼ାଳକୁ ବଳ ପ୍ରୟୋଗ କରି ପାଖକୁ ଲଗାଇ ଆଣି ସେଥିରେ ତାଙ୍କୁ ବାନ୍ଧି ଅତି ନିର୍ମମ ଭାବରେ ପ୍ରାଣଦଣ୍ଡ ଦେଇଥିଲେ । ସେ କହିଥିଲେ,

''ମୋର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ
ମାତୃଭୂମିର ସ୍ୱାଧୀନତା ରକ୍ଷା ନିମନ୍ତେ
ସଂଘର୍ଷ ଚାଲୁ ରହିବ । ଏହା ହେଉଛି
ମୋ ଜୀବନର ଅନ୍ତିମ ଲକ୍ଷ୍ୟ ।''

ନିଜର ନିଷ୍ଠା, ନିଃସ୍ୱାର୍ଥପରତା, ସାଧୁତା ଓ କର୍ମଠତାକୁ ନେଇ ମଣିଷ ଜୀବନର ପୂର୍ଣ୍ଣତା ମପା ଯାଇଥାଏ । ସ୍ୱୟଂ ସଂପୂର୍ଣ୍ଣ ମଣିଷଟିଏ ହେବା ପାଇଁ, ଦେଶର ଓ ଜାତିର ଆଦର୍ଶ ପୁରୁଷ ହେବା ପାଇଁ ଯେତିକି ଆଦର୍ଶ ଆବଶ୍ୟକ, ତାହା ବିପ୍ଳବୀ ବୀର ଜୟୀ ରାଜଗୁରୁଙ୍କଠାରେ ପ୍ରତିପାଦିତ ହୋଇଥିଲା । ସେ ଥିଲେ ଆଜୀବନ ବ୍ରହ୍ମଚାରୀ, ଦେଶଭକ୍ତ, ପରମଯୋଦ୍ଧା, ବିଚକ୍ଷଣ କୁଟନୀତିଜ୍ଞ, ଅର୍ଥନୀତି ବିଶାରଦ, ଶ୍ରେଷ୍ଠ ସଂଗଠକ ଓ ମହାନ୍ ପଣ୍ଡିତ । ବହୁବିଧ ବିଦ୍ୟାର ଅଧିକାରୀ ହେଲେ ମଧ୍ୟ ସେ ତାହାକୁ ସମାଜର ହିତରେ ବିନିଯୋଗ କରିଥିଲେ । ମାନବ ଜାତିର ଶ୍ୱାସ ପ୍ରଶ୍ୱାସ ଚାଲୁଥିବା ଯାଏ ଏହି କାଳଜୟୀ ପୁରୁଷ ସିଂହ ବିଶ୍ୱ ବରେଣ୍ୟ, ବିଶ୍ୱ ବନ୍ଦିତ ତଥା ଅଭିନନ୍ଦିତ ହୋଇ ରହିଥିବେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ)

---

## ବନ୍ୟାଜନିତ କ୍ଷୟକ୍ଷତି :
## ହସ୍ତତନ୍ତ କ୍ଷେତ୍ରରେ ୧ କୋଟି ୩୩ ଲକ୍ଷ ୩୩ ହଜାର ଟଙ୍କା ଆବଶ୍ୟକ


୨୦୦୮ ପ୍ରବଳ ବର୍ଷା ଓ ବନ୍ୟାରେ କ୍ଷୟିଗ୍ରସ୍ତ ୧୧ଟି ବୟନ ଜୋନର ୧୪ଟି ଜିଲ୍ଲା ପାଇଁ ଏକ କୋଟି ୩୩ ଲକ୍ଷ ୩୩ ହଜାର ଟଙ୍କାର ସହାୟତା ରାଶିର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ କ୍ଷୟକ୍ଷତି ସହାୟତା ପ୍ରଦାନ କରିବା ବିବରଣୀ ପଠାଯାଇଛି ବୋଲି ବୟନ ଓ ହସ୍ତତନ୍ତ ବିଭାଗ ପକ୍ଷରୁ ଜଣାପଡ଼ିଛି ।

୪୯ ବ୍ଲକ୍‌ର ୨୭୪ଟି ଗ୍ରାମର ୪୧୧୪ ବୁଣାକାର ଏହି ପ୍ରବଳ ବର୍ଷା ଓ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥିଲେ । ଏମାନଙ୍କ ତନ୍ତ ଓ ଆନୁଷଙ୍ଗିକ ଯନ୍ତ୍ରପାତି ନଷ୍ଟଜନିତ କ୍ଷତି ପରିମାଣ ୯୨ ଲକ୍ଷ ୭୨ ହଜାର ୨୮୨ ଟଙ୍କା ହୋଇଥିବା ବେଳେ କଞ୍ଚାମାଲ ଓ କପଡ଼ା ଆଦି ନଷ୍ଟ ଯୋଗୁଁ ହୋଇଥିବା କ୍ଷତିର ପରିମାଣ ଏକ କୋଟି ୯ ଲକ୍ଷ ୩୬ ହଜାର ୪୨୮ ଟଙ୍କା ହୋଇଛି । ୧୩୦୧ ଜଣ ବୁଣାକାରଙ୍କ ତନ୍ତର ମରାମତି ବାବଦକୁ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ହିସାବରେ ୧୩ ଲକ୍ଷ ଏକ ହଜାର ଟଙ୍କା ସହାୟତା ରାଶିର ଆବଶ୍ୟକତା ଥିବାସ୍ଥଳେ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ୨୨୩୨ ଜଣ ବୁଣାକାର ତନ୍ତର ପୁନଃ ସ୍ଥାପନ ନିମନ୍ତେ ୪୪ ଲକ୍ଷ ୬୪ ହଜାର ଟଙ୍କା ସହାୟତା ରାଶି ପ୍ରୟୋଜନ ଅଛି । ନଷ୍ଟ ହୋଇଯାଇଥିବା ସୂତା, କଞ୍ଚାମାଲ ଓ ପ୍ରସ୍ତୁତ ହୋଇଥିବା ସାମାନର କ୍ରୟ ପାଇଁ ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ହିସାବରେ ୩୭୮୪ ଜଣ ବୁଣାକାର ପାଇଁ ୭୫ ଲକ୍ଷ ୬୮ ହଜାର ଟଙ୍କାର ଆବଶ୍ୟକତା ରହିଛି । ଏହି ପରି ସର୍ବମୋଟ ଏକ କୋଟି ୩୩ ଲକ୍ଷ ୩୩ ହଜାର ଟଙ୍କା ସହାୟତା ଆବଶ୍ୟକତା ରହିଛି ବୋଲି କ୍ଷୟକ୍ଷତି ବିବରଣୀରୁ ଜଣାପଡ଼ିଛି ।

ଆଠଗଡ଼ ବୟନ ଜୋନ ପାଇଁ ୨୪ ଲକ୍ଷ ୨୬ ହଜାର ଟଙ୍କା, ବାଲେଶ୍ୱର ବୟନ ଜୋନ ପାଇଁ ୧୧ ଲକ୍ଷ ୬୮ ହଜାର ଟଙ୍କା, ବୌଦ୍ଧ ବୟନ ଜୋନ ପାଇଁ ୧୭ ଲକ୍ଷ ୭୮ ହଜାର ଟଙ୍କା, ବରଗଡ଼ ବୟନ ଜୋନ ପାଇଁ ଏକ ଲକ୍ଷ ୪୦ ହଜାର ଟଙ୍କା, ବଲାଙ୍ଗୀର ବୟନ ଜୋନ ପାଇଁ ୧୧ ଲକ୍ଷ ୨୮ ହଜାର ଟଙ୍କା, ଢେଙ୍କାନାଳ ବୟନ ଜୋନ ପାଇଁ ୧୩ ଲକ୍ଷ ୬୮ ହଜାର ଟଙ୍କା, ଖୋର୍ଦ୍ଧା ବୟନ ଜୋନ ପାଇଁ ୨ ଲକ୍ଷ ୭ ହଜାର ଟଙ୍କା, କଳାହାଣ୍ଡି ବୟନ ଜୋନ ପାଇଁ ୨୬ ଲକ୍ଷ ୩୪ ହଜାର ଟଙ୍କା, ନୟାଗଡ଼ ବୟନ ଜୋନ ପାଇଁ ୩ ଲକ୍ଷ ୮ ହଜାର ଟଙ୍କା, କଟକ ବୟନ ଜୋନ ପାଇଁ ୧୧ ଲକ୍ଷ ୩୧ ହଜାର ଟଙ୍କା, ସୋନପୁର ବୟନ ଜୋନ ପାଇଁ ୧୦ ଲକ୍ଷ ୪୫ ହଜାର ଟଙ୍କା ସହାୟତାର ଆବଶ୍ୟକତା ଅଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି ।

# ବିପ୍ଳବୀ ବିର୍ସା ମୁଣ୍ଡା

**ଭା**ରତର ସ୍ୱାଧୀନତା ସଂଗ୍ରାମ ବର୍ତ୍ତମାନ ଆମମାନଙ୍କ ପାଇଁ ଇତିହାସର ବିଷୟ । ଇତିହାସର ଏହି ହୃଦୟ ବିଦାରକ, ରକ୍ତରଞ୍ଜିତ ପୃଷ୍ଠାଗୁଡ଼ିକୁ ଓଲଟାଇଲେ ଦେଖାଯାଏ ଯେ ଅତ୍ୟାଚାରୀ ବ୍ରିଟିଶ୍ ଶକ୍ତି ବିରୋଧରେ ସ୍ୱରଉତ୍ତୋଳନ କରିଥିଲେ ସମାଜର ସବୁ ଶ୍ରେଣୀ ତଥା ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ । ଜନ୍ମଭୂମି ଜନ୍ମମାଟିର ସ୍ୱାଧୀନତା ପାଇଁ ଆତ୍ମତ୍ୟାଗ କରି ଶହୀଦ୍ ହେବା କେବଳ ପୁଣ୍ୟାତ୍ମାମାନଙ୍କ ଭାଗ୍ୟରେ ଥାଏ, ତାହାର ଜ୍ୱଳନ୍ତ ନିଦର୍ଶନ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ଏକ ଅଖ୍ୟାତ ଆଦିବାସୀ ପଲ୍ଲୀର ମୁଣ୍ଡା ଯୁବକ ବିର୍ସା ମୁଣ୍ଡା । ଯାହାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ତରଙ୍ଗ ଖେଳିଯାଇଥିଲା ସୁନ୍ଦରଗଡ଼ଠାରୁ ଚାଇଁବସା ଓ ରାଞ୍ଚି ପର୍ଯ୍ୟନ୍ତ । ମାତ୍ର ୨୫ ବର୍ଷର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ବିର୍ସା ମୁଣ୍ଡା ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ସାଲିସ୍ ବିହୀନ ସଂଗ୍ରାମ କରି ଶେଷରେ ଶହୀଦ୍ ହୋଇ ଏ ଜାତିର ଯୁବକମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ହୋଇ ରହିଯାଇଛନ୍ତି ।



ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାର ଉଲିହାତୁ ଆଦିବାସୀ ଗ୍ରାମର ଏକ ମୁଣ୍ଡା ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ସୁଗନା ମୁଣ୍ଡା ଓ ମାତାଙ୍କ ନାମ କରମୀ ମୁଣ୍ଡା । ପିଲାଟିବେଳୁ ବିର୍ସା ଥିଲେ ସାହସୀ ଓ ସ୍ୱାଭିମାନୀ । ସରଳ ବିଶ୍ୱାସୀ ମୁଣ୍ଡାମାନଙ୍କୁ ଗୋରା ଶାସକମାନେ କିପରି ସେବକ ପଟ୍ଟା ଲେଖାଇ ନେଇ ଗୋତି ଓ ବେଠି ଖଟାଉଥିଲେ, ବନ୍ଧୁକର ଧମକ ଦେଖାଇ ଫସଲ କାଟି ନେବା ଓ ଜବରଦସ୍ତ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଉଥିଲେ ଏବଂ ନାନାପ୍ରକାର ଅତ୍ୟାଚାର କରୁଥିଲେ, ତାହା ବିର୍ସା ପିଲାବେଳେ ଗ୍ରାମବାସୀଙ୍କଠାରୁ ଶୁଣିଥିଲେ । କିନ୍ତୁ ଚାଇଁବସା ମିଶନ୍ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ବିର୍ସାଙ୍କ ସ୍ୱାଧୀନ ଚେତନା, ସ୍ପଷ୍ଟବାଦୀ ଗୁଣ ଓ ହିନ୍ଦୁଧର୍ମକୁ ଭଲ ପାଉଥିବା ଯୋଗୁଁ ବିଦ୍ୟାଳୟର ଗୋରା ପ୍ରଧାନ ଶିକ୍ଷକ ଆକ୍ରୋଶମୂଳକଭାବେ ବିର୍ସାଙ୍କୁ ଚାବୁକରେ ଅମାନୁଷିକ ଭାବେ ପ୍ରହାର କରି ବିଦ୍ୟାଳୟରୁ ବାହାର କରିଦେଲେ । ସେହିଦିନଠୁଁ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇ ଦେଶ ମାତୃକାକୁ ଫିରିଙ୍ଗି ଶାସନରୁ ମୁକ୍ତ କରିବା ପାଇଁ ବିର୍ସାଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ।

ଆଦିବାସୀ ଅଞ୍ଚଳ ବଣେଇ, ଗୁରୁଣ୍ଡିଆ, କଳିପଶ ଇତ୍ୟାଦି ଗ୍ରାମର ମୁଣ୍ଡା, କିଷାନ୍, କୋହ୍ଲ, ଖଡିଆର ଆଦିବାସୀ ଭାଇଭଉଣୀମାନଙ୍କ ସେବା କରିବା ସାଙ୍ଗକୁ ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଶାସନ ବିରୋଧରେ ସେ ପ୍ରଚାର କଲେ । ସେବକପଟ୍ଟା ଲେଖ ନାହିଁ, ଖଜଣା ଦିଅ ନାହିଁ, ସରକାର କଥା ମାନ ନାହିଁ କି ବନ୍ଧୁକ ମୁନକୁ ଡ଼ରିଯାଇ ଖ୍ରୀଷ୍ଟଧର୍ମ ଗ୍ରହଣ କରନାହିଁ ଇତ୍ୟାଦି ସଂଗ୍ରାମର ପନ୍ଥା ବତାଇଲେ । ତାଙ୍କର ଓଜସ୍ୱିନୀ ଭାଷଣରେ ଉଦ୍‌ବୁଦ୍ଧ ହୋଇ ଶହ ଶହ ଆଦିବାସୀ ଗୋରାଙ୍କ ବିରୋଧରେ ସଶସ୍ତ୍ର ବିପ୍ଳବ କରିବାକୁ ଶପଥ ନେଇଥିଲେ । ବିର୍ସାଙ୍କ ସଶସ୍ତ୍ର ବିପ୍ଳବର ଆହ୍ୱାନ ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ତେଣୁ ସରକାର ଭୟଭୀତ ହୋଇ ୧୮୯୫ ମସିହା ଅଗଷ୍ଟ ୧୬ ତାରିଖ ଦିନ ପୋଲିସ୍ ଏସ୍.ପି. ଶ୍ରୀ ମେୟରସ୍‌ଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ ଦ୍ୱାରା ବିର୍ସା ମୁଣ୍ଡା ଓ ତାଙ୍କର ୧୫ ଜଣ ସହକର୍ମୀଙ୍କୁ ଗିରଫ କଲେ । ବିଚାର ପରେ ସେମାନଙ୍କୁ ଦେଶଦ୍ରୋହୀ ଅପରାଧରେ ଦୁଇ ବର୍ଷ କାରାଦଣ୍ଡ ଭୋଗିବାକୁ ରାଞ୍ଚି ଜେଲକୁ ପଠାଗଲା । ଜେଲ୍ ଜୀବନ ବିର୍ସାଙ୍କ ସ୍ୱାଧୀନ ଚେତନାକୁ ବହୁଗୁଣିତ କରି ବିପ୍ଳବୀ ବିର୍ସା ମୁଣ୍ଡାରେ ପରିଣତ କଲା । ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭାରତର ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରାଗଲା । ସେହି ନୀତିରେ ବିର୍ସା ଓ ସହକର୍ମୀମାନେ ରାଞ୍ଚି ଜେଲ୍‌ରୁ ଖଲାସ ହୋଇଥିଲେ । ବିର୍ସା ସଂଗ୍ରାମୀମାନଙ୍କୁ ଆହ୍ୱାନ ଦେଇ କହୁଥିଲେ, ''ଦେଖିବ ରହିଥା ଆମ ଧନୁ, ତୀର, ବର୍ଚ୍ଛା ଓ ତଲୱାର କଥା କହିବ ଏବଂ ଆମେ ଆମ ଜନ୍ମମାଟିକୁ ଫେରି ପାଇବା ।'' ବିର୍ସାଙ୍କ ଆହ୍ୱାନରେ ଶହ ଶହ ଆଦିବାସୀ ଭାରତ ମାଟିରୁ ଗୋରା ଶାସକଙ୍କୁ ନିପାତ କରିବାକୁ ଦୃଢ଼ ଶପଥ ନେଇଥିଲେ । ବିର୍ସାଙ୍କ ନେତୃତ୍ୱରେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ସଂଗ୍ରାମୀମାନେ ନିଆଁ ହୁଳା, ଧନୁ, ତୀର ଓ ବର୍ଚ୍ଛା ଧରି ଖ୍ରୀଷ୍ଟିଆନ୍ ତଥା ଗୋରାମାନଙ୍କ ବାସଗୃହ ଓ ଅଫିସ୍ ଗୃହରେ ନିଆଁ ଲଗାଇ ଦେଲେ । ସିଂହଭୂମି ଜିଲ୍ଲାର ପୋରହାଟରେ ବିଦ୍ରୋହୀମାନେ ବହୁ ପରିମାଣରେ ପୋଡ଼ାଜଳା କରିଦେଲେ ଏବଂ ରାଞ୍ଚିର ମୁଖ୍ୟ ବିଚାରାଳୟ ଆକ୍ରମଣ ସମୟରେ ବାରଜଣ ମୃତ୍ୟୁବରଣ କରିଥିଲେ । ଏହି ଚାଞ୍ଚଲ୍ୟକର ଘଟଣା ବ୍ରିଟିଶ ସାମ୍ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ବିର୍ସାଙ୍କୁ ଧରିବାରେ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପାଞ୍ଚଶହ ଟଙ୍କା

ପୁରସ୍କାର ଦେବାକୁ ବ୍ରିଟିଶ ସରକାର ଘୋଷଣା କରିଥିଲେ । ବିର୍ସା ଓ ତାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡାର ଅନୁସନ୍ଧାନ ପାଇଁ କନେଷ୍ଟବଳ ଜୟରାମ ଓ ବୁଦ୍ଧୁରାମଙ୍କୁ ଏଟ୍‌କେଡ଼ି ଗ୍ରାମକୁ ପଠାଗଲା । ଏହି ଖବର ପାଇ ଗୟା ମୁଣ୍ଡାର ନିର୍ଦ୍ଦେଶରେ ଅନୁଗାମୀମାନେ କନେଷ୍ଟବଳ ଦ୍ୱୟଙ୍କୁ ଗ୍ରାମ ନିକଟସ୍ଥ ତଜନା ନଦୀ କୂଳରେ କୋଚିଲା ତୀରମାରି ଓ କୁରାଢ଼ିରେ ହାଣି ୧୯୦୦ ମସିହା ଜାନୁଆରୀ ୫ ତାରିଖରେ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେବା ପାଇଁ ଡ଼େପୁଟି କମିଶନର ମିଃ ଷ୍ଟ୍ରିଟ୍ ଫିଲଡ୍ ବିଦ୍ରୋହୀଙ୍କୁ ଗିରଫ କଲାବେଳେ ସଶସ୍ତ୍ରବାହିନୀର ଭୀଷଣ ପ୍ରହାରରେ ଗୟା ମୁଣ୍ଡାଙ୍କର ମୃତ୍ୟୁ ହୋଇଥିଲା । ଗୟା ମୁଣ୍ଡାଙ୍କର ମୃତ୍ୟୁପରେ ବିର୍ସାଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ଅଚାନକ ଦମନଲୀଳାର ମୁଖ୍ୟ କେନ୍ଦ୍ର ଖୁଣ୍ଟି ଥାନାକୁ ଆକ୍ରମଣ କରିବାକୁ ଗଲାବେଳେ ରାସ୍ତାରେ କନେଷ୍ଟବଳ ରଘୁରାମକୁ ହତ୍ୟା କରି ଥାନା ସାମ୍ନାରେ ଶବଟିକୁ ପକାଇ ଅନ୍ୟାନ୍ୟ ପୋଲିସମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଇ ଥାନାରେ ନିଆଁ ଲଗାଇ ଦେଲେ । ବିଦ୍ରୋହୀମାନଙ୍କ ବିଭିନ୍ନ ହତ୍ୟା, ଆକ୍ରମଣ ଓ ପୋଡ଼ାଜଳାରେ ସରକାର ମର୍ମାହତ ହୋଇ ସଂଗ୍ରାମର କେନ୍ଦ୍ରସ୍ଥଳ ଡୋମ୍ବାରୀ ପାହାଡ଼କୁ ଘେରାଉ କରି ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ଗିରଫ ପାଇଁ ଉଦ୍ୟମ କରିବାରୁ ଲୋକେ ପ୍ରତିଶୋଧ ପାଇଁ ସଜବାଜ ହେଲେ ।

ବିର୍ସାଙ୍କ ଆହ୍ୱାନରେ ଶତାଧିକ ମୁଣ୍ଡା ପରିବାରର ଆବାଳ-ବୃଦ୍ଧ-ବନିତା ଖାଦ୍ୟ ସାମଗ୍ରୀ ସହ ଧନୁତୀର, ବର୍ଛା ଓ ନିଆଁହୁଳା ଧରି ୩୦୦ ଫୁଟ ଉଚ୍ଚ ଡୋମ୍ବାରୀ ପାହାଡ଼ ଉପରେ ସଂଗ୍ରାମ ପାଇଁ ସଜ୍ଜିତ ହେଲେ । ତାହା ଥିଲା ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ସଂଗଠିତ ଜନଜାଗରଣ । ଜାନୁଆରୀ ୯ ତାରିଖ ଦିନ ଡ଼ୋମ୍ବାରୀ ପାହାଡ଼ର ବକ୍ଷରେ ସଂଗ୍ରାମୀମାନଙ୍କୁ ବିର୍ସା ମୁଣ୍ଡା ଓ ତାଙ୍କର ପଟ୍ଟଶିଷ୍ୟ ନରସିଂହ ମୁଣ୍ଡା ଉଦ୍‌ବୋଧନ ଦେବା ସମୟରେ ଡି.ଏସ୍.ପି. ମିଃ ଫୋବର୍ସ ଓ ଡ଼େପୁଟି କମିଶନର ଷ୍ଟ୍ରିଟ ଫିଲଡ୍ ଦୁଇଶହ ସୈନ୍ୟ ଧରି ଡୋମ୍ବାରୀ ପାହାଡ଼କୁ ଘେରି ଯାଇଥିଲେ ଏବଂ ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କରିବା ପାଇଁ ଆପୋଷ ଆଲୋଚନାର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଦ୍ରୋହୀମାନେ ସେଥିରେ ରାଜି ନହୋଇ ପାହାଡ଼ ଉପରୁ ଧନୁତୀର, ବର୍ଛା ଓ ପଥରରେ ସୈନ୍ୟମାନଙ୍କୁ ଆକ୍ରମଣ କରିଥିଲେ । ଫଳରେ ସୈନ୍ୟମାନେ ଉତ୍ତ୍ୟକ୍ତ ହୋଇ ଗୁଳି ବର୍ଷଣ କରିଥିଲେ । ସେଥିରେ ନରସିଂହ ମୁଣ୍ଡା ସମେତ ଦୁଇଶହ ସଂଗ୍ରାମୀ ଡୋମ୍ବାରୀ ପାହାଡ଼ ବକ୍ଷରେ ଟଳିପଡ଼ି ଶହୀଦ ହେଲେ । କିନ୍ତୁ ବିର୍ସା ମୁଣ୍ଡା ଅଳ୍ପକେ ରକ୍ଷା ପାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ପଳାଇଗଲେ । ସରକାର ବିର୍ସାଙ୍କର କୌଣସି ସନ୍ଧାନ ନପାଇ ମୁଣ୍ଡାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରି ସେମାନଙ୍କର ଧନ ସମ୍ପତ୍ତି ଲୁଟି ନେବା ସାଙ୍ଗକୁ ଘରମାନଙ୍କରେ ନିଆଁ ଲଗାଇ ଦେଲେ । ସେହି ଅତ୍ୟାଚାରରୁ ମୁଣ୍ଡାମାନଙ୍କୁ ରକ୍ଷା କରିବାକୁ ଯାଇ ବିର୍ସାଙ୍କ ସହକର୍ମୀ ଡ଼ୋନକା ମୁଣ୍ଡା ଓ ମାଝିଆ ମୁଣ୍ଡା ସରକାରଙ୍କ ନିକଟରେ ଆତ୍ମସମର୍ପଣ କଲେ । ବିଚାରପରେ ସେମାନଙ୍କୁ ଦେଶରୁ ନିର୍ବାସିତ କରାଗଲା । ଏଭଳି ବିର୍ସା ନିଜର ଅନେକ ସହକର୍ମୀଙ୍କୁ ହରାଇଥିଲେ ମଧ୍ୟ ମନରେ ସ୍ୱାଧୀନତା ପ୍ରାପ୍ତିର ଆଶା ନେଇ ବଣ ଜଙ୍ଗଲରେ ମାସ ମାସ ଧରି ଘୁରି ବୁଲିଲେ ।

ସଂଗ୍ରାମକୁ ନୂତନ ରୂପ ଦେବାଲାଗି ଓଡ଼ିଶାର ଭିଟାମାଟି ଛାଡ଼ି ବିର୍ସା ମୁଣ୍ଡା ସିଂହଭୂମି ଜିଲ୍ଲାକୁ ଚାଲିଗଲେ । ସେଠାରେ ସାଙ୍ଗଠନିକ କାର୍ଯ୍ୟ କରୁଥିବା ସମୟରେ ସେନ୍ତେରା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ସେ ଲୁଚି ରହିଥିବା ଖବର ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିଡା ମାରିଆ ପାଞ୍ଚ ଶହ ଟଙ୍କା ଲୋଭରେ ଗୋରା ସରକାରଙ୍କୁ ଦେଇଥିଲେ ଏବଂ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ବିର୍ସାଙ୍କୁ ଧରାଇ ଦେଲେ । ବିର୍ସାଙ୍କୁ ଗିରଫ କରି ରାଞ୍ଚି ଜେଲକୁ ନେବାବେଳେ ତାଙ୍କର ଶହ ଶହ ଅନୁଗାମୀ ତାଙ୍କ ପଛେ ପଛେ ଗଲେ । ଗଣ୍ଡଗୋଳର ଆଶଙ୍କା କରି ସରକାର ରାତାରାତି ବିର୍ସାଙ୍କ ହାତ ଗୋଡ଼ରେ ବେଡ଼ି ପକାଇ କଡ଼ା ନିରାପତ୍ତାରେ ହଜାରିବାଗ୍ ଜେଲକୁ ନେଲେ । କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ପୁଣି ରାଞ୍ଚି ଜେଲକୁ ଅଣାଗଲା । ଜେଲରେ ବିର୍ସାଙ୍କୁ କଏଦୀ ଭଳି ରଖି ଅମାନୁଷିକ ନିର୍ଯ୍ୟାତନା ଦିଆଯାଉଥିଲା । ଶେଷକୁ ତାଙ୍କରି ଖାଦ୍ୟରେ ବିଷ ଦିଆଗଲା । ଏସବୁ କରୁଣ ଦୃଶ୍ୟ ଜେଲ ଡାକ୍ତର ତଥା ସହପାଠୀ ଅମୂଲ୍ୟ ଓ ମେହେନ୍ତର ଶିବନା ଦେଖିଥିଲେ ମଧ୍ୟ ଉପାୟ ଶୂନ୍ୟ ହୋଇ ଉଭୟ ମୂକ ପାଲଟି ଯାଇଥିଲେ । ମିଥ୍ୟା ଅଭିଯୋଗରେ ବିର୍ସାଙ୍କୁ ଅଭିଯୁକ୍ତ କରି କୋର୍ଟରେ ବିଚାର ଚାଲିଥିଲା । କିନ୍ତୁ ତାଙ୍କ ସପକ୍ଷରେ ସାକ୍ଷୀ ଦେବାକୁ କୋର୍ଟ ବାହାରେ ରୁଣ୍ଡ ହୋଇଥିବା ଶହ ଶହ ଆଦିବାସୀଙ୍କୁ ବିଚାରପତି ସୁଯୋଗ ଦେଇ ନଥିଲେ । କେବଳ ବିଚାରାଳୟ କୋଠରୀରେ ବିର୍ସା ମୁଣ୍ଡା ପ୍ରଳାପ କରୁଥିଲେ । ପ୍ରଳାପ ଶୁଣି ବିଚାରପତି ବିଚାର ସ୍ଥଗିତ ରଖି ବିର୍ସାଙ୍କୁ ଜେଲକୁ ପଠାଇ ଦେଲେ । ସେହି ମହାନ୍ ବିପ୍ଳବୀ ତଥା ଦେଶପ୍ରେମୀ ବିର୍ସା ମୁଣ୍ଡା ରାଞ୍ଚି ଜେଲର ଏକ କୋଠରୀରେ ନିର୍ଯ୍ୟାତିତ ହୋଇ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ପ୍ରାଣ ତ୍ୟାଗ କଲେ । ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇ ସେ ଜାତୀୟ ଆନ୍ଦୋଳନର ଏକ ବରେଣ୍ୟ କର୍ଣ୍ଣଧାର ରୂପେ ନିଜକୁ ପ୍ରତିପାଦିତ କଲେ ।

ବିର୍ସାଙ୍କ ମୃତ୍ୟୁପରେ ତାଙ୍କର ବହୁ ସହକର୍ମୀଙ୍କୁ ଦ୍ୱୀପାନ୍ତର ଦଣ୍ଡ ଓ କେତେକଙ୍କୁ ଫାଶୀ ଦିଆଗଲା । ହଇଜା ରୋଗରେ ବିର୍ସା ମୁଣ୍ଡାର ମୃତ୍ୟୁ ହୋଇଛି ବୋଲି ପୋଷ୍ଟମର୍ଟମ୍ ରିପୋର୍ଟ ଦେବାକୁ ଡାକ୍ତର ଅମୂଲ୍ୟଙ୍କୁ ସରକାର ବାଧ୍ୟ କରିଥିଲେ । ଡାକ୍ତର ଅମୂଲ୍ୟ ସରକାରଙ୍କ ନିକଟରେ ମିଥ୍ୟା ରିପୋର୍ଟ ପେଶ୍ କରିଥିବାରୁ ବିବେକ ତାଡ଼ନାରେ ଚାକିରି ଛାଡ଼ିଲେ । ମେହେନ୍ତର ଶିବନା ପାଗଳ ହୋଇ ଖୋଜି ବୁଲିଲା ବିର୍ସା ମୁଣ୍ଡାଙ୍କୁ । ତାହା ଥିଲା ଜଣେ ଜାତୀୟ ବୀରଙ୍କ ପ୍ରତି ସେମାନଙ୍କର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ବିପ୍ଳବୀ ଶହୀଦ୍ ବିର୍ସା ମୁଣ୍ଡାଙ୍କର ତ୍ୟାଗ ଅତୁଳନୀୟ । ସରଳ ଆଦିବାସୀ ମୁଣ୍ଡା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଦେଶକୁ ସ୍ୱାଧୀନ କରିବା ପାଇଁ ତାଙ୍କର ଯେଉଁ ଉତ୍ସର୍ଗୀକୃତ ମନୋଭାବ ଥିଲା, ତାହା ପରବର୍ତ୍ତୀ କାଳରେ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅନୁପ୍ରେରିତ କରିଥିଲା । ତାଙ୍କର ବୀରତ୍ୱ ସୂଚକ ସଂଗ୍ରାମର ଅମର ଗାଥା ଯୁଗ ଯୁଗ ଧରି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ଏହା ନିଃସନ୍ଦେହ ।

(ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ)

# ଅଳ୍ପ ବୟସରେ ମାତୃତ୍ୱ

ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୧୯୯୪ ମସିହାରେ ମିଶରର କାଇରୋଠାରେ ହୋଇଥିବା ଅନ୍ତର୍ଦ୍ଦେଶୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ମିଳନୀରେ ସିଦ୍ଧାନ୍ତ ନିଆଯାଇଥିଲା ଯେ, ପୁରୁଷ ଭଳି ନାରୀର ମଧ୍ୟ ସନ୍ତାନ ଜନ୍ମକୁ ନିୟନ୍ତ୍ରଣ କରିବାର ମୌଳିକ ଅଧିକାର ରହିଛି । ସନ୍ତାନ ଜନ୍ମ ତଥା ପରିବାର ନିୟନ୍ତ୍ରଣର ଉଚ୍ଚତମ ପର୍ଯ୍ୟାୟରେ ପହଞ୍ଚିବାକୁ ହେଲେ ନାରୀର ଏସବୁ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ରହିବା ଜରୁରୀ ଏବଂ କେଉଁ ସମୟରେ ସନ୍ତାନ ଜନ୍ମ କରିବ, ସେ କଥାର ସିଦ୍ଧାନ୍ତ ମଧ୍ୟ ନାରୀଟିଏ ହିଁ ନେବା ଉଚିତ । ସାରା ବିଶ୍ୱର ଜନସଂଖ୍ୟାର ଏକ-ପଞ୍ଚମାଂଶ ହେଉଛି କିଶୋରୀ । **ଭାରତରେ ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି ଏବଂ ବିକାଶୋନ୍ମୁଖୀ ଦେଶରେ କରାଯାଇଥିବା ଅନୁଧ୍ୟାନରୁ ଜଣାଯାଇଛି ଯେ, ତନ୍ମଧ୍ୟରୁ ୨୦ ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଞ୍ଛିତ ହୋଇଥାଏ ।** ଭାରତରେ ବର୍ଷକୁ ୪.୦୫ ନିୟୁତ ବିବାହ ମଧ୍ୟରୁ ପ୍ରାୟ ୩୦ ଲକ୍ଷ ହେଉଛନ୍ତି କିଶୋରୀ କନ୍ୟା ଏବଂ ତନ୍ମଧ୍ୟରୁ ଶତକଡ଼ା ୪୩ ଭାଗର ମୃତ୍ୟୁ ଗର୍ଭଧାରଣ ଓ ପ୍ରସବ କାରଣରୁ ହୋଇଥାଏ ।

**ଅଳ୍ପ ବୟସରେ ମାତୃତ୍ୱର ସାମାଜିକ ଫଳାଫଳ -** ଭାରତର ଚିରାଚରିତ ଦୃଶ୍ୟପଟ୍ଟରେ ଝିଅମାନଙ୍କର ଶୈଶବରୁ ଯୌବନର ପରିବର୍ତ୍ତନ ଖୁବ୍ ଶୀଘ୍ର ହୋଇଥାଏ । ପ୍ରାୟ ଶତକଡ଼ା ୩୦ ଭାଗ କିଶୋରୀ କନ୍ୟା ବିଦ୍ୟାଳୟ ଶିକ୍ଷା ନପାଇପାରି ଅଶିକ୍ଷିତ ହୁଅନ୍ତି । ଭାରତରେ କିଶୋରୀ କନ୍ୟାମାନଙ୍କର ମୃତ୍ୟୁହାର ହେଉଛି, ୧.୩ରୁ ୧.୪ । ତନ୍ମଧ୍ୟରୁ ଶତକଡ଼ା ୧୫ ଭାଗ ମୃତ୍ୟୁ ଗର୍ଭଧାରଣ ଓ ପ୍ରସବଜନିତ ଗୁରୁତର ଜଟିଳତା ଯୋଗୁଁ ହୋଇଥାଏ । ଭାରତର ସାମାଜିକ ସ୍ତରରେ ଲିଙ୍ଗଭେଦର ପ୍ରାଧାନ୍ୟ ଯୋଗୁଁ କିଶୋରୀ କନ୍ୟାର ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟର ଯତ୍ନ ତଥା ବର୍ଦ୍ଧନଶୀଳତାରେ ଅନେକ ଅସୁବିଧା ଦେଖାଦେଇଥାଏ । ସେମାନେ ପରିବାରରେ ବହୁ ସମୟ ଧରି କାମ କଲେ ମଧ୍ୟ ତାଙ୍କର ପରିଶ୍ରମ କାହା ଆଖିକୁ ଦିଶେ ନାହିଁ । କାରଣ ସେମାନଙ୍କର କିଛି ରୋଜଗାର ନାହିଁ । ଫଳରେ ସେମାନେ ନିରକ୍ଷରତା, ଦୁର୍ବଳ ପ୍ରଜନନକ୍ଷମ ସ୍ୱାସ୍ଥ୍ୟ, ଆଜୀବନ ଆର୍ଥିକ ନିର୍ଭରଶୀଳତା, ଅଳ୍ପ ବୟସରୁ ବିବାହ ତଥା ବାରମ୍ବାର ଗର୍ଭଧାରଣର ବୁଡ଼ୀଆଣୀ ଜାଲରେ ବାନ୍ଧି ହୋଇପଡ଼ନ୍ତି । ବିଶେଷ କରି ପ୍ରଥମ ଋତୁସ୍ରାବର ବୟସ ୧୬ ବର୍ଷରୁ ୧୦-୧୨ ବର୍ଷକୁ କମିଯିବା ତଥା କିଶୋର ଓ କିଶୋରୀମାନଙ୍କର ଅବାଧ ମିଳାମିଶା ଓ ଗୃହରେ ତଥା ବିଦ୍ୟାଳୟରେ ଉପଯୁକ୍ତ ଯୌନଶିକ୍ଷାର ଅଭାବ, ଅଳ୍ପ ବୟସର ଝିଅଟି ଉପରେ ମାତୃତ୍ୱର ବୋଝ ଲଦି ଦିଆଯାଏ । ତେଣୁ ଚିକିତ୍ସାବିତ୍‌ମାନଙ୍କ ମତରେ ଏହା ହେଉଛି କିଶୋରୀ କନ୍ୟାମାନଙ୍କର ବିଫଳତାର ଅୟମାରମ୍ଭ, ଯେଉଁଥିରେ କି ସେମାନଙ୍କର ଶିକ୍ଷା ଶେଷ ହୋଇନଥାଏ, ପରିବାର ସୀମିତ ହୋଇନଥାଏ ଏବଂ ସେମାନେ ମଧ୍ୟ ସ୍ୱାଧୀନ ହୋଇନଥାନ୍ତି ।

ଅଳ୍ପ ବୟସରେ ମାତୃତ୍ୱ ହେଲେ ଅଧିକାଂଶ କିଶୋରୀ-କନ୍ୟାମାନଙ୍କର ଗର୍ଭପାତ, ଅବୈଧ ଗର୍ଭଧାରଣ ଯୋଗୁଁ ବଳପୂର୍ବକ ବା ଅନିଚ୍ଛାକୃତ ବିବାହ, ଅବାଞ୍ଛିତ ମାତୃତ୍ୱ, ତ୍ୟଜ୍ୟ ସନ୍ତାନ ଏବଂ ତଦ୍‌ଜନିତ ମାନସିକ ଦୁଃଶ୍ଚିନ୍ତା ଆଦି ବେଶୀ ପରିମାଣରେ ଦେଖାଦିଏ । ଫଳରେ ଏଭଳି ପରିସ୍ଥିତିରେ ଝିଅଟି ବିଷାଦଗ୍ରସ୍ତ ହୋଇପଡ଼େ ଏବଂ ସ୍ଥଳବିଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ । କିଶୋରୀ କନ୍ୟାଟିଏ ଗର୍ଭଧାରଣ କରିବା ମାତ୍ରେ ଭୀଷଣ ମାନସିକ ଅସନ୍ତୁଳନ ଭୋଗିଥାଏ ଏବଂ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ପାଖକୁ ଯିବାକୁ ଡେରି କରିଦିଏ ଏବଂ ଗର୍ଭନଷ୍ଟ କରିବ କି ନାହିଁ ଏହି ସିଦ୍ଧାନ୍ତ ନେବାରେ ମଧ୍ୟ ବିଳମ୍ବ କରିଦିଏ ।

**ଗର୍ଭନଷ୍ଟ -** କିଶୋରୀ କନ୍ୟାମାନଙ୍କର ଅବୈଧ ଗର୍ଭଧାରଣ ହେଲେ ସେମାନେ ଆଇନ ଅନୁମୋଦିତ ଏମ୍.ଟି.ପି. ସେଣ୍ଟରକୁ ନ ଯାଇ ଗାଁଗହଳିରେ ଅଣତାଲିମପ୍ରାପ୍ତ କ୍ୱାକ୍ ବା ଧାଇମାନଙ୍କଠାରୁ ତୁଟୁକାତୁଟୁକି ଔଷଧ ଓ ଚେରମୂଳି ବ୍ୟବହାର କରନ୍ତି । ଫଳରେ ବିଷାକ୍ତ ଗର୍ଭପାତ ବା ସେପ୍‌ଟିକ୍ ଆବୋର୍‌ସନ୍‌ର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ବର୍ତ୍ତମାନ ମଧ୍ୟ ଶତକଡ଼ା ଦଶଭାଗ ମାତୃ ମୃତ୍ୟୁର ମୁଖ୍ୟ କାରଣ ହେଉଛି ବିଷାକ୍ତ ଗର୍ଭପାତ । ଅନେକ ଝିଅ ମୃତ୍ୟୁମୁଖରେ ନପଡ଼ିଲେ ମଧ୍ୟ ନିଜର ଜରାୟୁ ହରାଇ ଆଜୀବନ ଅକର୍ମଣ୍ୟ ହୋଇପଡ଼ନ୍ତି । ଅନେକେ ଗର୍ଭପାତ ପରେ ବନ୍ଧ୍ୟାତ୍ୱ ଦୋଷ ଭୋଗନ୍ତି କିମ୍ବା ସେମାନଙ୍କର ବାରମ୍ବାର ଗର୍ଭପାତ ହୁଏ ଏବଂ ଅପରିଣତ ଶିଶୁ ଜନ୍ମ ହୁଏ । ଲିପର ଏଟ୍.ଏଲ୍. (୧୯୭୮) ଗର୍ଭପାତ ପରେ ପ୍ରାୟ ପଚାଶଟି କିଶୋରୀ କନ୍ୟାକୁ ଏକ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କରି ଜାଣିଛନ୍ତି ଯେ, ତନ୍ମଧ୍ୟରୁ

ଶତକଡ଼ା ୮୦ ଭାଗ ଝିଅଙ୍କର ଗର୍ଭନଷ୍ଟ କରିଥିବା ହେତୁ କୌଣସି ପ୍ରକାର ମାନସିକ ଅସ୍ଥିରତା ଦେଖାଦେଇ ନଥାଏ । ବାକି ୨୦ ଭାଗ କିଶୋରୀ କନ୍ୟା ଗର୍ଭନଷ୍ଟ ପୂର୍ବରୁ ଓ ପରେ ମାନସିକ ଅସ୍ଥିରତା ଭୋଗିଥାନ୍ତି ।

**ପ୍ରସବ ସମସ୍ୟା -** ଅଳ୍ପ ବୟସରେ ଗର୍ଭଧାରଣ ଓ ପ୍ରସବ ଏକପ୍ରକାର ସାମାଜିକ ସମସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ପ୍ରସବଜନିତ ସମସ୍ୟାଗୁଡ଼ିକ ହେଉଛି ଦାରିଦ୍ର୍ୟ, ଗର୍ଭାବସ୍ଥାରେ ସୁଷମ ଖାଦ୍ୟର ଅଭାବ ଏବଂ ଗର୍ଭଧାରଣ ପୂର୍ବରୁ ଝିଅଟିର ଦୁର୍ବଳ ସ୍ୱାସ୍ଥ୍ୟ । ଏହି ସମୟରେ ଝିଅଟିର ନିଜ ଶରୀରର ବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଦରକାର ହେଉଥିବା ବେଳେ ପୁଣି ଶିଶୁଟି ପାଇଁ ମଧ୍ୟ ବେଶୀ ପୁଷ୍ଟିସାର ଖାଦ୍ୟ ଦରକାର ହୋଇଥାଏ, ଫଳରେ ଝିଅଟି ଗର୍ଭାବସ୍ଥାରେ ରକ୍ତହୀନତା ଭୋଗିଥାଏ । ଏହାଛଡ଼ା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରକ୍ତସ୍ରାବ, ସଙ୍କୁଚିତ ଏବଂ ବସ୍ତିଦେଶ (କଫାଲୋ ପେଲ୍ଭିକ୍ ଡିସ୍‌ପ୍ରୋପୋରସନ୍), କଷ୍ଟସାଧ୍ୟ ପ୍ରସବ ଏବଂ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ଓ ବାତ ଏହି ବୟସରେ ବେଶୀ ଦେଖାଦିଏ ।

ଯୌବନପ୍ରାପ୍ତି ହେବା ପୂର୍ବରୁ ଝିଅଟିଏ ହଠାତ୍ ବଢ଼ି ଗଲେ ତା'ର ହାଡ଼ ମଧ୍ୟ ପ୍ରସାରିତ ହୋଇଯାଇ ସହଜ ପ୍ରସବ ପାଇଁ ସ୍ଥାନ ତିଆରି କରିଥାଏ । କିନ୍ତୁ ଅଳ୍ପ ବୟସରେ ଗର୍ଭଧାରଣ ହେଲେ ବସ୍ତିଦେଶର ହାଡ଼ ସଙ୍କୁଚିତ ହୋଇ ସହଜ ପ୍ରସବ ହୋଇନପାରି ବେଶୀ ସିଜରିଆନ୍ ଅସ୍ତ୍ରୋପଚାର ହୋଇଥାଏ ।

**ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ -** ୧୫ରୁ ୧୯ ବର୍ଷ ବୟସ ମଧ୍ୟରେ ଗର୍ଭଧାରଣ କରିଥିବା ଝିଅମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଉଚ୍ଚ ରକ୍ତଚାପ ଭୋଗିଥାନ୍ତି । ଏହାଛଡ଼ା ଯେଉଁମାନେ ଅପରିଷ୍କାର ପରିବେଶରେ ବଢ଼ି ସୁଷମ ଖାଦ୍ୟ ଖାଇ ନଥାନ୍ତି ଏବଂ ପ୍ରସୂତି ପରିଚର୍ଯ୍ୟାର ଅଭାବ ସେମାନଙ୍କ କ୍ଷେତ୍ରରେ ଘଟିଥାଏ ତଥା ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ବୃକକ୍ ରୋଗ ଭୋଗିଥାନ୍ତି, ସେମାନଙ୍କର ଜରାୟୁର ଅପରିଣତ ସଙ୍କୋଚନ ହୋଇଥାଏ । ଏହାଛଡ଼ା ଅଳ୍ପ ବୟସରେ ଗର୍ଭଧାରଣର ମୁଖ୍ୟ ସମସ୍ୟା ହେଉଛି ରକ୍ତହୀନତା । ସେମାନଙ୍କର ପ୍ରସବ ସମୟରେ ମଧ୍ୟ ପ୍ରସବ କଷ୍ଟ ଦୀର୍ଘସ୍ଥାୟୀ ହୋଇ ଅସ୍ତ୍ରୋପଚାର (ସିଜରିଆନ୍ ସେକ୍‌ସନ୍) ଦରକାର ପଡ଼ିଥାଏ । ଜୈବିକ ଏବଂ ବୟସର ଅପରିପକ୍ୱତା ଦୃଷ୍ଟିରୁ ଏଥିରେ ଶିଶୁ ମୃତ୍ୟୁହାର ଅନେକ ପରିମାଣରେ ବଢ଼ିଯାଏ, ଅପରିଣତ ଶିଶୁ ଜନ୍ମ ଏହାର ମୁଖ୍ୟ କାରଣ ହେଲେ ହେଁ ଏହାର ଅନ୍ୟ କାରଣଗୁଡ଼ିକ ହେଲା, ପ୍ରଥମ ସନ୍ତାନ ତଥା ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ରକ୍ତହୀନତା ଇତ୍ୟାଦି । ତେଣୁ ମା'ର ବୟସ ଯେତେ ଅଳ୍ପ ହେବ, ଅପରିଣତ ଶିଶୁ ମୃତ୍ୟୁହାର ସେତିକି ବେଶୀ ହେବ । ମୋଟ ଉପରେ କହିବାକୁ ଗଲେ ମା'ର ଅଳ୍ପ ବୟସ, ଗର୍ଭାବସ୍ଥାରେ ପ୍ରସୂତି ପରିଚର୍ଯ୍ୟାରେ ବିଳମ୍ବ ତଥା ଜରାୟୁରେ କମ୍ ରକ୍ତ ସଞ୍ଚାଳନ ଏହି ଅପରିଣତ ଶିଶୁ ମୃତ୍ୟୁର ମୁଖ୍ୟ କାରଣ ।

**ଅଳ୍ପ ବୟସରେ ଗର୍ଭଧାରଣର ମାନସିକ ସମସ୍ୟା -** ବିବାହିତ କିଶୋରୀ କନ୍ୟାଟିଏ ଗର୍ଭାବସ୍ଥା ଏବଂ ପ୍ରସବକୁ ଆନନ୍ଦର ସହ ଗ୍ରହଣ କଲାବେଳେ ଅବିବାହିତ ଝିଅଟିଏ ପାଇଁ ଏହା ମାନସିକ ଦୁଃଶ୍ଚିନ୍ତାର ବୋଝ ହୋଇଯାଏ । ସେ ଭାବପ୍ରବଣତାର ବିଭିନ୍ନ ପର୍ଯ୍ୟାୟ ଯଥା- ଆନନ୍ଦ, କ୍ରୋଧ, ମାନସିକ ଅବସାଦ ଓ ଅପରାଧବୋଧ ଦେଇ ଗତି କରିଥାଏ ।

**କିଶୋରୀ କନ୍ୟାର ଗର୍ଭଧାରଣର ନିରାକରଣ -** ଯୁକ୍ତରାଷ୍ଟ୍ର ଆମେରିକା ଭଳି ଭାରତବର୍ଷରେ ମଧ୍ୟ ଅବାଞ୍ଛିତ ଗର୍ଭଧାରଣ ପାଇଁ ବର୍ଷକୁ ହାରାହାରି ୧.୫ ନିୟୁତ ଗର୍ଭପାତ ହୋଇଥାଏ । ତେଣୁ ଅଳ୍ପ ବୟସରେ ଗର୍ଭଧାରଣର ସାମାଜିକ ଓ ଶାରୀରିକ ସମସ୍ୟା ବିଷୟରେ ଜନସାଧାରଣ ଅବଗତ ହେବା ଜରୁରୀ ଏବଂ ଏହାକୁ କିପରି କମାଯାଇପାରିବ ସେଥିପାଇଁ ବ୍ୟବସ୍ଥାମାନ ଗ୍ରହଣ କରିବା ଉଚିତ୍ ।

୧. ସେଥିପାଇଁ ପରିବାର ନିୟନ୍ତ୍ରଣ, ପ୍ରଜନନ, ସ୍ୱାସ୍ଥ୍ୟ ଓ ଅବାଞ୍ଛିତ ଗର୍ଭଧାରଣ ବିଷୟରେ ସମସ୍ତଙ୍କର କିଛି ନା କିଛି ଜ୍ଞାନ ରହିବା ଜରୁରୀ ।

୨. ପରିବାର ନିୟନ୍ତ୍ରଣର ପଦ୍ଧତିକୁ ସର୍ବସାଧାରଣ ସ୍ତରରେ ପହଞ୍ଚାଇବା ଉଚିତ୍ ।

ବିକାଶୋନ୍ମୁଖୀ ଦେଶର ବିଭିନ୍ନ ସ୍ଥାନମାନଙ୍କରେ ବିଶେଷକରି ଗାଁଗହଳିରେ ଝିଅମାନଙ୍କୁ ଖୁବ୍ ଶୀଘ୍ର ଯୌବନପ୍ରାପ୍ତି ପୂର୍ବରୁ ବିବାହ କରିଦିଆଯାଏ । ବିବାହ ପରେ ପରେ ଭଲ ରୂପେ ଶାଢ଼ୀ ପିନ୍ଧି ନ ଜାଣିଥିବା ଝିଅଟିକୁ ଖୁବ୍‌ଶୀଘ୍ର ଗର୍ଭଧାରଣ କରିବାକୁ ବାଧ୍ୟ କରାଯାଏ । ଆଇନ ଅନୁସାରେ ଝିଅମାନଙ୍କର ବିବାହ ବୟସକୁ ବଢ଼ାଇଦେବା ନିଶ୍ଚିତ ଭାବରେ ଏକ ଖୁସିର ବିଷୟ ଏବଂ ଏହାଦ୍ୱାରା ନିଶ୍ଚିତ ଭାବେ ଅଳ୍ପ ବୟସରେ ଗର୍ଭଧାରଣକୁ ରୋକାଯାଇ ପାରିବ । କିନ୍ତୁ ସାମାଜିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ, ଏହାର କିଛି ମୂଲ୍ୟ ନାହିଁ କହିଲେ ଚଳେ, କାହିଁକି ନା ଅଧିକାଂଶ ଗୃହକର୍ତ୍ତା ନିଜ ଝିଅକୁ ଅଳ୍ପ ବୟସରେ ବାହାଘର କରି କନ୍ୟା ଦାୟିତ୍ୱରୁ ମୁକ୍ତ ହେବାକୁ ଚାହୁଁଛନ୍ତି । ତେଣୁ ଏଥିପାଇଁ ଗାଁଗହଳରେ ତଥା ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ଖବର କାଗଜ, ବେତାର କେନ୍ଦ୍ର ଓ ଦୂରଦର୍ଶନ ମାଧ୍ୟମରେ କିଶୋର, କିଶୋରୀମାନଙ୍କ ଯୌନଶିକ୍ଷା ଦେବା ଜରୁରୀ । ଅଳ୍ପ ବୟସରେ ଗର୍ଭଧାରଣ ହେଲେ ମଧ୍ୟ ଗର୍ଭ ସମୟରେ ସେମାନଙ୍କର ଉପଯୁକ୍ତ ଚିକିତ୍ସା ହୋଇପାରିଲେ ଅନେକ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କମିଯାଇପାରନ୍ତା ।

**ଗର୍ଭାବସ୍ଥା ସମୟରେ ସତର୍କତା -** ଗର୍ଭାବସ୍ଥାରେ ନିୟମିତ ଭାବରେ ପ୍ରସୂତି ବିଶେଷଜ୍ଞ ପାଖରେ ଅଳ୍ପ ବୟସ୍କା ଗର୍ଭବତୀ ମହିଳାଙ୍କୁ ଚିକିତ୍ସା କରାଇବ ।

- ଅଲଟ୍ରାସାଉଣ୍ଡଦ୍ୱାରା ଗର୍ଭ ରହିଛି କି ନାହିଁ ଏବଂ ଶିଶୁର ବିକଳାଙ୍ଗତା ଅବସ୍ଥାନ, ଗର୍ଭଫୁଲ ବିଷୟରେ ସଠିକ୍ ବିବରଣୀ ଜାଣିବ ।

- ଗର୍ଭାବସ୍ଥାରେ ସୁଷମ ଖାଦ୍ୟ ପାଇଁ ଉପଦେଶ ଦେବା ।
- ସାମାଜିକ ସାହାଯ୍ୟ ସହ ଗର୍ଭାବସ୍ଥା ଓ ଶିଶୁପାଳନ ସମୟରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେବା ।

**ପ୍ରସବ ସମୟରେ ସତର୍କତା -** ମାନସିକ ରୋଗ ସହଯୋଗ ସହ ସହଜ ପ୍ରସବ ପାଇଁ ବ୍ୟବସ୍ଥା ଏବଂ ପ୍ରସବ ପାଇଁ ବ୍ୟବସ୍ଥା ଏବଂ ପ୍ରସବ ସମୟରେ କିଛି ଅସୁବିଧା ହେବ ବୋଲି ଆଶଙ୍କା କଲେ, ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରିବା ଉଚିତ ।

ପ୍ରସବ ପରବର୍ତ୍ତୀ ସତର୍କତା - ଶିଶୁକୁ ସ୍ତନ୍ୟପାନ ପାଇଁ ମା'କୁ ଉପଦେଶ ଦେବା ।

ଯଦି ଅଳ୍ପ ବୟସର ଝିଅଟି ପାଠ ପଢ଼ିବାକୁ ଚାହେଁ, ତେବେ ତାକୁ ଶିଶୁର ଲାଳନ ପାଳନ ସହ, ସାମାଜିକ ତଥା ଆର୍ଥିକ ସହଯୋଗ ଦେବା ଜରୁରୀ ।

ପ୍ରସବ ପରେ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା । ଏହାଛଡ଼ା ଅଳ୍ପ ବୟସର ମା'ର ଆର୍ଥିକ ଓ ସାମାଜିକ ନିରାପତ୍ତା ନଥିବାରୁ ଏବଂ ଶିଶୁର ଲାଳନ ପାଳନ ବୟସ ବିଷୟରେ ଅଜ୍ଞ ଥିବାରୁ ଶିଶୁମାନଙ୍କର ଯତ୍ନ ନେଇପାରନ୍ତି ନାହିଁ । ଫଳରେ ଶାରୀରିକ ଓ ମାନସିକ ସ୍ତରରେ ମଧ୍ୟ ସେମାନେ ଅବହେଳିତ ହୁଅନ୍ତି । ତେଣୁ ବିଭିନ୍ନ ସ୍ଥାନରେ ପରାମର୍ଶ କେନ୍ଦ୍ରମାନ ଖୋଲି ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିଲେ ମା' ଓ ଶିଶୁ ଉପକୃତ ହୁଅନ୍ତି । ଅଳ୍ପ ବୟସର ମା'ଟିଏ ତା'ର ନୂଆ ବାତାବରଣ ତଥା ଶିଶୁଟିଏ ଲାଳନପାଳନ ପାଇଁ ମାନସିକ ସ୍ତରରେ ଏତେ ବେଶୀ ବିବ୍ରତ ହୋଇପଡ଼େ ଯେ, ଖୁବ୍‌ଶୀଘ୍ର ବିବାହ ବିଚ୍ଛେଦ ତା' ପାଇଁ ଅବଶ୍ୟମ୍ଭାବୀ ହୋଇପଡ଼େ । ଅଳ୍ପ ବୟସରେ ଗର୍ଭଧାରଣର ଅପମାନ, ଦୁଃଖ, ସାମାଜିକ ନିନ୍ଦା ଓ କଳଙ୍କ ତଥା ଆର୍ଥିକ ସଙ୍କଟ ତାକୁ ଏହିଭଳି କଠୋର ପଦକ୍ଷେପ ନେବାକୁ ବାଧ୍ୟ କରିଥାଏ । ତେଣୁ କିଶୋର କନ୍ୟାମାନଙ୍କର ପ୍ରଜନନକ୍ଷମ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପିତା, ମାତା, ପରିବାରବର୍ଗ, ଆତ୍ମୀୟସ୍ୱଜନ ତଥା ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞମାନେ ଏକ ସ୍ୱରରେ ସେମାନଙ୍କୁ ସୁରକ୍ଷା ବଳୟ ଭିତରେ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ୍ ।

ସ୍ତ୍ରୀରୋଗ ପ୍ରସୂତି ବିଶେଷଜ୍ଞ
କଟକ

---

# ଡାକ୍ତରମାନେ ସେବା ପ୍ରଦାନ କ୍ଷେତ୍ରରେ ମନୋଭାବରେ ପରିବର୍ତ୍ତନ ଆଣନ୍ତୁ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଡାକ୍ତରମାନେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣି ଲୋକମାନଙ୍କୁ ସେବା ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ସନାତନ ବିଶି ନିବେଦନ କରିଛନ୍ତି । ଗତ ବନ୍ୟା ଯୋଗୁଁ ପ୍ରଭାବିତ ଅଞ୍ଚଳମାନଙ୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ମନ୍ତ୍ରୀ ଶ୍ରୀ ସନାତନ ବିଶି ସମୀକ୍ଷା କରିଛନ୍ତି ।

ସମୀକ୍ଷା ବିବରଣୀରୁ ପ୍ରକାଶ ଯେ ବନ୍ୟା ପୂର୍ବରୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ବନ୍ୟା ପ୍ରଭାବିତ ଅଞ୍ଚଳମାନଙ୍କରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଥିଲା । ଯଥେଷ୍ଟ ପରିମାଣର ଜୀବନ ରକ୍ଷାକାରୀ ଔଷଧ, ଜୀବାଣୁ ନାଶକ, ଓ.ଆର୍.ଏସ୍. ଏବଂ ହାଲୋଜେନ ଆଦି ମହଜୁଦ ରଖାଯାଇଥିଲା । ବନ୍ୟା ସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୫୨୨ଟି ମେଡ଼ିକାଲ ରିଲିଫ୍ କେନ୍ଦ୍ର ଖୋଲା ଯିବା ସହିତ ୧୪୮ ଭ୍ରାମ୍ୟମାଣ ଡାକ୍ତରୀ ଦଳଙ୍କୁ ନିୟୋଜିତ କରାଯାଇଥିଲା । ୩ ଗୋଟି ମେଡ଼ିକାଲ କଲେଜରୁ ୬୨ ଜଣ ଡାକ୍ତର ଓ ପି.ଜି. ଛାତ୍ରଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯିବା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଓ ତଦାରଖ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ୧୧ ଜଣ ବରିଷ୍ଠ ପଦାଧିକାରୀଙ୍କୁ ବନ୍ୟା ପ୍ରଭାବିତ ଜିଲ୍ଲାମାନଙ୍କରେ ଅବସ୍ଥାପିତ କରାଯାଇଛି । ବର୍ତ୍ତମାନ ମଧ୍ୟ ଅଧିକାଂଶ ସ୍ଥାନରେ ମେଡ଼ିକାଲ ରିଲିଫ୍ କେନ୍ଦ୍ର କାର୍ଯ୍ୟ କରୁଛି ଓ ଭ୍ରାମ୍ୟମାଣ ଡାକ୍ତରୀ ଦଳ ନିୟୋଜିତ ଅଛନ୍ତି । ସ୍ୱାସ୍ଥ୍ୟ ସେବା ସଂପର୍କରେ ପ୍ରତିଦିନ ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଜନସ୍ୱାସ୍ଥ୍ୟ ସଂପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ଶିକ୍ଷା ସୂଚନା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ବିଭିନ୍ନ ଅଞ୍ଚଳରେ ଦେଖା ଦେଉଥିବା ରୋଗ ଏବଂ ରୋଗ ବ୍ୟାପିବା ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି ।

ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସଂପର୍କରେ ଯଦି କୌଣସି ଅଞ୍ଚଳରୁ ଅଭିଯୋଗ ବା ଅନୁରୋଧ ଆସେ ତାହା ହେଲେ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ବିଶି ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇ ମନ୍ତ୍ରୀ ଶ୍ରୀ ବିଶି ଡାକ୍ତରମାନେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣି କର୍ତ୍ତବ୍ୟରତ ସ୍ଥାନରେ ଉପସ୍ଥିତ ରହି ଲୋକମାନଙ୍କୁ ସେବା ପ୍ରଦାନ କରିବା ନିମନ୍ତେ ଏହି ଅବସରରେ ନିବେଦନ କରିଛନ୍ତି ।

ସଚିବାଳୟଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅନୁ ଗର୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ସୁଶୀଲ କୁମାର ଲୋହାନୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାଃ ସୁକଦେବ ସେଠୀ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାଃ ଦୁଃଶାସନ ମୁଦୁଲି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ତ୍ରିଲୋଚନ ସାହୁ ଏବଂ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

# କୋଲକାତାରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ

ପ୍ରଦୀପ କୁମାର ମହାନ୍ତି

**ସେ**ଦିନର ପରିବେଶ ଓ ସମୟ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ପଶ୍ଚିମବଙ୍ଗବାସୀଙ୍କ ମନରୁ ପାର୍ବଣର ରଙ୍ଗ ନ ଲିଭୁଣୁ, ଆଉ ଏକ ଉତ୍ସବର ପ୍ରସ୍ତୁତିରେ ଲାଗି ଯାଇଥାନ୍ତି ସମସ୍ତେ । ଆଗକୁ କାଳୀପୂଜା । ଏମିତି ଏକ ମୁହୂର୍ତ୍ତରେ ପଶ୍ଚିମବଙ୍ଗବାସୀଙ୍କ ମନରେ ପୁଣି ଆନନ୍ଦ, ଉତ୍ସାହ ଓ ନୂଆ ଉନ୍ମଦନା ଭରି ଦେଇଥିଲା ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ । ବଙ୍ଗ-ଓଡ଼ିଶାର ଭାଇଚାରାକୁ ସୁଦୃଢ଼ କରିବା ସଂଗେସଂଗେ ପଡ଼ୋଶୀ ରାଜ୍ୟର ବିଭିନ୍ନ ସ୍ଥାନରେ ଦୀର୍ଘ ଦିନରୁ ବସବାସ କରି ଜୀବିକା ନିର୍ବାହ କରି ଆସୁଥିବା ଓଡ଼ିଆ ଭାଷାଭାଷୀ ଲୋକମାନଙ୍କୁ ଏକତ୍ର କରିବାର ଏକ ଅପୂର୍ବ ସୁଯୋଗ ସୃଷ୍ଟିର ଲକ୍ଷ୍ୟ ନେଇ ଆୟୋଜିତ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ- ଓଡ଼ିଶାର ପ୍ରାଚୀନ ଲୋକକଳା, ବାଦ୍ୟ ଓ ନୃତ୍ୟ କୋଲକାତାର ସଲଟ୍ ଲେକ୍ ଅଞ୍ଚଳରେ ଥିବା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରଠାରେ ଏକ ଅନନ୍ୟ ଉଦ୍ଦୀପନା ସୃଷ୍ଟି କରିଥିଲା ।



ଶୁଭ ଶଙ୍ଖ, ଯୋଡ଼ି ମହୁରୀ, ଢୋଲ, ମାର୍ଦ୍ଦଳ, ହୁଲହୁଲି ଡିଣ୍ଡିମ ପଶ୍ଚିମବଙ୍ଗ ମାଟିରେ ସୃଷ୍ଟି କରିଥିଲା ଆଉ ଏକ ମୃଦୁ କମ୍ପନ । ଶୁଭ ଶଙ୍ଖର ନିନାଦ ସହ ମହୁରୀର ମାଦକ, ହୁଲ୍‌ହୁଲୀ, ମାର୍ଦ୍ଦଳ, ରଣପା ନୃତ୍ୟର ଉଦ୍ଦାମତା ସାଙ୍ଗକୁ ଚଢ଼େୟା ନୃତ୍ୟର ମଧୁରତା ସମଗ୍ର ସଲଟ୍ ଲେକ୍ ଅଞ୍ଚଳକୁ ଉନ୍ମାଦିତ କରି ଦେଇଥିଲା । ତାହାଥିଲା ୨୦୦୮ ମସିହା ଅକ୍ଟୋବର ୨୦ ତାରିଖ - ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସ । ମୁକ୍ତାକାଶ ରଙ୍ଗମଞ୍ଚ କଳାମଣ୍ଡପରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ କୋଲକାତାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୨୦ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ୩ ଦିନିଆ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଶୁଭ ଶଙ୍ଖ ଶୁଭିଥିଲା । ଲୋକ ନୃତ୍ୟ, ବାଦ୍ୟ ଓ ସଂଗୀତର ତାଳେ ତାଳେ ଆନନ୍ଦିତ ହୋଇ ଉଠିଥିଲେ ଦର୍ଶକ ଓ ଶ୍ରୋତାମଣ୍ଡଳୀ । ମୋହ ଭଙ୍ଗ କରିଥିଲା ଅତିଥିମାନଙ୍କ ଆଗମନ ।

ସମସ୍ୱରରେ ଆମନ୍ତ୍ରିତ ଅତିଥିମାନେ ମୁକ୍ତକଣ୍ଠରେ ଘୋଷଣା କରିଥିଲେ ଓଡ଼ିଆ ଓ ବଙ୍ଗାଳୀ ଅଭିନ୍ନ । ଚାଲିଚଳନ, ବେଶଭୂଷା, ଆଚାର ବ୍ୟବହାର, ପର୍ବପର୍ବାଣି, ଉତ୍ସବ ଓ ଲୋକ ସଂସ୍କୃତି ସବୁଥିରେ ଅପୂର୍ବ ସାମଞ୍ଜସ୍ୟ ରହିଛି । ଖାଲି ଯାହା ପାର୍ଥକ୍ୟର ପାଚେରୀ ସୃଷ୍ଟି କରିଛି ଭାଷା । ଏମିତିକି ବଙ୍ଗଳାର ସମ୍ମାନିତ ଅତିଥିବୃନ୍ଦ କହି ଉଠିଥିଲେ ଯେ ଓଡ଼ିଶା ସେମାନଙ୍କ ପାଇଁ ଦ୍ୱିତୀୟ ଗୃହ ସଦୃଶ । ପୁରୀର ପ୍ରସିଦ୍ଧ ରଥଯାତ୍ରା, ଜଗନ୍ନାଥ ମହାପ୍ରଭୁ ଓ ମହୋଦଧିର ସୁନ୍ଦର ବେଳାଭୂମି ବଙ୍ଗୀୟମାନଙ୍କୁ ସର୍ବଦା ଆକୃଷ୍ଟ କରି ଆସିଛି ।

ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ପୂର୍ବଶ୍ରୀ ପ୍ରେକ୍ଷାଳୟର ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉତ୍କଳ-ବଙ୍ଗ ସାଂସ୍କୃତିକ ବିନିମୟ ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥିବୃନ୍ଦ ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସୁସଜ୍ଜିତ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ସେମାନଙ୍କର ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । ମନୋମୁଗ୍ଧକର ରାଜକୀୟ ବେଶରେ ସୁସଜ୍ଜିତ ଜଗନ୍ନାଥ ଥିଲେ ଦର୍ଶକମାନଙ୍କର ପ୍ରଧାନ ଆକର୍ଷଣର କେନ୍ଦ୍ରବିନ୍ଦୁ । ଚିରାଚରିତ ରୀତିରେ ଭକ୍ତଗଣଙ୍କୁ ଆକର୍ଷିତ କରି ଚାଲିଥାନ୍ତି ପ୍ରଭୁ ଜଗନ୍ନାଥ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏହିପରି ଭାବର ଆଦାନପ୍ରଦାନ ମଧ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।

ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସମ୍ମାନିତ ଅତିଥି ଶ୍ରୀମତୀ ମୀରା ଭଟ୍ଟାଚାର୍ଯ୍ୟ, ଜଣେ ପ୍ରଖ୍ୟାତ ସମାଜସେବିକା, ସୁସଂଗଠିକା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଧର୍ମପତ୍ନୀ । ସେ କହିଥିଲେ ଯେ, ଉଭୟ ରାଜ୍ୟ ଓଡ଼ିଶା ଓ ପଶ୍ଚିମବଙ୍ଗ ପ୍ରଚଣ୍ଡ କଳା, ସଂସ୍କୃତି ଓ ଐତିହ୍ୟର ଅଧିକାରୀ । ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ସର୍ବପୁରାତନ ଓ ଇତିହାସ ପ୍ରସିଦ୍ଧ । ଉଭୟ ରାଜ୍ୟର ପରମ୍ପରା, ପର୍ବପର୍ବାଣି, ଖାଦ୍ୟରୁଚି, ବେଶ ପରିପାଟୀ ସବୁଥିରେ ସାମଞ୍ଜସ୍ୟ ଭରି ରହିଛି । ଓଡ଼ିଶା ଓ ବଙ୍ଗଳା ଏକ ଆତ୍ମା ଏବଂ ଦୁଇଟି

ଶରୀର ବୋଲି ଶ୍ରୀମତୀ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଥିଲେ । ପୁରୀର ପ୍ରସିଦ୍ଧ ରଥଯାତ୍ରା ଓ ବିଶ୍ୱ ବିଖ୍ୟାତ ଓଡ଼ିଶୀ ନୃତ୍ୟ ତାଙ୍କର ଅତ୍ୟନ୍ତ ପ୍ରିୟ ବୋଲି ପ୍ରକାଶ କରି ଶ୍ରୀମତୀ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଓଡ଼ିଶାର ଛଉ, ରଣପା ଓ ଚଢ଼େୟା ଲୋକନୃତ୍ୟ ପରି ପଶ୍ଚିମବଙ୍ଗର ମଧ୍ୟ ଛଉ, ରଣପା ଓ ଅନ୍ୟ ଲୋକନୃତ୍ୟର ସାମଞ୍ଜସ୍ୟ ରହିଛି । ସେହିପରି ଓଡ଼ିଶା ପରି ପଶ୍ଚିମବଙ୍ଗବାସୀ ସ୍ନାନଯାତ୍ରା, ଶ୍ରାବଣ ପୂର୍ଣ୍ଣିମା, ଅଶୋକାଷ୍ଟମୀ ଉତ୍ସବ ପାଳନ କରିଥାନ୍ତି । ତେଣୁ ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କର ବ୍ୟବଧାନ ଅତି ସାମାନ୍ୟ ଓ ନଗଣ୍ୟ ବୋଲି ପ୍ରକାଶ କରିବା ସଂଗେସଂଗେ ଦୁଇ ରାଜ୍ୟ ଏକ ବୋଲି ସେ ମତପ୍ରକାଶ କରିଥିଲେ ।

ଉଦ୍‌ଘାଟନୀ ସନ୍ଧ୍ୟାର ଅନ୍ୟତମ ସମ୍ମାନିତ ଅତିଥି ରାଜ୍ୟ ସଂସ୍କୃତି, ସୂଚନା ପ୍ରଯୁକ୍ତିବିଦ୍ୟା ଓ ଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ ଆସାମ, ଓଡ଼ିଶା ଓ ପଶ୍ଚିମବଙ୍ଗ ତିନି ଭଉଣୀ । ସାମାନ୍ୟ ଭାଷାଗତ ଅସାମଞ୍ଜସ୍ୟ ବ୍ୟତିରେକେ ଏହି ତିନିରାଜ୍ୟର ସଂସ୍କୃତି ଓ ପରମ୍ପରା ମଧ୍ୟରେ ଅନେକ ସମାନତା ରହିଛି । ଭାଷାଗତ ଅସମାନତା ଏହି ରାଜ୍ୟମାନଙ୍କୁ ସେମାନଙ୍କର ମହାନ୍ କଳା, ଐତିହ୍ୟ ଓ ପରମ୍ପରାଠାରୁ ଦୂରେଇ ଦେଇ ନାହିଁ ।

ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସମ୍ପ୍ରତି ୫ଟି ରାଜ୍ୟର ଲୁପ୍ତପ୍ରାୟ କଳାର ଉଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତନ୍ମଧ୍ୟରେ ଓଡ଼ିଶା ଅନ୍ୟତମ । ଓଡ଼ିଶାର ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ନିମନ୍ତେ କଳାକାରମାନଙ୍କୁ ତାଲିମି ଦିଆଯିବା ସହ ଏମାନଙ୍କର କଳା ନିପୁଣତା ସହ ବଜାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ ।

ଓଡ଼ିଶା ସରକାରୀ ଦଳର ଉପମୁଖ୍ୟ ସଚେତକ ଶ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଓଡ଼ିଶା ଓ ବଙ୍ଗଳା ମଧ୍ୟରେ ଥିବା ସଂପର୍କର ବ୍ୟାଖ୍ୟା କରିବା ସଂଗେସଂଗେ ଦୁଇ ରାଜ୍ୟର ସଂପର୍କ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ ।

ଏହି ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ସଂଗଠିକା ଅନ୍ୟତମ ଅତିଥି ତଥା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ସଭାପତି ଶ୍ରୀମତୀ ଅନୁରାଧା ମୁଖାର୍ଜୀ କହିଥିଲେ ଯେ, ପୂର୍ବାଞ୍ଚଳର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ନୃତ୍ୟ ଓ ସଂଗୀତ ବିନା ଅଧୁରା ରହିଯାଏ । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଦର୍ଶକମାନେ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ସଦାସର୍ବଦା ଦାବି କରିଥାନ୍ତି । ସେ ସ୍ୱୟଂ ଓଡ଼ିଶାର ଲୋକକଳା, ନୃତ୍ୟ ଓ ସଂଗୀତର ଜଣେ ସ୍ତାବକ । ସେ ଆହୁରି ମଧ୍ୟ କହିଥିଲେ ଯେ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସମ୍ପ୍ରତି ୫ଟି ରାଜ୍ୟର ଲୁପ୍ତପ୍ରାୟ କଳାର ଉଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତନ୍ମଧ୍ୟରେ ଓଡ଼ିଶା ଅନ୍ୟତମ । ଓଡ଼ିଶାର ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ନିମନ୍ତେ କଳାକାରମାନଙ୍କୁ ତାଲିମି ଦିଆଯିବା ସହ ଏମାନଙ୍କର କଳା ନିପୁଣତା ସହ ବଜାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ ।

ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଯୋଡ଼ି ଶଙ୍ଖ ବାଦନ, ମଧୁବ୍ରତାଙ୍କ ଓଡ଼ିଶୀ ନୃତ୍ୟ ଦଶବତାର ନୃତ୍ୟ ସହ ବାଳଗୋପାଳଷ୍ଟକ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିବାବେଳେ, ସମ୍ବଲପୁରୀ ନୃତ୍ୟ ଡାଲଖାଇ ଓ ରାସରକେଲୀ ପରିବେଶକୁ ଅଧିକ ରସାଳ କରି ଦେଇଥିଲା । ଢୋଲ, ନିଶାନ୍, ଢୁଙ୍କୀ ଓ ମହୁରୀର ତାଳେ ତାଳେ ଝୁମି ଉଠିଥିଲେ ଦର୍ଶକଗଣ । ପରେ ଚୌଦ୍ୱାର ସଂଗୀତକଳା ସଂସଦର ଚଇତିଘୋଡ଼ା ନୃତ୍ୟ ବେଶ ଲୋକପ୍ରିୟତା ଅର୍ଜ୍ଜନ କରିଥିଲା ।

ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ଉତ୍କଳ-ବଙ୍ଗ ଐକ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ବହୁ ବିଶିଷ୍ଟ ଶିକ୍ଷାବିତ୍, ଐତିହାସିକ ଓ ଗବେଷକ ସେମାନଙ୍କର ଉତ୍କଳ-ବଙ୍ଗୀୟ ଗୂଢ଼ ସମ୍ପର୍କ ଉପରେ ସାରଗର୍ଭକ ସୂଚନା ପ୍ରଦାନ କରି ଦର୍ଶାଇଥିଲେ ଯେ ଦୁଇ ରାଜ୍ୟ ଅଭିନ୍ନ, ପରସ୍ପର ପାଇଁ ଦ୍ୱିତୀୟ ଆବାସସ୍ଥଳୀ । ଏହି ଆଲୋଚନାଚକ୍ରର ମୁଖ୍ୟବକ୍ତା, ତତ୍କାଳୀନ ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀ ବିଜୟ ଚନ୍ଦ୍ର ଜେନା ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ରାଷ୍ଟ୍ରୀୟ ଏକତା ସୂତ୍ରରେ ବନ୍ଧା ଦୁଇଟି ମୁକ୍ତା ପରି ଉତ୍କଳ ଓ ପଶ୍ଚିମବଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛନ୍ତି । ଉଭୟ ରାଜ୍ୟର ଗୌରବମୟ ଐତିହ୍ୟ ସମଗ୍ର ଭାରତବର୍ଷକୁ ବିଭିନ୍ନ କ୍ଷେତ୍ରରେ ବିଶ୍ୱଦରବାରରେ ପ୍ରତିଷ୍ଠିତ କରାଇବାରେ ସଫଳ ହୋଇଛନ୍ତି । ସେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' ହେଉ ବା ମହାକବି ଜୟଦେବଙ୍କ 'ଗୀତଗୋବିନ୍ଦ' ହେଉ, ବିଶ୍ୱ ଦରବାରରେ ଉଭୟ ରାଜ୍ୟ ବେଶ୍ ସମୃଦ୍ଧ । ଭାଷା, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଉଭୟ ରାଜ୍ୟ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଉଭୟ ରାଜ୍ୟ ପରସ୍ପରଦ୍ୱାରା ପ୍ରଭାବିତ । ପ୍ରାକ୍-ସ୍ୱାଧୀନତା ପୂର୍ବର ବେଙ୍ଗଲ, ବିହାର, ଓଡ଼ିଶା ପେସିଡେନ୍ସିଦ୍ୱାରା ଉଭୟ ରାଜ୍ୟ ଏକ ଥିଲେ । ୧୮୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ବିଶେଷକରି କଳା, ଭାସ୍କର୍ଯ୍ୟ ଓ ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ସ୍ୱତନ୍ତ୍ରତା ବଜାୟ ରଖିଛି ଓ ଏଥିସହିତ ଏହାର ମହାନ୍ ଐତିହ୍ୟ ଓ ପରମ୍ପରା ବିଶ୍ୱ ଦରବାରରେ ବେଶ୍ ଆଦୃତ ଲାଭ କରିପାରିଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ପ୍ରସାଦ ମହାନ୍ତି ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା- ପୁରୀର ମେଢ଼ନୃତ୍ୟ, ନାଗୀ ନୃତ୍ୟ, ସମ୍ବଲପୁରୀ ରାସରକେଲୀ, ଘୋଡ଼ାନାଚ, ସାଙ୍ଗକୁ ସୃଜନାତ୍ମକ ଆଧୁନିକ ନୃତ୍ୟ 'ବନ୍ଦେ ଉତ୍କଳ ଜନନୀ' ଦର୍ଶକମାନଙ୍କ ମନରେ ରେଖାପାତ କରିଥିଲା । ପରେ ପରେ ପଶୁ ମୁଖା ନୃତ୍ୟ

ଦର୍ଶକମାନଙ୍କ ମଧ୍ୟରେ ବେଶ ଆଦୃତ ହୋଇପାରିଥିଲା । ବାଘ, ଛେଳି ନାଚ ଓ ବାଘର ମଣିଷ ଶୀକାର ନାଚ ଦର୍ଶକମାନଙ୍କ ମନରେ ବେଶ୍ ଉତ୍କଣ୍ଠା ଜାତ କରାଇପାରିଥିଲା । କିଛିକ୍ଷଣ ପାଇଁ ଦର୍ଶକମାନେ ନିଜକୁ କେଉଁ ଏକ ଘଞ୍ଚ ଅରଣ୍ୟ ମଧ୍ୟରେ ହଜାଇ ଦେଇଥିଲେ । ମୟୂରଭଞ୍ଜର ଛଉ କିରାତ-ଅର୍ଜ୍ଜୁନ ବଧ ଓ ଗୋଟିପୁଅ ନାଚର ବିଶେଷ ଶରୀରଭଙ୍ଗୀ ଦର୍ଶକମାନଙ୍କୁ ଚମତ୍କୃତ କରି ଦେଇଥିଲା । ମୁଗ୍ଧ ଦର୍ଶକମାନେ ତାଳି ମାରିଥିବା ପରିଲକ୍ଷିତ ହୋଇଥିଲା ।

ଆଧୁନିକ ନୃତ୍ୟ ଶୈଳୀ ସହିତ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟର ସମ୍ମିଶ୍ରଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । କିଛିକ୍ଷଣ ପାଇଁ ସମସ୍ତେ ଭୁଲିଯାଇ ଥିଲେ ନିଜକୁ । ସେମାନେ କେଉଁଠି ସୁଦୂର କୋଲକାତାର ଜନାକୀର୍ଣ୍ଣ ସହର ମଧ୍ୟରେ ନା ଓଡ଼ିଶାର କେଉଁ ଏକ ଜଣାଶୁଣା ଗାଁରେ ? ଏମିତି ଏକ ମାନସିକ ଦ୍ୱନ୍ଦ୍ୱ ନେଇ ଦର୍ଶକମାନେ ଫେରିଥିଲେ ସ୍ୱଗୃହକୁ । କେଉଁ କାର୍ଯ୍ୟକ୍ରମ ସେମାନଙ୍କୁ ବିଶେଷ ଭାବରେ ଆନନ୍ଦ ପ୍ରଦାନ କରିଥିଲା, ତାହା ସେମାନେ ମୂଲ୍ୟାୟନ କରିପାରୁନଥିଲେ । ଅଫୁରନ୍ତ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ଦ୍ୱିତୀୟ ସନ୍ଧ୍ୟାର ପରିସମାପ୍ତି ଘଟିଥିଲା ସେଦିନ ।

ତୃତୀୟ ତଥା ଅନ୍ତିମ ସନ୍ଧ୍ୟାଟି ଥିଲା ଅତ୍ୟନ୍ତ ଆବେଗପୂର୍ଣ୍ଣ । ସରିଯିବାର ଦୁଃଖ, ବିଦାୟୀ ବେଳାକୁ ଆଉ କିଛିକ୍ଷଣ ବାନ୍ଧି ରଖିବାର ଧୃଷ୍ଟତା, ଭାବର ଆଦାନପ୍ରଦାନକୁ ଅଧିକ ଆବେଗପୂର୍ଣ୍ଣ କରି ଗଢ଼ି ତୋଳିଥିଲା । ପୂର୍ବପରି କଳା ମଣ୍ଡପକୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ କଳାକାରବୃନ୍ଦ । ରାଜାରାଣୀ ନୃତ୍ୟ, ପତ୍ର ସଉରା, ବର୍ଣ୍ଣାଟୀ ଦଳ ସେମାନଙ୍କ କଳା ନିପୁଣତା ପ୍ରଦର୍ଶନ କରି ଅତିଥିମାନଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲେ । ପୂର୍ବବତ୍ ପୂର୍ବଶ୍ରୀ ପ୍ରେକ୍ଷାଳୟରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଅନ୍ତିମ ଅଧ୍ୟାୟ । ପଶ୍ଚିମବଙ୍ଗର ପରିବହନ ଓ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୁଭାଷ ଚକ୍ରବର୍ତ୍ତୀ, ପଶ୍ଚିମବଙ୍ଗ ଅଗ୍ନିସେବା ମନ୍ତ୍ରୀ ଶ୍ରୀ ପ୍ରୀତମ ଚାଟାର୍ଜୀଙ୍କ ସହ ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ଏବଂ ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଥିଲେ ଅନ୍ତିମ ସନ୍ଧ୍ୟାର ବିଶିଷ୍ଟ ଅତିଥି । **ବଙ୍ଗୀୟ ଅତିଥିଦ୍ୱୟ ଦୋହରାଇ ଥିଲେ ଗୋଟାଏ ଉକ୍ତି- ଓଡ଼ିଶା ଆମର ଦ୍ୱିତୀୟ ଗୃହ । ଜଗନ୍ନାଥ ଆମର ଆରାଧ୍ୟ ଦେବତା । ଆଉ ଓଡ଼ିଶୀ ଆମର ପ୍ରିୟତମ ନୃତ୍ୟ ।**

ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ଓ ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ଓଡ଼ିଶାର ଇତିହାସ, ଏହାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସାରଗର୍ଭକ ଭାଷଣ ଉପସ୍ଥାପନ କରିଥିଲେ । ପ୍ରାକ୍ ଐତିହାସିକ ସମୟଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ବଙ୍ଗଳା ଓ ଉତ୍କଳ ସମ୍ପର୍କକୁ ସେ ପ୍ରତିପାଦିତ କରିଥିଲେ । ଉତ୍କଳର ମହନୀୟତାର ବୀରତ୍ୱ ଓ ଉଚ୍ଚକୋଟୀର ପରମ୍ପରା ସଂପର୍କରେ ବିଶେଷ ଆଲୋକପାତ କରିଥିଲେ ।

ପରେ ପରେ ଦୁଇ ବଙ୍ଗୀୟ ବରିଷ୍ଠ ରାଜନୀତିଜ୍ଞ ଓ ମନ୍ତ୍ରୀଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସେମାନେ ମଧ୍ୟ ଓଡ଼ିଶାର ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଓ ଶାସନ ସଚିବ ଶ୍ରୀ ବିଜୟ ଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ଓ ଆଦାନପ୍ରଦାନର ପରମ୍ପରା ଶେଷ ହେବା ପରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ନୃତ୍ୟସୁଧା ପକ୍ଷରୁ 'ବୁଦ୍ଧ ଚରିତମ୍' ଓଡ଼ିଶୀ ନୃତ୍ୟ ନାଟିକା ପ୍ରଦର୍ଶିତ ହୋଇଥିଲା । ଭଗବାନ ବୁଦ୍ଧଙ୍କର ବାଲ୍ୟାବସ୍ଥାରୁ ବୁଦ୍ଧତ୍ୱ ପ୍ରାପ୍ତି ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟ ଏତେ ମର୍ମସ୍ପର୍ଶୀ ହୋଇଥିଲା ଯେ, ଦର୍ଶକମାନଙ୍କ ଚକ୍ଷୁରେ ଲୋତକ ଝରି ଆସିଥିଲା । ଓଡ଼ିଶାର ସୁଲେଖକ ତଥା ପ୍ରଶାସକ ଶ୍ରୀ ଅଜିତ କୁମାର ତ୍ରିପାଠୀଙ୍କ ଇଂରାଜୀ ଭାଷାରେ ଲିଖିତ ଗୌତମ ବୁଦ୍ଧ ପୁସ୍ତକ ଉପରେ ଆଧାରିତ 'ଗୌତମ ବୁଦ୍ଧ ମହାଚରିତମ ନୃତ୍ୟ ନାଟିକାଟି ନୃତ୍ୟଗୁରୁ ଶ୍ରୀ ଦୁର୍ଗାଚରଣ ରଣବୀରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା ।


ପରିଶେଷରେ ସ୍ୱର୍ଗତଃ ପର୍ଶୁରାମ ହରିଚନ୍ଦନଙ୍କ ଲିଖିତ ଓ ତାଙ୍କର ପୁତ୍ର ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କଦ୍ୱାରା ନିର୍ଦ୍ଦେଶିତ 'ଶତାବ୍ଦୀର କଳାକାର' ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ବିପ୍ଳବୀ କୃତିବାସ' । ଓଡ଼ିଶାରେ ପାଇକ ବିଦ୍ରୋହର ସ୍ୱାକ୍ଷର ବହନ କରି ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ଖୋର୍ଦ୍ଧାର ପାଇକ କୃତିବାସ ପାଟଶାଣୀ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ବ୍ରିଟିଶ ସରକାରଙ୍କ ହାତରେ । ନାଟକର ବିଷୟବସ୍ତୁ ଯେତିକି ମର୍ମସ୍ପର୍ଶୀ ଥିଲା, କଳାକାରମାନଙ୍କର ଅଭିନୟ ସତେ ଯେମିତି ମନେ ପକାଇ ଦେଉଥିଲା ପାଇକ ବିଦ୍ରୋହର ପ୍ରତିଟି ଗାଥା, ବ୍ରିଟିଶ ସରକାରଙ୍କୁ ହଟାଇବାର ସମସ୍ତ ଷଡ଼ଯନ୍ତ୍ର ।

ନାଟକର ଯବନିକା ପାତ ହେବା ସଂଗେ ସଂଗେ ତିନିଦିନିଆ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା । ତାହା ଥିଲା ବିଦାୟୀ ମୁହୂର୍ତ୍ତ । କାହା ମନରୁ ପାଶୋରି ଯାଇ ନଥିଲା ସେହି ଦିନ ତିନିଟାର ଅନୁଭୂତି । ତିନୋଟି ଦିନ ମଧ୍ୟରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାର କଳାର ପ୍ରତିନିଧିତ୍ୱ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା ।

କାର୍ଯ୍ୟକ୍ରମ ସଂଯୋଜକ
ଟି.ଭି. ୟୁନିଟ୍
ଲୋକ ସଂପର୍କ ଭବନ, ଭୁବନେଶ୍ୱର

# ପଞ୍ଚାୟତିରାଜ ବିଭାଗ ୨୦୦୭-୦୮ ଆର୍ଥିକ ବର୍ଷର କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ

ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଗ୍ରାମାଞ୍ଚଳର ସମୃଦ୍ଧି ଆଣିବା ନିମନ୍ତେ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ । ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ, ୧୯୪୮ ରାଜ୍ୟର ଗ୍ରାମପଞ୍ଚାୟତ ଗଠନ, କ୍ଷମତା ଓ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ପ୍ରଣୀତ ପ୍ରଥମ ଆଇନ ଅଟେ । ୧୯୫୦-୫୧ରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫୦୦ ଗୋଟି ଗ୍ରାମପଞ୍ଚାୟତ ଗଠନ କରାଯାଇଥିଲା । ୧୯୫୮ରୁ ୧୯୬୧ ମଧ୍ୟରେ ରାଜ୍ୟର ବଛା ବଛା ସ୍ଥାନରେ ବ୍ଲକ୍‌ମାନ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ ୧୯୫୯ରେ ଅଧିନିୟମିତ କରାଗଲା କିନ୍ତୁ ତତ୍‌କ୍ଷଣାତ୍ ଜିଲ୍ଲା ପରିଷଦ ଗଠନ କରାଯାଇନଥିଲା । ପରବର୍ତ୍ତୀ ଅବସ୍ଥାରେ ୧୯୬୧ ମସିହାରେ ଜିଲ୍ଲା ପରିଷଦ ଅଧିନିୟମକୁ ସଂଶୋଧନ କରାଯାଇ ଓଡ଼ିଶା ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଅଧିନିୟମ, ୧୯୫୯ (୧୯୬୧ର ଓଡ଼ିଶା ଅଧିନିୟମ-୨୪୬ ପ୍ରଣୟନ କରାଗଲା । ୧୯୬୧ ମସିହାରେ ରାଜ୍ୟକୁ ନିରକ୍ଷରତା, ଦାରିଦ୍ର୍ୟ ଓ ରୋଗମୁକ୍ତ କରାଇବାର ଲକ୍ଷ୍ୟ ନେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିଷ୍ଠା କରାଗଲା । ୧୯୬୮ ମସିହାରେ ଜିଲ୍ଲା ପରିଷଦ ବ୍ୟବସ୍ଥାକୁ ଉଚ୍ଛେଦ କରାଗଲା । ଉନ୍ନୟନ କାର୍ଯ୍ୟକ୍ରମ, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ନିମନ୍ତେ ପଞ୍ଚାୟତ ସମିତି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭାବରେ ଉଭା


ଓଡ଼ିଶା ସରକାର

ପଞ୍ଚାୟତିରାଜ ବିଭାଗ
୨୦୦୭-୦୮ ଆର୍ଥିକ ବର୍ଷର
କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ

ପଞ୍ଚାୟତିରାଜ ବିଭାଗ

### ନିର୍ବାଚିତ ପ୍ରତିନିଧି

| କ୍ର.ସଂ. | ସ୍ତର | ପଦ | ଆସନ ସଂଖ୍ୟା | ନିର୍ବାଚିତ ସଭ୍ୟ ସଂଖ୍ୟା | ହରିଜନ | | ଆଦିବାସୀ | | ପଛୁଆବର୍ଗ | | ଅସଂରକ୍ଷିତ | |
|---|---|---|---|---|---|---|---|---|---|---|---|---|
| | | | | | ପୁ | ମ | ପୁ | ମ | ପୁ | ମ | ପୁ | ମ |
| ୧. | ଜିଲ୍ଲା ପରିଷଦ | ସଭାପତି | ୩୦ | ୩୦ | ୩ | ୩ | ୬ | ୩ | ୫ | ୩ | ୫ | ୨ |
| | | ଉପସଭାପତି | ୩୦ | ୩୦ | - | - | - | - | - | - | - | - |
| | | ସଭ୍ୟ | ୮୫୪ | ୮୫୩ | ୮୭ | ୫୮ | ୧୩୫ | ୮୫ | ୧୪୯ | ୮୮ | ୧୮୧ | ୭୦ |
| ୨. | ପଞ୍ଚାୟତ ସମିତି | ଅଧ୍ୟକ୍ଷ | ୩୧୪ | ୩୧୪ | ୧୫ | ୨୧ | ୮୨ | ୫୭ | ୩୭ | ୨୩ | ୬୨ | ୧୭ |
| | | ଉପାଧ୍ୟକ୍ଷ | ୩୧୪ | ୩୧୪ | - | - | - | - | - | - | - | - |
| | | ସମିତି ସଭ୍ୟ | ୬୨୩୩ | ୬୨୩୨ | ୬୦୧ | ୪୫୫ | ୧୦୨୯ | ୬୯୯ | ୧୦୩୭ | ୬୩୧ | ୧୩୫୮ | ୪୨୨ |
| ୩. | ଗ୍ରାମପଞ୍ଚାୟତ | ସରପଞ୍ଚ | ୬୨୩୪ | ୬୨୩୨ | ୪୮୨ | ୩୫୪ | ୧୫୩୭ | ୯୦୭ | ୭୭୨ | ୪୭୧ | ୧୨୪୯ | ୪୬୬ |
| | | ନାଏବ ସରପଞ୍ଚ | ୬୨୩୪ | ୬୨୨୬ | - | - | - | - | - | - | - | - |
| | | ୱାର୍ଡ଼ ସଭ୍ୟ | ୮୭୫୪୨ | ୮୫୩୬୬ | ୨୮୮୪ | ୬୯୨୧ | ୧୨୬୫୩ | ୯୪୧୩ | ୧୩୬୬୬ | ୯୦୯୪ | ୧୯୯୪୩ | ୫୬୯୩ |

ହେଲା ମାତ୍ର ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ସ୍ୱୟଂ ଶାସିତ ସ୍ୱାୟତ୍ତ ଶାସନ ସଂସ୍ଥା ରୂପେ ଉତ୍‌ଥିତ ହୋଇ ପାରିଲା ନାହିଁ । ସମ୍ବିଧାନର ୭୩ତମ ସଂଶୋଧନ ପୂର୍ବରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରିବାରେ ଓଡ଼ିଶା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥାର ଏକ ଉତ୍ତମ ଦିଗ ହେଲା ଏହାର ଅନୁଷ୍ଠାନର ମୁଖ୍ୟ କିମ୍ବା ଉପମୁଖ୍ୟ ମଧ୍ୟରୁ ନିଶ୍ଚିତ ରୂପେ ଜଣେ ମହିଳା ରହିବେ । ସମ୍ବିଧାନର ୭୩ତମ ସଂଶୋଧନ ଓ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ଅଧିନିୟମ ୧୯୯୬ (ପେସା) ବ୍ୟବସ୍ଥା ଯଥାକ୍ରମେ ୧୯୯୩ ଓ ୧୯୯୬ରେ ପ୍ରବର୍ତ୍ତିତ ହେଲା । ସମ୍ବିଧାନର ୭୩ତମ ସଂଶୋଧନ ଓ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ବ୍ୟବସ୍ଥା ସହିତ ସମତା ରକ୍ଷା କରାଯିବା ଉଦ୍ଦେଶ୍ୟରେ ଓଡ଼ିଶା ପଞ୍ଚାୟତ ଆଇନର ସଂଶୋଧନ କରାଗଲା । ପେସାରେ ଥିବା ବ୍ୟବସ୍ଥା ଅନୁସାରେ ଅନୁସୂଚିତ ଜନଜାତିର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରି ନିର୍ବାଚନ କରିବାରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଅଟେ । ନିମ୍ନରେ ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନର ଏକ ଚିତ୍ର ପ୍ରଦାନ କରାଗଲା ।

| | | |
|---|---|---|
| ଜିଲ୍ଲା/ଜିଲ୍ଲା ପରିଷଦ ସଂଖ୍ୟା | ୩୦ | ଅନୁସୂଚିତ ଅଞ୍ଚଳ<br>ସଂପୂର୍ଣ୍ଣ ଭାବେ - ୭<br>ଆଂଶିକ ଭାବେ - ୬ |
| ବ୍ଲକ୍/ପଞ୍ଚାୟତ ସମିତି ସଂଖ୍ୟା | ୩୧୪ | ଅନୁସୂଚିତ - ୧୨୦ |
| ଗ୍ରାମ ପଞ୍ଚାୟତ ସଂଖ୍ୟା | ୬,୨୩୪ | ଅନୁସୂଚିତ - ୧୯୪୧ |
| ମୋଟ ନିର୍ବାଚିତ ପ୍ରତିନିଧି | ୧,୦୦,୮୬୯ | ମହିଳା - ୩୪,୮୩୧ |
| | | ହରିଜନ - ୧୬,୩୦୭୮ |
| | | ଆଦିବାସୀ- ୨୩,୭୪୮ |
| ମୋଟ ଗ୍ରାମ ସଂଖ୍ୟା | ୫୧,୩୪୫ | |

### କ) ସମ୍ବିଧାନର ବ୍ୟବସ୍ଥା ଅନୁସାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କ୍ଷମତା

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱୟଂ ଶାସିତ ସଂସ୍ଥା ଭାବରେ ସମୃଦ୍ଧ କରାଇବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ଅଟନ୍ତି । ୨୦୦୩ ମସିହାରେ ଏଗାରଟି ବିଭାଗର ୨୧ ଗୋଟି ବିଷୟ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତରିତ ହୋଇଥିଲା । ଉକ୍ତ ଏଗାରଟି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ଗ୍ରାମସ୍ତରୀୟ କର୍ମକର୍ତ୍ତାମାନେ ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତରିତ ହୋଇଥିବା ବିଷୟ/ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ଉତ୍ତରଦାୟୀ ରହିଛନ୍ତି । ସେମାନେ ସଂପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନରେ ସେମାନଙ୍କର ଯୋଜନା ଓ ପ୍ରକଳ୍ପର ଅନୁମୋଦନ ନିମନ୍ତେ ବୈଠକରେ ଉପସ୍ଥାପନ କରିବେ । ତ୍ରିସ୍ତରୀୟ ପଞ୍ଚାୟତିରାଜ ମୁଖ୍ୟମାନେ ଏଗାରଟି ବିଭାଗର ନିର୍ଦ୍ଦିଷ୍ଟ କର୍ମକର୍ତ୍ତାଙ୍କର ସାମୟିକ ଛୁଟି ମଞ୍ଜୁର କରିବେ । ସଂପ୍ରତି ଗ୍ରାମ ପଞ୍ଚାୟତଗୁଡ଼ିକୁ ନିର୍ବାହୀ ଅଧିକାରୀ ଯୋଗାଇ ଦିଆଯାଇଅଛି ।

ମୋଟ ୨୧ ଗୋଟି ବିଷୟରୁ ୧୮ ଗୋଟି ବିଷୟରେ କାର୍ଯ୍ୟଶୈଳୀ ରେଖାଙ୍କିତ କରି କ୍ଷେତ୍ର କର୍ମଚାରୀଙ୍କୁ ସାଧାରଣ ଲୋକଙ୍କର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଆନୁଷଙ୍ଗିକ ଯୋଜନା/ପ୍ରକଳ୍ପ ପ୍ରସ୍ତୁତି କରିବା ପାଇଁ ଅନୁଦେଶ ନିର୍ଗମନ କରାଯାଇ ସାରିଛି । ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ, କାର୍ଯ୍ୟ ପାଣ୍ଠିଙ୍କ ଓ କର୍ମକର୍ତ୍ତାମାନଙ୍କର ଫଳପ୍ରସୂ ଅଭ୍ୟୁଦୟ ନିମନ୍ତେ ରାଜ୍ୟ ସରକାର, ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ସହିତ ଏହି ସଂପର୍କିତ (ଏମ୍.ଓ.ୟୁ.) ବୁଝାମଣାପତ୍ର ସ୍ୱାକ୍ଷର କରିସାରିଛନ୍ତି ।

### ଖ) ଗ୍ରାମସଭା ଓ ପଲ୍ଲୀସଭାକୁ କ୍ଷମତା ପ୍ରଦାନ

#### ଗ୍ରାମସଭା

ଗ୍ରାମସଭାରେ ମହିଳାମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବା ପାଇଁ କୋରମର ଏକ ତୃତୀୟାଂଶ ମହିଳାଙ୍କର ଉପସ୍ଥିତି ନିମନ୍ତେ ବ୍ୟବସ୍ଥା କରାଯାଇଅଛି । ପଲ୍ଲୀସଭାରୁ ଆସିଥିବା ବାର୍ଷିକ ଖସଡ଼ାକୁ ବିଚାର କରି ଗ୍ରାମପଞ୍ଚାୟତର ବଜେଟ୍ ଅନୁମୋଦନ ନିମନ୍ତେ ଗ୍ରାମସଭା ଦାୟୀ ରହିବ । ଆହୁରି ମଧ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କର ତାଲିକା ପ୍ରସ୍ତୁତ କରିବା ପାଇଁ ଗ୍ରାମସଭା ଦାୟୀ ରହିବ । ଗ୍ରାମପଞ୍ଚାୟତର ବିନିଯୋଗ ପତ୍ର ଗ୍ରାମସଭାଦ୍ୱାରା ଅନୁମୋଦିତ ହେବ ।

#### ପଲ୍ଲୀସଭା

ପଲ୍ଲୀସଭାରେ ମହିଳାମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ପଲ୍ଲୀସଭା ବୈଠକରେ ଉପସ୍ଥିତ ଥିବା ସଭ୍ୟଙ୍କ ମଧ୍ୟରୁ ଏକ ଦଶମାଂଶ ମହିଳାଙ୍କର ଉପସ୍ଥିତି ନିମନ୍ତେ ପୀଠାସିନ ଅଧିକାରୀ ପ୍ରଚେଷ୍ଟା କରିବେ ।

#### ପଲ୍ଲୀସଭାର ଦାୟିତ୍ୱ

୧. ସ୍ଥାନୀୟ ଅବସ୍ଥାକୁ ଚାହିଁ ବାର୍ଷିକ ଖସଡ଼ା ପ୍ରସ୍ତୁତ କରିବେ ।

୨. ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ଚୟନ କରିବେ ।

୩. ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବେ ଓ ଶ୍ରମିକ ନେତା ଚୟନ କରିବେ, ଯେଉଁମାନେ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରିବେ ।

**ଗ) ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ଗୋଦାମ/ ମହଜୁଦ୍ ଘର ନିର୍ମାଣ**

ଅନୁଦାନ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ଖାଦ୍ୟଶସ୍ୟ ମହଜୁଦ୍ କରି ରଖିବା ପାଇଁ ୫୫୩୮ ଗୋଟି ଗ୍ରାମପଞ୍ଚାୟତସ୍ତରୀୟ ଗୋଦାମ ଗୃହ ଓ ୨୯୬ ଗୋଟି ପଞ୍ଚାୟତ ସମିତିସ୍ତରୀୟ ଗୋଦାମ ଗୃହ ଫେବୃଆରୀ ୨୦୦୭ ସୁଦ୍ଧା ନିର୍ମାଣ କରାଯାଇଅଛି । ଏହି ସମସ୍ତ ଗୋଦାମ ଘରଗୁଡ଼ିକର ଧାରଣ କ୍ଷମତା ୪.୬୬ ଲକ୍ଷ ମେଟ୍ରିକ୍ ଟନ୍ ଅଟେ । ଗ୍ରାମ ପଞ୍ଚାୟତ ଗୋଦାମ ଘରେ ଖାଦ୍ୟଶସ୍ୟ ମହଜୁଦ୍ ରହିବା ଫଳରେ ସର୍ବସାଧାରଣ ଏ ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି । ସଂପ୍ରତି ଗ୍ରାମମାନଙ୍କୁ ସହଜରେ ଖାଦ୍ୟଶସ୍ୟ ପରିବହନ କରାଯାଇପାରୁଛି ।

**ଘ) ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତଥା କର୍ମଚାରୀ ବାସଗୃହ ଓ ପଞ୍ଚାୟତ ସମିତି ରାସ୍ତା ମରାମତି / ରକ୍ଷଣାବେକ୍ଷଣ**

୨୦୦୭-୦୮ ଆର୍ଥିକ ବର୍ଷରେ ରାଜ୍ୟ ଅଣଯୋଜନାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତଥା କର୍ମଚାରୀ ବାସଗୃହଗୁଡ଼ିକର ମରାମତି/ରକ୍ଷଣାବେକ୍ଷଣ ପାଇଁ ୨୦୦.୦୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ସେହିପରି ସି.ଆର୍.ଏଫ୍./ଏନ୍.ଏଫ୍.ସି.ଆର୍. ଅନୁଦାନରୁ ୧୨ ଗୋଟି ବନ୍ୟା ପ୍ରପୀଡ଼ିତ ଜିଲ୍ଲାକୁ ଗ୍ରାମପଞ୍ଚାୟତ/ପଞ୍ଚାୟତ ସମିତି ରାସ୍ତାଗୁଡ଼ିକର ମରାମତି/ରକ୍ଷଣାବେକ୍ଷଣ ନିମନ୍ତେ ଏସ୍.ଆର୍.ସି.ଙ୍କଦ୍ୱାରା ୧୦.୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

**ଙ) ପଞ୍ଚାୟତିରାଜ ବିଭାଗରେ ଇ-ପ୍ରଶାସନର ସୂତ୍ରପାତ**

ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାମାନଙ୍କର ଆର୍ଥିକ ତଥା ବାସ୍ତବ ପ୍ରଗତି ପରିଚାଳନା ପାଇଁ ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ବିଭାଗ କେତେକ ଇ-ପ୍ରଶାସନ ସଫ୍ଟୱେର ପ୍ରବର୍ତ୍ତନ କରିଛନ୍ତି ।

- ଜିଲ୍ଲା ଓ ବ୍ଲକ୍ ସ୍ତରରେ ଆର୍ଥିକ ପ୍ରଗତିର ପର୍ଯ୍ୟାଲୋଚନା ପାଇଁ ପ୍ରିୟାସଫ୍ଟ ସଫ୍ଟୱେରର ପ୍ରଚଳନ ।
- ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକର ବାସ୍ତବ ପ୍ରଗତିର ପର୍ଯ୍ୟାଲୋଚନା ପାଇଁ ରୁରାଲ-ସଫ୍ଟର କାର୍ଯ୍ୟକାରିତା ।
- ପାମିସ୍ ସଫ୍ଟୱେର ପ୍ରଚଳନ ଦ୍ୱାରା ଜିଲ୍ଲା ପରିଷଦ ତଥା ପଞ୍ଚାୟତ ସମିତିଗୁଡ଼ିକର ଦୈନନ୍ଦିନ ହିସାବ ପରିଚାଳନା ସହିତ କ୍ୟାସ ବୁକ୍, ଲେଜର୍ ଇତ୍ୟାଦି ପ୍ରସ୍ତୁତ କରାଯିବା ସହ ପୂର୍ବ ପ୍ରଚଳିତ ହାତଲେଖା କ୍ୟାସ୍‌ବୁକ୍ ପ୍ରଚଳନକୁ ବନ୍ଦ କରାଯାଇପାରିଛି । ଏହି ସଫ୍ଟୱେର କମ୍ପଟ୍ରୋଲର ଓ ମହାଲେଖାକାରଙ୍କଦ୍ୱାରା ସ୍ୱୀକୃତି ପ୍ରାପ୍ତ ।
- ପଞ୍ଚାୟତିରାଜ ବିଭାଗ ଜନସାଧାରଣଙ୍କ ଅବଗତି ତଥା ଗଠନମୂଳକ ମତାମତ ସଂଗ୍ରହ ପାଇଁ ଏକ ଦ୍ୱିଭାଷୀ ୱେବସାଇଟ୍ ମଧ୍ୟ ପ୍ରଚଳନ କରିଛନ୍ତି । (http:// www.orissa.gov.in/panchayat/dafault.asp)

**ଆଗାମୀ ଲକ୍ଷ୍ୟ ...**

ପଞ୍ଚାୟତିରାଜ ବିଭାଗଦ୍ୱାରା ପ୍ରଚଳନ କରାଯାଇଥିବା ତଥ୍ୟ ସଞ୍ଚାର ପ୍ରଯୁକ୍ତି (ଆଇ.ସି.ଟି.) ଭିତ୍ତିଭୂମିକୁ ଗ୍ରାମପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରଖାଯାଇଛି । ଏହାଦ୍ୱାରା ପଞ୍ଚାୟତଗୁଡ଼ିକ ଜନସାଧାରଣଙ୍କ ସହ ତଥ୍ୟ ବିନିମୟ କରିପାରିବେ ।

ପାମିସ୍ (ପି.ଏ.ଏମ୍.ଆଇ.ଏସ୍.) ସଫ୍ଟୱେର ୱେବକ୍ଷମ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି, ଯାହାଦ୍ୱାରା ରାଜ୍ୟସ୍ତରରେ ସମସ୍ତ ପଞ୍ଚାୟତ ସମିତି ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକର ଆର୍ଥିକ ତଥ୍ୟ ଉପଲବ୍ଧ ହେବା ସହ ଏହାର ସୁପରିଚାଳନା କରାଯାଇପାରିବ ।

ପଞ୍ଚାୟତିରାଜ ବିଭାଗ ଏହାର ଏକ ନିଜସ୍ୱ ସଞ୍ଚାର ବ୍ୟବସ୍ଥା (ନେଟ୍‌ୱାର୍କ) ପ୍ରଚଳନ ପାଇଁ ପ୍ରସ୍ତାବ ରଖିଛି ଯାହାଦ୍ୱାରା କି ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏନ୍.ଆର୍.ଇ.ଜି.ଏ.)ର ପର୍ଯ୍ୟାଲୋଚନା କମ୍ପ୍ୟୁଟର ମାଧ୍ୟମରେ ପରିଚାଳନା କରିପାରିବ ।

**ଚ) ଗ୍ରାମପଞ୍ଚାୟତ ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି**

ଗ୍ରାମପଞ୍ଚାୟତର ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରତି ପଞ୍ଚାୟତରେ ଗ୍ରାମ ସେବକ (ଭି.ଏଲ୍.ଡବ୍ଲ୍ୟୁ) ଓ ଗ୍ରାମ୍ୟକୃଷି କର୍ମୀମାନଙ୍କୁ ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଅଛି । ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ନିମନ୍ତେ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଅଛି । ଲଘୁବନଜାତ ଦ୍ରବ୍ୟର ପ୍ରଶାସନିକ କ୍ଷମତା ଗ୍ରାମପଞ୍ଚାୟତକୁ ହସ୍ତାନ୍ତରିତ କରାଯାଇଛି । ସରପଞ୍ଚମାନଙ୍କର ଦକ୍ଷତା ବୃଦ୍ଧି କରାଇବା ଉଦ୍ଦେଶ୍ୟରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ (SIRD) ପ୍ରତିଷ୍ଠାନଦ୍ୱାରା ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇଛି ।

**ଛ) ପଞ୍ଚାୟତିରାଜ ବିଭାଗର କାର୍ଯ୍ୟାବଳୀ ମୁଖ୍ୟତଃ ତିନି ଭାଗରେ ବିଭକ୍ତ**

୧. ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

୨. ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତ ଶାସନ ସଂସ୍ଥାରୂପେ ସମୃଦ୍ଧ କରି ଗଢ଼ି ତୋଳିବା କାର୍ଯ୍ୟକ୍ରମ ଓ

୩. ତାଲିମ ମାଧ୍ୟମରେ ନିର୍ବାଚିତ ସଭ୍ୟଙ୍କର ଦକ୍ଷତା ବୃଦ୍ଧି କରାଇବା ।

## ଙ) ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

ଦାରିଦ୍ର୍ୟ ଦୂରୀକରଣ ଯୋଜନାର ମୁଖ୍ୟ ଉପାଦାନ ମଧ୍ୟରେ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ, ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ, ଗରିବ ଲୋକମାନଙ୍କ ପାଇଁ ଗୃହ ନିର୍ମାଣ ଏବଂ ମୌଳିକ ସେବା ଇତ୍ୟାଦି ଅନ୍ତର୍ଭୁକ୍ତ ।

## ଓ) କର୍ମନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ

୧. ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି-ଯୋଜନା (N.R.E.G.S.)

୨. ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (S.G.R.Y.)

୩. ଗୋପବନ୍ଧୁ ଗ୍ରାମୀଣ ଯୋଜନା (G.G.Y)

୪. ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (B.R.G.F.)

## ମୌଳିକ ସେବା କାର୍ଯ୍ୟକ୍ରମ

ମୌଳିକ ସେବା ଯଥା- ପରିମଳ/ହିସାବର ରକ୍ଷଣାବେକ୍ଷଣ/ ପାନୀୟ ଜଳ ଯୋଗାଣ/ତଥ୍ୟ କେନ୍ଦ୍ର ସୃଷ୍ଟି/ ଗ୍ରାମପଞ୍ଚାୟତ/ ପଞ୍ଚାୟତ ସମିତି ରାସ୍ତା ତଥା ପୋଲ ନିର୍ମାଣ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୃହଗୁଡ଼ିକର ନିର୍ମାଣ ଓ ପୁନରୁଦ୍ଧାର ।

## ୧. ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (N.R.E.G.S.)

ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ପ୍ରଥମ ଦଫାରେ ୧୯ ଗୋଟି ଜିଲ୍ଲାରେ ତା.୦୨.୦୨.୨୦୦୫ରିଖଠାରୁ ପ୍ରଚଳନ କରାଯାଇଥିଲା । ଏତଦ୍ ପଶ୍ଚାତ୍ ଦ୍ୱିତୀୟ ଦଫାରେ ତା.୦୧.୦୪.୨୦୦୭ରିଖଠାରୁ ଅନ୍ୟ ୫ ଗୋଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇଥିଲା । ବର୍ତ୍ତମାନ ଏହା ଓଡ଼ିଶାର ମୋଟ ୨୪ ଗୋଟି ଜିଲ୍ଲା ୨୫୪ ଗୋଟି ବ୍ଲକ୍ ଏବଂ ୪୮୯୧ଟି ଗ୍ରାମ ପଞ୍ଚାୟତରେ ପ୍ରଚଳନ କରାଯାଉଅଛି । ଆସନ୍ତା ତା.୦୧.୦୪.୨୦୦୮ରିଖଠାରୁ ବାକି ୬ଟି ଜିଲ୍ଲାର ୬୦ଟି ବ୍ଲକ୍ ଏବଂ ୧୩୪୩ଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବ । ଏଣୁ ଆସନ୍ତା ତା.୦୧.୦୪.୨୦୦୮ରିଖଠାରୁ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାର ୩୧୪ଟି ବ୍ଲକ୍ ଏବଂ ୬,୨୩୪ଟି ଗ୍ରାମ ପଞ୍ଚାୟତରେ ଉକ୍ତ ଯୋଜନାଟି କାର୍ଯ୍ୟକାରୀ କରାଯିବ ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରବର୍ଗଙ୍କୁ, ଯାହାର ସାବାଳକ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଅଣକୁଶଳୀ ଶାରୀରିକ ଶ୍ରମ କରିବାକୁ ଇଚ୍ଛୁକ ଥିବେ, ସେମାନଙ୍କୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେଇ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଉକ୍ତ ଯୋଜନାର ମୌଳିକ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ସହିତ ପରିବେଶର ସୁରକ୍ଷା କରିବା, ଗ୍ରାମୀଣ ମହିଳାମାନଙ୍କୁ କ୍ଷମତାପନ୍ନ କରିବା, ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସ୍ଥାନାନ୍ତର ହ୍ରାସ କରିବା ଏବଂ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସମତା ପୋଷଣ କରିବା ଇତ୍ୟାଦି ଉକ୍ତ ଯୋଜନାର ଲକ୍ଷ୍ୟ ।

୨୦୦୭-୦୮ ଆର୍ଥିକ ବର୍ଷରେ ୨୦୦୮ ମାର୍ଚ୍ଚ ୧୫ ସୁଦ୍ଧା ସର୍ବମୋଟ ଉପଲବ୍ଧ ୭୫୪.୦୧ କୋଟି ଟଙ୍କା ମଧ୍ୟରୁ (କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ୫୩୨.୯୧ କୋଟି ଟଙ୍କା ମିଶାଇ) ଏବଂ ୫୧୨.୬୮ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ମଧ୍ୟରୁ ମୋଟ ୪୬୨.୦୭ କୋଟି ଟଙ୍କା ଏବଂ ୨୭୩.୩୨ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ବିନିଯୋଗ କରାଯାଇ ୨.୮୬ କୋଟି ଶ୍ରମଦିବସ ସୃଷ୍ଟି କରାଯାଇଛି । ଏହି ସମୟ ପର୍ଯ୍ୟନ୍ତ ୧୬,୫୨୭ଟି ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ହାତକୁ ନିଆଯାଇଥିବା ୫୧,୫୫୪ଟି ଯୋଜନା ମଧ୍ୟରୁ ୪,୨୬୭ଟି ଯୋଜନା ସମ୍ପୂର୍ଣ୍ଣ କରାଯାଇଛି, ଯାହାଦ୍ୱାରାକି ୨୮୬.୦୦ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି । ତନ୍ମଧ୍ୟରୁ ମହିଳା ଶ୍ରମ ଦିବସର ସଂଖ୍ୟା ୧୦୫.୪୩ ଲକ୍ଷ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଶ୍ରମ ଦିବସ ସଂଖ୍ୟା ଯଥାକ୍ରମେ ୫୪.୫୨ ଲକ୍ଷ ଓ ୧୨୩.୭୪ ଲକ୍ଷ ।

୧. ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ସୁରକ୍ଷିତ ଜଳସେଚନ ବ୍ୟବସ୍ଥା ନିମନ୍ତେ ୨ ଲକ୍ଷ କୃଷିକ୍ଷେତ୍ର ଗାଡ଼ିଆ ଖନନର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ତନ୍ମଧ୍ୟରୁ ୧,୫୦,୦୦୦ଟି କୃଷିକ୍ଷେତ୍ର ଗାଡ଼ିଆର କାର୍ଯ୍ୟ ହାତକୁ ନିଆଯାଇ ୫,୬୨୫ଟିର କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ଓ ୨୬,୨୪୬ଟିର କାର୍ଯ୍ୟ ଚାଲୁ ରହିଛି । ଉକ୍ତ ପ୍ରକଳ୍ପଗୁଡ଼ିକ ପ୍ରତ୍ୟେକ ବ୍ଲକ୍‌ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ୩୫% ଚାଷଜମିରେ ଜଳସେଚନ ବ୍ୟବସ୍ଥାକୁ ସହାୟକ ହେବ ।

୨. ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ବହୁଳ କାର୍ଯ୍ୟ ନିର୍ବାହ ନିମନ୍ତେ ପ୍ରତ୍ୟେକ ବ୍ଲକ୍‌ରେ ୨ ଜଣ ଲେଖାଏଁ ମାସିକ ୫,୦୦୦ ଟଙ୍କାରେ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ନିୟୋଜିତ କରାଯାଇଛି ।

୩. ପ୍ରତ୍ୟେକ ପଞ୍ଚାୟତରେ ୨୦୦୦ ଟଙ୍କା ପାରିଶ୍ରମିକ ପ୍ରଦାନ କରି ଜଣେ ଲେଖାଏଁ ଗ୍ରାମ ରୋଜଗାର ସେବକ ନିୟୋଜିତ ହୋଇଛନ୍ତି । ଏଯାବତ୍ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩,୯୦୩ ଜଣ ଗ୍ରାମ ରୋଜଗାର ସେବକଙ୍କୁ ଜିଲ୍ଲାମାନଙ୍କରେ ନିୟୋଜିତ କରାଯାଇଛି । ତୃତୀୟ ପର୍ଯ୍ୟାୟଭୁକ୍ତ ଜିଲ୍ଲା (ଯଥା- କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼)ମାନଙ୍କରେ ଗ୍ରାମ ରୋଜଗାର ସେବକଙ୍କ ପଦବୀ ପୂରଣ ନିମନ୍ତେ କାର୍ଯ୍ୟଧାରା ତ୍ୱରାନ୍ୱିତ କରାଯାଇଛି ।

୪. ପ୍ରତ୍ୟେକ ବ୍ଲକ୍‌ରେ ଜଣେ ଲେଖାଏଁ ଆଡ଼ିସନାଲ କମ୍ପ୍ୟୁଟର ପ୍ରୋଗ୍ରାମର ମାସକୁ ୪୦୦୦ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଇ ନିୟୋଜିତ କରାଯାଇଛି । ଏତଦ୍‌ବ୍ୟତୀତ କନିଷ୍ଠ ଯନ୍ତ୍ରୀ/ ଜି.ପି.ଟି.ଏ.ମାନଙ୍କୁ ଏନ୍.ଆର୍.ଇ.ଜିଏସ୍. କାର୍ଯ୍ୟ ନିର୍ବାହ ନିମନ୍ତେ ଏବଂ କାର୍ଯ୍ୟର ଚାହିଦା ସୃଷ୍ଟି କରିବା ନିମନ୍ତେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୨ ଜଣ ଲେଖାଏଁ ଗାଁ ସାଥୀ ନିୟୋଜିତ କରାଯିବ, ସେମାନଙ୍କ ମଧ୍ୟରୁ ଅନ୍ୟୁନ ଜଣେ ମହିଳା ଗାଁ ସାଥୀ ନିୟୋଜିତ ହେବା ବାଧ୍ୟତାମୂଳକ ।

ଅନୁସୂଚିତ କ୍ଷେତ୍ରମାନଙ୍କରେ କେବଳ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କୁ ଗାଁ ସାଥୀଭାବେ ଚୟନ କରାଯିବ । ଉକ୍ତ ଗ୍ରାମସାଥୀମାନେ ଶ୍ରମିକ ପିଛା ଦୈନିକ ୪ ଟଙ୍କା ହିସାବରେ ପ୍ରୋତ୍ସାହନ ଅର୍ଥ ପାଇବେ ।

**୨. ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (S.G.R.Y.)**

ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଯେଉଁଥିରେ କେନ୍ଦ୍ର ସରକାର ୭୫ ଭାଗ ଅର୍ଥ ଓ ରାଜ୍ୟ ସରକାର ୨୫ ଭାଗ ଅର୍ଥ ବହନ କରିଥାନ୍ତି । ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ଏହି ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟ ଶସ୍ୟ ଯୋଗାଇ ଦେଇଥାନ୍ତି ।

ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳର ଲୋକମାନଙ୍କୁ ଅତିରିକ୍ତ କର୍ମ ନିଯୁକ୍ତି ଯୋଗାଇଦେବା ସଂଗେସଂଗେ ଖାଦ୍ୟ ନିରାପତ୍ତାରେ ସ୍ୱାବଲମ୍ବୀ କରାଇବା । ଏତଦ୍‌ବ୍ୟତୀତ ଦ୍ୱିତୀୟ ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳରେ ସ୍ଥାୟୀ ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି ସ୍ଥାପନ କରିବା । ୨୦୦୭-୦୮ ଆର୍ଥିକ ବର୍ଷର ଫେବୃଆରୀ ୨୦୦୮ ଶେଷ ସୁଦ୍ଧା ୧୩,୩୨୨.୫୮ ମେଟ୍ରିକ୍ ଟନ୍ ଚାଉଳ ଓ ୫,୨୬୭.୬୧ ଲକ୍ଷ ଟଙ୍କା ଏହି ଯୋଜନାରେ ଉପଯୋଗ କରାଯାଇ ୪୭.୫୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏହି ଯୋଜନାରେ ମୋଟ ୫,୯୫୧.୯୮ ଲକ୍ଷ ଟଙ୍କା ଏବଂ ୧୫,୭୯୮.୩୫ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଇଥିଲା । ଉକ୍ତ ଯୋଜନାଟି ତା.୧.୦୪.୨୦୦୮ରିଖଠାରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମିଳିତ ହେବ ।

**୩. ଗୋପବନ୍ଧୁ ଗ୍ରାମୀଣ ଯୋଜନା (G.G.Y.)**

୧୧ ଗୋଟି ଅଣ ଏନ୍.ଆର୍.ଇ.ଜି.ଏ. ଜିଲ୍ଲାଗୁଡ଼ିକରେ ଥିବା କୁଟିଳ ଭିତ୍ତିଭୂମିକ ଫାଙ୍କକୁ ସମତୁଲ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଗୋପବନ୍ଧୁ ଗ୍ରାମୀଣ ଯୋଜନା ନାମରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଯୋଜନା ଉକ୍ତ ୧୧ ଗୋଟି ଜିଲ୍ଲାରେ ଅତିରିକ୍ତ ଉନ୍ନୟନ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ, ବିଦ୍ୟୁତିକରଣ, ଗ୍ରାମ୍ୟ ସଂଯୋଗୀକରଣ ଓ ଜଳସେଚନ ସୁବିଧା ସମେତ ପାନୀୟ ଜଳଯୋଗାଣ ଭଳି କାର୍ଯ୍ୟକ୍ରମ ପ୍ରତି ବିଶେଷ ଧ୍ୟାନ କେନ୍ଦ୍ରିତ କରାଯାଇଛି । ଏହି କାର୍ଯ୍ୟକ୍ରମ ୨୦୦୬-୦୭ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଅଛି ଓ ଏହା ଏକାଦଶ ପଞ୍ଚବାର୍ଷିକ ଯୋଜନା ଅବଧି ଚାଲୁ ରହିବ ଏବଂ ଭିତ୍ତିଭୂମିକ ସହାୟକ ଯୋଗାଇବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାକୁ ବାର୍ଷିକ ୧୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ରଖାଯିବ ।

୨୦୦୭-୦୮ ଆର୍ଥିକ ବର୍ଷରେ ଫେବୃଆରୀ ମାସ ଶେଷ ସୁଦ୍ଧା ଟ.୫୨୭୪.୬୭ ଲକ୍ଷ ଟଙ୍କା ବ୍ୟୟରେ ୩,୯୪୮ ଗୋଟି କାର୍ଯ୍ୟ ସମାପନ କରାଯାଇଅଛି । ଏହି ଯୋଜନାରେ ଟ.୧୩୫୮୪.୫୦ ଲକ୍ଷ ଟଙ୍କାର ବ୍ୟୟବରାଦ ରହିଛି ।

**୪. ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (B.R.G.F.)**

୨୦୦୬-୦୭ ଆର୍ଥିକ ବର୍ଷଠାରୁ ପଛୁଆଞ୍ଚଳ ଅନୁଦାନ ପାଣ୍ଠି କାର୍ଯ୍ୟକ୍ରମ ନାମକ ଏକ ନୂତନ ପ୍ରକଳ୍ପ ରାଜ୍ୟର ୧୯ ଗୋଟି ଜିଲ୍ଲାରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ୩,୬୭୨ ଗୋଟି ପଞ୍ଚାୟତ, ୨୦୫ ପଞ୍ଚାୟତ ସମିତି, ୨୨ ଗୋଟି ପୌର ପରିଷଦ ଓ ୪୮ ଗୋଟି ଏନ୍.ଏ.ସି.କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମ ୨୦୧୧-୧୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୬ ବର୍ଷ ଚାଲିବ ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା, ଉନ୍ନୟନ କ୍ଷେତ୍ରରେ ଥିବା ଆଞ୍ଚଳିକ ଅସମତାର ପ୍ରତିକାର କରିବା । ସ୍ଥାନୀୟ ଭିତ୍ତିଭୂମି ଓ ଅନ୍ୟାନ୍ୟ ଉନ୍ନୟନ ପ୍ରୟୋଜନକୁ ସମତୁଲ କରାଇବା, ପଞ୍ଚାୟତ ଓ ପୌର ପରିଷଦ ଶାସନ ଉପଯୁକ୍ତ ଦକ୍ଷତା ପୂର୍ବକ ଅଭିବୃଦ୍ଧି କରାଇବା ସହିତ ପଞ୍ଚାୟତ କାର୍ଯ୍ୟକ୍ରମକୁ ଯୋଜନାବଦ୍ଧ ତଥା ଏହାର ଉନ୍ନତି ସାଧନ ନିମନ୍ତେ ସ୍ଥାନୀୟ ନିକାୟଗୁଡ଼ିକୁ ବୃତ୍ତିଗତ ସହାୟତା ପ୍ରଦାନ କରିବା ।

ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ଓ ଅର୍ବାନ ଲୋକାଲ ବଡ଼ିଗୁଡ଼ିକଦ୍ୱାରା ଯୋଜନା ପ୍ରସ୍ତୁତ କରାଯିବ । ଜିଲ୍ଲା ଯୋଜନା କମିଟି ଏପରି ପ୍ରସ୍ତୁତ ହୋଇଥିବା ଯୋଜନାଗୁଡ଼ିକୁ କମିଶନଙ୍କ ଭିଜନକୁ ଦୃଷ୍ଟିରେ ରଖି ଏହାକୁ ଏକତ୍ରିତ କରି ଜିଲ୍ଲା ଯୋଜନାରେ ରୂପାନ୍ତରିତ କରିବେ ।

ସ୍ୱତନ୍ତ୍ର କେନ୍ଦ୍ର ସହାୟତା ଜରିଆରେ ଏଥିପାଇଁ ଶତପ୍ରତିଶତ ଅର୍ଥ ଭାରତ ସରକାର ଯୋଗାଇଦେବେ । ଏହି ଅର୍ଥକୁ ଭାରତୀୟ ସମ୍ବିଧାନରେ ତାଲିକାଭୁକ୍ତ ହୋଇଥିବା ଏକାଦଶ ଓ ଦ୍ୱାଦଶ ଅନୁସୂଚୀ ଅନୁଯାୟୀ ପଞ୍ଚାୟତ ଓ ଅର୍ବାନ ଲୋକାଲ ବଡ଼ିଗୁଡ଼ିକ ଉତ୍ତରାଧି ସୂତ୍ରେ ପାଇଥିବା ଯେକୌଣସି ବସ୍ତୁ ନିମନ୍ତେ ଯଥାକ୍ରମେ ବ୍ୟବହାର କରିପାରିବେ ।

ଅନୁସୂଚିତ ଜନଜାତି/ଅନୁସୂଚିତ ଜାତିଙ୍କର ସ୍ୱତନ୍ତ୍ର ଯତ୍ନ ନେବାପାଇଁ ଏକ ସ୍ୱତନ୍ତ୍ର ଉପଯୋଜନା ପଞ୍ଚାୟତ ଓ ଅର୍ବାଲ ଲୋକାଲ ବଡ଼ି ପ୍ରତ୍ୟେକ ଯୋଜନା ମଧ୍ୟରେ ପ୍ରସ୍ତୁତ କରି ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ପ୍ରକଳ୍ପୱାରୀ ଆବଣ୍ଟନ କରିବେ । ଅନୁସୂଚିତ ଜାତି ଓ ଜନଜାତିଙ୍କର ଲୋକସଂଖ୍ୟା ଅନୁପାତରେ ପାଣ୍ଠି ଆବଣ୍ଟନ ହେବା ଆବଶ୍ୟକ ।

୨୦୦୭-୦୮ ଆର୍ଥିକ ବର୍ଷରେ ୨୮୩.୬୨ କୋଟି ଟଙ୍କା ମଞ୍ଜୁର ହୋଇଥିବାସ୍ଥଳେ ୧୯.୮୮ କୋଟି ଟଙ୍କା ଉପଯୋଗ ହୋଇସାରିଛି ।

**୫. ଇନ୍ଦିରା ଆବାସ ଯୋଜନା (I.A.Y.)**

ଏହି ଯୋଜନାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ବି.ପି.ଏଲ୍. ଶ୍ରେଣୀଭୁକ୍ତ ଆଦିବାସୀ/ହରିଜନ (୬୦%) ଓ ଅନ୍ୟମାନଙ୍କୁ (୪୦%) ସହାୟତା ଯୋଗାଇ ଦିଆଯାଇଛି । ଏଥିରେ ମୁକ୍ତ ଗୋତି ଶ୍ରମିକ, କର୍ମରତ ଅବସ୍ଥାରେ ଶହୀଦ ହୋଇଥିବା ଯବାନ୍ ଓ

ପାରାମିଲିଟାରି ଫୋର୍ସଙ୍କର ପରିବାର, ବିକଳାଙ୍ଗ ଲୋକମାନଙ୍କୁ ଏବଂ ସଂଖ୍ୟାଲଘୁ ଧର୍ମାବଲମ୍ବୀମାନଙ୍କୁ ମଧ୍ୟ ଅଗ୍ରାଧିକାର ପ୍ରଦାନ କରାଯାଇଥାଏ । ଇନ୍ଦିରା ଆବାସ ଯୋଜନାରେ ଘରପ୍ରତି ୨୫,୦୦୦ ଟଙ୍କା ଦିଆଯାଇଥାଏ ।

୨୦୦୭-୦୮ ଆର୍ଥିକ ବର୍ଷ ନିମନ୍ତେ ଏଥିପାଇଁ ମୋଟ ୨୫,୦୧୩.୭୧ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା । ଫେବୃଆରୀ ୨୦୦୮ ଶେଷ ସୁଦ୍ଧା ୧୩,୪୩୮.୩୧ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୪୭,୯୭୧ ଗୋଟି ଗୃହ ନିର୍ମାଣ କାର୍ଯ୍ୟ କରାଯାଇଅଛି ।

### ୬. ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (S.G.S.Y.)

ଏହା ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅଟେ । ଗ୍ରାମାଞ୍ଚଳର ଦରିଦ୍ର ଜନତାଙ୍କ ସମନ୍ୱିତ ପ୍ରଚେଷ୍ଟାରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଏହା ଉଦ୍ଦିଷ୍ଟ । ଗ୍ରାମାଞ୍ଚଳର ଦରିଦ୍ର ଜନତାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.ଏସ୍)ରେ ରୂପାନ୍ତରିତ କରାଇବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି, କୁଶଳତାର ଅଭିବୃଦ୍ଧି, ପ୍ରଶିକ୍ଷଣ, ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମ ନିମନ୍ତେ ସହାୟତା ପ୍ରଦାନ, ଋଣ ସମ୍ପୃକ୍ତି, ଭିତ୍ତିଭୂମି ପ୍ରଯୁକ୍ତି ବିଦ୍ୟା ଏବଂ ବାଣିଜ୍ୟିକ ସହାୟତା ପ୍ରଦାନ କରିବାରେ ଏହି ଯୋଜନା କେନ୍ଦ୍ରିତ ଅଟେ । ଏହାର ପ୍ରକଳ୍ପ ବ୍ୟୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯଥାକ୍ରମେ ୭୫:୨୫ ଅନୁପାତରେ ବହନ କରିବେ ।

ଚଳିତ ୨୦୦୭-୦୮ ଆର୍ଥିକ ବର୍ଷରେ ଫେବୃଆରୀ ୨୦୦୮ ଶେଷ ସୁଦ୍ଧା ମୋଟ ମିଳିଥିବା ୬୮.୫୬ କୋଟି ଟଙ୍କା ବିନିଯୋଗ କରାଯାଇ ୫୯,୦୭୪ ଜଣ ସ୍ୱରୋଜଗାରୀଙ୍କୁ ସହାୟତା ପ୍ରଦାନ କରାଯାଇଅଛି ।

- ଏହି ଯୋଜନାରେ ସାମାଜିକ ଅବହେଳିତ ବ୍ୟକ୍ତିବିଶେଷ ଯଥା- (କ) ଶାରୀରିକ ଅକ୍ଷମ, (ଖ) ୭ ବର୍ଷରୁ ଊର୍ଦ୍ଧ୍ୱକାଳ କାରାବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପରିବାର ସଦସ୍ୟ, (ଗ) ଯୌନ ନିର୍ଯ୍ୟାତିତ/ଉଧାରିତ ମହିଳା/ଝିଅ, (ଘ) କୁଷ୍ଠ ରୋଗରୁ ଆରୋଗ୍ୟ ବ୍ୟକ୍ତିଙ୍କ ପାଇଁ ୧୦% ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।
- ସଂଖ୍ୟାଲଘୁ ସମ୍ପ୍ରଦାୟର କଲ୍ୟାଣପାଇଁ ୧୫% ଲକ୍ଷ୍ୟ ୨୦୦୭-୦୮ ଆର୍ଥିକ ବର୍ଷରୁ ଧାର୍ଯ୍ୟ କରାଯାଇଛି ।
- ୨୦୦୭-୦୮ ଆର୍ଥିକ ବର୍ଷରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାର ଭିତ୍ତିଭୂମି ସଂରଚନା ବାବଦରେ ୪୩.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଅର୍ଥକୁ ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ୮୩ଟି ପ୍ରଶିକ୍ଷଣ ତଥା ଉତ୍ପାଦନ କେନ୍ଦ୍ର, କୁକୁଡ଼ା ପାଳନ, ଛେଳିଚାଷ, ମତ୍ସ୍ୟଚାଷ ଏବଂ ଗୋପାଳନ ଆଦିପାଇଁ ବ୍ୟବସ୍ଥା କରାଯାଇଛି ।

### ୭. ତୃପ୍ତି ପରିଯୋଜନାର କାର୍ଯ୍ୟକାରିତା

ରାଜ୍ୟର ୧୦ ଗୋଟି ଜିଲ୍ଲା, ଯଥା- ଅନୁଗୁଳ, ବାଲେଶ୍ୱର, ଭଦ୍ରଖ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକ ଜିଲ୍ଲାର ୩୮ ଗୋଟି ବ୍ଲକ୍‌ରେ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣ ଓ ଭିତ୍ତିଭୂମି ସ୍ଥାପନ TRIPTI ପରିଯୋଜନା କାର୍ଯ୍ୟକାରି କରାଯାଉଅଛି । ୫-୬ ବର୍ଷ ଅବଧି ମଧ୍ୟରେ ଏହି ପରିଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବ୍ୟାଙ୍କ ୭୦ ନିୟୁତ ଡଲାର ଋଣ ସହାୟତା ଯୋଗାଇ ଦେବ । ଏହି ଯୋଜନା ଗରିବ ଲୋକମାନଙ୍କଦ୍ୱାରା ଗଠିତ ସ୍ୱତନ୍ତ୍ର ଅର୍ଥନୈତିକ ଗୋଷ୍ଠୀ/ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ କ୍ରିୟାଶୀଳତାକୁ ସମୃଦ୍ଧ କରାଇବ ।

ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ଅନେକଗୁଡ଼ିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଗଠିତ କରାଯାଇଅଛି । ତଥାପି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି ନିମନ୍ତେ ଅନେକଗୁଡ଼ିଏ ଆର୍ଥିକ କାର୍ଯ୍ୟକ୍ରମ ଓ ସେମାନଙ୍କଦ୍ୱାରା ଉତ୍ପାଦିତ ଦ୍ରବ୍ୟର ସୁଲଭ ବିପଣନ ନିମନ୍ତେ ସୁଚିନ୍ତିତ କାର୍ଯ୍ୟକ୍ରମ କରିବାର ଜରୁରୀ ଆବଶ୍ୟକତା ରହିଛି ।

### ୮. ମୌଳିକ ସେବା ନିମନ୍ତେ ଦ୍ୱାଦଶ ଅର୍ଥ କମିଶନ ଅନୁଦାନ

ଦ୍ୱାଦଶ ଅର୍ଥ କମିଶନ ଅନୁଦାନ ଅଧୀନରେ ବିଭିନ୍ନ ସ୍ତରରେ ଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପାନୀୟ ଜଳ ଯୋଗାଣର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ତଥା ପରିମଳ ଓ ତଥ୍ୟଭିତ୍ତିକ (Data base) ହିସାବ ରକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତଦନୁଯାୟୀ ଗ୍ରାମପଞ୍ଚାୟତଗୁଡ଼ିକ ପାନୀୟ ଜଳ ଯୋଗାଣ କାର୍ଯ୍ୟ ହାତକୁ ନେଇ ସାରିଛନ୍ତି । ଆହୁରି ମଧ୍ୟ ଉତ୍ତମ କାର୍ଯ୍ୟ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ୩୧୪ ଗୋଟି ବ୍ଲକ୍‌ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୃହଗୁଡ଼ିକର ମରାମତି ଓ ପୁନଃସ୍ଥାପନ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବା ସହିତ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତଗୁଡ଼ିକୁ ନିଜସ୍ୱ କାର୍ଯ୍ୟାଳୟ ଗୃହ ଯୋଗାଇ ଦିଆଯିବ ।

ଗ୍ରାମ୍ୟ ସ୍ଥାନୀୟ ସଂସ୍ଥାମାନଙ୍କଦ୍ୱାରା ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ଏବଂ ହିସାବ ରକ୍ଷଣ ପାଇଁ ଦ୍ୱାଦଶ ଅର୍ଥ କମିଶନ ବର୍ଷକୁ ୧୬୦.୦୬ ଲକ୍ଷ ଟଙ୍କା ହିସାବରେ ୨୦୦୫-୦୬ଠାରୁ ୨୦୦୯-୧୦ (ପାଞ୍ଚ ବର୍ଷ) ପାଇଁ ଅର୍ଥ ବ୍ୟବସ୍ଥା କରିଅଛନ୍ତି ।

୨୦୦୭-୦୮ ଆର୍ଥିକ ବର୍ଷଠାରୁ ୨୦୦୯-୧୦ ମଧ୍ୟରେ ଗ୍ରାମପଞ୍ଚାୟତ/ପଞ୍ଚାୟତ ସମିତି ରାସ୍ତା ଓ ପୋଲର ଉନ୍ନତି ବିଧାନ ନିମନ୍ତେ ଦ୍ୱାଦଶ ଅର୍ଥ କମିଶନ ୨୦୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି । ଏତଦ୍‌ବ୍ୟତୀତ ସେହି ସମୟ ମଧ୍ୟରେ ପଞ୍ଚାୟତ ସମିତି/ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ/ପୁନଃଉଦ୍ଧାର ନିମନ୍ତେ ଦ୍ୱାଦଶ ଅର୍ଥ କମିଶନ ୧୫ କୋଟି ଟଙ୍କା ଯୋଗାଇ ଦେଇଅଛନ୍ତି ।

**୯. ଓଡ଼ିଶାରେ ଗ୍ରାମାଞ୍ଚଳକୁ ସହରାଞ୍ଚଳରେ ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦେବା ବ୍ୟବସ୍ଥା କାର୍ଯ୍ୟକାରୀ କରିବା (P.U.R.A.)**

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ତାରତମ୍ୟକୁ ହ୍ରାସ କରି ଏବଂ ଏକ ସନ୍ତୁଳିତ ସାମାଜିକ, ଅର୍ଥନୈତିକ ଉନ୍ନୟନ ହାସଲ କରିବା ଉଦ୍ଦେଶ୍ୟରେ ଭାରତର ଯୋଜନା କମିଶନ ଗ୍ରାମାଞ୍ଚଳରେ ନଗରର ସୁଖସ୍ୱାଚ୍ଛନ୍ଦ୍ୟ (PURA) ନାମରେ ଏକ ସହଯାତକ ପ୍ରକଳ୍ପ ସଂଗଠିତ କରିଛନ୍ତି । ବଛା ଯାଇଥିବା ନଗର ନିକଟବର୍ତ୍ତୀ ୪-୫ କି.ମି. ପରିଧି ମଧ୍ୟରେ ଥିବା ୧୦-୧୫ ଗୋଟି ଗ୍ରାମକୁ ଚିହ୍ନଟ କରି ସେଗୁଡ଼ିକର ସାମାଜିକ ଓ ପ୍ରାକୃତିକ ଭିତ୍ତିଭୂମିର ଅଭିବୃଦ୍ଧି କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଅଟେ । ଏଥିନିମନ୍ତେ ଓଡ଼ିଶାର ୨୮ ଗୋଟି ନଗରକୁ (ଖୋର୍ଦ୍ଧା ଓ କଟକକୁ ବାଦଦେଇ ପ୍ରତ୍ୟେକ ଜିଲ୍ଲାର ଗୋଟିଏ ସହର) ଏହି (PURA) କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ଚିହ୍ନଟ କରାଯାଇଛି ।

ଏଥିପାଇଁ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ୍‌କୁ ଚିହ୍ନଟ କରାଯାଇ ଏହାର ରାସ୍ତା ସଂଯୋଗୀକରଣ ଓ ବଜାର ସଂଯୋଗୀକରଣ ତଥା ସୂଚନା ଓ ପ୍ରଯୁକ୍ତି ଓ ଉନ୍ନତମାନର ବିଜୁଳିକରଣ ଉଦ୍ଦେଶ୍ୟରେ ଭାରତ ସରକାର ୫.୪୫ କୋଟି ଟଙ୍କା ଯୋଗାଇ ଦେଇ ଅଛନ୍ତି । ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ, ପରିଚାଳନା ଓ ସମୀକ୍ଷା କରିବା ନିମନ୍ତେ ଜିଲ୍ଲାର ଜିଲ୍ଲାପାଳଙ୍କ ଅଧକ୍ଷତାରେ ପୁରା ନିମନ୍ତେ ଏକ ଆନ୍ତର୍ବିଭାଗୀୟ କମିଟି ଗଠନ କରାଯାଇ ଏହାର କାର୍ଯ୍ୟକାରିତାର ପର୍ଯ୍ୟବେକ୍ଷଣ, ସମୀକ୍ଷା ଓ ତଦାରଖ କରାଯାଇଛି । ଅଦ୍ୟାବଧି ଏହିଯୋଜନାରେ ୩୨୬.୦୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସାରିଲାଣି ।

**୧୦. ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତ ଶାସନ ସଂସ୍ଥାରୂପେ ସମୃଦ୍ଧ କରାଇବା**

ଗ୍ରାମପଞ୍ଚାୟତ ଗଣତନ୍ତ୍ରର ତୃଣମୂଳ ଅନୁଷ୍ଠାନ ରୂପେ କାର୍ଯ୍ୟ କରୁଅଛି । ସଂପ୍ରତି ରାଜ୍ୟରେ ମୋଟ ୬,୨୩୪ ଗୋଟି ଗ୍ରାମପଞ୍ଚାୟତ ରହିଅଛି । ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ଗ୍ରାମପଞ୍ଚାୟତକୁ ବିଭିନ୍ନ ବିଷୟ ହସ୍ତାନ୍ତରିତ କରାଯାଇଛି ଏବଂ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ସରପଞ୍ଚ ୫୦,୦୦୦ ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେଇପାରିବେ । ଗ୍ରାମପଞ୍ଚାୟତ ୫୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ପାଇଁ ପ୍ରଶାସନିକ ମଞ୍ଜୁରି ଦେଇପାରିବେ । ୬୯ ଗୋଟି ଲଘୁବନଜାତ ଦ୍ରବ୍ୟକୁ ଗ୍ରାମପଞ୍ଚାୟତକୁ ହସ୍ତାନ୍ତରିତ କରାଯାଇଛି । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀ ଚୟନ ନିମନ୍ତେ ପଲ୍ଲୀସଭାକୁ କ୍ଷମତାପନ୍ନ କରାଯାଇଛି । ଅନୁସୂଚିତ ଅଞ୍ଚଳରେ ଗ୍ରାମପଞ୍ଚାୟତ ନିଶାଦ୍ରବ୍ୟର ପ୍ରସ୍ତୁତି/ବିକ୍ରୟକୁ ନିୟନ୍ତ୍ରଣ କରୁଅଛି । ପଞ୍ଚାୟତ ସମ୍ପତ୍ତିକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ପ୍ରଦାନ କରି ତହିଁରୁ ନିଜସ୍ୱ ଆୟ ବଳରେ ରାଜସ୍ୱ ବୃଦ୍ଧି କରିବା ନିମନ୍ତେ ମଧ୍ୟ ଗ୍ରାମପଞ୍ଚାୟତଗୁଡ଼ିକ କ୍ଷମତାପନ୍ନ ହୋଇଛନ୍ତି ।

**୧୧. ଅଣଯୋଜନା ବ୍ୟୟ**

i. ଗ୍ରାମପଞ୍ଚାୟତ ସମ୍ପାଦକଙ୍କ ପାରିଶ୍ରମିକ :

ଗ୍ରାମପଞ୍ଚାୟତ ସମ୍ପାଦକଙ୍କୁ ନିଯୁକ୍ତି ଦେଇଥାଆନ୍ତି । ଗ୍ରାମପଞ୍ଚାୟତ ସମ୍ପାଦକଙ୍କ ପାରିଶ୍ରମିକ ବାବଦକୁ ସରକାର ଅନୁଦାନ ପ୍ରଦାନ କରିଥାନ୍ତି । ସମ୍ପ୍ରତି ଗ୍ରାମପଞ୍ଚାୟତ ସମ୍ପାଦକ ମାସିକ ୨୨୦୦ ଟଙ୍କା ପାରିଶ୍ରମିକ ପାଉଛନ୍ତି ଏବଂ ୨୦୦୭-୦୮ରେ ଆର୍ଥିକ ବର୍ଷ ନିମନ୍ତେ ଗ୍ରାମପଞ୍ଚାୟତ ସମ୍ପାଦକମାନଙ୍କର ପାରିଶ୍ରମିକ ବାବଦକୁ ୧୦,୩୬,୯୯,୦୦୦ ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଅଛି ।

ii. ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମାନଦେୟ

ପ୍ରତ୍ୟେକ ସରପଞ୍ଚ ଓ ନାଏବ ସରପଞ୍ଚ ମାସିକ ୩୦୦ ଟଙ୍କା ହିସାବରେ ମାନଦେୟ ପାଉଛନ୍ତି । ୨୦୦୭-୦୮ ଆର୍ଥିକ ବର୍ଷ ନିମନ୍ତେ ଏହି ଉଦ୍ଦେଶ୍ୟରେ ମୋଟ ୪,୬୩,୧୮,୦୦୦ ଟଙ୍କା ବ୍ୟୟବରାଦ କରାଯାଇଛି ।

iii. ବୈଠକ ଭତ୍ତା ଓ ଦୈନିକ ଭତ୍ତା

ଗ୍ରାମପଞ୍ଚାୟତର ପ୍ରତ୍ୟେକ ବୈଠକ ନିମନ୍ତେ ପ୍ରତି ସଭ୍ୟଙ୍କୁ ୩୦ ଟଙ୍କା ହିସାବରେ ଭତ୍ତା ପ୍ରଦାନ କରାଯାଉଅଛି । ୨୦୦୭-୦୮ ଆର୍ଥିକ ବର୍ଷ ନିମନ୍ତେ ଏହି ଉଦ୍ଦେଶ୍ୟରେ ମୋଟ ୩,୩୭,୫୬,୦୦୦ ଟଙ୍କାର ବ୍ୟୟବରାଦ କରାଯାଇଛି ।

iv. ପଞ୍ଚାୟତ ପରିଚାଳନା ବ୍ୟବସ୍ଥାର ଉନ୍ନତିକରଣ

ଗ୍ରାମସେବକ ଓ ଗ୍ରାମ କୃଷିକର୍ମୀମାନଙ୍କୁ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଅଛି ।

v. ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ଗ୍ରାମପଞ୍ଚାୟତ କେନ୍ଦୁପତ୍ର ଅନୁଦାନ, ସେସ୍ ଅନୁଦାନ ଓ ସଇରାତ ଅନୁଦାନ ପାଉଅଛି ଏବଂ ସେଥିପାଇଁ ୨୦୦୭-୦୮ ଆର୍ଥିକ ବର୍ଷରେ ୨୬,୦୦,୦୦,୦୦୦ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ସେହିପରି ସମସ୍ତ ୩୧୪ ଗୋଟି ବ୍ଲକ୍ ଓ ୩୦ ଗୋଟି ଡି.ଆର୍.ଡି.ଏ. କାର୍ଯ୍ୟାଳୟରେ ମାସିକ ଏକତ୍ରୀକୃତ ୫୦୦୦ ଟଙ୍କା ପାରିଶ୍ରମିକରେ ଗୋଟିଏ କରି କମ୍ପ୍ୟୁଟର ଅପରେଟର ପଦ ନିଯୁକ୍ତି ସୃଷ୍ଟି କରାଯାଇଛି ।

vi. ପଞ୍ଚାୟତିରାଜ ଦିବସ

ପଞ୍ଚାୟତିରାଜ ଦିବସ ସମାରୋହ ପାଳନ ଚଳିତ ୨୦୦୭-୦୮ ଆର୍ଥିକ ବର୍ଷ ନିମନ୍ତେ ୪୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଅଛି । ସେଥିମଧ୍ୟରୁ ପ୍ରତ୍ୟେକ ଜିଲ୍ଲା ପରିଷଦ ୩୦୦୦ ଟଙ୍କା, ପ୍ରତ୍ୟେକ ପଞ୍ଚାୟତ ସମିତିକୁ ୧୫୦୦ ଟଙ୍କା ଓ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୩୦୦ ଟଙ୍କା ଲେଖାଏଁ ପଞ୍ଚାୟତିରାଜ ଦିବସ ପାଳନ ନିମନ୍ତେ ପ୍ରଦାନ କରାଯାଇଛି ।

ଏହାବ୍ୟତୀତ ପଞ୍ଚାୟତିରାଜ ଦିବସ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହନ ଦେବା ବାବଦରେ ୬୧.୦୦ ଲକ୍ଷ ଟଙ୍କା ୨୦୦୬-୦୭ ଆର୍ଥିକ ବର୍ଷରେ ବ୍ୟୟବରାଦ କରାଯାଇଥିଲା, ଉକ୍ତ ଟଙ୍କାକୁ ବିନିଯୋଗ କରାଯାଇ ୪୩ ଗୋଟି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହନ ପୁରସ୍କାର ପଞ୍ଚାୟତିରାଜ ଦିବସରେ ବଣ୍ଟନ କରାଯାଇଛି ।

**୧୨. ଯୋଜନା ବ୍ୟୟ**

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ମନୋଭାବକୁ ଉତ୍ସାହିତ କରିବା ନିମନ୍ତେ, ସେମାନଙ୍କର ବିଭିନ୍ନ କାର୍ଯ୍ୟକଳାପକୁ ଯଥାଯୋଗ୍ୟ ବିଚାର କରି ପ୍ରତ୍ୟେକ ବର୍ଷ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତମାନଙ୍କୁ ରାଜ୍ୟସ୍ତରୀୟ ପ୍ରୋତ୍ସାହନ, ପୁରସ୍କାର ପ୍ରଦାନ କରାଯାଉଅଛି । ୨୦୦୭-୦୮ ଆର୍ଥିକ ବର୍ଷର ବଜେଟ୍ରୁ ଏଥିନିମନ୍ତେ ୬୧.୦୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଅଛି ।

**ପଞ୍ଚାୟତ ସମିତି**

ରାଜ୍ୟରେ ମୋଟ ୩୧୪ ଗୋଟି ପଞ୍ଚାୟତ ସମିତି ରହିଅଛି । ପଞ୍ଚାୟତ ସମିତି ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

କ) ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପାହ୍ୟା ବୃଦ୍ଧି କରାଯାଇ ସେହି ପଦକୁ ଓଡ଼ିଶା ପ୍ରଶାସନ ସେବା, ପ୍ରଥମ ଶ୍ରେଣୀ (କନିଷ୍ଠ ବ୍ରାଞ୍ଚ) ଅନ୍ତର୍ଭୁକ୍ତ କରାଯାଇଅଛି । ପ୍ରତ୍ୟେକ ପଞ୍ଚାୟତ ସମିତିକୁ ଜଣେ ଲେଖାଏଁ ସହାୟକ ଯନ୍ତ୍ରୀ ଯୋଗାଇ ଦିଆଯାଇଛି । ଏହା ପ୍ରକଳ୍ପଗୁଡ଼ିକର ମାନବୃଦ୍ଧି କରିବାରେ ସହାୟକ ହେବ ।

ଖ) ପ୍ରତ୍ୟେକ ପଞ୍ଚାୟତ ସମିତିକୁ କମ୍ପ୍ୟୁଟର ଅପରେଟର ଯୋଗାଇ ଦିଆଯାଇଛି ।

ଗ) ଏ.ବି.ଡି.ଓ. ପଦ ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ସୃଷ୍ଟି କରାଯାଇଅଛି ।

ଘ) ୨୦୦୭-୦୮ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବେସରକାରୀ ସଦସ୍ୟମାନଙ୍କର ମାନଦେୟ, ବୈଠକ ଭତ୍ତା, ଦୈନିକ ଭତ୍ତା ଓ ଗସ୍ତ ଖର୍ଚ୍ଚ ବାବଦରେ ୩୩୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଅଛି । ତନ୍ମଧ୍ୟରୁ ଫେବୃଆରୀ ୨୦୦୮ ସୁଦ୍ଧା ୨୫୮.୦୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଅଛି ।

**ଜିଲ୍ଲା ପରିଷଦ**

ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ.ଙ୍କୁ ଯଥାକ୍ରମେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଭାବରେ ଦାୟିତ୍ୱ ଅର୍ପଣ କରାଯାଇଅଛି ।

**ଜିଲ୍ଲା ପରିଷଦ କାର୍ଯ୍ୟର ସୁପରିଚାଳନା ପାଇଁ ଓଡ଼ିଶା ଜିଲ୍ଲା ପରିଷଦ ନିୟମ ପ୍ରଣୟନ କରାଯାଇଅଛି । ଏଗାରଟି ବିଭାଗର ୨୧ ଗୋଟି ବିଷୟକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତରିତ କରାଯାଇଅଛି । ସେପରି ହସ୍ତାନ୍ତରିତ ହୋଇଥିବା ବିଷୟଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉତ୍ତରଦାୟୀ ରହିବେ ।**

୨୦୦୭-୦୮ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ସଭାପତି, ଉପସଭାପତି ଓ ସଭ୍ୟମାନଙ୍କର ମାନଦେୟ, ଗସ୍ତ ଖର୍ଚ୍ଚ, ଟେଲିଫୋନ୍ ବିଲ୍ ବାବଦରେ ଅଣଯୋଜନା ବଜେଟ୍‌ରେ ୩,୧୫,୦୫,୦୦୦ ଟଙ୍କା ବ୍ୟବସ୍ଥା କରାଯାଇଅଛି । ୨୦୦୮ ମସିହା ଫେବୃଆରୀ ମାସ ସୁଦ୍ଧା ଜିଲ୍ଲା ପରିଷଦକୁ ୨,୯୪,୭୫,୦୬୭ ଟଙ୍କା ଅନୁଦାନ ଆକାରରେ ମଞ୍ଜୁର କରାଯାଇଅଛି ।

**୧୩. ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ (SIRD) ଜରିଆରେ ଦକ୍ଷତା ବୃଦ୍ଧି**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏସ୍.ଆଇ.ଆର୍.ଡି. ଏକ ପ୍ରଶିକ୍ଷଣ କେନ୍ଦ୍ର ଅଟେ । ଏହି ଅନୁଷ୍ଠାନ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି, ବେସରକାରୀ ଅନୁଷ୍ଠାନ ଓ ବିଭିନ୍ନସ୍ତରର ପଞ୍ଚାୟତିରାଜ କର୍ମଚାରୀ ତଥା ଅନ୍ୟାନ୍ୟ ସଦୃଶ୍ୟ ବିଭାଗମାନଙ୍କର କର୍ମଚାରୀମାନଙ୍କୁ ଉଭୟ ଅନ୍ତପ୍ରାଙ୍ଗଣ ଓ ବହିପ୍ରାଙ୍ଗଣ ତାଲିମ୍ ଦେବାକୁ କାର୍ଯ୍ୟକ୍ରମମାନ ଆୟୋଜନ କରିଥାଏ, ଏସ୍.ଆଇ.ଆର୍.ଡି. ତଥା ୩ ଗୋଟି ସଂପ୍ରସାରିତ ତାଲିମ କେନ୍ଦ୍ର (ଭୁବନେଶ୍ୱର, ଭବାନୀପାଟନା ଓ କେଉଁଝର)ରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ତାଲିମ ପ୍ରାର୍ଥୀମାନଙ୍କର ଆବଶ୍ୟକ ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହିତ ନମୁନା ତଥା ଆଦର୍ଶ ଛାଞ୍ଚ ପ୍ରସ୍ତୁତ କରିବାରେ ଏହା ମଧ୍ୟ କାର୍ଯ୍ୟ କରିଥାଏ । ଆହୁରି ମଧ୍ୟ ଏହି ପ୍ରତିଷ୍ଠାନ ମାଧ୍ୟମରେ ବିଭିନ୍ନ ଯୋଜନା ସମ୍ପର୍କରେ ଗବେଷଣା ଓ ମୂଲ୍ୟାୟନ ଜନିତ ଅଧ୍ୟୟନ ହୋଇଥାଏ ।

**୨୦୦୬-୦୭ରେ ଏସ୍.ଆଇ.ଆର୍.ଡି.ର ସାଫଲ୍ୟ**

- ୨୦୦୬-୦୭ ବର୍ଷରେ ୧୦୦ ଗୋଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ୯,୬୧୫ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି ।
- ଉକ୍ତ ବର୍ଷ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଆର୍.ଟି.ଆଇ. ଓ ଏନ୍.ଆର୍.ଇ.ଜି.ଏ. ସଂକ୍ରାନ୍ତ କର୍ମଶାଳା ଏସ୍.ଆଇ.ଆର୍.ଡି.ରେ କରାଯାଇଥିଲା ।
- ୨୦୦୭-୦୮ ବର୍ଷରେ ୧୬୫ ଗୋଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ୧୦,୨୮୧ ଜଣଙ୍କୁ ଯଥା- ୩,୯୨୭ ଜଣ ପଦାଧିକାରୀ, ୬,୨୪୬ ଜଣ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ସଭ୍ୟ ଏବଂ ୧୦୮ ଜଣ ବେସରକାରୀ ସଂସ୍ଥାର ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରାଯାଇଅଛି ।

# ବାଣିଜ୍ୟ ଓ ପରିବହନ ବିଭାଗ ୨୦୦୭-୦୮ ବର୍ଷର କାର୍ଯ୍ୟାବଳୀର ବାର୍ଷିକ ବିବରଣୀ

ଓଡ଼ିଶା ସଚିବାଳୟ ଶାସନ ଅନ୍ତର୍ଗତ ବାଣିଜ୍ୟ ଓ ପରିବହନ ଯୌଗିକ ବିଭାଗର ବାଣିଜ୍ୟ ବିଭାଗ ଏକ ସ୍ୱାଧୀନ ବିଭାଗ ଅଟେ । ଏହି ବିଭାଗର ସଚିବାଳୟ ପ୍ରତିଷ୍ଠାନ ବ୍ୟତୀତ ଏହା ଅଧୀନରେ ଦୁଇଗୋଟି ବିଭାଗୀୟ ମୁଖ୍ୟ ଦପ୍ତର ରହିଛି । ସେଗୁଡ଼ିକ ଯଥା-

୧. ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା କଟକ ।

୨. ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ।

ରାଜ୍ୟରେ ଥିବା ପୋଷ୍ଟ ଏବଂ ଟେଲିକମ୍ ସମ୍ବନ୍ଧୀୟ ସମସ୍ତ ବିଷୟରେ ଭାରତ ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବା ସହ ରାଜ୍ୟ ସଚିବାଳୟ, ଭୁବନେଶ୍ୱରର ପରିସର ମଧ୍ୟରେ ସ୍ଥାପନ କରାଯାଇଥିବା ଇ.ପି.ଏ.ବି.ଏକ୍ସ.ର ରକ୍ଷଣାବେକ୍ଷଣ ଏହି ବିଭାଗଦ୍ୱାରା କରାଯାଇଥାଏ ।

### ଇ.ପି.ଏ.ବି.ଏକ୍ସ, ଓଡ଼ିଶା ସଚିବାଳୟ, ଭୁବନେଶ୍ୱର

ଓଡ଼ିଶା ସଚିବାଳୟ ପରିସର ମଧ୍ୟରେ ପୂର୍ବରୁ କାର୍ଯ୍ୟ କରୁଥିବା ହାଇକମ୍ ଇ.ପି.ଏ.ବି.ଏକ୍ସ. ବଦଳରେ ଭାରତ ସଂଚାର ନିଗମ ଲିମିଟେଡ଼ ଦ୍ୱାରା ବିନା ମୂଲ୍ୟରେ ଏକ ୧୫୧୨ ଲାଇନ ବିଶିଷ୍ଟ ଏକ ଇ.ପି.ଏ.ବି.ଏକ୍ସ. ସ୍ଥାପନ କରାଯାଇଛି ଏବଂ ତାହା ଗତ ତା.୧୭ ଜୁନ୍ ୨୦୦୮ରିଖଠାରୁ କାର୍ଯ୍ୟ କରୁଅଛି । ସରକାରଙ୍କ ନିମ୍ନଲିଖିତ ବିଭାଗ ଓ କାର୍ଯ୍ୟାଳୟକୁ ଏହି ଇ.ପି.ଏ.ବି.ଏକ୍ସ. ଟେଲିଫୋନ ସେବା ଯୋଗାଇ ଦେଉଅଛି ।

କ) ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ (ସୂଚନା ଓ ଲୋକସଂପର୍କ ବିଭାଗ ବ୍ୟତୀତ)

ଖ) ବିଭାଗୀୟ ମୁଖ୍ୟ ଦପ୍ତର କାର୍ଯ୍ୟାଳୟ

ଗ) ରାଜୀବ ଭବନ

ଘ) ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଙ) ରାଜଭବନ


ଓଡ଼ିଶା ସରକାର

ବାଣିଜ୍ୟ ଓ ପରିବହନ (ବାଣିଜ୍ୟ)ବିଭାଗର ୨୦୦୭-୦୮ ବର୍ଷର କାର୍ଯ୍ୟାବଳୀର ବାର୍ଷିକ ବିବରଣୀ

ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗ

ଚଳିତ ଆର୍ଥିକ ବର୍ଷ (୨୦୦୮-୦୯)ରେ ଅର୍ଥ ବିଭାଗ ଏହି ଇ.ପି.ଏ.ବି.ଏକ୍ସ.ର ସଂପ୍ରସାରଣ କାର୍ଯ୍ୟ ପାଇଁ ୨୨ ଲକ୍ଷ ଟଙ୍କା ଯୋଗାଇ ଦେଇଅଛନ୍ତି ଯାହାଦ୍ୱାରା ନିମ୍ନଲିଖିତ ବିଭାଗ ଓ କାର୍ଯ୍ୟାଳୟମାନଙ୍କୁ ସଂପ୍ରସାରିତ ଟେଲିଫୋନ ସେବା ଯୋଗାଇ ଦିଆଯାଇପାରିବ ।

୧. ଅର୍ଥ ବିଭାଗ (ସଂପ୍ରସାରିତ କୋଠା)

୨. ସୂଚନା ଓ ଲୋକ ସଂପର୍କ ବିଭାଗ

୩. ନିର୍ମାଣ ସୌଧ

୪. ଭୂତତ୍ତ୍ୱ ନିର୍ଦ୍ଦେଶାଳୟ

ଭାରତ ସଂଚାର ନିଗମ ଲିମିଟେଡ୍‌ଙ୍କୁ ଏହି ସଂପ୍ରସାରଣ କାର୍ଯ୍ୟ ପାଇଁ ଆଦେଶ ଦିଆଯାଇଛି ।

**ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟ ଉପରୋକ୍ତ ନିର୍ଦ୍ଦେଶାଳୟ ଅଧୀନରେ କାର୍ଯ୍ୟ କରେ । ଏହା ଏକ ସେବା ପ୍ରତିଷ୍ଠାନ ଅଟେ, ଯେଉଁଠାରେ ବିଭିନ୍ନ ଅନୁସୂଚିତ ଓ ଅଣଅନୁସୂଚିତ ଫାରମ୍, ସରକାରୀ ପ୍ରକାଶନ, ବଜେଟ୍ ବହି, ବ୍ୟାଲଟ ପେପର, ମନ୍ତ୍ରିମଣ୍ଡଳ ପ୍ୟାଡ଼, ବାର୍ଷିକ ସରକାରୀ ଡାଏରୀ ଏବଂ କ୍ୟାଲେଣ୍ଡର ଇତ୍ୟାଦି ଛପାଯାଏ । ଏହି ମୁଦ୍ରଣାଳୟ ବିଭିନ୍ନ ଲିଖନ ସାମଗ୍ରୀ ବିଭିନ୍ନ ସରକାରୀ ଦପ୍ତରମାନଙ୍କୁ ଯୋଗାଇ ଥାଏ । ଏହାବ୍ୟତୀତ ଏହି ସଂସ୍ଥା ବିଭିନ୍ନ ପ୍ରକାର କାର୍ଯ୍ୟାଳୟ ଯନ୍ତ୍ରପାତି ଯଥା- ଟାଇପ ମେସିନ୍, ରୋନିଓ ମେସିନ୍ ଇତ୍ୟାଦିର ମରାମତି ତଥା କ୍ରୟ ଦର ନିର୍ଦ୍ଧାରଣ କରିଥାଏ । ଏହି ସଂସ୍ଥା ରାଜ୍ୟ ବଜେଟ୍, ନିର୍ବାଚନ ପାଇଁ ବ୍ୟାଲଟ ପେପର, ରାଜଭବନର ଟେଲିଫୋନ ଡାଇରେକ୍ଟରି, ସଚିବାଳୟର ଟେଲିଫୋନ ଡାଇରେକ୍ଟରି ଛପା କାର୍ଯ୍ୟ କରିଥାଏ । ଅଧିକ ପରିମାଣର ମୁଦ୍ରଣ କାର୍ଯ୍ୟ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଯଥା- High Speed Web Offset Printing Machine, Automatic Binding Machines, Cutting Machines, Wire Stitching Machines, DTP Machines and Laser Printers ଇତ୍ୟାଦି ସ୍ଥାପନ କରାଯାଇଅଛି । ମୁଦ୍ରଣାଳୟର ଆଧୁନିକୀକରଣ କରିବା ପାଇଁ ଓ ଅତ୍ୟାଧୁନିକ ଯନ୍ତ୍ରପାତି କ୍ରୟ କରିବା ପାଇଁ ଚଳିତ ବର୍ଷ (୨୦୦୮-୨୦୦୯) (State Plan Budget)ରେ ୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ମୁଦ୍ରଣାଳୟରେ ଉତ୍ପାଦିତ ସାମଗ୍ରୀର ବୃଦ୍ଧି ହେବା ସଂଗେସଂଗେ ମାନ ଉନ୍ନତି ହେବାର ଲକ୍ଷ୍ୟ ରଖାଯାଇଛି । ଏହି ନିର୍ଦ୍ଦେଶାଳୟ ଅଧୀନରେ ଏକ ବୈଷୟିକ ବିଦ୍ୟାଳୟ କାର୍ଯ୍ୟ କରୁଅଛି ଯେଉଁଠାରେ ବିଭିନ୍ନ ପ୍ରକାର ମୁଦ୍ରଣ ବ୍ୟବସାୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ଓଡ଼ିଶା ସଚିବାଳୟ ପରିସର ମଧ୍ୟରେ ଗେଜେଟ୍ ସେଲ୍ ନାମରେ ଏକ ପ୍ରକୋଷ୍ଠ କାର୍ଯ୍ୟ କରୁଅଛି ଯେଉଁଠାରେ ୱେବ୍‌ସାଇଟ୍ ମାଧ୍ୟମରେ ଓଡ଼ିଶା ଗେଜେଟର ପ୍ରକାଶନ କାର୍ଯ୍ୟ କରାଯାଉଅଛି ।

ଚଳିତ ଆର୍ଥିକ ବର୍ଷ ୨୦୦୭-୦୮ (ମାର୍ଚ୍ଚ ୩୧, ୨୦୦୮ ସୁଦ୍ଧା) ଏହି ମୁଦ୍ରଣାଳୟରୁ ଟ.୧୫୮୬୭୦୦୦ (ଏକ କୋଟି ଅଠାବନ ଲକ୍ଷ ସତଷଠି ହଜାର ଟଙ୍କା) ରାଜସ୍ୱ ଆଦାୟ କରାଯାଇଅଛି ।

**ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର**

ଏହି ବିଭାଗ ଅଧୀନରେ 'ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ' ନାମରେ ନାମିତ ଏକ ନୂତନ ନିର୍ଦ୍ଦେଶାଳୟ ଗତ ତା.୦୧.୧୨.୨୦୦୬ରିଖଠାରୁ ଭୁବନେଶ୍ୱରଠାରେ କାର୍ଯ୍ୟ କରୁଅଛି । ଓଡ଼ିଶାରେ ୪୮୦ କିଲୋମିଟର ସୁନ୍ଦର ସମୁଦ୍ର ଉପକୂଳ ରହିବା ସଂଗେସଂଗେ ୧୩ଟି କ୍ଷୁଦ୍ର ବନ୍ଦର ସ୍ଥାପନ କରାଯିବା ପାଇଁ ପ୍ରକୃଷ୍ଟ ସ୍ଥାନ ରହିଛି । ପ୍ରସ୍ତାବିତ ବନ୍ଦରଗୁଡ଼ିକର ଉନ୍ନତିକରଣ ସହିତ ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ପାଇଁ ନୂତନ ନିର୍ଦ୍ଦେଶାଳୟ ଅନେକ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି । ରାଜ୍ୟରେ ଜଳପଥ ପରିବହନର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ଅଧୀନରେ ଦୁଇଟି ନୂଆ ଯୋଜନା ଅନୁମୋଦନ କରିଛନ୍ତି ଯଥା-

୧. For development of Inland Water Transport Sector in the State of Orissa for upgradation of existing facilities.

୨. For preparation of Detailed Project Report (DPR) on water ways development in the State of Orissa.

ଉପରୋକ୍ତ ଯୋଜନାଦ୍ୱୟର ବ୍ୟୟ ଅଟକଳ ଯଥାକ୍ରମେ ୨୦୪ ଲକ୍ଷ ୪୦ ହଜାର ଟଙ୍କା ଓ ୧୦ ଲକ୍ଷ ୩୦ ହଜାର ଟଙ୍କା ଅଟେ । ଉକ୍ତ ଯୋଜନାଗୁଡ଼ିକ ପାଇଁ ଗତ ୨୦୦୪-୦୫ ଆର୍ଥିକ ବର୍ଷରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରାଳୟ ଯଥାକ୍ରମେ ୪୦ ଲକ୍ଷ ୮୦ ହଜାର ଟଙ୍କା ଏବଂ ୭ ଲକ୍ଷ ୨୧ ହଜାର ଟଙ୍କା ପ୍ରଦାନ କରିଅଛନ୍ତି ।

ଲଞ୍ଚ ଯାତ୍ରୀମାନଙ୍କର ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଯାତ୍ରୀ ବିଶ୍ରାମଗାର ଏବଂ ଜେଟି ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୁରୁଣା ଲଞ୍ଚଗୁଡ଼ିକ ବଦଳାଇ ନୂତନ ଲଞ୍ଚ କିଣିବା ପାଇଁ ଚଳିତ ବର୍ଷ (୨୦୦୮-୦୯) ରାଜ୍ୟ ଯୋଜନା ବଜେଟ୍‌ରେ ୩୬ ଲକ୍ଷ ଟଙ୍କା ଏହି ବିଭାଗକୁ ଦିଆଯାଇଛି ।

ଏହି ବିଭାଗ ଏକ 'ପୋର୍ଟ ପଲିସି' ଘୋଷଣା କରିଛନ୍ତି ଯାହାଦ୍ୱାରା ରାଜ୍ୟରେ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥର ଉନ୍ନତିକରଣ ପାଇଁ ପୁଞ୍ଜି ଲଗାଣକୁ ପ୍ରୋତ୍ସାହନ ମିଳିପାରିବ ।

'Orissa Boat Rules, 2004' ପ୍ରଚଳନ ପାଇଁ ରାଜ୍ୟରେ ଥିବା ସମସ୍ତ ଦେଶୀ ଓ ଯନ୍ତ୍ରଚାଳିତ ଡଙ୍ଗାଗୁଡ଼ିକର ପଞ୍ଜିକରଣ କରାଯିବା ସଂଗେସଂଗେ ନିୟନ୍ତ୍ରଣ କରାଯାଇପାରିଛି ଓ ଏହି କାର୍ଯ୍ୟକ୍ରମଦ୍ୱାରା ରାଜସ୍ୱ ଆଦାୟର ଲକ୍ଷ୍ୟଧାର୍ଯ୍ୟ କରାଯାଇପାରିଛି ।

ରାଜ୍ୟରେ ସମସ୍ତ ପ୍ରକାର ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ 'Orissa Maritime Board Act' ପ୍ରଣୟନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ୨୦୦୭-୦୮ (ମାର୍ଚ୍ଚ ୩୧,୨୦୦୮) ସୁଦ୍ଧା ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟରୁ ଟ.୮୫,୭୭,୦୦୦ (ପଞ୍ଚାଅଶୀ ଲକ୍ଷ ସତସ୍ତରୀ ହଜାର) ଟଙ୍କାର ରାଜସ୍ୱ ଆଦାୟ କରାଯାଇଅଛି ।

**ଓଡ଼ିଶାର ବନ୍ଦର ସମୂହ ପାଇଁ ଚିହ୍ନିତ ସ୍ଥାନ**

ଓଡ଼ିଶାର ପାରାଦ୍ୱୀପଠାରେ ଭାରତ ସରକାରଙ୍କଦ୍ୱାରା ପରିଚାଳିତ ଏକମାତ୍ର ବୃହତ୍ ବନ୍ଦର ରହିଛି ଯାହା ଓଡ଼ିଶାର ବନ୍ଦର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ ।

ରାଜ୍ୟରେ ବନ୍ଦର ନିର୍ମାଣ ପାଇଁ ନିମ୍ନଲିଖିତ ସ୍ଥାନରେ ପ୍ରକୃଷ୍ଟ ସୁବିଧା ରହିଛି ।

| କ୍ର.ନଂ. | ବନ୍ଦର ପାଇଁ ସ୍ଥାନର ନାମ | ଜିଲ୍ଲା |
|---|---|---|
| ୧. | ଗୋପାଳପୁର | ଗଞ୍ଜାମ |
| ୨. | ବାହୁଦା ମୁହାଣ (ସୋନପୁର) | ଗଞ୍ଜାମ |
| ୩. | ପାଲୁର | ଗଞ୍ଜାମ |
| ୪. | ବାଲିହରଚଣ୍ଡୀ | ପୁରୀ |
| ୫. | ଅସ୍ତରଙ୍ଗ | ପୁରୀ |
| ୬. | ଜଟାଧାରୀ ମୁହାଣ | ଜଗତସିଂହପୁର |
| ୭. | ବରୁଣେଇ ମୁହାଣ | କେନ୍ଦ୍ରାପଡ଼ା |
| ୮. | ଧାମରା | ଭଦ୍ରକ |
| ୯. | ଚୁଡ଼ାମଣି | ଭଦ୍ରକ |
| ୧୦. | ଇଞ୍ଚୁଡ଼ି | ଭଦ୍ରକ |
| ୧୧. | ଚାନ୍ଦିପୁର | ବାଲେଶ୍ୱର |
| ୧୨. | ବାହାବଳପୁର | ବାଲେଶ୍ୱର |
| ୧୩. | ସୁବର୍ଣ୍ଣରେଖା ମୁହାଣ (କୀର୍ତ୍ତନିଆ) | ବାଲେଶ୍ୱର |

ଉପରୋକ୍ତ ୧୩ ଗୋଟି ବନ୍ଦର ପାଇଁ ଚିହ୍ନିତ ସ୍ଥାନ ମଧ୍ୟରୁ ଧାମରାଠାରେ ଏକ ବୃହତ ବନ୍ଦର ସ୍ଥାପନ ପାଇଁ ଘରୋଇ କମ୍ପାନୀ International Sea Port Company (ISP) ସିଙ୍ଗାପୁରକୁ ହସ୍ତାନ୍ତରିତ କରାଯାଇଛି ଏବଂ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ସେହିଭଳି ଗୋପାଳପୁର ବନ୍ଦର ଏକ ଘରୋଇ କମ୍ପାନୀ 'Gopalpur Port Limited'କୁ ବନ୍ଦରର ଉନ୍ନତିକରଣ ପାଇଁ ହସ୍ତାନ୍ତରିତ କରାଯାଇଛି ଏବଂ ବନ୍ଦରର କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ଗତ ଜାନୁଆରୀ ୨୦୦୭ରୁ ଆରମ୍ଭ ହୋଇଛି । ଜଟାଧାରୀ ମୁହାଣଠାରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ ପୋସ୍କୋ ଇଣ୍ଡିଆ ଲିମିଟେଡ଼କୁ ନୀତିଗତ ଭାବେ ମଞ୍ଜୁରୀ ରାଜ୍ୟ ସରକାର ଦେଇଅଛନ୍ତି । ସୁବର୍ଣ୍ଣରେଖା ମୁହାଣ (କୀର୍ତ୍ତନିଆ)ଠାରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର କ୍ରିଏଟିଭ୍ ପୋର୍ଟ ପ୍ରାଇଭେଟ ଲିମିଟେଡ଼, ଚେନ୍ନାଇ ସହିତ ଗତ ୨୦୦୮ ଏଗାର ଜାନୁଆରୀରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ନଭୋୟୁଗ ଇଞ୍ଜିନିୟରିଂ ଲିମିଟେଡ଼, ହାଇଦ୍ରାବାଦ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ ସହ ଏକ ପାୱାର ପ୍ଲାଣ୍ଟ ନିର୍ମାଣ ପାଇଁ ସମ୍ମତି ଜଣାଇଅଛନ୍ତି ।

**ଓଡ଼ିଶା ସମୁଦ୍ରୀୟ ଏକାଡ଼େମୀ, ପାରାଦ୍ୱୀପ**

ଶିକ୍ଷାର୍ଥୀମାନଙ୍କୁ ନୌବାହିନୀ, ଜାହାଜରେ ନିଯୁକ୍ତି ଓ ସାମୁଦ୍ରିକ ବାଣିଜ୍ୟରେ ସ୍ୱ-ନିଯୁକ୍ତି ନିମନ୍ତେ ତାଲିମ ଦେବା ପାଇଁ ସରକାର ପାରାଦ୍ୱୀପଠାରେ (Orissa Maritime Academy) ନାମରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ଉକ୍ତ ଶିକ୍ଷାନୁଷ୍ଠାନକୁ ନିମ୍ନରେ ବର୍ଣ୍ଣିତ ଅର୍ଥରାଶି ରାଜ୍ୟ ସରକାର ଗ୍ରାଣ୍ଟ-ଇନ୍-ଏଡ୍ ଭାବେ ମଞ୍ଜୁର କରିଅଛନ୍ତି ।

| ଆର୍ଥିକ ବର୍ଷ | ମଞ୍ଜୁର ଅର୍ଥର ପରିମାଣ |
|---|---|
| ୨୦୦୬-୦୭ | ଟ.୧୭ ଲକ୍ଷ |
| ୨୦୦୭-୦୮ | ଟ.୧ ଲକ୍ଷ |
| ୨୦୦୮-୦୯ | ଟ.୫ ଲକ୍ଷ |

# ସମ୍ବାଦ ପରିକ୍ରମା

## କୃଷି ସମ୍ବାଦ

### ତୃତୀୟ ଭାରତୀୟ ଉଦ୍ୟାନ କଂଗ୍ରେସ ଉଦ୍‌ଘାଟିତ
### ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ୟାନ-କୃଷି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ସ୍ଥାନୀୟ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ତୃତୀୟ ଭାରତୀୟ ଉଦ୍ୟାନ କଂଗ୍ରେସକୁ ଉଦ୍‌ଘାଟନ କରିଛନ୍ତି । ଏହା ଭାରତୀୟ ହର୍ଟି କଲ୍‌ଚର ସୋସାଇଟିଦ୍ୱାରା ଓଡ଼ିଶା ହର୍ଟିକଲ୍‌ଚର ସୋସାଇଟି ଓ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ହୋଇଛି ।

ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ଭଣ୍ଡାରେ କହିଲେ ଯେ, ଓଡ଼ିଶା ଏକ ବନ୍ୟା ଓ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ତେଣୁ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଉଦ୍ୟାନ କୃଷି ଉପରେ ଗୁରୁତ୍ୱ ଦିଆଗଲେ ଏହା ଚାଷୀମାନଙ୍କ ପାଇଁ ଅଧିକ ଲାଭପ୍ରଦ ହେବା ସହ ଭବିଷ୍ୟତରେ ବିପର୍ଯ୍ୟୟ ନିରୋଧକ ହୋଇପାରିବ । ଉପଯୁକ୍ତ ଯୋଜନା ଓ କାର୍ଯ୍ୟାନ୍ୱୟନଦ୍ୱାରା ଉଦ୍ୟାନ-କୃଷିକୁ ସଫଳ ଓ ବାସ୍ତବ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ଶ୍ରୀ ଭଣ୍ଡାରେ କହିଲେ ଯେ, ଅଗ୍ରାଧିକାର ଭିତ୍ତିରେ ଉନ୍ନତ କିସମର ଫଳ ଓ ପନିପରିବାର ବିକାଶ, ଔଷଧୀୟ ଓ ସୁଗନ୍ଧଯୁକ୍ତ ଗଛରୋପଣ, ଫୁଲ ଓ ଆଳଙ୍କାରିକ ବୃକ୍ଷ ଚାଷ, ମସଲା, କାଜୁ, ତାଳତେଲ ଭଳି ଉଚ୍ଚ ଅମଳକ୍ଷମ ଓ ଲାଭକରୀ ଫସଲ ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ବିଭିନ୍ନ ପ୍ରକାରର କୃଷି ଜଳବାୟୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ଉଦ୍ୟାନ କୃଷି ପଦ୍ଧତି ବିକଶିତ କରାଯିବା ଆବଶ୍ୟକ ବୋଲି ମତଦେଇ ସେ କହିଲେ ଯେ, ଏହାଫଳରେ ରାଜ୍ୟର ପ୍ରତ୍ୟେକ ଇଞ୍ଚ ଅବ୍ୟବହୃତ ଜମିରୁ ଅଧିକ ଆୟ କରାଯାଇପାରିବ । ସେ କହିଲେ ଯେ, ଉନ୍ନତ ମାନର ଉଦ୍ୟାନ-କୃଷି, ଜୈବ-ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା, ଉତ୍ପାଦନରେ ମୂଲ୍ୟଯୁକ୍ତ କରିବା ପାଇଁ ଯଥାଯଥ ଜ୍ଞାନ କୌଶଳ ବିକଶିତ କରାଯିବା ଉଚିତ । ଘରୋଇ ବାଡ଼ି ବଗିଚା ପରି ଅଣୁ-ଉଦ୍ୟାନ କୃଷିର ବିକାଶ ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ କହିଲେ ଯେ, ଜନସାଧାରଣଙ୍କ ମଧ୍ୟରେ ଏହାକୁ ଲୋକପ୍ରିୟ କରାଇବା ସହିତ ପରିବେଶକୁ ସବୁଜ ସୁନ୍ଦର ଓ ସ୍ୱାସ୍ଥ୍ୟକର କରାଯାଇପାରିବ । ରାଜଭବନରେ ଥିବା ଔଷଧୀୟ ବଗିଚାର ଉଦାହରଣ ଦେଇ ସେ କହିଲେ ଯେ ମାନବ ଶରୀର ଆକାରର ଏହି ବଗିଚାରେ ଯେଉଁ ଅଂଶ ପାଇଁ ଯେଉଁ ଔଷଧୀୟ ବୃକ୍ଷର ଉପାଦେୟତା ରହିଛି, ତାହା ସେଠାରେ ରୋପଣ କରାଯାଇଛି । ରାଜ୍ୟର ଅନ୍ୟତ୍ର ଏପରି ଔଷଧୀୟ ବଗିଚା କରାଗଲେ ଜନସାଧାରଣ ଅନୁପ୍ରାଣିତ ହେବେ ବୋଲି ସେ କହିଥିଲେ । ରାଜ୍ୟର ଅର୍ଥନୀତିକୁ ଯୋଜନାବଦ୍ଧ ଉଦ୍ୟାନ-କୃଷି ମାଧ୍ୟମରେ ସମୃଦ୍ଧ କରାଯାଇ ପାରିବ ବୋଲି ଶ୍ରୀ ଭଣ୍ଡାରେ କହିଥିଲେ ।

ମଧ୍ୟପ୍ରଦେଶର ରାଜ୍ୟପାଳ ବଳରାମ ଝାକର କହିଥିଲେ ଯେ, ଉଦ୍ୟାନଟିଏ କରିବା ଏକ ଲକ୍ଷ ଯଜ୍ଞ କରିବା ସହ ସମାନ । ଏହା ଖାଦ୍ୟ, ସ୍ୱଚ୍ଛ ବାତାବରଣ ଓ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇଥାଏ ତଥା ଆତ୍ମାକୁ ପରମ ଶାନ୍ତି ଓ ତୃପ୍ତି ପ୍ରଦାନ କରିଥାଏ । ସେ କହିଲେ ଯେ, କୃଷି ଓ ଉଦ୍ୟାନଜାତ ସାମଗ୍ରୀରେ ମୂଲ୍ୟଯୁକ୍ତ କରାଇବା ଜରୁରି ହୋଇ ପଡ଼ିଛି । ଏହା କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ରପ୍ତାନୀ ଶିଳ୍ପ, ପରିବହନ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି କରିବ । ଉଚ୍ଚ ଶିକ୍ଷିତ ଓ ତାଲିମପ୍ରାପ୍ତ ବିଶାରଦମାନେ ଗାଁକୁ ଯାଇ ସେଠାରେ ଚାଷୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଉଚିତ । ଯାହାଫଳରେ ସେମାନେ ଉଦ୍ୟାନ-କୃଷି ପ୍ରତି ଆକର୍ଷିତ ହେବେ । ଜଣେ କୃଷିବିତ୍ ଓ ଉଦ୍ୟାନବିତ୍ ଭାବରେ ସେ ନିଜର ବ୍ୟାପକ ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବାଚସ୍ପତି ପ୍ରତାପ ସିଂହ ରାଣେ କହିଲେ ଯେ, ଗୋଆ ଏକ ଛୋଟ ରାଜ୍ୟ ହୋଇ ମଧ୍ୟ ସେଠାରେ କାଜୁ ଚାଷ କୃଷକମାନଙ୍କର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି । କୃଷି ଓ ଉଦ୍ୟାନ ଚାଷ ପ୍ରତି ଯୁବସମାଜର ବିମୁଖତା ପାଇଁ ସେ କ୍ଷୋଭ ପ୍ରକାଶ କରିଥିଲେ । ଉଦ୍ୟାନଜାତ ପଦାର୍ଥର ରପ୍ତାନୀ ଚାହିଦା ଅଧିକ ଥିବାରୁ ଯୁବସମାଜ ଏହି କ୍ଷେତ୍ର ପ୍ରତି ଆକର୍ଷିତ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ରାଜ୍ୟପାଳ ଶ୍ରୀ ଭଣ୍ଡାରେ ବଳରାମ ଝାକର, ପ୍ରତାପ ସିଂହ ରାଣେ ଓ ଶ୍ରୀମତୀ ବିଦ୍ୟା ଷ୍ଟୋକସଙ୍କୁ ସମ୍ମାନସୂଚକ ଫେଲୋସିପ ପ୍ରଦାନ କରିଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ବୈଜ୍ଞାନିକ, ଗବେଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା । ଡଃ କୀର୍ତ୍ତି ସିଂହ, ଡଃ ଏଚ୍.ପି.ସିଂହ ଓ ପ୍ରଫେସର କେ.ଭି. ପିଟରଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ପାଇଁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା ।

ମାନ୍ୟବର ରାଜ୍ୟପାଳ ଶ୍ରୀ ଭଣ୍ଡାରେ ଏକ ସ୍ମରଣିକା ଓ ଅନ୍ୟ କେତେକ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଉଦ୍ୟାନ କଂଗ୍ରେସର ସଭାପତି ଡଃ କେ.ଏଲ୍. ଚଢ଼ା, ହିମାଞ୍ଚଳ ପ୍ରଦେଶର ପୂର୍ବତନ ବାଚସ୍ପତି ଶ୍ରୀମତୀ ବିଦ୍ୟା ଷ୍ଟୋକସ, ଓୟୁଏଟିର କୁଳପତି ପ୍ରଫେସର ଡି.ପି. ରାୟ, ଉଦ୍ୟାନ ସୋସାଇଟିର ଉପସଭାପତି ଡଃ କୀର୍ତ୍ତି ସିଂହ, ଜାତୀୟ ଉଦ୍ୟାନ କୃଷି ମିଶନର ନିର୍ଦ୍ଦେଶକ ଏସ୍.କେ. ପଟ୍ଟନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ନୂତନ କୃଷିନୀତି କୃଷକ ବିକାଶରେ ସହାୟକ ହୋଇପାରିବ : ମୁଖ୍ୟମନ୍ତ୍ରୀ

ରାଜ୍ୟରେ କୃଷି ତଥା କୃଷକର ଉନ୍ନତି ପାଇଁ ସରକାର ପ୍ରଣୟନ କରିଥିବା ନୂତନ କୃଷି ନୀତି ଯଥେଷ୍ଟ ସହାୟକ ହୋଇପାରିବ । କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ ଓ କୃକଙ୍କ ମଧ୍ୟରେ ସହଯୋଗପୂର୍ଣ୍ଣ ମନୋଭାବ ଏବଂ ସୁସଂପର୍କ ରହିଲେ ଓଡ଼ିଶାରେ କୃଷିର ବିକାଶ ସମ୍ଭବ ହୋଇପାରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କୃଷି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୩୨ତମ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର କୃଷି ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ନାଥ ନାୟକ କୃଷକମାନଙ୍କ ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ନୂଆଦିଲ୍ଲୀସ୍ଥିତ କୃଷି ବୈଜ୍ଞାନିକ ଚୟନ ପରିଷଦର ଅଧକ୍ଷ ଡକ୍ଟର ସି.ଡି. ମାୟୀ ସମଗ୍ର ଦେଶରେ କୃଷି କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । କୃଷି ଶିକ୍ଷାର ମାନବୃଦ୍ଧି ଏବଂ ନୂତନ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ କୃଷକଙ୍କ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ । ଉତ୍ସବରେ ଅଧକ୍ଷତା କରୁଥିବା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀ ପ୍ରସାଦ ରାୟ ପ୍ରଚଳିତ କୃଷି ଶିକ୍ଷା, ଗବେଷଣା ଏବଂ ସଂପ୍ରସାରଣ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟରୁ ଅଦ୍ୟାବଧି ୧୮ ହଜାର ୮୯୭ ଜଣ ବୈଷୟିକ ତାଲିମପ୍ରାପ୍ତ ସ୍ନାତକ ବାହାରି ପାରିଥିବା ବେଳେ ଚଳିତ ବର୍ଷଠାରୁ ଚିପିଲିମାଠାରେ ଏକ ଉଦ୍ୟାନ କୃଷି ମହାବିଦ୍ୟାଳୟ ଖୋଲୁଥିବା ସେ ସୂଚନା ଦେଇଥିଲେ । **ଗବେଷଣା କରି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ୧୧୮ କିସମର ଅଧିକ ଅମଳକ୍ଷମ ଫସଲ ବିହନ ବାହାର କରିପାରିଛନ୍ତି ।** ପ୍ରତିଷ୍ଠା ଦିବସ ଅବସରରେ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ପରିସରରେ ନବନିର୍ମିତ ସୂକ୍ଷ୍ମଜୀବ ବିଜ୍ଞାନ ଗୃହ ଓ ଜୀବ ସୂଚନା ବିଜ୍ଞାନ ଏବଂ କୃଷି ବ୍ୟବସାୟ ପରିଚାଳନା ଭବନକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । କୃଷି ସଂପର୍କିତ ସାତୋଟି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ସ୍ୱାଗତ ଭାଷଣ ଦେଇଥିଲେ ଗବେଷଣା ବିଭାଗର ଡିନ୍ ଡଃ ଦିବାକର ନାୟକ । ଧନ୍ୟବାଦ ଅର୍ପଣ କରିଥିଲେ ଡିନ୍ ଡଃ ଶରତ ଚନ୍ଦ୍ର ମିଶ୍ର ।

(ସୌଜନ୍ୟ : ସମବାୟ ସମାଚାର ସଂଖ୍ୟା ୧୭)

## ଓଡ଼ିଶାରେ ୧୦,୮୪,୩୪୬ ଜଣ ଚାଷୀଙ୍କୁ କୃଷି ଋଣ ଛାଡ଼ କରାଯାଇଛି - ସମବାୟ ମନ୍ତ୍ରୀ

କେନ୍ଦ୍ର ସରକାରଙ୍କ କୃଷି ଋଣ ଛାଡ଼ ଯୋଜନାରେ ରାଜ୍ୟରେ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ମାଧ୍ୟମରେ ୧୦,୮୪,୩୪୬ ଚାଷୀଙ୍କ ଋଣଛାଡ଼ କରାଯାଇଛି ବୋଲି ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି । ମାନ୍ୟବର ବିଧାୟକ ଶ୍ରୀ ନୃସିଂହ ସାହୁଙ୍କ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏ ବାବଦରେ ୧୪୪୮ କୋଟି ୮୦ ଲକ୍ଷ ଟଙ୍କାର ଋଣଛାଡ଼ କରାଯାଇଛି । ୨୦୦୭ ମସିହାରେ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ୫,୪୯,୦୭୩ ଚାଷୀଙ୍କୁ ୬୮,୭୪୩ ଦଶମିକ ୨୩ ଲକ୍ଷ ଟଙ୍କାର କୃଷି ଋଣ ଲଗାଣ କରାଯାଇଥିଲା । ସେହିପରି ଚଳିତ ଖରିଫ ଋତୁରେ ୧୬,୬୬,୬୩୮ ଜଣ ଚାଷୀଙ୍କୁ ୨୨,୬୩୬ ଦଶମିକ ୮୯ ଲକ୍ଷ ଟଙ୍କାର ଋଣ ଲଗାଣ କରାଯାଇଛି ବୋଲି ସେ କହିଛନ୍ତି ।

# ୬୫୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସବ୍‌ସିଡ଼୍ ଋଣ

ଚଳିତ ୨୦୦୭-୦୮ ଆର୍ଥିକ ବର୍ଷରେ ୩୦ଟି ଜିଲ୍ଲାରେ ୬୫୨୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସବ୍‌ସିଡ଼ି ଋଣ ଯୋଗାଇ ଦିଆଯାଇଛି ବୋଲି ମାନ୍ୟବର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତି ପ୍ରକାଶ କରିଛନ୍ତି । ବିଧାୟକ ଶ୍ରୀ ପ୍ରଦୀପ ମହାରଥୀଙ୍କ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ଯେ ୬୫୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୩୨ କୋଟି ୨୦ ଲକ୍ଷ ୨୫ ହଜାର ଟଙ୍କା ଋଣ ଯୋଗାଇ ଦିଆଯାଇଥିବାବେଳେ ସେଥିମଧ୍ୟରୁ ୭୧ କୋଟି ୮୯ ଲକ୍ଷ ୫୦ ହଜାର ସବ୍‌ସିଡ଼୍ ବୋଲି ସେ କହିଛନ୍ତି ।

# 'ଶ୍ରୀ' ପ୍ରଣାଳୀରେ ଧାନଚାଷ ଚାଷୀଙ୍କର ଆତ୍ମବିଶ୍ୱାସ ବଢ଼ାଇ ପାରିଛି

କ୍ରମାଗତ ଦୈବୀ ଦୁର୍ବିପାକ ଯୋଗୁଁ ଫସଲ ନଷ୍ଟ ହୋଇ ରାଜ୍ୟର ଚାଷୀକୂଳ ଚାଷ ପ୍ରତି ବିତସ୍ପୃହ ହୋଇପଡ଼ିଥିବା ପରିଲକ୍ଷିତ ହେଉଛି । ରାଜ୍ୟରେ ନୂତନ ଭାବେ ପ୍ରଚଳିତ 'ଶ୍ରୀ' ପ୍ରଣାଳୀର ଧାନଚାଷର ଯେଉଁ ଉତ୍ପାଦନ ହେଉଛି ସେଥିପାଇଁ ଚାଷୀ ଓ ଆଖପାଖ ଅଞ୍ଚଳର ଚାଷୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି । ଆଗାମୀ କିଛି ବର୍ଷ ଭିତରେ ରାଜ୍ୟର ବହୁ ଅଞ୍ଚଳରେ ଏ ପଦ୍ଧତିରେ ଚାଷ କରି ଚାଷୀମାନେ ସେମାନଙ୍କର ଉତ୍ପାଦନ ଦ୍ୱିଗୁଣିତ କରି ପାରିବେ ବୋଲି କୃଷି ନିର୍ଦ୍ଦେଶକ ଡଃ ଅରବିନ୍ଦ ପାଢ଼ୀ ଆଶା ପ୍ରକାଶ କରିଛନ୍ତି । ଡଃ ପାଢ଼ୀ ଖୋର୍ଦ୍ଧା କୃଷି ଜିଲ୍ଲାର ମେଣ୍ଢାଶାଳ ଓ ଯାଆଁଳା ଅଞ୍ଚଳ ଗସ୍ତ କରି ଏ ଧାନଚାଷ ସଫଳତା ହୋଇଥିବା ବିଷୟରେ ଦେଖିଥିଲେ । ମେଣ୍ଢାଶାଳର ଚାଷୀ ଶ୍ରୀ ସର୍ବେଶ୍ୱର ମହାନ୍ତି ଏ ପ୍ରକାର ଧାନଚାଷ କରି ଗତ ରବି ଋତୁରେ ଏକର ପ୍ରତି ୩୫ କ୍ୱିଣ୍ଟାଲ ଅମଳ ପାଇଥିବା ବେଳେ ଚଳିତ ଖରିଫ ଋତୁରେ ୫ ଏକରରୁ ଅଧିକ ଜମିରେ ଏ ପ୍ରକାର ଧାନ ଚାଷ କରିଛନ୍ତି । ତାଙ୍କ କହିବା ଅନୁସାରେ **ପାରମ୍ପରିକ ଧାନ ଚାଷଠାରୁ ଏ ପଦ୍ଧତିରେ କମ୍ ଖର୍ଚ୍ଚ ସହ ଆଦାୟ ଦୁଇଗୁଣ ହେଉଛି । ଏ ଅଞ୍ଚଳର ଚାଷୀ ଶ୍ରୀ ବୀରକିଶୋର ବିଶ୍ୱାଳ ଓ ଅନ୍ୟମାନେ ମଧ ଏ ପ୍ରକାର ଧାନଚାଷ କରିଛନ୍ତି । ଗସ୍ତ ସମୟରେ ମେଣ୍ଢାଶାଳ ସରପଞ୍ଚ ଶ୍ରୀ ପ୍ରକାଶ ଚନ୍ଦ୍ର ଶ୍ରୀଚନ୍ଦନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।**

କୃଷି ନିର୍ଦ୍ଦେଶକ ଯାଆଁଳାରେ ମଧ ଚାଷୀ ଶ୍ରୀ ପ୍ରବୀର ପଟ୍ଟନାୟକ ଓ ଅନ୍ୟମାନଙ୍କର ଧାନଚାଷ ବୁଲି ଦେଖିଥିଲେ । ଜାମୁଝରୀଠାରେ ଥିବା ମୁକ୍ତାକାଶ ଜେଲ ପରିସରରେ କଏଦୀମାନଙ୍କଦ୍ୱାରା ଜୈବିକ ପ୍ରଣାଳୀର ଚାଷ ଓ ଔଷଧୀୟ ବୃକ୍ଷ ଚାଷର ବଗିଚା ମଧ ସେ ବୁଲି ଦେଖିଥିଲେ ।

ମେଣ୍ଢାଶାଳ ଗ୍ରାମଟିକୁ ଆସନ୍ତା ଖରିଫ୍ ଋତୁରେ 'ଶ୍ରୀ' ଧାନଚାଷ ଗ୍ରାମ ରୂପେ ପରିଣତ କରିବାକୁ ସରପଞ୍ଚ ଶ୍ରୀଚନ୍ଦନ ଓ ଆଗୁଆ ଚାଷୀମାନେ ପ୍ରତିଶ୍ରୁତି ଦେଇଥିଲେ । ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ କୃଷି ଉପନିର୍ଦ୍ଦେଶକ ଡଃ ଭୁବନାନନ୍ଦ ସ୍ୱାଇଁ, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦଳବେହେରା ଓ କୃଷି ସୂଚନା ଅଧିକାରୀ ଶ୍ରୀ ସତ୍ୟନାରାୟଣ ମିଶ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରବି ଋତୁରେ ବିହନ ଯୋଗାଣ ପାଇଁ ବ୍ୟାପକ ବ୍ୟବସ୍ଥା

ଖରିଫ ଋତୁରେ ପ୍ରବଳ ବନ୍ୟା ଯୋଗୁଁ ରାଜ୍ୟରେ ପ୍ରଭୂତ ଫସଲ ନଷ୍ଟ ହୋଇଛି । ତେଣୁ ପରବର୍ତ୍ତୀ ଅବସ୍ଥାରେ ପ୍ରାକ୍ ରବି ଓ ରବି ଫସଲ ଯୋଜନା ଯେପରି ସଂପୂର୍ଣ୍ଣ ରୂପେ ସଫଳ ହେବ ସେଥିପାଇଁ କୃଷି ବିଭାଗ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ନଦୀପଠାରେ ଚିନାବାଦାମ ଚାଷ ପାଇଁ ଚଳିତ ରବି ଋତୁରେ ୧ ଲକ୍ଷ ୧୧ ହଜାର କୁଇଣ୍ଟାଲ ଚିନାବାଦାମ ବିହନ ଆବଶ୍ୟକ ହେବ । ତନ୍ମଧ୍ୟରୁ ବିହନ ନିଗମ ଜରିଆରେ ବର୍ତ୍ତମାନ ସୁଦ୍ଧା ୨୪୦୦ କୁଇଣ୍ଟାଲ ଚିନାବାଦାମ ଯୋଗାଣ ହୋଇଛି । କୃଷି ସଚିବ ଶ୍ରୀ ଉପେନ୍ଦ୍ର ପ୍ରସାଦ ସିଂ କୃଷି ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ବିହନ ଯୋଗାଣକାରୀ ସଂସ୍ଥା ତଥା ବରିଷ୍ଠ କୃଷି ଅଧିକାରୀମାନଙ୍କର ଏକ ବୈଠକ ଡକାଇ ଚିନାବାଦାମ ବିହନ ଯୋଗାଣ ପାଇଁ ଆଲୋଚନା କରିଥିଲେ । ରାଜ୍ୟ ବିହନ ନିଗମ ୨୫,୦୦୦ କୁଇଣ୍ଟାଲ ବିହନ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଜାତୀୟ ବିହନ ନିଗମ (ଏନ୍.ଏସ୍.ସି.) ୨୦,୦୦୦ କୁଇଣ୍ଟାଲ, ଆନ୍ଧ୍ର ପ୍ରଦେଶ ରାଜ୍ୟ ବିହନ ଉନ୍ନୟନ ନିଗମ (ଏ.ପି.ଏସ୍.ଏସ୍.ଡି.ସି.) ୧୦,୦୦୦ କୁଇଣ୍ଟାଲ, ନାଫେଡ଼ ୨୬,୦୦୦ କୁଇଣ୍ଟାଲ, ଏସ୍.ଏଫ୍.ସି.ଆଇ. ୧୫,୦୦୦ କୁଇଣ୍ଟାଲ ଏବଂ କର୍ଣ୍ଣାଟକ ତୈଳବୀଜ ଉତ୍ପାଦନକାରୀ ମହାସଂଘ ୨,୦୦୦ କୁଇଣ୍ଟାଲ ଚିନାବାଦାମ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଆବଶ୍ୟକୀୟ ଅବଶିଷ୍ଟ ବିହନ ଭରଣା କରିବାକୁ ସଚିବ ସମସ୍ତ ସଂସ୍ଥାକୁ ଅନୁରୋଧ କରିଥିଲେ । ୨୦୦୮-୦୯ ରବି ଋତୁ ପାଇଁ ରାଜ୍ୟ ପାଇଁ ଆବଶ୍ୟକୀୟ ୭୩,୮୨୯ କୁଇଣ୍ଟାଲ ଧାନ ବିହନ ମଧ୍ୟରୁ ଏ ପର୍ଯ୍ୟନ୍ତ ୨,୫୪୪ କୁଇଣ୍ଟାଲ, ୮,୬୭୧ କୁଇଣ୍ଟାଲ ଗହମ ବିହନରୁ ୧,୫୧୮ କୁଇଣ୍ଟାଲ, ୬,୬୧୬ କୁଇଣ୍ଟାଲ ମୁଗ ମଧ୍ୟରୁ ୩୨୪ କୁଇଣ୍ଟାଲ, ୫,୦୭୮ କୁଇଣ୍ଟାଲ ବିରି ବିହନରୁ ୨,୮୨୧ କୁଇଣ୍ଟାଲ, ୯୪୮ କୁଇଣ୍ଟାଲ ବୁଟ ମଧ୍ୟରୁ ୮୬୩ କୁଇଣ୍ଟାଲ, ୧,୯୩୬ କୁଇଣ୍ଟାଲ ମଟର ମଧ୍ୟରୁ ୮୮୫ କୁଇଣ୍ଟାଲ, ୧,୨୧୧ କୁଇଣ୍ଟାଲ ସୋରିଷ ବିହନ ମଧ୍ୟରୁ ୮୧୩ କୁଇଣ୍ଟାଲ

ଏହା ମଧ୍ୟରେ ବିଭିନ୍ନ ବିହନ ବିକ୍ରୟ କେନ୍ଦ୍ରକୁ ପଠା ସରିଗଲାଣି । ସମସ୍ତ ଅଧିକାରୀମାନେ ସଂପୃକ୍ତ ଅଞ୍ଚଳର କୌଣସି ଚାଷୀ ଯେପରି ବିହନ ପାଇବାରେ ଅସୁବିଧା ଭୋଗ ନକରନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କୃଷି ସଚିବ ଓ କୃଷି ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ ।

## ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ କର୍ମଶାଳା :
## ବିଶ୍ୱର ଯେକୌଣସି ସମୃଦ୍ଧ ଭାଷା ସହ ଓଡ଼ିଆ ଭାଷା ସମକକ୍ଷ ହେବ : ଗଣଶିକ୍ଷା ମନ୍ତ୍ରୀ

ଓଡ଼ିଆ ଭାଷାର ସମୃଦ୍ଧି, ବିକାଶ ଓ ପ୍ରସାର ଲକ୍ଷ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ପାନ୍ଥ ନିବାସଠାରେ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ଶତାଧିକ ଓଡ଼ିଆ ଲେଖକ ପତ୍ରପତ୍ରିକା ସଂପାଦକ, ଗଣମାଧ୍ୟମର ପ୍ରତିନିଧି ତଥା ପ୍ରକାଶକ ଯୋଗଦେଇ, ସରକାରୀ ଓ ସାମାଜିକ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଭାଷା ପ୍ରସାରରେ ଗଣମାଧ୍ୟମର ଭୂମିକା ବିଦ୍ୟାଳୟରେ ଓଡ଼ିଆ ଭାଷା ଶିକ୍ଷା, ଓଡ଼ିଶାର ଆଞ୍ଚଳିକ ଭାଷାକୁ ମୂଳ ଓଡ଼ିଆ ଭାଷାରେ ସାମିଲ କରି ତାହାର ପ୍ରସାର ନିମନ୍ତେ ଆଧୁନିକ ଉପକରଣର ପ୍ରସ୍ତୁତି ଓ ସେଗୁଡ଼ିକର ବ୍ୟବହାର ଉପରେ ବିଭିନ୍ନ ବକ୍ତାମାନେ ମଧ୍ୟ ମତବ୍ୟକ୍ତ କରିଥିଲେ ।

ଗତ ଅକ୍ଟୋବର ୨୪ ତାରିଖ ପୂର୍ବାହ୍ନରେ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସଂଜୀବ କୁମାର ସାହୁ କହିଥିଲେ ଯେ, ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠନ ହୋଇଥିଲା । ତେଣୁ ଆମ ଏହି ରାଜ୍ୟର ଭାଷାକୁ ସମୃଦ୍ଧିଶାଳୀ, ପ୍ରସାରକ୍ଷମ କରିବାପାଇଁ ପ୍ରତ୍ୟେକ ସ୍ତରରେ ସକାରାତ୍ମକ ମନୋଭାବ ସୃଷ୍ଟି ହେବା ଦରକାର । ଆଜିର କମ୍ପ୍ୟୁଟର ଯୁଗରେ ଭାଷାକୁ ଅଧିକ ପ୍ରସାରକ୍ଷମ କରିବା ପାଇଁ ଓଡ଼ିଆ ଭାଷାରେ ନୂଆ ନୂଆ ସଫ୍ଟୱେର ପ୍ରସ୍ତୁତ କରିବା ଆବଶ୍ୟକ । ସେ କହିଥିଲେ ଯେ, ଓଡ଼ିଆ ଭାଷାର ସମୃଦ୍ଧି ଓ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଗଠନ କରିଛନ୍ତି । ଓଡ଼ିଆ ଭାଷାକୁ ବିଶ୍ୱର ଯେକୌଣସି ସମୃଦ୍ଧ ଭାଷାର ସମକକ୍ଷ କରିବା ପାଇଁ ଯାହା ଭିତ୍ତିଭୂମି ଆବଶ୍ୟକ ତାହା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତିବଦ୍ଧ ।

ଉତ୍ସବରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ କହିଥିଲେ, ଓଡ଼ିଆ ଭାଷା ଏକ ପ୍ରାଚୀନ ତଥା ସମୃଦ୍ଧିଶାଳୀ ଭାଷା । ଆଜିର ଇଣ୍ଟରନେଟ୍ ଯୁଗରେ ଏହି ଭାଷାକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ଭାଷାକୁ କମ୍ପ୍ୟୁଟର ଉପଯୋଗୀ କରିବାକୁ ପଡ଼ିବ । ତେଣୁ ଏ ଦିଗରେ ଭାଷା ବିଜ୍ଞାନ ଓ କମ୍ପ୍ୟୁଟର ବିଶେଷଜ୍ଞମାନେ ଅଧିକ ସକ୍ରିୟ ହେବା ଆବଶ୍ୟକ । ସେ ମଧ୍ୟ କହିଲେ ଯେ, ଏହି କର୍ମଶାଳାରେ ଯାହା ସିଦ୍ଧାନ୍ତ ହେବ ସରକାର କାର୍ଯ୍ୟକାରୀ କରିବା ପାଇଁ ଯଥାସମ୍ଭବ ଯତ୍ନଶୀଳ ହେବେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଶ୍ରୀମତୀ ବନ୍ଦନା କୁମାରୀ ଜେନା କହିଥିଲେ, ଓଡ଼ିଆ ଭାଷାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସନ୍ଥକବି ଭୀମଭୋଇ ପ୍ରମୁଖ ଯେଉଁ ପୁସ୍ତକ ରଚନା କରିଛନ୍ତି, ତାହା ବିଶ୍ୱର ଯେକୌଣସି ଉନ୍ନତ ଭାଷାର ସାହିତ୍ୟ ସହ ସମକକ୍ଷ । ତେବେ ଏହି ଭାଷାକୁ କେବଳ ସାହିତ୍ୟ ମଧ୍ୟରେ ସୀମିତ ନରଖି ପ୍ରତ୍ୟେକ ସ୍ତରକୁ ପ୍ରସାରିତ କରିବା ଆବଶ୍ୟକ ।

ଏହି ଦୁଇଦିନିଆ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ ସୂଚନା ଦେଇ କହିଥିଲେ ଯେ, ଦେଢ଼ ହଜାର ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ ଓଡ଼ିଆ ଭାଷାରୁ ସମୃଦ୍ଧି ଓ ବିକାଶ ପଥରେ ଆଗେଇ ନେବାକୁ ହେଲେ ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ । ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ସଂପର୍କରେ ସେ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ଯୋଗଦେଇଥିବା ଲେଖକ, ସାମ୍ବାଦିକ, ପ୍ରକାଶକମାନେ ସେମାନଙ୍କର ଆଲୋଚନାରୁ ନିଷ୍କର୍ଷ ଭାଷା ପ୍ରତିଷ୍ଠାନକୁ ପ୍ରଦାନ କଲେ, ଭାଷା ପ୍ରତିଷ୍ଠାନ ତାକୁ ଆଧାର କରି ତା'ର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ।

ଡଃ ଗୌରହରି ଦାସ କର୍ମଶାଳାର ମୁଖ୍ୟ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କଲା ପରେ ସେହି ପ୍ରସଙ୍ଗ ଭିତ୍ତିରେ ଡଃ କୈଳାସ ଚନ୍ଦ୍ର ଟିକାୟତରାୟ, ଶ୍ରୀ ମହାପାତ୍ର ନୀଳମଣି ସାହୁ, ଶ୍ରୀ ବଜ୍ରନାଥ ରଥ, ଶ୍ରୀ ସରୋଜ ରଞ୍ଜନ ମହାନ୍ତି, ଶ୍ରୀ ବିଭୂତି ପଟ୍ଟନାୟକ ପ୍ରମୁଖ ଆଲୋଚନା କରିଥିଲେ । ଡଃ ସୀତାଂଶୁ କୁମାର ଦାଶ ଧନ୍ୟବାଦ ଦେଇଥିଲେ । ଏହି କର୍ମଶାଳାକୁ ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଅଧିକାରୀ ପରିଚାଳନା କରିଥିଲେ ।

ଏହି କର୍ମଶାଳାରେ ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ, ଶ୍ରୀ କୈଳାସ ପଟ୍ଟନାୟକ, ଶ୍ରୀ ଅସିତ୍ କୁମାର ମହାନ୍ତି, ଶ୍ରୀ ମହେନ୍ଦ୍ର କୁମାର ମିଶ୍ର, ଡଃ ଖଗେଶ୍ୱର ମହାପାତ୍ର, ଶ୍ରୀ ବିଜୟ ନାୟକ, ଶ୍ରୀ ଗଂଗାଧର ନନ୍ଦ, ଶ୍ରୀ ନୃସିଂହ କୁମାର ରଥ, ଶ୍ରୀ ଉତ୍ତମ ନାୟକ ପ୍ରମୁଖ ଲେଖକମାନଙ୍କ ସହ ଶ୍ରୀ ପୀତାମ୍ବର ମିଶ୍ର, ଶ୍ରୀ ସୁଧାଂଶୁ ପ୍ରଧାନ, ଶ୍ରୀ ଶୁଭେନ୍ଦୁ ରଥ, ଶ୍ରୀ ଗଂଗାଧର ତ୍ରିପାଠୀ, ଶ୍ରୀ ଅଜୟ ପଣ୍ଡା ପ୍ରମୁଖ ପ୍ରକାଶକ ଯୋଗ ଦେଇଥିଲେ ।

ସମ୍ପାଦକୀୟ

# ରାଜ୍ୟରେ ବନ୍ୟା ବିଭୀଷିକା

**ପ୍ରା**କୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର । ଓଡ଼ିଶାର ପିଛା ଛାଡ଼େ ନାହିଁ ବଢ଼ି, ମରୁଡ଼ି ଓ ଝଡ଼ି । ଗତ କିଛି ମାସ ତଳେ ଉତ୍ତର ଓଡ଼ିଶାର ନଦୀମାନଙ୍କରେ ନାହିଁ ନଥିବା ବନ୍ୟା ଆସି ଲୋକଙ୍କର ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରିଥିଲା । ଏହାପରେ ଚଳିତ ମାସରେ ଭୟଙ୍କର ବନ୍ୟା ଉପକୂଳ ଓଡ଼ିଶାରେ ତା'ର ଦାଉ ସାଧିଛି । ଏପରି ବନ୍ୟା ଆସିବ ବୋଲି କେହି କେବେ ଆଶା କରି ନଥିଲେ । ନିଜର ସୀମିତ ସମ୍ବଳ ମଧ୍ୟରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ଯଥାସମ୍ଭବ ଏପରି ଅଭୁତପୂର୍ବ ଓ ଭୟାବହ ବନ୍ୟା ସମସ୍ୟାର ମୁକାବିଲା କରି ଆସୁଥିବାବେଳେ କେନ୍ଦ୍ର ସରକାରଙ୍କର ଓଡ଼ିଶାପ୍ରତି ହତାଦର ମନୋଭାବକୁ ସାଧାରଣରେ ସମାଲୋଚନା କରାଯାଇଛି । ଅଳ୍ପଦିନ ତଳେ ବିହାରରେ ମଧ୍ୟ ଭୟାବହ ବନ୍ୟା ବିପ୍ଳବ ଘଟିଥିଲା । ଉତ୍ତର ବିହାର ଦେଇ ପ୍ରବାହିତ ହୋଇଥିବା କୋଶି ନଦୀର ବନ୍ୟା ଯୋଗୁଁ ବିହାରର ଅଧିକାଂଶ ଅଞ୍ଚଳ ବନ୍ୟାପ୍ଲାବିତ ହେଲା । ମାତ୍ର କେଉଁ କାରଣରୁ ଏ ବନ୍ୟା ହେଲା ସେ ବିଷୟରେ ବିଶେଷଜ୍ଞମାନେ ସନ୍ଦିହାନ । ନେପାଳରୁ ପ୍ରବାହିତ ହୋଇ ବିହାରକୁ ଆସିଥିବା ଏହି ନଦୀର ଏକ ବନ୍ଧ ନେପାଳରେ ଭାଙ୍ଗି ଯିବାରୁ ଏପରି ଭୟାବହ ପରିସ୍ଥିତି ହେଲା ବୋଲି କେତେକ କହୁଥିଲେ ମଧ୍ୟ କୋଶି ନଦୀ ତା'ର ଗତିପଥ ପରିବର୍ତ୍ତନ କରିବାରୁ ଏପରି ବନ୍ୟା ବିପତ୍ତି ଦେଖାଗଲା ବୋଲି ଆଉ କେହି କେହି ମତ ଦେଇଛନ୍ତି । ତେବେ ଏପରି ଭୟଙ୍କର ବନ୍ୟାର କାରଣ ଜଣାପଡ଼ି ନଥିଲେ ହେଁ ବିହାରର ବନ୍ୟାକୁ 'ଜାତୀୟ ବିପର୍ଯ୍ୟୟ' ଭାବେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂ ଘୋଷଣା କରିଦେଲେ ଅଥଚ ଓଡ଼ିଶାର ଏପରି ଭୟାବହ ବନ୍ୟା ପାଇଁ ପ୍ରଧାନମନ୍ତ୍ରୀ ଡଃ ସିଂଙ୍କର କାଣିଚାଏ ବି ଦରଦ ଯେପରି ନାହିଁ, ସେହିପରି ମନେ ହେଲା । ସେ ନିଜେ ତ ବନ୍ୟା ସମୟରେ ଓଡ଼ିଶା ଆସିଲେ ନାହିଁ, ବରଂ ଆମ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗୁରୁତ୍ୱ ନଦେଇ ସେ ଦୀର୍ଘ ଦିନ ପାଇଁ ବିଦେଶ ଗସ୍ତରେ ଚାଲିଗଲେ । ଓଡ଼ିଶାର ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ମଧ୍ୟ କଲେ ନାହିଁ । ବରଂ ଦିଲ୍ଲୀ ବୋମା ବିସ୍ଫୋରଣ ଘଟଣାରେ ବିବଦମାନ ହୋଇ ପଡ଼ିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶିବରାଜ ପାଟିଲ ନିକଟରେ ଓଡ଼ିଶା ଗସ୍ତରେ ଆସି ଆକାଶମାର୍ଗରୁ ବନ୍ୟା ପରିସ୍ଥିତି ଦେଖି ଚାଲିଗଲେ ଆଉ ଯିବା ପୂର୍ବରୁ 'ଜାତୀୟ ବିପର୍ଯ୍ୟୟ' ବୋଲି ସେପରି କିଛି ନାହିଁ ବୋଲି କହି ଦେଇ ଓଡ଼ିଶା ପାଇଁ ୫୦୦ କୋଟି ଟଙ୍କାର ସହାୟତା ଘୋଷଣା କରିଗଲେ । ମାତ୍ର ସେ ସହାୟତା କିପରି ଓ କେବେ ମିଳିବ ସେ ବିଷୟରେ କିଛି ସ୍ପଷ୍ଟ କଲେ ନାହିଁ । ଜାତୀୟ ବିପର୍ଯ୍ୟୟ ଆଇନତଃ କିଛି ନାହିଁ ବୋଲି ସେ କହିବାଦ୍ୱାରା ପ୍ରଧାନମନ୍ତ୍ରୀ ଡଃ ସିଂଙ୍କ କଥାକୁ ସେ ଯେ ପରୋକ୍ଷରେ ବିରୋଧ କରିଗଲେ ଏଥିରେ ସନ୍ଦେହ ନାହିଁ । ଉଭୟଙ୍କ କଥାରେ ତାଳମେଳ ତ ରହିଲା ନାହିଁ, ଅଥଚ ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶା ପାଇଁ କେନ୍ଦ୍ରର ଯେପରି ଦରଦ ନାହିଁ ।

ଉଲ୍ଲେଖନୀୟ ଯେ ଗତ ଦୁଇବର୍ଷ ତଳେ ଏହି ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଡଃ ସିଂ ମଧ୍ୟ ବନ୍ୟା ପରିସ୍ଥିତି ପାଇଁ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ଓହ୍ଲାଇ ଥିଲେ । ମାତ୍ର ପାଗ ଖରାପ ଯୋଗୁଁ ବନ୍ୟାଞ୍ଚଳ ଗସ୍ତ କରି ନପାରି ସେ ଓଡ଼ିଶାର ବନ୍ୟା ବାବଦକୁ ଦୁଇଶହ କୋଟି ଟଙ୍କା ଦେବେ ବୋଲି ଘୋଷଣା କରି ନୂଆଦିଲ୍ଲୀ ଫେରି ଯାଇଥିଲେ । ମାତ୍ର ପ୍ରକୃତରେ ମିଳିଥିଲା ୨୫ କୋଟି ଟଙ୍କା । ସେ ଟଙ୍କା ମଧ୍ୟ ଓଡ଼ିଶା ସ୍ୱତନ୍ତ୍ର ଅନୁଦାନ ଆକାରରେ ଜାତୀୟ ଆକସ୍ମିକ ପାଣ୍ଠିରୁ ପାଇଥିଲା । ଅବଶିଷ୍ଟ ୧୭୫ କୋଟି ଟଙ୍କା ଯାହା ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ, ତାହା ଥିଲା ଓଡ଼ିଶାର ହକ୍ ବା ପ୍ରାପ୍ୟ । ଅନ୍ୟ ରାଜ୍ୟକୁ ମିଳୁଥିବା ଅର୍ଥରାଶି ତୁଳନାରେ ଏ ଥିଲା ଅତ୍ୟନ୍ତ ଅଳ୍ପ । କେନ୍ଦ୍ରର ଅବହେଳା ଯୋଗୁଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜ ରାଜ୍ୟର ପାଣ୍ଠିରୁ ୧୦୦ କୋଟି ଟଙ୍କା ବନ୍ୟା ସହାୟତା ଲାଗି ସେତେବେଳେ ଦେଇଥିଲେ । ପୂର୍ବରୁ ମଧ୍ୟ ବନ୍ୟା ପରିସ୍ଥିତି ଲାଗି ସେହି ବର୍ଷ ୨୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇ ସାରିଥିଲେ । ଏଥର ବନ୍ୟା ପରିସ୍ଥିତିର ପ୍ରାଥମିକ ଆକଳନ କରି ରାଜ୍ୟ ସରକାର ୧୫୦୦ କୋଟି ଟଙ୍କା


ଦେବାକୁ କେନ୍ଦ୍ର ନିକଟରେ ଦାବି କରିଥିଲେ, କାରଣ ବନ୍ୟାରେ ୧୮ଟି ଜିଲ୍ଲା କ୍ଷତିଗ୍ରସ୍ତ । ଚଳିତ ବନ୍ୟାରେ ୪୫୯ଟି ଘାଇ ବି ହୋଇଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପାଟିଲ ୫୦୦ କୋଟି ଟଙ୍କା ମାତ୍ର ଘୋଷଣା କରି ଗଲେ ଯାହାକି କେନ୍ଦ୍ରରୁ ଯଥାଶୀଘ୍ର ମିଳି ପାରିନାହିଁ । ମିଳିଲେ ବି ତାହା ସମୁଦ୍ରକୁ ଶଙ୍ଖେ ବୋଲି ମନେ ହେବ ।

ଗତ ୨୦୦୬ରେ କେନ୍ଦ୍ର ସରକାରଙ୍କର ଏପରି ଅବହେଳା ବିଷୟରେ ସବୁସ୍ତରରେ ସମାଲୋଚନା କରାଯାଇଥିଲା । ଓଡ଼ିଶାର ସମସ୍ତ ସମ୍ବାଦପତ୍ରସମେତ ଜାତୀୟସ୍ତରର ସମ୍ବାଦପତ୍ରଗୁଡ଼ିକ ମଧ୍ୟ କେନ୍ଦ୍ରର ଏପରି ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଶ୍ଚାତପଦ ହୋଇ ନଥିଲେ ।


ରାଜ୍ୟ ସରକାର ହୀରାକୁଦ ବନ୍ଧସମେତ ଅନ୍ୟାନ୍ୟ ନଦୀବନ୍ଧଗୁଡ଼ିକର ଉନ୍ନତି ଓ ମରାମତି ପାଇଁ ଦୀର୍ଘ ଆଠବର୍ଷ ଧରି ଗୁରୁତ୍ୱ ଦେଇ ଆସିଛନ୍ତି । ବନ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବରଂ ଅଧିକ ଯତ୍ନ ନେଇଛନ୍ତି । ୧୯୯୫-୯୬ ଆର୍ଥିକ ବର୍ଷରେ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ୯ କୋଟି ୬୯ ଲକ୍ଷ ଟଙ୍କା ଓ ୧୯୯୬-୯୭ରେ ୧୭ କୋଟି ୧୫ ଲକ୍ଷ ଟଙ୍କା, ୧୯୯୭-୯୮ରେ ୧୮ କୋଟି ୩୧ ଲକ୍ଷ ଟଙ୍କା, ୧୯୯୮-୯୯ରେ ୧୪ କୋଟି ୫୬ ଲକ୍ଷ ଟଙ୍କା ଓ ୧୯୯୯-୨୦୦୦ରେ ୧୬ କୋଟି ୮୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବର ସରକାର କ୍ଷମତାସୀନ ହେବା ପରେ ୨୦୦୦-୦୧ ଆର୍ଥିକ ବର୍ଷରେ କେବଳ ବର୍ଷକ ମଧ୍ୟରେ ୩୭ କୋଟି ୬୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଚଳିତ ବର୍ଷ ବଜେଟରେ ରାଜ୍ୟ ସରକାର କେବଳ ବନ୍ୟା ନିୟନ୍ତ୍ରଣ ବାବଦରେ ୪୬ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି । ଜଣାଯାଇଛି ଯେ ୧୯୯୫ରୁ ୨୦୦୦ ମସିହା ମଧ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଅର୍ଥ କେବଳ ରାସ୍ତା ଓ ପୋଲର ନିର୍ମାଣ ବା ମରାମତି ବାବଦରେ ବ୍ୟୟିତ ହୋଇଥିଲା । ସେଥିଯୋଗୁଁ ଏପରି ଭୟାବହ ବନ୍ୟାର ନିୟନ୍ତ୍ରଣ ସହଜରେ କରାଯାଇ ପାରିଲା ନାହିଁ ବୋଲି କୁହାଯାଉଛି । ତଥାପି ମହାବାତ୍ୟା ପରେ ପ୍ରଥମ ବର୍ଷରେ ରାଜ୍ୟ ସରକାର ୩,୫୨୯ଟି ମହାବାତ୍ୟାଜନିତ ଘାଇକୁ ଠିକ୍ ସମୟରେ ମରାମତି କରି ରେକର୍ଡ଼ ସୃଷ୍ଟି କରିପାରିଛନ୍ତି । ମହାବାତ୍ୟା ପରେ ୨୦୦୧ରେ ମଧ୍ୟ ଭୟାବହ ବନ୍ୟା ଓଡ଼ିଶାର କେତେକାଞ୍ଚଳକୁ ଗ୍ରାସ କରିଥିଲା । ସେତେବେଳେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ୩୫୨ଟି ଘାଇକୁ ରାଜ୍ୟ ସରକାର ମରାମତି କରି ବନ୍ୟା ଦାଉରୁ ଲୋକଙ୍କୁ ଉଦ୍ଧାର କରି ପାରିଥିଲେ । କେନ୍ଦ୍ର ସରକାର, ବିଭିନ୍ନ ରାଜନୀତିକ ଦଳ ଓ ଜନସାଧାରଣଙ୍କ ସହଯୋଗ ମିଳିଲେ ରାଜ୍ୟ ସରକାର ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର କରିପାରନ୍ତେ ।

## ଶାରଦୀୟ ଦୁର୍ଗାପୂଜା


ଭାରତୀୟ ସଂସ୍କୃତିରେ ଶକ୍ତିପୂଜାର ପରମ୍ପରା ପ୍ରାଚୀନ ହୋଇଥିଲେ ହେଁ କେବେଠାରୁ ଏହି ପରମ୍ପରା ଆରମ୍ଭ ହୋଇଛି, ସେ ସଂପର୍କରେ ନିର୍ଦ୍ଦିଷ୍ଟ ସୂଚନା ମିଳେ ନାହିଁ । ତଥାପି ସିନ୍ଧୁ ସଭ୍ୟତା ସମୟରେ ମାତୃ ମୂର୍ତ୍ତି ପୂଜାର ସୂଚନା ମିଳିଥାଏ । ଶରତକାଳରେ ରାମଚନ୍ଦ୍ର, ରାବଣକୁ ନିପାତ କରିବାକୁ କୁଆଡ଼େ ଦେବୀ ଦୁର୍ଗାଙ୍କର ପୂଜା ଆରମ୍ଭ କରିଥିଲେ ଆଉ ସେଥିପାଇଁ ଶାରଦୀୟ ଦୁର୍ଗାପୂଜା ହୋଇଥାଏ । ବସନ୍ତ ଋତୁରେ ବାସନ୍ତିକ ଦୁର୍ଗାପୂଜା ମଧ୍ୟ ହୋଇଥାଏ । ମାତ୍ର ଶାରଦୀୟ ଦୁର୍ଗାପୂଜାର ସାର୍ବଜନୀନତା ବାସନ୍ତିକ ଦୁର୍ଗାପୂଜା ବେଳେ ପରିଲକ୍ଷିତ ହୁଏ ନାହିଁ । ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନଅଦିନ ବ୍ୟାପି ନବରାତ୍ର ଦୁର୍ଗାପୂଜା କରାଯାଉଥିଲେ ହେଁ ମହାସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା, ମହାନବମୀ ପୂଜା ଓ ଏହାପରେ ଦଶହରା ପୂଜା ମହାସମାରୋହରେ ପାଳନ କରାଯାଇଥାଏ ଓଡ଼ିଶାର ଦେବୀ ପୀଠମାନଙ୍କରେ । ବିଶିଷ୍ଟ ବ୍ୟକ୍ତିଗଣ ଏହି ଅବସରରେ କଳସପୂଜା ମଧ୍ୟ କରିଥା'ନ୍ତି । କିନ୍ତୁ ମେଢ଼ସ୍ଥିତ ମୃଣ୍ମୟୀ ଦୁର୍ଗାପୂଜାର ଆୟୋଜନ ଗୋଷ୍ଠୀଗତ ଭାବେ ଜାକଜମକରେ ହୋଇଥାଏ । ନିରାଡ଼ମ୍ବର ପୂଜାଠାରୁ ଆଡ଼ମ୍ବରପୂର୍ଣ୍ଣ ମେଢ଼ର ପ୍ରତିଯୋଗିତା ଟପି ଯାଏ । ବନ୍ୟା ସମୟରେ ବିପନ୍ନ ଲୋକଙ୍କପ୍ରତି ସହାନୁଭୂତିଶୀଳ ହେବାକୁ ଓ ନିରାଡ଼ମ୍ବର ଭାବେ ପୂଜା କରିବାକୁ ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ । ଦୁର୍ଗତିନାଶିନୀ ମା' ଦୁର୍ଗା ଓଡ଼ିଶାକୁ ସକଳ ଦୁର୍ଗତିରୁ ରକ୍ଷା କରନ୍ତୁ ।




# ଜନ୍ମ ମାସରେ ଶ୍ରଦ୍ଧାଞ୍ଜଳି



ପଣ୍ଡିତ ଜବାହରଲାଲ ନେହେରୁ




ହରେକୃଷ୍ଣ ମହତାବ



ନବକୃଷ୍ଣ ଚୌଧୁରୀ


# ଜନ୍ମ ମାସରେ ଶ୍ରଦ୍ଧାଞ୍ଜଳି



ଲକ୍ଷ୍ମଣ ନାଏକ



ବିର୍ସା ମୁଣ୍ଡା



ଜୟୀ ରାଜଗୁରୁ